ଧରିତ୍ରୀ 50 Years
DHARITRI
ଭୁବନେଶ୍ୱର, ରବିବାର, ଡିସେମ୍ବର ୧୦/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, December 10/2023 Page 16 ₹ 7.00 | SAMBALPUR
୫୦ଶ ଭାଗ ୧୭ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 17 ମୂଲ୍ୟ ₹୭/-

# ଟଙ୍କା ବ୍ୟାଗ୍‌ରେ 'ଇନ୍ସପେକ୍ଟର ତିୱାରୀ'

**ବଲାଙ୍ଗୀର, ୯।୧୨ (ବୀରେନ୍ଦ୍ର କୁମାର ଝାଙ୍କର)**

ମଦ ସାମ୍ରାଜ୍ୟ ଉପରେ ଆୟକର (ଆଇଟି) ବିଭାଗ ପକ୍ଷରୁ ଶନିବାର ଚତୁର୍ଥ ଦିନ ଧରି ମାରାଥନ୍ ଚଢ଼ାଉ ଜାରିରହିଛି। ବଲାଙ୍ଗୀର ସୁଦପଡ଼ା ମଦଭାଟିରୁ ଜବତ ଏକ ପଲିଥିନ୍ ପ୍ୟାକେଟ୍‌ରେ ୫ ଲକ୍ଷ ଟଙ୍କା ରହିଛି। ଉକ୍ତ ବ୍ୟାଗ୍‌ରେ 'ଇନ୍ସପେକ୍ଟର ତିୱାରୀ' ଲେଖାହୋଇଥିବା ପ୍ରଘଟ ହେବା ପରେ ଏହା ଚର୍ଚ୍ଚାର ବିଷୟ ପାଲଟିଛି। ତିୱାରୀ ବାସ୍ତବରେ କେଉଁ ବିଭାଗର ଇନ୍ସପେକ୍ଟର ତାହା ସ୍ପଷ୍ଟ ହୋଇ ନ ଥିବାରୁ ବାବୁ ଜଣକ କିଏ ଏବଂ ସୁଦପଡ଼ା ମଦଭାଟି ସହ ତାଙ୍କର କ'ଣ ସମ୍ପର୍କ ରହିଛି, ତାକୁ ନେଇ ସାଧାରଣରେ ପ୍ରଶ୍ନ ହେଉଛି। କିଛିବର୍ଷ ତଳେ ଅବକାରୀ ବିଭାଗରେ ଉପ ଅଧୀକ୍ଷକ ର୍‍ୟାଙ୍କର ଜଣେ ତିୱାରୀ ବାବୁ ଥିଲେ। ତେବେ ସେ ଜିଲାରୁ କେବେଠୁ ଅନ୍ୟତ୍ର ବଦଳି ହୋଇଯାଇଛନ୍ତି। ଏହାବାଦ୍ ତିୱାରୀ ସାଙ୍ଗିଆଧାରୀ ଜଣେ ପୋଲିସ ବାବୁ ମଧ୍ୟ ଚର୍ଚ୍ଚାରେ ରହିଛନ୍ତି।

ବଲାଙ୍ଗୀର ମଦଭାଟିରୁ ଅନେକ ଶହ କୋଟି ଟଙ୍କା ଜବତ ଘଟଣା କେବଳ ରାଜ୍ୟ ନୁହେଁ, ସାରା ଦେଶରେ ହଇଚଇ ସୃଷ୍ଟି କରିଛି। ରାଜନେତା, ପଦାଧିକାରୀମାନେ ମଧ୍ୟ ନାନା ମନ୍ତବ୍ୟ ଦେଉଛନ୍ତି। ଏତେ ମାତ୍ରାରେ ଜବତ ଟଙ୍କା କାହାର ଏବଂ କେଉଁ ଉଦ୍ଦେଶ୍ୟରେ ମଦଭାଟିରେ ଗଚ୍ଛିତ ରହିଥିଲା, ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ବଲାଙ୍ଗୀରସ୍ଥିତ କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟର ପରିଚାଳକ ଭଗତ ବେହେରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଯେ, ବଲାଙ୍ଗୀର ଏସ୍‌ବିଆଇ ଶାଖାକୁ ଆଇଟି ବିଭାଗ ବିଭିନ୍ନ ସ୍ଥାନରୁ ଟଙ୍କାଭର୍ତ୍ତି ୧୭୬ଟି ବ୍ୟାଗ୍ ଆଣି ପହଞ୍ଚାଇଥିଲା। ଶନିବାର ପୂର୍ବାହ୍ନ ୧୦ଟାରୁ ୫୦ଟି ମେଶିନରେ ୫୦ ଜଣ କର୍ମଚାରୀ ଟଙ୍କା ଗଣିବା


ବଲାଙ୍ଗୀର ଏସ୍‌ବିଆଇ ମୁଖ୍ୟ ଶାଖାରେ ଆୟକର ବିଭାଗ ପକ୍ଷରୁ ଜବତ ଟଙ୍କା ଗଦା ହୋଇଛି।

ଆରମ୍ଭ କରିଥିଲେ। ସନ୍ଧ୍ୟା ସୁଦ୍ଧା ସେଥିରୁ ୧୦୨ଟି ବ୍ୟାଗ୍‌ର ଟଙ୍କା ଗଣତି ସାରିଛି। ତେବେ ଗଣତି ହୋଇଥିବା ଟଙ୍କାର ପରିମାଣ କେତେ ତାହା ବେହେରା କହି ନ ଥିବାବେଳେ ଏହା ୧୦୦ କୋଟି ଟପିଯାଇଥିବା କୁହାଯାଉଛି।

ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ୪୦ଟି ବ୍ୟାଗ୍‌ରୁ ୪୬ କୋଟି ଟଙ୍କା ଗଣତି ହୋଇପାରିଥିଲା। ରାତିରେ ଆୟକର ବିଭାଗ ମଦଭାଟି ମ୍ୟାନେଜର ବଣ୍ଟି ସାହୁଙ୍କ ସୁଦପଡ଼ା ଭଡାଘରେ ଚଢ଼ାଉ କରିବାରୁ ୧୯ଟି ବ୍ୟାଗ ଭର୍ତ୍ତି ଟଙ୍କା ମିଳିଥିଲା। ଏହା ୫୦ କୋଟି ଟଙ୍କା ହୋଇଥିବା ଅନୁମାନ କରାଯାଇଥିଲା। ପୂର୍ବରୁ ୧୫୭ଟି ବ୍ୟାଗ୍ ଟଙ୍କା ଜବତ କରାଯାଇଥିଲା। ବ୍ୟାଙ୍କ କ୍ଷେତ୍ରୀୟ ପରିଚାଳକ ବେହେରା କହିଛନ୍ତି ଯେ, ଏବେବି ତାଙ୍କ ପାଖରେ ୭୪ଟି ବ୍ୟାଗ୍‌ରେ ଟଙ୍କା ଗଣତି ପାଇଁ ରହିଛି। ରବିବାର ସେଗୁଡ଼ିକୁ ଗଣାଯିବ। ଶନିବାର ଓ ରବିବାର ବ୍ୟାଙ୍କ ଛୁଟି ଥିବାରୁ ଟଙ୍କା ଗଣତି କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଥିଲା। ବଲାଙ୍ଗୀର ଆଖପାଖ ଚୁଡାପାଲି, ପାଟଣାଗଡ଼, ଲୋଇସିଂହା ଓ ଅନ୍ୟ ବ୍ୟାଙ୍କରେ ଥିବା ପ୍ରାୟ ୫୦ଟି ଟଙ୍କା ଗଣତି ମେଶିନ ବଲାଙ୍ଗୀର ଏସ୍‌ବିଆଇ ମୁଖ୍ୟ ଶାଖାକୁ ଅଣାଯାଇଥିଲା।

ଶନିବାର ବ୍ୟାଙ୍କ ପରିସରରୁ କଡ଼ା ସୁରକ୍ଷା ଭିତରେ ଭାଟି ମ୍ୟାନେଜର ବଣ୍ଟି ସାହୁଙ୍କୁ ପୁଣି ଥରେ ସୁଦପଡ଼ା ଭାଟି ଓ ତାଙ୍କ ଭଡ଼ାଘରକୁ ନିଆଯାଇଥିଲା। ସେଠାରେ ତାଙ୍କୁ ମାରାଥନ୍ ଜେରା କରି ଆଉ କେଉଁଠି ଟଙ୍କା ରହିଛି କହିବାକୁ କୁହାଯାଇଥିଲା। ମିଳିଥିବା ସୂଚନା ମୁତାବକ ସୁଦପଡ଼ା ଭାଟିରେ ଥିବା ଏକ ଲକରକୁ ଶନିବାର ଆୟକର ବିଭାଗ ଖୋଲିବାକୁ ଚେଷ୍ଟା କରିଥିଲା। ଲକରରେ କେବଳ ଟଙ୍କା ରହିଛି ନା ସୁନାରୁପା ରହିଛି ତାହା ସ୍ପଷ୍ଟ ହେଉନାହିଁ। ଅପରାହ୍ଣରେ ବଲାଙ୍ଗୀର ଅବକାରୀ ଅଧୀକ୍ଷକ ସୀତାକାନ୍ତ ମୁଦୁଲି ସୁଦପଡ଼ା ମଦଭାଟିକୁ ଯାଇଥିଲେ। ଭାଟିରେ କେତେ ପରିମାଣର ମଦ ତିଆରି କରିବା କ୍ଷମତା ରହିଛି, କେତେ ମହୁଲ ରଖିପାରିବା ଅନୁମତି ରହିଛି, କେତେ ପରିମାଣର ମହୁଲରୁ କେତେ ପରିମାଣ ମଦ ତିଆରି ହୁଏ ଏବଂ ଏହାର ମୂଲ୍ୟ କେତେ ତାକୁ ନେଇ ଆୟକର ବିଭାଗ ଅଧିକାରୀମାନେ ଅବକାରୀ ଅଧୀକ୍ଷକଙ୍କଠାରୁ ସୂଚନା ମାଗିଥିଲେ। ସବୁତକ ସୂଚନା ଦେବା ପରେ ଅଧୀକ୍ଷକ ସେଠାରୁ ଆସିଥିଲେ।

ଅନ୍ୟପକ୍ଷରେ ଆୟକର ବିଭାଗ ପକ୍ଷରୁ ଶନିବାର ଟିଟିଲାଗଡ଼ ମଦଭାଟିରେ ପୁଣି ଥରେ ଚଢ଼ାଉ କରାଯାଇଛି। ସେଠାରେ ବାସ୍ତବରେ କେତେ ଟଙ୍କା ମିଳିଛି ଜଣାପଡୁନାହିଁ। ମଦ ବ୍ୟବସାୟୀ ସଞ୍ଜୟ ସାହୁ ଓ ଦୀପକ ସାହୁଙ୍କ ପତ୍ତା ମିଳୁ ନ ଥିବାରୁ ସେମାନେ ଫେରାର ହୋଇଥିବା ଚର୍ଚ୍ଚା ହେଉଛି। ଟଙ୍କା ଯାଞ୍ଚ କରିବାକୁ ହାଇଦ୍ରାବାଦ୍‌ରୁ ଏକ ବିଶେଷଜ୍ଞ ଦଳ ବଲାଙ୍ଗୀର ଆସୁଥିବା କୁହାଯାଉଛି। ସିଆଇଏସ୍‌ଏଫ୍‌ର ୪୦ ଜଣ ସୁରକ୍ଷା କର୍ମଚାରୀ ଏହି ଅଭିଯାନରେ ସାମିଲ ହୋଇ ବ୍ୟାଙ୍କ ଓ ମଦଭାଟି ଜଗିଛନ୍ତି।

# କାଶ୍‌ଭି ଗୌତମ ସବୁଠୁ ମହଙ୍ଗା

## ଓମେନ୍ସ ପ୍ରିମିୟର ଲିଗ୍



**ମୁମ୍ବାଇ,୯।୧୨**

ଓମେନ୍ସ ପ୍ରିମିୟର ଲିଗ୍(ଡବ୍ଲ୍ୟୁପିଏଲ୍)ର ଦ୍ୱିତୀୟ ସଂସ୍କରଣ ପାଇଁ ନିଲାମୀ ଶନିବାର ଅନୁଷ୍ଠିତ ହୋଇଛି। ଅନେକ ଅଭିଜ୍ଞ ଖେଳାଳିଙ୍କୁ ନେବା ପାଇଁ ଫ୍ରାଞ୍ଚାଇଜଗୁଡ଼ିକ ଆଗ୍ରହ ପ୍ରକାଶ କରି ନ ଥିବା ବେଳେ ଏଥିରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରି ୨ କୋଟି ଟଙ୍କା ମୂଲ୍ୟରେ ବିକ୍ରି ହୋଇଛନ୍ତି ଅନକ୍ୟାପ୍‌ଡ ଭାରତୀୟ ଖେଳାଳି କାଶ୍‌ଭି ଗୌତମ। ଏହା ସହିତ ସେ ଚଳିତ ସିଜନର ସବୁଠୁ ମହଙ୍ଗା ଭାରତୀୟ ଖେଳାଳି ରହିଛନ୍ତି। ବିଦେଶୀ ଖେଳାଳିଙ୍କ ମଧ୍ୟରେ ଆନାବେଲ ସଦରଲାଣ୍ଡଙ୍କୁ ସମାନ ୨ କୋଟି ମୂଲ୍ୟରେ କ୍ରୟ କରିଛି ଦିଲ୍ଲୀ କ୍ୟାପିଟାଲ୍ସ। ଚଣ୍ଡୀଗଡ ପକ୍ଷରୁ ଖେଳୁଥିବା ୨୦ବର୍ଷୀୟ କାଶ୍‌ଭିଙ୍କୁ ଗୁଜରାଟ ଜାଏଣ୍ଟ୍ସ ପକ୍ଷରୁ ଚୁକ୍ତି କରାଯାଇଛି। ୨୦୨୦ ମସିହାରେ ଗୋଟିଏ ଇନିଂସରେ ୧୦ ଉଇକେଟ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଆଖି ବୁଜିଦେଇଛୁ**

# ରାଜ୍ୟରେ କମୁଛି ଶିଶୁ ଜନ୍ମ ହାର

**ଭୁବନେଶ୍ୱର, ୯।୧୨ (ଅସମାପିକା ସାହୁ)**

ରାଜ୍ୟରେ ଶିଶୁଙ୍କ ସଂଖ୍ୟା କମିବାରେ ଲାଗିଛି। ଇଣ୍ଡିଆ ପ୍ରୋଜେକ୍ସନ ରିପୋର୍ଟ ଅନୁସାରେ, ୨୦୨୧ରେ ଓଡ଼ିଶାରେ ପ୍ରଜନନ ବର୍ଗ(୧୫-୪୯ ବର୍ଷ ବୟସ)ରେ ୧.୨ କୋଟି ମହିଳା ଥିବାବେଳେ ୪୦ ଲକ୍ଷ ଶିଶୁ(୫ବର୍ଷରୁ କମ୍) ରହିଛନ୍ତି। ପୂର୍ବ ହିସାବକୁ ଦେଖିଲେ ରାଜ୍ୟରେ ଶିଶୁ ଜନ୍ମ ହାର କମୁଛି। ୨୦୧୫-୧୬ରେ ପ୍ରତି ଜଣେ ମହିଳାଙ୍କ ହାରାହାରି ୨ଜଣ ପିଲା ରହୁଥିବାବେଳେ ୨୦୧୯-୨୧ରେ ଏହି ହାର ୧.୮କୁ ଖସିଆସିଛି। ସେହିପରି ରାଜ୍ୟରେ ୨୦୧୧-୧୩ରେ ପ୍ରତି ଲକ୍ଷେ ଶିଶୁ ଜନ୍ମରେ ୨୨୨ ମାତୃ ମୃତ୍ୟୁ ହାର ଥିବାବେଳେ ୨୦୧୮-୧୯ରେ ୧୧୯ ରହିଥିଲା। ଯଦିଓ ଓଡ଼ିଶାରେ ମାତୃ ମୃତ୍ୟୁ ହାର କମିଛି ତଥାପି ଏହା ଦେଶ ତୁଳନାରେ ଅଧିକ ରହିଛି। ଜାତୀୟ ହାର ୯୭ ରହିଥିବା ବେଳେ ଓଡ଼ିଶାରେ ୧୧୯ ରହିଛି। ଏପରି କି ଓଡ଼ିଶାରେ ଏବେ ବି କିଛି ଆଦିବାସୀ ବହୁଳ ଅଞ୍ଚଳରେ ମାତୃ ମୃତ୍ୟୁହାର ଅଧିକ ରହିଥିବା ଦେଖାଯାଇଛି। ସମ୍ବଲପୁର, ନୂଆପଡ଼ା, କନ୍ଧମାଳ, ମାଲକାନଗିରି ଏବଂ କୋରାପୁଟରେ ଏବେ ବି ମାତୃ ମୃତ୍ୟୁ ହାର ୨୦୦ ଉପରେ ରହିଛି। ଭାରତର ଗଣନାର ଟେକ୍ନିକାଲ ଗ୍ରୁପ୍ ପ୍ରୋଜେକ୍ସନ ରିପୋର୍ଟ ଅନୁସାରେ ୨୦୧୧ରେ ଶିଶୁ(୦ରୁ ୪ବର୍ଷ)ଙ୍କ ସଂଖ୍ୟା ୮.୭% ଥିବାବେଳେ ୨୦୨୧ରେ ଏହା ୭.୬%କୁ ଖସିଛି। ୨୦୩୬ ବେଳକୁ ତାହା ୬%କୁ ଖସି ଆସିବ ବୋଲି ଆକଳନ କରାଯାଇଛି। ☞ପୃଷ୍ଠା-୪

# ଓଡ଼ିଶାରେ ୧୧,୯୪୦ ପୋକ୍ସୋ ମାମଲା

## ଦେଶର ଫାଷ୍ଟ-ଟ୍ରାକ୍ କୋର୍ଟରେ ୨.୪୩ ଲକ୍ଷ ବିଚାରାଧୀନ

**ନୂଆଦିଲ୍ଲୀ,୯।୧୨**

ପ୍ରତି ପିଲାଙ୍କୁ ନ୍ୟାୟ ପ୍ରଦାନ ଲାଗି ଦୃଢ଼ ନୀତି ପ୍ରଣୟନ କରାଯିବା ସହ ପର୍ଯ୍ୟାପ୍ତ ଅର୍ଥ ମଞ୍ଜୁର କରାଯାଉଥିବା ନେଇ କେନ୍ଦ୍ର ସରକାର ଦାବି କରିଆସୁଥିବାବେଳେ କ୍ୱଚିତ ପିଲାଙ୍କୁ ଛାଡ଼ିଦେଲେ ଲକ୍ଷ ଲକ୍ଷ ପିଲା ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ଦେଶର ଫାଷ୍ଟ-ଟ୍ରାକ୍ ସ୍ପେଶାଲ କୋର୍ଟ (ଏଫ୍‌ଟିଏସ୍‌ସି)ଗୁଡ଼ିକରେ ଚଳିତ ବର୍ଷ ଜାନୁୟାରୀ ୩୧ ସୁଦ୍ଧା ୨.୪୩ ଲକ୍ଷରୁ ଊର୍ଦ୍ଧ୍ୱ ପୋକ୍ସୋ ମାମଲା ବିଚାର ଅପେକ୍ଷାରେ ପଡ଼ିରହିଛି। ଏକ ଏନ୍‌ଜିଓ ପକ୍ଷରୁ ପ୍ରକାଶିତ ଗବେଷଣା ସନ୍ଦର୍ଭରୁ ଏହା ଜଣାପଡ଼ିଛି। ଓଡ଼ିଶାରେ ବିଚାରାଧୀନ ଥିବା ପୋକ୍ସୋ ମାମଲା ସଂଖ୍ୟା ୧୧,୯୪୦ ଥିବାବେଳେ ଏହା ତାଲିକାର ୧୫ତମ ସ୍ଥାନରେ ରହିଛି। ତଥ୍ୟ ଅନୁଯାୟୀ ଉତ୍ତରପ୍ରଦେଶରେ ସର୍ବାଧିକ ୬୭,୧୫୩ ଶିଶୁ ଯୌନ ଅପରାଧ ସୁରକ୍ଷା (ପୋକ୍ସୋ) ମାମଲା ବିଚାର ଅପେକ୍ଷାରେ ରହିଛି। ଏହା ପଛକୁ ମହାରାଷ୍ଟ୍ରର ଫାଷ୍ଟ-ଟ୍ରାକ୍ କୋର୍ଟଗୁଡ଼ିକରେ ୩୩,୦୭୨ ମାମଲା ପଡ଼ିଥିବାବେଳେ ପଶ୍ଚିମବଙ୍ଗରେ ୨୨,୧୬୪, ବିହାରରେ ୧୫,୫୯୪ ମାମଲା ବିଚାରାଧୀନ ଥିବା ଉକ୍ତ ରିପୋର୍ଟରୁ ଜଣାପଡ଼ିଛି।

୨୦୨୨ରେ ସାରା ଦେଶରେ ମାତ୍ର ୩ ପ୍ରତିଶତ ପୋକ୍ସୋ ମାମଲାର ବିଚାର ଶେଷ ହୋଇଥିଲା। ଇଣ୍ଡିଆ ଚାଇଲ୍ଡ ପ୍ରୋଟେକ୍ସନ ଫଣ୍ଡ(ଆଇସିପିଏଫ୍) ପକ୍ଷରୁ ପ୍ରକାଶିତ ଗବେଷଣାତ୍ମକ ସନ୍ଦର୍ଭ 'ଜଷ୍ଟିସ୍ ଆୱେଟ୍‌ସ: ଆନ୍ ଆନାଲିସିସ୍ ଅଫ୍ ଦି ଏଫିକେସି ଅଫ୍ ଜଷ୍ଟିସ୍ ଡେଲିଭରି ମେକାନିଜମ୍‌ସ ଇନ୍ କେସେସ୍ ଅଫ୍ ଚାଇଲ୍ଡ ସେକ୍ସୁଆଲ୍ ଆବ୍ୟୁଜ୍ ଇନ୍ ଇଣ୍ଡିଆ'ରେ କୁହଯାଇଛି, ଯଦି କୌଣସି ନୂଆ ମାମଲା ତାଲିକାରେ ଯୋଡ଼ା ନ ଯାଏ ତେବେ ଏହି ସମସ୍ତ ବକେୟା ମାମଲାକୁ ଫଇସଲା କରିବା ପାଇଁ ଅନ୍ୟୁନ ୯ ବର୍ଷ ଲାଗିଯିବ। ତେବେ ଅରୁଣାଚଳପ୍ରଦେଶ, ବିହାର ଭଳି କେତେକ ରାଜ୍ୟରେ ଏତେ ସଂଖ୍ୟାରେ ପୋକ୍ସୋ ମାମଲା ପଡ଼ିରହିଛି, ଯାହାକୁ କ୍ଲିୟର କରିବା ପାଇଁ ୨୫ ବର୍ଷରୁ ଅଧିକ ସମୟ ଲାଗିବ। ଉକ୍ତ ରିପୋର୍ଟ ଦେଶର ନ୍ୟାୟ ବ୍ୟବସ୍ଥାର ସାମର୍ଥ୍ୟ ଉପରେ ବଡ଼ ପ୍ରଶ୍ନବାଚୀ ଲଗାଇଛି।

ପୋକ୍ସୋ ମାମଲାଗୁଡ଼ିକର ବିଚାର ବିଳମ୍ବ ହେବା ପାଇଁ ୩ଟି ମୁଖ୍ୟ କାରଣ ଦାୟୀ ବୋଲି ଓଡ଼ିଶା ହାଇକୋର୍ଟର ଆଇନଜୀବୀ ସାଗର ପାଣିଗ୍ରାହୀ କହିଛନ୍ତି। ପ୍ରଥମଃ କାରଣ ହେଲା ଫାଷ୍ଟ-ଟ୍ରାକ୍ କୋର୍ଟଗୁଡ଼ିକୁ ଅନ୍ୟାନ୍ୟ ମାମଲାଗୁଡ଼ିକର ମଧ୍ୟ ବିଚାର କରିବାକୁ ଦାୟିତ୍ୱ ଦିଆଯାଇଛି। ଦ୍ୱିତୀୟରେ ଅଧିକାଂଶ ମାମଲାରେ ଅପରାଧୀ ହେଉଛନ୍ତି ଅଭିଯୋଗ ପକ୍ଷ। ତେଣୁ ଚାର୍ଜଶିଟ୍ ଦାଖଲ ସମୟରେ ଆବଶ୍ୟକ ତତ୍ପରତା ପ୍ରକାଶ ପାଉନାହିଁ। ତୃତୀୟରେ କୋଭିଡ୍ ମହାମାରୀ ସମୟରେ ସାଇବର ସମ୍ପର୍କିତ ପୋକ୍ସୋ ମାମଲା ଯଥେଷ୍ଟ ବୃଦ୍ଧି ପାଇଥିଲା।

ଶିଶୁ ଯୌନ ଉତ୍ପୀଡ଼ନର ପୀଡ଼ିତମାନଙ୍କୁ ନ୍ୟାୟ ପ୍ରଦାନ ଲାଗି କେନ୍ଦ୍ର ସରକାର ଫାଷ୍ଟ-ଟ୍ରାକ୍ କୋର୍ଟ ଖୋଲିବା ଲାଗି ୨୦୧୯ରେ ଐତିହାସିକ ନିଷ୍ପତ୍ତି ନେଇଥିଲେ। ପ୍ରତି ପିଲାଙ୍କୁ ନ୍ୟାୟ ପ୍ରଦାନ ଲାଗି ସରକାର ପ୍ରତିବର୍ଷ କୋଟି କୋଟି ଟଙ୍କା ମଞ୍ଜୁର କରିବା ସତ୍ତ୍ୱେ ସେମାନଙ୍କ ପାଇଁ ନ୍ୟାୟ ସ୍ୱପ୍ନ ପାଲଟିଛି। ଗତ ଜାନୁୟାରୀ ସୁଦ୍ଧା ଅରୁଣାଚଳପ୍ରଦେଶରେ ଯେତିକି ପୋକ୍ସୋ ମାମଲା ବିଚାରାଧୀନ ରହିଛି, ସେଗୁଡ଼ିକର ବିଚାର ଶେଷ କରିବାକୁ ଅନ୍ୟୁନ ୩୦ ବର୍ଷ ଲାଗିଯିବ। ସେହିପରି ଦିଲ୍ଲୀରେ ୨୭ ବର୍ଷ, ପଶ୍ଚିମବଙ୍ଗରେ ୨୫ ବର୍ଷ, ମେଘାଳୟରେ ୨୧ ବର୍ଷ, ବିହାରରେ ୨୬ ବର୍ଷ ଏବଂ ଉତ୍ତରପ୍ରଦେଶରେ ଏଥିପାଇଁ ୨୨ ବର୍ଷ ଲାଗିବ ବୋଲି ସନ୍ଦର୍ଭରେ କୁହାଯାଇଛି। ୨୦୧୯ରେ ଫାଷ୍ଟ-ଟ୍ରାକ୍ କୋର୍ଟ ପ୍ରତିଷ୍ଠା ହେବା ପରେ ଅଦ୍ୟାବଧି ମୋଟ ☞ପୃଷ୍ଠା-୪

# କଇଁଛ ପାଇଁ କ୍ଷେପଣାସ୍ତ୍ର ପରୀକ୍ଷା ବନ୍ଦ

**ଭୁବନେଶ୍ୱର, ୯।୧୨ (ଅସମାପିକା ସାହୁ)**



ଅଲିଭ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ବାଲେଶ୍ୱର ଚାନ୍ଦିପୁରସ୍ଥିତ ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜ(ଆଇଟିଆର୍)ରୁ ୩ ମାସ ମିସାଇଲ ବା କ୍ଷେପଣାସ୍ତ୍ର ପରୀକ୍ଷଣ ବନ୍ଦ ରହିବ। ଲକ୍ଷାଧିକ ଅଲିଭ ରିଡ୍‌ଲେ କଇଁଛ ସେମାନଙ୍କ ବଂଶ ବୃଦ୍ଧି ପାଇଁ ଓଡ଼ିଶା ଉପକୂଳକୁ ବାଛିଥାନ୍ତି। ଏମାନଙ୍କ ସୁରକ୍ଷା ପାଇଁ ବାଲେଶ୍ୱରରୁ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁରରୁ ଗଞ୍ଜାମ ଯାଏ ସମୁଦ୍ରକୂଳରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ମତ୍ସ୍ୟଜୀବୀମାନଙ୍କୁ ମାଛଧରା ପାଇଁ ବାରଣ କରାଯାଇଥିବାବେଳେ ସେମାନଙ୍କ ଜୀବନଜୀବିକା ଲାଗି ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଇଛି। ତେଣୁ ଚାନ୍ଦିପୁର ଅବଦୁଲ କଲାମ ଦ୍ୱୀପରେ ଜାନୁୟାରୀରୁ ମାର୍ଚ୍ଚ ଯାଏ କ୍ଷେପଣାସ୍ତ୍ର ପରୀକ୍ଷଣ ବନ୍ଦ ରଖିବାକୁ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ଜେନା ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ପିସିସିଏଫ୍(ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ କହିଛନ୍ତି, ଅବଦୁଲ କଲାମ ଦ୍ୱୀପ ନିକଟରେ ଅଲିଭ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ ସ୍ଥାନ। କ୍ଷେପଣାସ୍ତ୍ର ପରୀକ୍ଷଣ ବେଳେ ଶକ୍ତିଶାଳୀ ଆଲୋକ ଏବଂ ଭୟଙ୍କର ଶବ୍ଦ ହୋଇଥାଏ। ଫଳରେ କଇଁଛମାନେ ଅସୁବିଧାର ସମ୍ମୁଖୀନ ହେବେ। ତେଣୁ ସେଠାରେ ପରୀକ୍ଷଣ ବନ୍ଦ କରିବା ପାଇଁ କୁହାଯାଇଛି। ସେହିଭଳି ଜଙ୍ଗଲ ବିଭାଗ ପକ୍ଷରୁ ସତର୍କ ଓ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ସମୁଦ୍ର କୂଳରେ ଲୋକଙ୍କ ଅଯଥା ଚଳପ୍ରଚଳ ଉପରେ ରୋକ୍ ଲଗାଯାଇଛି। ସୂଚନାଯୋଗ୍ୟ, ବିଶ୍ୱରେ ଅଲିଭ ରିଡ୍‌ଲେଙ୍କ ସଂଖ୍ୟା ଦିନକୁ ଦିନ କମୁଥିବା ବେଳେ ଓଡ଼ିଶା ଉପକୂଳରେ ଏମାନେ ଲକ୍ଷ ଲକ୍ଷ ସଂଖ୍ୟାରେ ଆସି ଅଣ୍ଡାଦାନ କରିଥାନ୍ତି। ଗଞ୍ଜାମ ଜିଲାର ଋଷିକୁଲ୍ୟା ମୁହାଣ ଅଲିଭ ରିଡ୍‌ଲେ କଇଁଛ ପ୍ରଜନନ ପାଇଁ ସର୍ବୋତ୍କୃଷ୍ଟ ସ୍ଥାନ ହୋଇଥିବା ବେଳେ କେନ୍ଦ୍ରାପଡ଼ାର ଗହୀରମଥା ସବୁଠୁ ନିରାପଦ ସ୍ଥାନ। ନଭେମ୍ବରରୁ ମାର୍ଚ୍ଚ ମଧ୍ୟରେ ଲକ୍ଷାଧିକ ଅଲିଭ ରିଡ୍‌ଲେ କଇଁଛ ଓଡ଼ିଶା ଉପକୂଳକୁ ଅଣ୍ଡାଦାନ ପାଇଁ ଆସିଥାନ୍ତି। ଜାନୁୟାରୀରୁ ମେ' ଯାଏ ଅଣ୍ଡାଦାନ ପ୍ରକ୍ରିୟା ଚାଲିଥାଏ। ତେଣୁ ଏହି ପ୍ରକ୍ରିୟା ଯେପରି ବାଧାପ୍ରାପ୍ତ ନ ହେବ, ସେଥିପାଇଁ ଜଙ୍ଗଲ ବିଭାଗ ତତ୍ପରତା ଦେଖାଇଛି। ଏଥିସହ ବିଲୁପ୍ତ ପ୍ରାୟ ଏହି ଅଲିଭ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ଅନେକ ପ୍ରତିଷେଧକ ପଦକ୍ଷେପ ନେଇଛନ୍ତି।



# ୮୧ ଅଣ୍ଡା ଦେଲା ଅଲିଭ୍ ରିଡ୍‌ଲେ

ଅସ୍ତରଙ୍ଗ,୯।୧୨(ମମତା ଜେନା)

ବର୍ତ୍ତମାନ ଅଲିଭ୍ ରିଡ୍‌ଲେ କଇଁଛଙ୍କ ପ୍ରଜନନ ଋତୁ ଆରମ୍ଭ ହୋଇଯାଇଛି। ଏହି ସମୟରେ ଅସ୍ତରଙ୍ଗ ବନାଞ୍ଚଳରେ ପ୍ରଥମ କରି ଗୋଟିଏ କଇଁଛ ଦେବୀନାସିରେ ୮୧ଟି ଅଣ୍ଡା ଦେଇଥିବା ଫରେଷ୍ଟର ବିରଜା ମହାପାତ୍ର ସୂଚନା ଦେଇଛନ୍ତି। କଇଁଛ ଅଣ୍ଡା ଦେଇଥିବା ଉପକୂଳରେ ବନ ବିଭାଗର କର୍ମଚାରୀ ପାଟ୍ରୋଲିଂ ସମୟରେ ଜାଣିବାକୁ ପାଇଥିଲେ। ସେହି ଅଣ୍ଡାକୁ ଦେବୀ ନାସିରେ ଥିବା ଅସ୍ଥାୟୀ ହାଚେରିରେ ରଖାଯାଇଛି। ଏଠାରେ ସୂଚନାଥାଉ କି, କିପରି କଇଁଛମାନେ କୂଳକୁ ଆସି ସୁରକ୍ଷିତ ଅଣ୍ଡା ଦେବେ ସେଥିପାଇଁ ଅସ୍ତରଙ୍ଗ ବନବିଭାଗ ପକ୍ଷରୁ ବ୍ୟବସ୍ଥା କରାଯିବା ସହିତ ଅଣ୍ଡାଗୁଡ଼ିକ ଛୁଆ ଫୁଟିବା ପର୍ଯ୍ୟନ୍ତ କିପରି ସୁରକ୍ଷିତ ରହିବ ସେଥିପାଇଁ ଦେବୀନାସି, ଜାହାନିଆ, ଦାଲୁକଣି, ଗଙ୍ଗାଦେବୀ ଏବଂ ଆଇଲ୍ୟାଣ୍ଡଠାରେ ଅସ୍ଥାୟୀ ହାଚେରି ପ୍ରସ୍ତୁତ କରାଯାଇଛି।



# ହାତୀ ପାଇଁ ପେଁକାଳି

କାମାକ୍ଷାନଗର,୯।୧୨(ଅମଜାଦ ଖାନ)

ରାତି ହେଲେ ଢାଉଁ ଢାଉଁ ବାଜୁଛି ଟିଣ। ହୁ ହୁ ହୋଇ ଜଳୁଛି ଟାୟାର ନିଆଁ। ପେଁକାଳିର ପେଁ ପାଁ ଶବ୍ଦରେ କମ୍ପୁଛି ଗାଁ ପାଖ ଧାନ ଖେତ। ହାତୀ, ବାର୍‌ହା ଆଦି ଜଙ୍ଗଲୀ ପ୍ରାଣୀଙ୍କ ମୁହଁରୁ ବର୍ଷକର ଫସଲ ବଞ୍ଚାଇବାକୁ ରାତି ଉଜାଗର ହୋଇ ଏମିତି ଉଦ୍ୟମ ଚଳାଇଛନ୍ତି ଢେଙ୍କାନାଳ ଜିଲା କାମାକ୍ଷାନଗର ଓ କଙ୍କଡ଼ାହାଡ଼ ବ୍ଲକର ଅନେକ ଚାଷୀ। ବିଶେଷକରି ରାତିରେ ପେଁକାଳିର ବିକଟାଳ ଶବ୍ଦ ଏ କ୍ଷେତ୍ରରେ ସେମାନଙ୍କୁ ଅଧିକ ସଫଳତା ଦେଉଥିବା ଚାଷୀମାନେ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, କାମାକ୍ଷାନଗର ଉପଖଣ୍ଡ ଅଧୀନ କାମାକ୍ଷାନଗର ଓ କଙ୍କଡ଼ାହାଡ଼ ବ୍ଲକର ଜଙ୍ଗଲ ନିକଟ ଗାଁଗୁଡ଼ିକରେ ଜଙ୍ଗଲୀ ପ୍ରାଣୀଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଏବେ ଫସଲ ଅମଳ ଋତୁ ହୋଇଥିବାରୁ ବିଲରେ ପାଚିଥିବା ଧାନ ଖାଇବାକୁ ଦଳ ଦଳ ହାତୀ ଓ ବାର୍‌ହା ଖେତମୁହାଁ ହେଉଛନ୍ତି। ବନ ବିଭାଗ ହାତୀ ପଲଙ୍କୁ ଘଉଡ଼ାଇବାରେ ସମ୍ପୂର୍ଣ୍ଣ ସଫଳ ହେଉ ନ ଥିବାରୁ ବାଧ୍ୟ ହୋଇ ଚାଷୀମାନେ ବର୍ଷକର ଆହାର ରକ୍ଷା କରିବାକୁ ଜମି ନିକଟରେ ପଲା ମାରି ରାତିରେ ଜଗି ରହୁଛନ୍ତି। ହାତୀ ଓ ବାର୍‌ହା ଯେପରି ଖେତ ପାଖକୁ ନ ଆସିବେ ସେଥିପାଇଁ ଚାଷୀମାନେ ଆଣିଥିବା ଟିଣକୁ ଜୋର୍‌ରେ ବଜାଉଛନ୍ତି। ବିକଟାଳ ଶବ୍ଦ ସୃଷ୍ଟି କରୁଥିବା ପେଁକାଳି ଫୁଙ୍କୁଛନ୍ତି। ଟାୟାରରେ ନିଆଁ ଲଗାଇ ନିଜ ଉପସ୍ଥିତି ଜାହିର କରୁଛନ୍ତି। ଏ ସମ୍ପର୍କରେ କାମାକ୍ଷାନଗର ବ୍ଲକ ଆଳତୁମା ଗ୍ରାମର ଚାଷୀ ହିମାଦ୍ରି ଦାସ, ଗନ୍ଧୁରୁ ରାଉଳ, ପଞ୍ଚାନନ ଜେନା, ଗୁଲୁ ଜେନା, ଗୋବର୍ଦ୍ଧନ ରାଉଳ, କଙ୍କଡ଼ାହାଡ଼ ବ୍ଲକ ଗଡ଼ପଳାଶୁଣିର ଚାଷୀ ସ୍ୱାଧୀନ କୁମାର ସାହୁ କହିଛନ୍ତି, ରାତି ଉଜାଗର ହୋଇ ଖେତ ନ ଜଗିଲେ ବର୍ଷକର ପରିଶ୍ରମ ବୃଥା ହୋଇଯିବ। ଧାର କରଜ କରି କରିଥିବା ଫସଲ ଉଜୁଡ଼ିଯିବ। ପରିବାର ମୁହଁରେ ଆହାର ଦେବା କଷ୍ଟକର ହୋଇପଡ଼ିବ। ତେଣୁ ଜୀବନ ପ୍ରତି ବିପଦ ଥିବା ଜାଣି ମଧ୍ୟ ଜଙ୍ଗଲୀ ପ୍ରାଣୀଙ୍କ ଦାଉରୁ ଫସଲକୁ ସୁରକ୍ଷା ଦେବାକୁ ଏପରି ପନ୍ଥା ଆପଣାଇବାକୁ ବାଧ୍ୟ ହେଉଛୁ।

ଏ ସମ୍ପର୍କରେ ପଶ୍ଚିମାଞ୍ଚଳ ରେଞ୍ଜର କୈଳାସ ଚନ୍ଦ୍ର ସାହୁ କହିଛନ୍ତି, ହାତୀ ସ୍କ୍ୱାଡ୍ ଓ ପାଟ୍ରୋଲିଂ ଟିମ୍ ଦ୍ୱାରା ନିୟମିତ ଭାବରେ ପାଟ୍ରୋଲିଂ କରାଯାଉଛି। ଜିପିଏସ୍ ମାଧ୍ୟମରେ ଟ୍ରାକିଂ କରି ହାତୀପଲଙ୍କ ଗତିବିଧି ଉପରେ ନଜର ରଖାଯାଉଛି। ବାର୍‌ହା ପଲଙ୍କୁ ଘଉଡ଼ାଇବା ପାଇଁ ଗ୍ରାମ ଜଙ୍ଗଲ କମିଟି ସହାୟତାରେ ଟିମ୍ ଗଠନ କରାଯାଇଛି। ଏହାସତ୍ତ୍ୱେ ଯଦି ଫସଲ ନଷ୍ଟ ହେଉଥାଏ, ତା'ହେଲେ ନିୟମାନୁଯାୟୀ କ୍ଷତିପୂରଣ ଦିଆଯିବ।



ବନ୍ୟପ୍ରାଣୀଙ୍କ ମୁହଁରୁ ଫସଲ ବଞ୍ଚାଇବା ପାଇଁ ଚାଷୀମାନେ ରାତିରେ ନିଆଁ, ଟିଣ ଓ ପେଁକାଳିର ବ୍ୟବହାର କରୁଛନ୍ତି।

'ଧରିତ୍ରୀ'ର ୫୦ତମ ସ୍ୱନକ୍ଷତ୍ର ଦିବସ ଅବସରରେ ରାଜ୍ୟର ସମସ୍ତ ଯୁବତୀ ଯୁବକମାନଙ୍କର ସୁଖ ସମୃଦ୍ଧି କାମନା କରିବା ସହିତ ବିଜୁ ଜନତା ଦଳର ସଙ୍ଗଠନକୁ ମଜବୁତ କରିବା ପାଇଁ ନିବେଦନ।
ପ୍ରଦୀପ୍ତ କୁମାର ଭୂୟାଁ
ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ

'ଧରିତ୍ରୀ'ର ୫୦ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଦରଡ଼ା ଗ୍ରାମପଞ୍ଚାୟତର ସମସ୍ତ ଗ୍ରାମବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ୫ ବର୍ଷ ପାଇଁ ଆପଣମାନଙ୍କ ସେବା କରିବାର ସୁଯୋଗ ଦେଇଥିବାରୁ ମୁଁ କୃତଜ୍ଞ।
ସତ୍ୟଭାମା ବେହେରା
ସରପଞ୍ଚ, ଦରଡ଼ା ଗ୍ରାମପଞ୍ଚାୟତ ବିଝିଡ଼ି ବ୍ଲକ

'ଧରିତ୍ରୀ'ର ୫୦ତମ ସ୍ୱନକ୍ଷତ୍ର ଦିବସ ଅବସରରେ ପୁରଣ ଗ୍ରାମପଞ୍ଚାୟତର ସମସ୍ତ ଗ୍ରାମବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ୫ ବର୍ଷ ପାଇଁ ଆପଣମାନଙ୍କ ସେବା କରିବାର ପୁନର୍ବାର ସୁଯୋଗ ଦେଇଥିବାରୁ ମୁଁ କୃତଜ୍ଞ।
ଯୁଧିଷ୍ଠିର ବେହେରା
ସରପଞ୍ଚ, ପୁରଣ ଗ୍ରାମପଞ୍ଚାୟତ ବିଝିଡ଼ି ବ୍ଲକ

ଅଭିନନ୍ଦନ
ଧରିତ୍ରୀ ଖବରକାଗଜର ୫୦ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ସମସ୍ତ ପାଠକ ପାଠିକା ଓ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା। ପ୍ରଭୁ ଜଗନ୍ନାଥଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ।
ପ୍ରଦୀପ୍ତ କୁମାର ଦାଶ
ଜିଲ୍ଲା ସମ୍ପାଦକ, ଓସ୍ତା ଓ କାର୍ଯ୍ୟକାରୀ ସଭ୍ୟ

ଶୁଭେଚ୍ଛା ବାର୍ତ୍ତା
ଦୈନିକ ଖବରକାଗଜ ଧରିତ୍ରୀର ୫୦ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ସମସ୍ତ ପାଠକ, ପାଠିକା, ଖବରଦାତା, ଏଜେଣ୍ଟ ଓ ଶୁଭେଚ୍ଛୁଙ୍କ ସମେତ ବନ୍ତ ଗ୍ରାମ ପଞ୍ଚାୟତର ସମସ୍ତ ଭାଇଭଉଣୀ ଓ ଜନସାଧାରଣମାନଙ୍କୁ ମୋର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି। ପ୍ରଭୁ ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ। ଏହାହିଁ ମୋର କାମନା।
ମାନସୀରାଣୀ ରାଉତ
ସରପଞ୍ଚ, ବନ୍ତ ଗ୍ରାମପଞ୍ଚାୟତ, ଭଦ୍ରକ

ଅଭିନନ୍ଦନ
ଦୈନିକ ଖବରକାଗଜ ଧରିତ୍ରୀର ୫୦ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ବନ୍ତ ବ୍ଲକ ଛୟାଳସିଂ ଗ୍ରାମପଞ୍ଚାୟତର ସମସ୍ତ ଭାଇଭଉଣୀ ଓ ଜନସାଧାରଣମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ପ୍ରଭୁ ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ। ଏହାହିଁ ମୋର କାମନା।
ନିରୁପମା ରାଉତ
ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷା, ବନ୍ତ ବ୍ଲକ ତଥା ସମିତି ସଭ୍ୟା, ଛୟାଳସିଂ ଗ୍ରାମପଞ୍ଚାୟତ, ବନ୍ତ, ଭଦ୍ରକ

ଅଭିନନ୍ଦନ
ଦୈନିକ ଖବରକାଗଜ ଧରିତ୍ରୀର ୫୦ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀର ସମସ୍ତ ଭାଇଭଉଣୀ ଓ ଜନସାଧାରଣମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ପ୍ରଭୁ ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ। ଏହାହିଁ ମୋର କାମନା।
ବଦ୍ରି ନାରାୟଣ ଧଳ
ଭଣ୍ଡାରୀପୋଖରୀ ନିର୍ବାଚନମଣ୍ଡଳୀ ନେତା, ଭଦ୍ରକ

ଶୁଭେଚ୍ଛା ବାର୍ତ୍ତା
ଦୈନିକ ଖବରକାଗଜ ଧରିତ୍ରୀର ୫୦ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ବନ୍ତ ବ୍ଲକ ଟିଲୋ ଗ୍ରାମପଞ୍ଚାୟତର ସମସ୍ତ ଭାଇଭଉଣୀ ଓ ଜନସାଧାରଣମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ପ୍ରଭୁ ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ। ଏହାହିଁ ମୋର କାମନା।
ସଂଗ୍ରାମ କେଶରୀ ଜେନା
ସରପଞ୍ଚ, ଟିଲୋ ଗ୍ରାମପଞ୍ଚାୟତ, ବନ୍ତ, ଭଦ୍ରକ

ଅଭିନନ୍ଦନ
ଧରିତ୍ରୀ ଖବରକାଗଜର ୫୦ ବର୍ଷ ପାଳନ ଅବସରରେ ସମସ୍ତ ପାଠକ ପାଠିକା ଓ ଭଦ୍ରକ ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା। ପ୍ରଭୁ ଜଗନ୍ନାଥଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ। ଆସନ୍ତୁ ସମସ୍ତେ ମିଳିମିଶି ଭଦ୍ରକ ନିର୍ବାଚନ ମଣ୍ଡଳୀକୁ ପ୍ରଗତି ପଥରେ ଆଗେଇନେବା।
ସଞ୍ଜୀବ କୁମାର ମଲ୍ଲିକ
ବିଧାୟକ, ଭଦ୍ରକ

ଅଭିନନ୍ଦନ
ଧରିତ୍ରୀ ଖବରକାଗଜର ୫୦ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଧାମନଗର ନିର୍ବାଚନ ମଣ୍ଡଳୀ ଓ ଭଦ୍ରକ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା। ପ୍ରଭୁ ଜଗନ୍ନାଥଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ।
ରାଜେନ୍ଦ୍ର କୁମାର ଦାସ
ପୂର୍ବତନ ବିଧାୟକ, ଧାମନଗର

ଅଭିନନ୍ଦନ
ଧରିତ୍ରୀ ଖବରକାଗଜ ୫୦ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ସମସ୍ତ ପାଠକ ପାଠିକା ଓ ଭଣ୍ଡାରୀପୋଖରୀ ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା। ପ୍ରଭୁ ଜଗନ୍ନାଥଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ।
ଇଂ.ପ୍ରୟାସକାନ୍ତି ସାମଲ (ଲୁଲୁ)
ରାଜ୍ୟ ବିଜେଡି ସମ୍ପାଦକ ତଥା ଭଣ୍ଡାରୀପୋଖରୀ ବିଧାୟକଙ୍କ ପ୍ରତିନିଧି ଭଦ୍ରକ

ଅଭିନନ୍ଦନ
ଦୈନିକ ଖବରକାଗଜ ଧରିତ୍ରୀର ୫୦ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ବନ୍ତ ବ୍ଲକର ସମସ୍ତ ଭାଇଭଉଣୀ ଓ ଜନସାଧାରଣମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ପ୍ରଭୁ ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ। ଏହାହିଁ ମୋର କାମନା।
ରାଜ କିଶୋର ସ୍ୱାଇଁ
ବ୍ଲକ କଂଗ୍ରେସ ସଭାପତି, ବନ୍ତ, ଭଦ୍ରକ

ଅଭିନନ୍ଦନ
ଦୈନିକ ଖବରକାଗଜ ଧରିତ୍ରୀର ୫୦ ବର୍ଷ ଜୟନ୍ତୀ ଉତ୍ସବ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ଭଦ୍ରକର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା। ପ୍ରଭୁ ଜଗନ୍ନାଥଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ।
ଅଞ୍ଜୁବାଳା ଜେନା
ପୌର ଉପାଧ୍ୟକ୍ଷା, ଭଦ୍ରକ
ପ୍ରବୀର ଜେନା
ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ,ଭଦ୍ରକ

ଅଭିନନ୍ଦନ
ଧରିତ୍ରୀ ଖବରକାଗଜର ୫୦ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ସମସ୍ତ ପାଠକ ପାଠିକା ଓ ସମସ୍ତ ଶିକ୍ଷକମାନଙ୍କୁ ଶୁଭେଚ୍ଛା। ପ୍ରଭୁ ଜଗନ୍ନାଥଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ।
ଉତ୍ତମ କୁମାର ଦାସ
ଅଲ୍ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ମୁଖ୍ୟ ଉପଦେଷ୍ଟା

ଅଭିନନ୍ଦନ
ଦୈନିକ ଖବରକାଗଜ ଧରିତ୍ରୀର ୫୦ ବର୍ଷ ଜୟନ୍ତୀ ଉତ୍ସବ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ଭଦ୍ରକ ପୌରପାଳିକାର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା। ପୌରପାଳିକାର ଉନ୍ନତି ଓ ପ୍ରଗତି ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଛି। ଆସନ୍ତୁ ସମସ୍ତେ ମିଶି ଭଦ୍ରକ ସହରକୁ ସୁସ୍ଥ ସ୍ୱଚ୍ଛ ସୁନ୍ଦର କରି ଗଢ଼ିବା।
ଗୁଲମକ୍କୀ ଦଲାୱାଜୀ ହବିବ
ଅଧ୍ୟକ୍ଷା, ଭଦ୍ରକ ପୌରପାଳିକା

See Career Appointment on every Wednesday & Saturday

# କୁମ୍ଭୀର ସହ ସେଲ୍‌ଫି

## ଜୁନ୍, ଜୁଲାଇରେ ଯାଇଛି ୫ ଜୀବନ

କେନ୍ଦ୍ରାପଡ଼ା,୯।୧୨
(ଜଗନ୍ନାଥ ଧଳ)

ଶୀତୁଆ ସକାଳରେ ଖରା ପୋଉଁଛି କୁମ୍ଭୀର। ଏହାର ମାତ୍ର ୩୦ ହାତ ଦୂରରେ କୁମ୍ଭୀର ସହ ସେଲ୍‌ଫି ଉଠାଉଛନ୍ତି ଏକାଧିକ ଯୁବକ। ଜୀବନକୁ ବାଜି ଲଗାଇ ଏପରି ସେଲ୍‌ଫି ନେଉଥିବା ଯୁବକମାନେ ବୋଧେ ଜାଣିନାହାନ୍ତି କୁମ୍ଭୀର କେତେ ଭୟଙ୍କର। କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ଡଅଁରମୁଣ୍ଡା ଗ୍ରାମରେ ପ୍ରତିଦିନ ଏମିତି ଚାଲିଛି। ଗୋବରୀ ନଦୀପଠାରେ ଏବେ ପ୍ରାୟ ୫ଟି କୁମ୍ଭୀର ରହିଛନ୍ତି ବୋଲି ଗ୍ରାମବାସୀ କହୁଛନ୍ତି। ସେହି ଭୟରେ କେହି ନଦୀକୁ ଯାଉନାହାନ୍ତି। ଏପରି କି ନଦୀ ଜଳକୁ କ୍ଷେତରେ ମଡ଼ାଇବା କଥାକୁ ଗ୍ରାମବାସୀ ଭୁଲି ଯାଇଛନ୍ତି। ଏହି ଭୟଙ୍କର ଜୀବ ପାଇଁ ନଦୀକୁ ଶୌଚ ହେବାକୁ ଯିବା ପାଇଁ ଲୋକେ ଉଚିତ ମଣୁନାହାନ୍ତି। କାରଣ ଗତ ଜୁନ୍ ଓ ଜୁଲାଇ ମାସର ମାତ୍ର ୪୫ ଦିନ ମଧ୍ୟରେ ଏହି ଜିଲାରେ ୫ ଜଣଙ୍କ ଜୀବନ କୁମ୍ଭୀର ମୁହଁରେ ଯାଇଛି। ଖାଲି ମଣିଷ ନୁହନ୍ତି, ଗୃହପାଳିତ ପଶୁପକ୍ଷୀ ବି କୁମ୍ଭୀର ମୁହଁରୁ ବାଦ୍ ପଡିନାହାନ୍ତି। ଗ୍ରାମବାସୀଙ୍କ ଜୀବନ ସୁରକ୍ଷା, ପାନୀୟ ଜଳ ଓ କ୍ଷେତକୁ ପାଣି ମଡ଼ାଇବା, ଗୃହପାଳିତ ପଶୁପକ୍ଷୀଙ୍କ ସୁରକ୍ଷା ଦୃଷ୍ଟିରୁ ନଦୀକୁ କୁମ୍ଭୀର ମୁକ୍ତ କରିବାକୁ ଗ୍ରାମବାସୀ ଦାବି କରୁଥିବା ବେଳେ କେତେଜଣ ଯୁବକଙ୍କ ସେଲ୍‌ଫି ଉଠାଇବା ମଜା କାଳ ହୋଇପାରେ ବୋଲି ଆଲୋଚନା ହେଉଛି।

ଏ ସମ୍ପର୍କରେ ଗ୍ରାମର ରତିକାନ୍ତ ବେଉରା, ଅଜୟ କୁମାର ରାଉତ, ସଜନୀ ସେଠୀ, ହେମଲତା ସେଠୀ ପ୍ରମୁଖ କହିଛନ୍ତି, ଗୋବରୀ ନଦୀ ଏବେ କୁମ୍ଭୀରପ୍ରବଣ ହୋଇଗଲାଣି। ପୂର୍ବରୁ ଜାତୀୟ ଉଦ୍ୟାନ ଭିତରକନିକାରେ ଏହି ଭୟଙ୍କର ଜୀବଙ୍କୁ ଦେଖିବାକୁ ମିଳୁଥିଲା। କୁମ୍ଭୀର ଏବେ ୮୦ କି.ମି. ଦୂର ଡଅଁରଗଣ୍ଡ ଗ୍ରାମରେ ଆତଯାତ ହେଉଛନ୍ତି। ନଦୀପଠାରେ ଏହି ଜୀବଙ୍କୁ ଦେଖିବାକୁ ମିଳୁଛି। ପଠାରେ ଗୋରୁମାନଙ୍କ ସହିତ ଛେଳି ମେଣ୍ଢା ବି ଚରିଥାଆନ୍ତି। ଗତ ସପ୍ତାହରେ ଗୋଟିଏ ଛେଳିକୁ କୁମ୍ଭୀର ଟାଣି ନେଇଥିଲା। ସେହିପରି ନଦୀକୁ ଲାଗି ଚାଷଜମି ରହିଛି। ନଦୀଜଳ ଚାଷ କାମରେ ଲାଗିଥାଏ। ମାତ୍ର କୁମ୍ଭୀର ଭୟରେ ଚାଷ କରିବା ବିପଦ ହୋଇଛି। ସେହିପରି ଗ୍ରାମ ନିକଟରେ ଗୋବରୀ ନଦୀ ଥିବାରୁ ଭୟ ବଢୁଛି। ନଦୀକୁ ଶୌଚ ପାଇଁ ଯାଇହେଉନାହିଁ। ଏପରିକି ଗ୍ରାମକୁ କୁମ୍ଭୀର ଆସିବା ଭୟ ଲାଗିଯାଇଛି। ଏହି ଅଞ୍ଚଳରେ ୩ ଫୁଟରୁ ପ୍ରାୟ ୧୦ ଫୁଟ୍ ଲମ୍ବର ୩ରୁ ୫ଟି କୁମ୍ଭୀର ଦେଖିବାକୁ ମିଳୁଥିବା ସେମାନେ ପ୍ରକାଶ କରିଛନ୍ତି। ଏଥିସହ ଜନଜୀବନ ସୁରକ୍ଷା ପାଇଁ ନଦୀରୁ କୁମ୍ଭୀରକୁ ସ୍ଥାନାନ୍ତର କରିବାକୁ ସେମାନେ ଦାବି କରିଛନ୍ତି।

ମାର୍ଶାଘାଇର ବୁଦ୍ଧିଜୀବୀ ପ୍ରମୋଦ କୁମାର ଦାସ କହିଛନ୍ତି, କୁମ୍ଭୀର ବଂଶବୃଦ୍ଧି ଓ ଆକ୍ରମଣ ଦିନକୁ ଦିନ ବଢ଼ିଚାଲିଛି। ଜାତୀୟ ଉଦ୍ୟାନ ଭିତରକନିକାରେ ବନ ବିଭାଗ ପକ୍ଷରୁ ଗଣନା ଅନୁଯାୟୀ ମାତ୍ର ୧୭୯୩ଟି କୁମ୍ଭୀର ଅଛି। ତେବେ ବାସ୍ତବରେ କୁମ୍ଭୀରଙ୍କ ସଂଖ୍ୟା ବହୁତ ବଢ଼ିଛି। ଏବେ ଗଣନା ସ୍ଥଳକୁ ଛାଡି ଜିଲାର ବିଭିନ୍ନ ନଦୀ, ପୋଖରୀରେ ଏହି ଜୀବଙ୍କୁ ଦେଖିବାକୁ ମିଳୁଛି। ଗତ ଜୁନ୍ ଓ ଜୁଲାଇ ମାସର ୪୫ ଦିନ ମଧ୍ୟରେ ୫ ଜଣଙ୍କ ଜୀବନ ଯାଇଛି। ସେହିପରି ଅଗଷ୍ଟ ମାସରେ ଜଣଙ୍କ ମୃତ୍ୟୁ ଘଟିଛି। ଗୋବରୀ ନଦୀକୂଳରେ ଥିବା କୁମ୍ଭୀର ସହ ସେଲ୍‌ଫି ନେବା ମଜାଠାରୁ ଆକ୍ରମଣ ସଜା ଅଧିକ ହୋଇଯିବ। ଏଥିପ୍ରତି ସାବଧାନ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ଭିତରକନିକା ରେଞ୍ଜ ଅଧିକାରୀ ମାନସ ଦାସ କହିଛନ୍ତି, ପ୍ରଜନନ ସମୟରେ ଅଧିକ ଖାଦ୍ୟ ପାଇଁ କେତେକ କୁମ୍ଭୀର ନଦୀକୁ ବାଛିଥାନ୍ତି। ଏହି ଭୟଙ୍କର ଜୀବ ସହିତ ସେଲ୍‌ଫି ନେବା ମରଣକୁ ବରଣ କରିବା ସହ ସମାନ। ଏହି ଜୀବଙ୍କୁ ଉତ୍ସାହିତ କଲେ ଅଧିକ ଭୟଙ୍କର ହୋଇଥାନ୍ତି। ଯୁବବର୍ଗ ଏଥିରୁ ନିବୃତ୍ତ ରହିବା ଉଚିତ। ଏଥିସହିତ ଉପଦ୍ରବ ଅଞ୍ଚଳରୁ କୁମ୍ଭୀର ସ୍ଥାନାନ୍ତର ହେଉଥିବା ରେଞ୍ଜ ଅଧିକାରୀ ଦାସ ସୂଚନା ଦେଇଛନ୍ତି।



କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ଡଅଁରମୁଣ୍ଡା ଦେଇ ପ୍ରବାହିତ ଗୋବରୀ ନଦୀପଠାରେ ଖରା ପୋଉଁଥିବା କୁମ୍ଭୀର ସହ ଜଣେ ଯୁବକ ଫଟୋ ଉଠାଉଛନ୍ତି।

# ସିକଲ୍ ସେଲ୍ ଚିକିତ୍ସା ପାଇଁ 'କାସ୍‌ଜେଭି' ଓ 'ଲିଫ୍‌ଜେନିଆ'

## ବିଶ୍ୱର ପ୍ରଥମ ଜିନ୍-ଏଡିଟିଂ ଚିକିତ୍ସାକୁ ଏଫ୍‌ଡିଏର ମଞ୍ଜୁରୀ

ୱାଶିଂଟନ/ଭୁବନେଶ୍ୱର
(ବ୍ୟୁରୋ), ୯।୧୨

ସିକଲ୍ ସେଲ୍ ଭଳି ବଂଶାନୁଗତ ରକ୍ତରୋଗରେ ପୀଡ଼ିତ ବ୍ୟକ୍ତିଙ୍କ ଚିକିତ୍ସା ପାଇଁ ଖୁସି ଖବର। ଏହି ରୋଗର ଉପଚାର ପାଇଁ ୨ ନୂଆ ଜିନ୍ ଥେରାପି 'କାସ୍‌ଜେଭି' ଏବଂ 'ଲିଫ୍‌ଜେନିଆ'କୁ ଆମେରିକାର ଔଷଧ ନିୟନ୍ତ୍ରକ 'ଫୁଡ୍ ଆଣ୍ଡ ଡ୍ରଗ୍ ଆଡମିନିଷ୍ଟ୍ରେଶନ' (ଏଫ୍‌ଡିଏ) ଶୁକ୍ରବାର ଅନୁମୋଦନ ଦେଇଛି। ପଶ୍ଚିମ ଓଡ଼ିଶା ସମେତ ରାଜ୍ୟର ବିଭିନ୍ନ ଭାଗରେ ଲୋକେ ସିକଲ ସେଲ୍‌ରେ ପୀଡ଼ିତ ଥିବା ଦେଖିବାକୁ ମିଳୁଛି। ସେହିପରି ଏହି ବଂଶାନୁଗତ ରୋଗରେ ଆମେରିକାରେ ୧ ଲକ୍ଷ ଲୋକ ପୀଡ଼ିତ ଥିବାବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ କୃଷ୍ଣକାୟ ବୋଲି ଜଣାପଡ଼ିଛି।

ଭେର୍ଟେକ୍ସ ଫାର୍ମାସ୍ୟୁଟିକାଲ୍ସ ଏବଂ ଏହାର ସହଯୋଗୀ ସି ଆ। ର୍ ଆ। ଇ ଏ ସ୍ ପି ଆ। ର୍ ଥେରାପ୍ୟୁଟିକ୍ସ ଦ୍ୱାରା ପ୍ରସ୍ତୁତ ହୋଇଛି ଜିନ୍-ଏଡିଟିଂ ଥେରାପି 'କାସ୍‌ଜେଭି'। ୧୨ବର୍ଷ ଏବଂ ତଦୂର୍ଦ୍ଧ୍ୱ ବୟସ୍କଙ୍କଠାରେ ବାରମ୍ବାର ହେଉଥିବା ଭାସୋ-ଅକ୍ଲୁସିଭ୍ (ରକ୍ତବାହିକା ଅବରୋଧ ସମ୍ପର୍କିତ) ସଙ୍କଟ ଭଳି ସିକିଲ ସେଲ୍ ରୋଗର ଚିକିତ୍ସା ପାଇଁ ଏହି କୋଷଭିତ୍ତିକ ଜିନ୍ ଥେରାପି 'କାସ୍‌ଜେଭି' ଉଦ୍ଦିଷ୍ଟ। ଏହା ହେଉଛି ବିଶ୍ୱର ପ୍ରଥମ ଥେରାପି, ଯାହା ସିଆର୍‌ଆଇଏସ୍‌ପିଆର୍ ଜିନ୍-ଏଡିଟିଂ ଟେକ୍ନୋଲୋଜି ଉପରେ ଆଧାରିତ। ଆମେରିକାରେ ୨.୨ ନିୟୁତ ଡଲାରରେ 'କାସ୍‌ଜେଭି' ଚିକିତ୍ସା ଉପଲବ୍ଧ ହୋଇପାରିବ ବୋଲି ସୂଚନା ମିଳିଛି।

ସେହିପରି ବ୍ଲୁବାର୍ଡ ବାୟୋ ଦ୍ୱାରା ପ୍ରସ୍ତୁତ 'ଲିଫ୍‌ଜେନିଆ' ହେଉଛି କୋଷ-ଭିତ୍ତିକ ଜିନ୍ ଥେରାପି, ଯାହା ଜେନେଟିକ୍ ପରିବର୍ତ୍ତନ ପାଇଁ ଲେଣ୍ଟିଭାଇରାଲ ଭେକ୍ଟର ବ୍ୟବହାର କରେ। ଏହା ମଧ୍ୟ ୧୨ ଓ ତଦୂର୍ଦ୍ଧ୍ୱ ବୟସ୍କ ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ବ୍ୟବହାର କରାଯିବାକୁ ଏଫ୍‌ଡିଏ ମଞ୍ଜୁରୀ ଦେଇଛି। ଏଫ୍‌ଡିଏ କହିଛି ଯେ, ଲିଫ୍‌ଜେନିଆ ଦ୍ୱାରା ରୋଗୀଙ୍କ ବ୍ଲଡ୍ ଷ୍ଟେମ୍ କୋଷିକାଗୁଡ଼ିକ 'ଏଚ୍‌ବିଏଟି୮୭କ୍ୟୁ' ଉତ୍ପନ୍ନ କରିବାକୁ ଆନୁବଂଶିକ ରୂପରେ ପରିବର୍ତ୍ତନ ହୋଇଥାନ୍ତି। 'ଏଚ୍‌ବିଏଟି୮୭କ୍ୟୁ' ହେଉଛି ଏକ ଜିନ୍-ଥେରାପି, ଯାହା ହିମୋଗ୍ଲୋବିନ୍‌ରୁ ବାହାରିଥାଏ। ଏହା ହିମୋଗ୍ଲୋବିନ-ଏ ଭଳି ସମାନ ଭାବେ କାର୍ଯ୍ୟ କରିଥାଏ, ଯାହାକି ସିକଲ୍ ସେଲ୍ ରୋଗ ଦ୍ୱାରା ପ୍ରଭାବିତ ନ ଥିବା ସାଧାରଣ ବୟସ୍କ ବ୍ୟକ୍ତିମାନଙ୍କ ହିମୋଗ୍ଲୋବିନ୍ ଅଟେ। 'ଏଚ୍‌ବିଏଟି୮୭କ୍ୟୁ' ଥିବା ଲାଲ ରକ୍ତ କୋଷିକା ଦ୍ୱାରା ସିକଲିଂ ଏବଂ ରକ୍ତ ପ୍ରବାହ ଅବରୋଧ ଆଶଙ୍କା କମ୍ ଥାଏ ବୋଲି ଏଫ୍‌ଡିଏ ପକ୍ଷରୁ କୁହାଯାଇଛି। ଲିଫ୍‌ଜେନିଆ ଥେରାପିବାବଦ ଖର୍ଚ୍ଚପାଇଁ ବ୍ଲୁବାର୍ଡ ବାୟୋ କମ୍ପାନୀ ୩.୧ ନିୟୁତ ଆମେରିକୀୟ ଡଲାର ଧାର୍ଯ୍ୟ କରିଛି।

# ଦୀଘାରେ ପୋଲିସର ଛାନ୍‌ଭିନ୍

## ବାଂଲାଦେଶୀ ଯୁବତୀଙ୍କୁ ବିବାହ ପ୍ରତାରଣା ମାମଲା

ଭୋଗରାଇ, ୯।୧୨(ପ୍ରଦୀପ ଦାସ)

୬ଦିନ ଧରି ବାଲେଶ୍ୱରରେ ପୋଲିସ ହେପାଜତରେ ଥିବା ବାଂଲାଦେଶୀ ଯୁବତୀଙ୍କ ବିଭିନ୍ନ ବୟାନ ଘଟଣାକୁ ରହସ୍ୟାବୃତ୍ତ କରିଛି। ସମ୍ପୃକ୍ତ ଯୁବତୀଙ୍କୁ କମର୍ଦ୍ଦା ପୋଲିସ ଶନିବାର ଭୋଗରାଇ ଗ୍ରାମ୍ୟନ୍ୟାୟାଳୟ ପ୍ରଥମଶ୍ରେଣୀ ବିଚାର ବିଭାଗ ମାଜିଷ୍ଟ୍ରେଟ ଅଦାଲତରେ କଡ଼ା ସୁରକ୍ଷା ମଧ୍ୟରେ ହାଜର କରିଥିଲା। ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଯୁବତୀଙ୍କ ୧୬୪ ଧାରା ଅନୁଯାୟୀ ସମସ୍ତ ବୟାନ ରେକର୍ଡ କରାଯାଇଛି। ଏହାସହ କମର୍ଦ୍ଦା ପୋଲିସର ଏକ ଟିମ୍ ଯୁବତୀ ରହୁଥିବା ଦୀଘାରେ ପହଞ୍ଚି ତିରୁପତି ଗେଷ୍ଟହାଉସ ଏବଂ ମସାଜ ସେଣ୍ଟରରେ ତଦନ୍ତ କରିଛି।

ବାଲେଶ୍ୱର ଜିଲା କମର୍ଦ୍ଦା ଥାନା ଅଧୀନ ବୁଦ୍ଧକୁସୁମୀ ଗ୍ରାମର ବୀରେନ୍ଦ୍ର ପ୍ରତାପ ଭଞ୍ଜ ଦୀଘାରେ ରହି କାର୍ଯ୍ୟ କରୁଥିବା ବେଳେ ବାଂଲାଦେଶର କକ୍ସବାଜାର ଅଞ୍ଚଳର ରୁମା ମେରିୟମଙ୍କ ସହିତ ଫେସବୁକରେ ପରିଚୟ ହୋଇଥିଲା। ପରେ ନ୍ୟୁ ଦୀଘାରେ ଯୁବତୀ ତିରୁପତି ଗେଷ୍ଟ ହାଉସ ଏବଂ ମସାଜ ସେଣ୍ଟରରେ ରହି କାର୍ଯ୍ୟ କରୁଥିବା ବେଳେ ୨ଜଣଙ୍କର ସମ୍ପର୍କ ନିବିଡ଼ ହୋଇଥିଲା ବୋଲି ଯୁବତୀ ବୟାନ ଦେଇଛନ୍ତି। ଯୁବକ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଦୀର୍ଘଦିନ ଧରି ବଳାତ୍କାର ଓ ପରେ ପ୍ରତାରଣା କରିଥିବା କମର୍ଦ୍ଦା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଶୁକ୍ରବାର ଏକ ମାମଲା (ନଂ. ୧୪୫/୨୩) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିବା ଲାଗି ତଲାସୀ ଅଭିଯାନ ଜାରି ରଖିଛି। ବୀରେନ୍ଦ୍ର ଆତ୍ମଗୋପନ କରିଥିବା ବେଳେ ତାଙ୍କ ପରିବାର ଦୁଃଖରେ ଭାଙ୍ଗିପଡ଼ିଛନ୍ତି।

# ବଜ୍ରକାପ୍ତା ଉଦ୍ଧାର, ୨ ଗିରଫ

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା)/ ଗୁଣପୁର, ୯।୧୨ (ପ୍ରଦୀପ ପାଢ଼ୀ)

ରାୟଗଡ଼ା ଜିଲା ପଦ୍ମପୁର ଥାନା ଅଞ୍ଚଳରେ ବଜ୍ରକାପ୍ତା ଚୋରା ଚାଲାଣ ପାଇଁ ଡିଲ୍ ବେଳେ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗଜପତି ଜିଲା ଜି.ଉଦୟଗିରି ଥାନା ଅଞ୍ଚଳର ସମ୍‌ସାନ୍ ରୈତା (୪୫) ଓ ରାୟଗଡାର ଅସମିନ ଶବର(୨୮)। ଉଭୟଙ୍କଠାରୁ ଗୋଟିଏ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର ହୋଇଛି।

ଧରିତ୍ରୀ DHARITRI Oriya daily
ଆବଶ୍ୟକ କରୁଛି
ପ୍ଲମ୍ବର
ପ୍ରାର୍ଥୀ ପ୍ଲମ୍ବିଂରେ ଆଇ.ଟି.ଆଇ. କିମ୍ବା ଡିପ୍ଲୋମା ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ । ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତି କମ୍‌ରେ ୨ ବର୍ଷରୁ ଅଧିକ ଅଭିଜ୍ଞତା ଥିବ ଓ ତାଙ୍କ ବୟସ ୪୦ ବର୍ଷରୁ କମ୍ ହୋଇଥିବା ବାଞ୍ଛନୀୟ । ସେ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଫିଟ୍ ଥିବା ଆବଶ୍ୟକ ।
ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ଦିନ ମଧ୍ୟରେ ନିମ୍ନ ଇମେଲ୍ ଠିକଣାରେ ଦରଖାସ୍ତ ପଠାଇବେ
recruitment@dharitri.com
ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ ।







**ଆଜିର ମନ୍ତବ୍ୟ**
ମହିଳାମାନେ ମିଳିତ ଭାବେ କୌଣସି ପ୍ରକାର ଆହ୍ୱାନର ମୁକାବିଲା ପାଇଁ ସକ୍ଷମ। ଏହି ବଡ଼ ଜାତିରେ ଫାଟ ସୃଷ୍ଟିକରି ସେମାନଙ୍କୁ ବିଭାଜନ ଉଦ୍ୟମ କରା ନ ଯାଉ। –ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଡାହାଣୀ ହୋଇ ଲାଗେ**
**ଗୁଣିଆ ହୋଇ ଛଡ଼ାଏ ।**

କିଛି ବ୍ୟକ୍ତି ଏପାଖରେ କ୍ଷତି କରି ସେପାଖରେ ସମାଧାନ ବା ତା'ର ପ୍ରତିକାର ବାହାର କରୁଥିବା ଦେଖିବାକୁ ମିଳିଥାଏ। ଏପରି ଦୁଇ ପ୍ରକାର ଅଭିନୟ କରୁଥିବା ଧୂର୍ତ୍ତ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଡାହୁକ ପିଉଛି ପାଣି**
**ମୋ କରମରେ କି ଏଇଆ ଥିଲା**
**ନଅତୁଣ୍ଡି ସଉତୁଣୀ ?**

ହସଖୁସିରେ ଚାଲୁଥିବା ଦାମ୍ପତ୍ୟ ଜୀବନରେ ଯେବେ ତୃତୀୟ ବ୍ୟକ୍ତିର ଆଗମନ ଘଟେ ସେତେବେଳେ ପାରିବାରିକ ଜୀବନରେ ଝଡ଼ ସୃଷ୍ଟି ହୋଇଥାଏ। ସୁଖର ସଂସାର ଉପରେ କିଏ ନଜର ପକାଇଲା ଭଳି ସଉତୁଣୀ ଆସିବା ଫଳରେ ପ୍ରଥମ ପତ୍ନୀର ଜୀବନ ଦୁର୍ବିଷହ ହୋଇପଡ଼େ। ସ୍ୱାମୀ ସହ ଥିବା ପୂର୍ବ ସମ୍ପର୍କର ମଧୁରତା ନଷ୍ଟ ହେବା ସହ ନିଜକୁ ସେ ଅତ୍ୟନ୍ତ ଅସହାୟ ମନେକରିଥାଏ। ଏ ପରିସ୍ଥିତିରେ ସେ ନିଜ ପୋଡ଼ା ଭାଗ୍ୟକୁ ନିନ୍ଦି ବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




# ଭୋଗ ମାହାସୁଲ ହେର୍‌ଫେର୍ ଘଟଣା: ୨ ବହିଷ୍କୃତ

**ଘଟଗାଁ ତାରିଣୀ ମନ୍ଦିର**

ଘଟଗାଁ, ୯।୧୨
(ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ତାରିଣୀ ମନ୍ଦିରରେ ଭୋଗ ମାହାସୁଲ ହେରଫେର ଘଟଣାରେ ସମ୍ପୃକ୍ତ ୨ କର୍ମଚାରୀଙ୍କୁ ଶନିବାର ମନ୍ଦିର ପ୍ରଶାସନ ଚାକିରିରୁ ବହିଷ୍କାର କରିଛି। ତାରିଣୀ ମନ୍ଦିର ପୂଜକ ସଂଘ କାର୍ଯ୍ୟାନୁଷ୍ଠାନ ଦାବି କରିଆସୁଥିଲା। ଅସନ୍ତୋଷ ବୃଦ୍ଧି ପାଇବା ସହିତ ଗତ ଗୁରୁବାର ପୂଜକ ସଂଘ ପକ୍ଷରୁ ସମସ୍ତ ସେବାୟତ ଆଗାମୀ ୧୫ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନ ହେଲେ ମନ୍ଦିର ସମ୍ମୁଖରେ ପରିବାର ସହ ଅନଶନରେ ବସିବେ ବୋଲି ଲିଖିତ ଭାବେ ଜଣାଇଥିଲେ।

ସୂଚନା ଅନୁଯାୟୀ, ମାହାସୁଲ ହେର୍‌ଫେର୍ ଘଟଣାରେ ଟିକେଟ୍ କାଉଣ୍ଟରରେ ଥିବା ଦୁଇ କର୍ମଚାରୀ ମହେଶ୍ୱର ଦେହୁରୀ ଓ ସୁରେଶ ଚନ୍ଦ୍ର ବାରିକଙ୍କ ବିରୋଧରେ ପୂଜକମାନେ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ତଦନ୍ତ କରି ତାଙ୍କୁ ପ୍ରଥମେ କାର୍ଯ୍ୟସ୍ଥଳରୁ ଅପସାରଣ କରି କାର୍ଯ୍ୟାଳୟରେ ଆଣି ବସାଇଥିଲେ। ପରେ ତାଙ୍କୁ କୈଫିୟତ ମାଗିଥିଲେ। କୈଫିୟତ ମଗାଯିବା ପରେ ନଭେମ୍ବର ୧୫ରୁ ୩୦ପର୍ଯ୍ୟନ୍ତ ଲମ୍ବାଛୁଟିରେ ଉଭୟ ଚାଲିଯାଇଥିଲେ। ପୁନର୍ବାର ଡିସେମ୍ବର ୧ରେ ଅଫିସ ଆସିଥିଲେ ବି ଉଭୟଙ୍କୁ କୌଣସି କାର୍ଯ୍ୟ ଦିଆଯାଇ ନ ଥିଲା। ଘଟଣାରେ ଶୀଥିଳତା ଜାଣି ପୂଜକ ତଥା ସେବାୟତ ସଂଘ ଏ ସମ୍ପର୍କରେ ମନ୍ଦିର ପ୍ରଶାସନକୁ ଭେଟି ଜଣାଇଥିଲେ। ଘଟଣା ପାଇଁ ମନ୍ଦିର ପ୍ରଶାସନକୁ ଦାୟୀ କରି ଚରମ ନିଷ୍ପତ୍ତି ଗ୍ରହଣ ଲାଗି ଅନଶନରେ ବସିବାକୁ ପରିବାର ଚେତାବନୀ ଦେଇଥିଲେ। ପୂଜକ ସଂଘ ପକ୍ଷରୁ ମନ୍ଦିର ପ୍ରଶାସନକୁ ଦାବିପତ୍ର ଦିଆଯିବାର ୨ ଦିନ ପରେ ସମ୍ପୃକ୍ତ ୨ କର୍ମଚାରୀଙ୍କୁ ମନ୍ଦିର ପ୍ରଶାସନ ବହିଷ୍କୃତ ନିଷ୍ପତ୍ତି ଗ୍ରହଣ କରିଥିବା ସାଧାରଣରେ ଆଲୋଚନା ହେଉଛି। ଏ ସମ୍ପର୍କରେ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ରଙ୍କୁ ପଚାରିବାରୁ ଘଟଣାର ତଦନ୍ତ ପରେ ଶନିବାର ୨ କର୍ମଚାରୀଙ୍କୁ ବହିଷ୍କୃତ କରାଯାଇଥିବା ସେ ପ୍ରକାଶ କରିଛନ୍ତି।

# ମନ୍ତ୍ରୀଙ୍କୁ ଗୁହାରି କରିବାକୁ ୨୫ କି.ମି. ଚାଲିଲେ

ରାୟଗଡ଼ା,୯।୧୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସଦର ବ୍ଲକ୍ ବଡ଼ରାଇସିଂ ଆଶ୍ରମ ସ୍କୁଲ ହଷ୍ଟେଲରେ ଅନେକ ଅବ୍ୟବସ୍ଥା ଲାଗି ରହିଛି। ହଷ୍ଟେଲରେ ଅନ୍ତେବାସୀଙ୍କୁ ଠିକ୍ ସମୟରେ ଖାଇବାକୁ ଦିଆଯାଉ ନାହିଁ। ସେମାନେ ଖାଇବାକୁ ମାଗିଲେ ବିଦ୍ୟାଳୟ କର୍ତ୍ତୃପକ୍ଷ ମାଡ଼ ମାରୁଥିବା ଛାତ୍ରମାନେ ଅଭିଯୋଗ କରିଛନ୍ତି। ଫଳରେ ବାଧ୍ୟହୋଇ ହଷ୍ଟେଲରେ ରହୁଥିବା ୧୪ ଛାତ୍ର ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନ ଜଣାଇ ଶନିବାର ଭୋର ୩ଟାରୁ ଲୁଚିକରି ହଷ୍ଟେଲ ଗେଟ୍ ଡେଇଁ ପ୍ରାୟ ୨୫ କି.ମି . ଚାଲି ଚାଲି ରାୟଗଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଜିଲାପାଳ ଅନୁପସ୍ଥିତ ଥିବାରୁ ସର୍କିଟ ହାଉସ୍‌ରେ ଅନୁସୂଚିତ ଜନଜାତି ଓ ଜାତି ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ଭେଟି ସମସ୍ୟା ଜଣାଇଛନ୍ତି। ସେମାନଙ୍କୁ ଠିକ୍ ସମୟରେ ଖାଇବାକୁ ଦିଆଯାଉ ନାହିଁ, ସରକାରଙ୍କ ପକ୍ଷରୁ ମିଳୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ତେଲ, ସାବୁନ ମଧ୍ୟ ଦିଆଯାଉ ନାହିଁ। ସେମାନେ ମାଗିଲେ ପ୍ରଧାନ ଶିକ୍ଷକ ବିଶ୍ୱାମିତ୍ର ସୁନା ସେମାନଙ୍କୁ ମାଡ଼ ମାରିବା ସହ ସ୍କୁଲରୁ ବିତାଡ଼ିତ କରିବା ଭୟ ଦେଖାଉଛନ୍ତି। ଏପରିକି ସ୍କୁଲରେ ଶିକ୍ଷୟିତ୍ରୀ ଶିକ୍ଷକ ତେଲୁଗୁ ଭାଷାରେ ପାଠ ପଢ଼ାଉଛନ୍ତି । ସେମାନେ ପାଠ ବୁଝିପାରୁ ନ ଥିବା କହିଲେ ସ୍କୁଲରୁ ବାହାର କରିଦେବାକୁ ଧମକ ଦେଉଛନ୍ତି। ତେଣୁ ବାଧ୍ୟହୋଇ ଜିଲାପାଳଙ୍କୁ ଭେଟି ସମସ୍ୟା ଜଣାଇବାକୁ ଆସିଥିବା ମନ୍ତ୍ରୀଙ୍କୁ ଛାତ୍ରମାନେ କହିଛନ୍ତି।

ଜିଲାର ବିଭିନ୍ନ ଅଞ୍ଚଳରୁ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ୨୪୦ ଛାତ୍ରୀଛାତ୍ର ବଡ଼ରାଇସିଂ ଆଶ୍ରମ ସ୍କୁଲ ହଷ୍ଟେଲରେ ରହୁଛନ୍ତି। ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ର ସେଠାରେ ରହି ଅଧ୍ୟୟନ କରୁଛନ୍ତି। ଏଥିପୂର୍ବରୁ ପ୍ରଧାନ ଶିକ୍ଷକ ବିଶ୍ୱାମିତ୍ର ସୁନାଙ୍କ ନାମରେ ଅନେକ ଅଭିଯୋଗ ରହିଛି। ରାୟଗଡ଼ା ସହର ଉପକଣ୍ଠ କଟଲାଗୁଡ଼ାସ୍ଥିତ ଅନ୍ୱେଷା ହଷ୍ଟେଲ ଛାତ୍ରୀଛାତ୍ର ସେପ୍ଟେମ୍ବର ୨୪ରେ ଜିଲାପାଳଙ୍କୁ ଭେଟି ସମାନ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ବିଶ୍ୱାମିତ୍ର ସୁନା କହିଛନ୍ତି, ଖାଇବା ପାଇଁ ପିଲାଙ୍କୁ ଠିକ୍ ଭାବରେ ଦିଆଯାଉଛି। ପିଲାଙ୍କୁ ମାଡ଼ ମରାଯିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ଏ ସମ୍ପର୍କରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ସାରକା କହିଛନ୍ତି, ଉକ୍ତ ସ୍କୁଲରେ ତେଲୁଗୁ ଭାଷାରେ ପାଠ ପଢ଼ାଯାଉଥିବା ଏବଂ ସ୍କୁଲରେ ମାଡ଼ ମରାଯାଉଥିବା ପିଲାମାନେ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରାଯାଇ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେ ବୋଲି କହିଛନ୍ତି।



ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ଛାତ୍ରମାନେ ସମସ୍ୟା ଜଣାଉଛନ୍ତି ।

# ସ୍ତ୍ରୀର କଟାମୁଣ୍ଡ ଧରି ଥାନାରେ ସ୍ୱାମୀ

**ହତ୍ୟାରେ ବ୍ୟବହୃତ କଟୁରି ବି ଆଣିଥିଲେ**

**■ ପୋଲିସକୁ ହତ୍ୟାର ଡେମୋ ଦେଖାଇଲେ**

ନୟାଗଡ଼/ଦଶପଲ୍ଲା, ୯।୧୨
(ଲୋକନାଥ ମିଶ୍ର/ ପ୍ରକାଶ କୁମାର ପାଣି)

ସ୍ତ୍ରୀର କଟାମୁଣ୍ଡ ଧରି ଜଣେ ଯୁବକ ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ବାଣିଗୋଛା ଥାନାରେ ଶନିବାର ସନ୍ଧ୍ୟାରେ ଆତ୍ମ ସମର୍ପଣ କରିଛନ୍ତି। ସେ ଏକ ଜରିରେ କଟା ମୁଣ୍ଡ ଓ ହତ୍ୟାରେ ବ୍ୟବହୃତ କଟୁରିକୁ ନେଇ ଥାନାରେ ପହଞ୍ଚି ଥିଲେ। ପୋଲିସ ସମ୍ପୃକ୍ତ ଯୁବକଙ୍କୁ କିଛି ପ୍ରଶ୍ନ ପଚାରିବା ପୂର୍ବରୁ ସେ ଜଣେ ମହିଳାଙ୍କ କଟାମୁଣ୍ଡ ଓ କଟୁରିକୁ ପୋଲିସକୁ ହସ୍ତାନ୍ତର କରିଥିଲେ। ଏହା ଦେଖି ପୋଲିସ ଆଶ୍ଚର୍ଯ୍ୟ ହୋଇଥିଲା। ଉକ୍ତ ଥାନା ଅଧୀନ କୁଜାମେଣ୍ଡି ପଞ୍ଚାୟତ ବିଡାପାଜୁ ଗାଁରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ ବିଡାପାଜୁ ଗାଁର ଧରିତ୍ରୀ ବାଗ୍ (୨୫)। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ତାଙ୍କ ସ୍ୱାମୀ ଅର୍ଜୁନ ବାଗ(୩୫)ଙ୍କୁ ପୋଲିସ ଗିରଫ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ନୟାଗଡ଼ ଜିଲାରେ ପ୍ରଥମ ବୋଲି କୁହାଯାଉଛି।

ସୂଚନା ଅନୁଯାୟୀ, ବିଡାପାଜୁ ଗାଁର ଅର୍ଜୁନ ବାଗ୍ ୨୦୧୮ରେ ଧରିତ୍ରୀଙ୍କୁ ବିବାହ କରିଥିଲେ। ପରିବାର ଚଳାଇବା ପାଇଁ ଗାଁ ପାଖ କଙ୍କଣମେଣ୍ଡିଠାରେ ସେ ଏକ ଦୋକାନ କରିଛନ୍ତି। ଏହି ଦମ୍ପତିଙ୍କ ୪ ବର୍ଷର ପୁଅ ଓ ୩ ମାସର ଏକ ଝିଅ ଅଛନ୍ତି। ସେମାନଙ୍କ ଛୋଟ ପରିବାର ହସଖୁସିରେ କିଛିଦିନ ଚାଲିଥିଲା। ତେବେ ସ୍ତ୍ରୀଙ୍କ ପରକୀୟା ପ୍ରୀତି ସମ୍ପର୍କରେ ଅର୍ଜୁନ ଜାଣିବା ପରେ ଅଶାନ୍ତି ଲାଗି ରହିଥିଲା। ଏହାକୁ ନେଇ କିଛିଦିନ ହେଲା ଅର୍ଜୁନ ଚିନ୍ତାରେ ଥିଲେ। ଏପରି କି ଦୋକାନ ମଧ୍ୟ ଠିକ୍‌ରେ ଖୋଲୁ ନ ଥିଲେ। ଏହି ଘଟଣାକୁ ନେଇ ଶନିବାର ଅପରାହ୍ନରେ ଧରିତ୍ରୀଙ୍କ ସହିତ ତାଙ୍କର ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଅର୍ଜୁନ ଏକ କଟୁରିରେ ତାଙ୍କ ମୁଣ୍ଡରୁ ଗଣ୍ଡିକୁ ଅଲଗା କରି ଦେଇଥିଲେ। ପରେ କଟାମୁଣ୍ଡ ଧରି ବାଣିଗୋଛା ଥାନାରେ ପହଞ୍ଚି ଆତ୍ମସମର୍ପଣ କରିଥିଲେ। ଥାନାରେ ହତ୍ୟାର କାରଣ କହିବା ସହ କଟାମୁଣ୍ଡ ଓ ହତ୍ୟାରେ ବ୍ୟବହୃତ କଟୁରିକୁ ହସ୍ତାନ୍ତର କରିଥିଲେ। ଏପରି କି ଅର୍ଜୁନ ପୋଲିସ ସହ ଘରେ ପହଞ୍ଚି କିପରି ଧରିତ୍ରୀଙ୍କୁ ହତ୍ୟା କଲେ ତା'ର ଡେମୋ ଦେଖାଇଥିଲେ। ହତ୍ୟା ଘଟଣା ସମ୍ପର୍କରେ ନୟାଗଡ଼ ଏସ୍‌ଡିପିଓ ସ୍ନେହାଶିଷ ସାହୁ କୁହନ୍ତି, ହତ୍ୟାର ପ୍ରକୃତ କାରଣକୁ ନେଇ ପୋଲିସ ତଦନ୍ତ କରୁଛି। ସ୍ତ୍ରୀର କଟାମୁଣ୍ଡ ଧରି ଅର୍ଜୁନ ଥାନାରେ ପହଞ୍ଚି ଥିଲେ। ପୋଲିସକୁ ହତ୍ୟାକାରୀ ସହଯୋଗ କରୁଛନ୍ତି ବୋଲି ସେ କହିଛନ୍ତି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି।




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ରାଜ୍ୟରେ କମୁଛି ...

ସେହିଭଳି ପ୍ରଜନନ ବୟସ ବର୍ଗର ମହିଳାଙ୍କ ସଂଖ୍ୟା ମଧ୍ୟ ଆହୁରି କମିବ ବୋଲି ଆଶା କରାଯାଉଛି। ୨୦୨୧ରେ ଏହି ବର୍ଗର ମହିଳାଙ୍କ ସଂଖ୍ୟା ୫୫% ଥିବାବେଳେ ୨୦୩୬ରେ ତାହା ୫୧% ରହିବ ବୋଲି ଆକଳନ କରାଯାଇଛି। ନ୍ୟାଶନାଲ ଫ୍ୟାମିଲି ହେଲ୍‌ଥ ସର୍ଭେ–୫(ଏନ୍‌ଏଫ୍‌ଏଚ୍‌ଏସ୍–୫) ରିପୋର୍ଟ ଅନୁସାରେ, ଓଡ଼ିଶାରେ ୫ବର୍ଷରୁ କମ୍ ବୟସର ୩୧% ଶିଶୁଙ୍କ ରୁଗ୍‌ଣ ବା ଦୁର୍ବଳ ସ୍ୱାସ୍ଥ୍ୟ ରହିଥିବାବେଳେ ୧୮.୧% ଶିଶୁ ମୃତ୍ୟୁବରଣ ହୋଇଛନ୍ତି। ଏପରି କି ୨୯.୭% ଶିଶୁଙ୍କର କମ୍ ଓଜନ ରହିଛି। ତେବେ ରକ୍ତହୀନତା ଏବଂ ଅପପୁଷ୍ଟି ଯୋଗୁ ବଲାଙ୍ଗୀର, ବୌଦ୍ଧ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ମୟୂରଭଞ୍ଜ, ରାୟଗଡ଼ା, ସମ୍ବଲପୁର ଏବଂ ସୁବର୍ଣ୍ଣପୁର ଆଦି ୧୦ଜିଲା ଏବେ ଓଡ଼ିଶାର ହଟ୍‌ସ୍ପଟ ଜିଲା। ତେଣୁ ଏସବୁ ଜିଲା ପ୍ରତି ତୁରନ୍ତ ପଦକ୍ଷେପ ନେବାକୁ ପଡ଼ିବ। ଓଡ଼ିଶାରେ ୬୪.୪% ପ୍ରଜନନ ବର୍ଗର ମହିଳାଙ୍କଠାରେ ରକ୍ତହୀନତା ଦେଖାଯାଇଥିବାବେଳେ ୬୧.୮% ଗର୍ଭବତୀଙ୍କ ଠାରେ ମଧ୍ୟ ଏହା ଦେଖାଯାଇଛି। ଏନ୍‌ଏଫ୍‌ଏଚ୍‌ଏସ୍–୫ ରିପୋର୍ଟ(୨୦୧୯–୨୧) ଅନୁସାରେ ଓଡ଼ିଶାରେ ପ୍ରଜନନ ବର୍ଗ(୧୫–୪୯ବୟସ)ର ଦୁଇ ତୃତୀୟାଂଶ ମହିଳାଙ୍କଠାରେ ରକ୍ତହୀନତା ଦେଖାଯାଇଥିଲା। ଆଦିବାସୀ ଅଞ୍ଚଳରେ ଏହା ୭୧.୭% ରହିଛି। ଖାଦ୍ୟରେ ଲୌହ ସାର ବା ଆଇରନ୍‌ର ଅଭାବ, କୃମି ସଂକ୍ରମଣ, ଗର୍ଭଧାରଣ ଏବଂ ମାସିକ ଋତୁସ୍ରାବ ସମୟରେ ଆଇରନ କମିବା ଆଦି ରକ୍ତହୀନତାର ପ୍ରାଥମିକ କାରଣ ବୋଲି ଜଣାପଡ଼ିଛି। ସେପଟେ ରାଜ୍ୟରେ ଶିଶୁ ମୃତ୍ୟୁ ହାର କମିବ ବୋଲି ଆଶା କରାଯାଉଛି। ୨୦୧୯–୨୧ରେ ଏହି ହାର ୩୪ ଥିବା ବେଳେ ୨୦୩୧–୩୫ରେ ତାହା ୨୦କୁ ଖସିଆସିବ ବୋଲି ଆକଳନ କରାଯାଇଛି।

### ଓଡ଼ିଶାରେ ୧୧,୯୪୦ ...

୨,୬୮,୦୩୮ ମାମଲା ବିଚାର ପାଇଁ ଆସିଥିବାବେଳେ ସେଥିରୁ ମାତ୍ର ୮,୯୦୯ ମାମଲା ଫଇସଲା ହୋଇଛି। ଫାଷ୍ଟ–ଟ୍ରାକ୍ କୋର୍ଟଗୁଡ଼ିକ ୨୦୨୬ ପର୍ଯ୍ୟନ୍ତ ଜାରି ରହିବା ଲାଗି କେନ୍ଦ୍ର ନିକଟରେ ୧,୯୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଅଧ୍ୟୟନରୁ ଜଣାପଡ଼ିଛି ଯେ, ଦେଶର ପ୍ରତି ଏଫ୍‌ଟିଏସ୍‌ସିରେ ବର୍ଷକୁ ହାରାହାରି ୨୮ଟି ମାମଲା ଫଇସଲା ହେଉଛି। ଅର୍ଥାତ୍ ଗୋଟିଏ ମାମଲାରେ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିବାରେ ପ୍ରାୟ ୯ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ, ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଏବଂ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ତଥ୍ୟ ଆଧାରରେ ଉକ୍ତ ରିପୋର୍ଟ ପ୍ରସ୍ତୁତ ହୋଇଛି। ସୁପ୍ରିମକୋର୍ଟଙ୍କ ଏକ ରାୟ ଅନୁଯାୟୀ ବାଲ୍ୟ ବିବାହ ବଳାତ୍କାର ସହ ସମାନ। ୨୦୧୧ ଜନଗଣନା ରିପୋର୍ଟ ଅନୁଯାୟୀ ଦେଶରେ ଦିନକୁ ୪,୪୪୨ ନାବାଳିକାଙ୍କୁ ବାହା କରାଇ ଦିଆଯାଉଛି, ଅର୍ଥାତ ପ୍ରତି ମିନିଟ୍‌ରେ ୩ ନାବାଳିକା ବିବାହ କରୁଛନ୍ତି। ମାତ୍ର ୩% ମାମଲା ଫଇସଲା ହେଲେ ପ୍ରତି ପିଲାଙ୍କୁ ନ୍ୟାୟ ଦେବା ଲାଗି ଆଇନର ଉଦ୍ଦେଶ୍ୟ ସାଧିତ ହୋଇପାରିବ ନାହିଁ ବୋଲି ଆଇସିପିଏଫ୍ ପ୍ରତିଷ୍ଠାତା ଭୁବନ ରିଭୁ କହିଛନ୍ତି।

### କାଶ୍ୱି ଗୌତମ ...

ନେବାର ରେକର୍ଡ କରିଥିଲେ କାଶ୍ୱି। ସେହିପରି ନିକଟରେ ଶେଷ ହୋଇଥିବା ଜାତୀୟ ମହିଳା ଟି୨୦ ଚାମ୍ପିୟନଶିପ୍‌ରେ ସେ ୭ ମ୍ୟାଚରୁ ୧୨ ଉଇକେଟ ନେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତାଙ୍କର ଇକୋନୋମୀ ୪.୧୪ ରହିଥିବା ବେଳେ ହଂକଂରେ ଅନୁଷ୍ଠିତ ୨୩ ବର୍ଷରୁ କମ୍ ଇମର୍ଜିଂ ଏସିଆ କପ୍ ପାଇଁ ଭାରତୀୟ ଦଳରେ ସ୍ଥାନ ମିଳିଥିଲା। ଏପରିକି ଇଂଲଣ୍ଡ ବିପକ୍ଷରେ ଖେଳା ଯାଇଥିବା ୩ ମ୍ୟାଚ ବିଶିଷ୍ଟ ସିରିଜରେ ସେ ଭାରତ 'ଏ' ଦଳରେ ସ୍ଥାନ ପାଇଥିଲେ। ଏହି ସିରିଜରେ କାଶ୍ୱି ୨ ମ୍ୟାଚ୍ ଖେଳି ୩ଟି ଉଇକେଟ ନେଇଥିଲେ। ଶନିବାର ନିଲାମୀରେ କାଶ୍ୱିଙ୍କୁ କିଣିବା ପାଇଁ ଗୁଜରାଟ, ୟୁପି ୱାରିୟର୍ଜ ଓ ଆରସିବି ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଲାଗିଥିଲା। କାଶ୍ୱିଙ୍କ ମୂଲ୍ୟ ୭୫ ଲକ୍ଷରେ ପହଞ୍ଚିବା ପରେ ୟୁପି ବିଡ୍‌ରେ ସାମିଲ ହୋଇଥିଲା। ତେବେ ୨ କୋଟି ପହଞ୍ଚିବା ପରେ ୟୁପି ଓହରି ଯାଇଥିଲା। ୧୪ ବର୍ଷରୁ କ୍ରିକେଟ ଖେଳିବା ଆରମ୍ଭ କରିଥିବା କାଶ୍ୱି ୨୦୨୦ରେ ଅରୁଣାଚଳ ପ୍ରଦେଶ ବିପକ୍ଷରେ ଗୋଟିଏ ଇନିଂସରେ ସମସ୍ତ ୧୦ ଉଇକେଟ ନେଇଥିଲେ। ନିଲାମୀରେ କାଶ୍ୱିଙ୍କ ବ୍ୟତୀତ ଆଉ ଜଣେ ଅନକ୍ୟାପ୍‌ଡ ଖେଳାଳି ବ୍ରିନ୍ଦା ଦୀନେଶ ୧.୩ କୋଟି ଟଙ୍କାରେ ୟୁପି ୱାରିୟର୍ଜକୁ ବିକ୍ରି ହୋଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜିର କାମଗୁଡ଼ିକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। ଅଶ୍ୱିନୀ ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ, କିନ୍ତୁ ସମ୍ପୂର୍ଣ୍ଣ ନୁହେଁ। ଜଳ, ତୈଳ, ବିଦ୍ୟୁତ୍ ବ୍ୟବସାୟରୁ ଲାଭବାନ ହେବେ। ରାଜନୀତିରେ କୂଟନୀତି ପ୍ରୟୋଗ କରି କାର୍ଯ୍ୟ ସାଧନ କରିବେ। ବିଳାସ ବ୍ୟସନ ମଧ୍ୟରେ ସମୟ ଅତିବାହିତ ହେବାର ସୂଚନା ରହିଛି।

**ବୃଷ** – ନିଜର ସମ୍ପର୍କୀୟମାନଙ୍କ ସହଯୋଗରୁ ଉପକୃତ ହେବେ। କୃତ୍ତିକା ନକ୍ଷତ୍ର ପାଖପଡ଼ୋଶୀଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ। ବନ୍ଧୁଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ବଦାନ୍ୟତାରୁ କାମ ହୋଇଯିବ।

**ମିଥୁନ** – ପ୍ରତ୍ୟେକ କ୍ଷେତ୍ରରେ ସତର୍କରେ ଚଳନ୍ତୁ ନହୁବା ଝାମେଲା ବଢି ଯାଇପାରେ। ପରିବାରର ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ, ଯାହାକି ଦୁଶ୍ଚିନ୍ତାର କାରଣ ହେବ। ମୃଗଶିରା ନକ୍ଷତ୍ର ବ୍ୟବସାୟରେ ସଫଳତା ହାସଲ କରିପାରିବେ। ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ।

**କର୍କଟ** – କର୍ମକ୍ଷେତ୍ରରେ ସହକର୍ମୀ ହଇରାଣରେ ପକାଇବାକୁ ଚେଷ୍ଟା କରିବେ। ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିପାରେ। ଘର କଥାନେଇ ସ୍ତ୍ରୀଙ୍କ ସହ ଆଲୋଚନା କଲେ ଆଶଙ୍କା ଅପରାହ୍ନେ ଦୂର ହୋଇଯିବ। ପୁଷ୍ୟା ନକ୍ଷତ୍ର ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ।

**ସିଂହ** – ବନ୍ଧୁଙ୍କ ପରାମର୍ଶରେ ଇଚ୍ଛା ନ ଥିଲେ ମଧ୍ୟ ଭ୍ରମଣରେ ଯିବା ପାଇଁ ବାଧ୍ୟ ହୋଇପାରନ୍ତି। ଅଶାନ୍ତ ମନ ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ପରେ ଶାନ୍ତ ହେବ। ମଘା ନକ୍ଷତ୍ର ସ୍ୱାଧୀନ ଭାବରେ କାର୍ଯ୍ୟ କରିବାରେ ସୁଯୋଗ ପାଇବେ। ଆତ୍ମବଳ ଅଭାବରୁ ଧୀରେ ସୁସ୍ଥେ କାମ କରିବାକୁ ପଡ଼ିବ।

**କନ୍ୟା** – କଠିନ ଶ୍ରମ ସାଙ୍ଗକୁ ଅନିଦ୍ରାହେତୁକ ସ୍ୱାସ୍ଥ୍ୟରେ ସମାନ୍ୟ ବ୍ୟତିକ୍ରମ ଦେଖାଦେବ। ଯାତ୍ରା ସମୟରେ ଅପରିଚିତ ଲୋକଟି ନିକଟରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ଆକସ୍ମିକ ଭାବରେ ଇଚ୍ଛା କରୁଥିବା ଜିନିଷଟି ପାଇ ଖୁସି ହେବେ। ହସ୍ତା ନକ୍ଷତ୍ର ସକାଶେ ବ୍ୟବସାୟିକ ସ୍ଥିତି ପ୍ରାୟତଃ ଭଲ ରହିବ।

**ତୁଳା** – ପିଲାର ସ୍ୱାସ୍ଥ୍ୟ ବାରମ୍ବାର ଖରାପ ହେଉଥିବାରୁ ମନ ଭଲ ରହିବ ନାହିଁ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ସ୍ୱାତୀ ନକ୍ଷତ୍ର ମାତ୍ରାଧିକ ଭ୍ରମଣ ଯୋଗୁ ଆଳସ୍ୟ ଅନୁଭବ କରିବେ। ସମସ୍ୟାର ସମାଧାନ ହୋଇଯିବ ଏବଂ ବ୍ୟବସାୟରେ ବିଶେଷ ଉନ୍ନତି ପରିଲକ୍ଷିତ ହେବ।

**ବିଛା** – କର୍ମକ୍ଷେତ୍ରରେ ସମସ୍ୟା ସମାଧାନ କରିବାରେ ସଫଳତା ହାସଲ କରିବେ। ଅନୁରାଧା ନକ୍ଷତ୍ର କଳା, ସାହିତ୍ୟ ଓ ରାଜନୀତି କ୍ଷେତ୍ରରେ ବେଶ୍ ଆଦୃତ ହେବେ। ସାଙ୍ଗଠନିକ କାର୍ଯ୍ୟରେ, ସଭା ସମିତିରେ, ନେତୃତ୍ୱ ନେଲେ ପ୍ରଶଂସିତ ହେବେ। ପରିସ୍ଥିତିରେ ପଡ଼ି ବହୁତ ଟଙ୍କା ଖର୍ଚ୍ଚକରି ଦୁଃଖିତ ହୋଇପାରନ୍ତି।

**ଧନୁ** – ଏକ ଭିନ୍ନ ପରିସ୍ଥିତିରେ ଭଙ୍ଗା ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପ୍ରତିଯୋଗିତାରେ ସଫଳତା ହାସଲ କରିବା ସହ ଶିଳ୍ପ,ବାଣିଜ୍ୟରେ ଉନ୍ନତି କରିବେ। ପାରିବାରିକ ସମସ୍ୟାର ସରଳ ସମାଧାନ କରିବାରେ ବନ୍ଧୁଙ୍କ ଅବଦାନ ରହିବ। ପୂର୍ବାଷାଢ଼ା ନକ୍ଷତ୍ର ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି।

**ମକର** – ଅଟକି ରହିଥିବା କାମଗୁଡ଼ିକ ବନ୍ଧୁ ସୁବିଧାରେ କରାଇ ଦେଇପାରନ୍ତି। ଉତ୍ତରାଷାଢ଼ା ନକ୍ଷତ୍ରର ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବା ସହିତ ସହଜରେ କାମ ହାସଲ କରିବେ।

**କୁମ୍ଭ** – ବନ୍ଧୁମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବେ। ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଶତଭିଷା ନକ୍ଷତ୍ର ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ।

**ମୀନ** – ଉତ୍ତରଭାଦ୍ରବ ନକ୍ଷତ୍ରର ପାରିବାରିକ ପ୍ରତିରୋଧ ହେତୁ କାମଗୁଡ଼ିକ ଅଟକିଯିବ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବାରୁ ସାମୟିକ ମନ ଖୁସି ରହିବ। ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। ଆକସ୍ମିକ ଭାବରେ ଗସ୍ତ କାର୍ଯ୍ୟକ୍ରମ ବଦଳି ଯାଇପାରେ।

ମାର୍ଗଶିର କୃଷ୍ଣ ତ୍ରୟୋଦଶୀ ରବିବାର, ଡିସେମ୍ବର ୧୦ ତାରିଖ, ବିଶ୍ୱ ମାନବାଧିକାର ଦିବସ, ରାଶି ନକ୍ଷତ୍ର–ସ୍ୱାତୀ/ତୁଳା, ଦିବା ଘ.୧୧।୪୮ ଗତେ ବିଶାଖା ନକ୍ଷତ୍ର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୫୭ ଗତେ ଘ.୦୯।୦୭ ମଧ୍ୟେ, ଘ.୦୧।୦୦ ଗତେ ଘ.୦୨।୫୪ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୩।୪୩ ଗତେ ଘ.୦୫।୦୪ ମଧ୍ୟେ ରାହୁକାଳ।

# ବିଜୁବାବୁଙ୍କ ପ୍ରତିମୂର୍ତ୍ତିରୁ ଚଷମା କାଢ଼ିଲେ, କାନ୍ଧରେ ହାତ ପକାଇ ରିଲ୍ସ କଲେ

ରାଜନଗର,୯।୧୨ (ଭାସ୍କର ରାଉତରାୟ)

ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରୁ ଚଷମା କାଢିଲେ। ତାଙ୍କ କାନ୍ଧରେ ହାତ ରଖି ରିଲ୍ସ କଲେ। ଏହି ଭିଡିଓକୁ ସୋସିଆଲ ମିଡ଼ିଆ ଅପ୍‌ଲୋଡ୍ କରାଗଲା। ଯାହା ଏବେ ଗୋଟିଏ ମୋବାଇଲରୁ ଅନ୍ୟ ମୋବାଇଲକୁ ଘୂରି ବୁଲୁଛି। ସ୍ଥାନୀୟ ଏକ କଲେଜର ଜଣେ ଛାତ୍ରଙ୍କ ଏପରି କାରନାମାକୁ ନେଇ ବିବାଦ ଆରମ୍ଭ ହୋଇଛି। ପୂଜ୍ୟପୂଜାଙ୍କ ପ୍ରତି ଏପରି ଅସମ୍ମାନକୁ ନେଇ ରାଜନଗରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ଉକ୍ତ ମହାବିଦ୍ୟାଳୟରେ ଶୃଙ୍ଖଳା କମିଟି ବୈଠକ ବସିଥିଲା। ନିଜର ଭୁଲ୍ ବୁଝିପାରି ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ନତମସ୍ତକ ହୋଇ ସମ୍ପୃକ୍ତ ଛାତ୍ର କ୍ଷମା ପ୍ରାର୍ଥନା କରିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲା ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ପ୍ରବାଦପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ରହିଛି। ଏହି କଲେଜର ଯୁକ୍ତ ୩ ଶେଷ ବର୍ଷର ଛାତ୍ର ଆଜାଦ୍ କୁମାର ଦାସଙ୍କୁ ଦିନେ ରିଲ୍ସ ନିଶା ଘାରିଥିଲା। ସେ ବିଜୁବାବୁଙ୍କ ମଣ୍ଡପ ଉପରେ ଚଢ଼ି ପ୍ରତିମୂର୍ତ୍ତିରୁ ଚଷମା କାଢିବା ସହିତ ତାଙ୍କ କାନ୍ଧରେ ହାତ ପକାଇ ରିଲ୍ସ କରିଥିଲେ। ସେହି ରିଲ୍ସକୁ ସେ ସୋସିଆଲ ମିଡ଼ିଆରେ ଛାଡି ଦେଇଥିଲେ। ଏହି ରିଲ୍ସ ସୋସିଆଲ ମିଡ଼ିଆରେ ଭାଇରାଲ ହେବାପରେ ସମଗ୍ର ରାଜନଗରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏ କଥା ଜାଣିବା ପରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅତୁଳ ବଳ ମହାବିଦ୍ୟାଳୟର ଶୃଙ୍ଖଳା କମିଟି ବୈଠକ ଡାକିଥିଲେ। ଶୃଙ୍ଖଳା କମିଟିର ବୈଠକରେ ସଦସ୍ୟ ଅଧ୍ୟାପକ ପ୍ରଣୟ କୁମାର ବେହେରା, ଅଭିମନ୍ୟୁ ରାଉତ, ପର୍ଶୁରାମ ନାଥ, ଅଧ୍ୟାପିକା ଅନୁସୂୟା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ରିଲ୍ସ କରିଥିବା ଛାତ୍ରଙ୍କ ପରିବାର ଲୋକେ ଓ ଆଜାଦ୍ ରିଲ୍ସ କରୁଥିବା ବେଳେ ତାକୁ ଭିଡିଓ କରିଥିବା ଯୁବକଙ୍କ ପରିବାର ଲୋକେ ମହାବିଦ୍ୟାଳୟରେ ପହଞ୍ଚି ଥିଲେ। ଶୃଙ୍ଖଳା କମିଟିର ନିଷ୍ପତ୍ତି ଅନୁଯାୟୀ ଉପରୋକ୍ତ ୨ ଯୁବକ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ନତମସ୍ତକ ହୋଇ କ୍ଷମା ପ୍ରାର୍ଥନା କରିବା ସହ ପୂଜ୍ୟପୂଜାଙ୍କୁ କେବେ ବି ଅସମ୍ମାନ କରିବେ ନାହିଁ ବୋଲି ଶୃଙ୍ଖଳା କମିଟିକୁ ଜଣାଇଛନ୍ତି।





ଭୁବନେଶ୍ୱର ବରମୁଣ୍ଡା ପଡ଼ିଆଠାରେ ଆୟୋଜିତ ୨ ଦିନିଆ ପ୍ରଥମ ଓଡ଼ିଶା କନକର୍ସ ଡି' ଏଲିଗାନ୍ସକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଆୟୋଜିତ ଭିଣ୍ଟେଜ୍ ଓ କ୍ଲାସିକ୍ କାର ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ବୁଲି ଦେଖୁଛନ୍ତି। ନିକଟରେ ଅଛନ୍ତି ୫-ଟି ଓ ଆମ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍, ବିଧାୟକ ସୁଶାନ୍ତ ରାଉତ ଏବଂ ଅନନ୍ତ ନାରାୟଣ ଜେନା। ଏହି ପ୍ରଦର୍ଶନୀରେ ଦେଶର ବିଭିନ୍ନ ରାଜ୍ୟର ୫୨ଟି କାର୍ ସ୍ଥାନ ପାଇଛି।

# ୨୧,୧୭୭ ମାମଲା ଫଇସଲା

**ରାଷ୍ଟ୍ରୀୟ ଲୋକ ଅଦାଲତ**

କଟକ,୯।୧୨ (କାର୍ତ୍ତିକ ସାହୁ)

ଜାତୀୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜାରି ଲୋକ ଅଦାଲତ ସୂଚୀ ଅନୁଯାୟୀ ରାଜ୍ୟର ବିଭିନ୍ନ ଜିଲାସ୍ତରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୧,୧୭୭ ମାମଲା ଫଏସଲା କରାଯାଇ ୧୭୪,୭୪,୫୯,୪୩୯ ଟଙ୍କା ଆଦାୟ ହୋଇଛି। ସେଥିମଧ୍ୟରେ ଜିଲାକୋର୍ଟ ସମେତ ତାଲୁକ ଓ ଖାଉଟି ଅଦାଲତଗୁଡ଼ିକରେ ବିଚାର ପାଇଁ ପଡ଼ି ରହିଥିବା ୧୪,୨୧୧ ମାମଲା ଓ ପ୍ରାକ୍ ମୋକଦ୍ଦମା ସ୍ତରୀୟ ୬,୯୬୬ ମାମଲା ରହିଛି। ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀଙ୍କ ମାର୍ଗଦର୍ଶନରେ ଲୋକ ଅଦାଲତ ପରିଚାଳିତ ହୋଇଥିଲା। ବିଭିନ୍ନ ଅଦାଲତରେ ବିଚାର ପାଇଁ ପଡ଼ି ରହିଥିବା ମାମଲାଗୁଡ଼ିକ ମଧ୍ୟରୁ ଫଏସଲା ହୋଇଥିବା ଫୌଜଦାରି ୩୧୯, ଏନ୍‌ଆଇ ଆକ୍ଟ ୧୧୯୫, ଅର୍ଥ ଆଦାୟ ୫୬୦, ମୋଟର ଯାନ ଦୁର୍ଘଟଣା ୯୮୫, ଶ୍ରମ ବିବାଦ ୭୨, ବିଦ୍ୟୁତ୍ ଓ ପାଣି ବିଲ୍ ବିବାଦ ୧୨, ବୈବାହିକ ୫୧୭, ଜମିଜମା ସଂକ୍ରାନ୍ତୀୟ ୯, ଖାଉଟି ବିବାଦ ୫୩, ଅନ୍ୟାନ୍ୟ ଦେୱାନୀ ବିବାଦ ୧୫୮୨, ଋଣ ଆଦାୟ ୯, ରାଜ୍ୟ ଏଜୁକେସନ ଟ୍ରିବ୍ୟୁନାଲ ୧୫ ଓ ଅନ୍ୟାନ୍ୟ ଫୌଜଦାରି ୮୮୮୩ ମାମଲା ରହିଛି।

ସୂଚନାଯୋଗ୍ୟ, ପ୍ରତି ତିନି ମାସରେ ରାଷ୍ଟ୍ରୀୟ ଲୋକ ଅଦାଲତ ରାଜ୍ୟର ଜିଲାକୋର୍ଟ ସମେତ ତାଲୁକ ଓ ଖାଉଟି ଅଦାଲତଗୁଡ଼ିକରେ ଦ୍ୱିତୀୟ ଶନିବାର ଅନୁଷ୍ଠିତ ହୋଇଆସୁଛି। ଏଥିରେ ମାମଲା ବା ବିବାଦଗୁଡ଼ିକର ସମାଧାନ ପାଇଁ କୌଣସି ଖର୍ଚ୍ଚ ଦେବାକୁ ପଡ଼େ ନାହିଁ। ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଓ ଅପୂଲକଯୋଗ୍ୟ। କୌଣସି ବିଚାରାଧୀନ ମୋକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୋଇ ନ ପାରିଲେ ଦୈଠ ହୋଇଥିବା କୋର୍ଟ ଫି' ଫେରସ୍ତ ହୋଇପାରିବ।

# ସୁକୁମାରେ ଆତ୍ମସମର୍ପଣ କଲେ ୨୦ ମାଓବାଦୀ

ମାଲକାନଗିରି, ୯।୧୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ସୁକୁମା ପୋଲିସ ମୁଖ୍ୟାଳୟରେ ୫ ମହିଳାଙ୍କ ସମେତ ୨୦ ମାଓବାଦୀ ଶନିବାର ଆତ୍ମ ସମର୍ପଣ କରିଛନ୍ତି। ସେମାନେ ହେଲେ ମିଲିସିଆ ଡେପୁଟି କମାଣ୍ଡର ଉଇକା ଲକ୍ଷ୍ମା, ଡିଏକେଏମ୍‌ଏସ୍ ସଦସ୍ୟ ବୁଧ ରାମ, ନରସିଂହ, ଟାଙ୍ଗରୁ କୁଞ୍ଜାମ, ମିଲିସିଆ ସଦସ୍ୟ ସୋଡି ରତି, ତେଲାମ, ଅର୍ଜୁନ, ମଡକମ ସୁରେଶ, ମିଲିସିଆ ସଦସ୍ୟ କୁଞ୍ଜାମ ନନ୍ଦା, ସୋଡି ସମର, କାକୋ ଚିଲକୋ, ସୋଡି ମାଙ୍ଗୋ, କଟ୍ଟା ଅର୍ଜୁନ, କଟ୍ଟା ସୋମେ, ସୋଡି ହଡମା, ମାଡବୀ ଲଖମୁ, ଜଗତରାମ, କେଏଏମ୍‌ଏସ୍ ଉପାଧ୍ୟକ୍ଷ ସୋଡି ଏଙ୍କି, ସିଏନ୍‌ଏନ୍‌ଏମ ସଦସ୍ୟ ଅଜୟ ତେଲାମ ଓ କଟ୍ଟା ଫୁଲେ। ଆତ୍ମ ସମର୍ପଣ ସମୟରେ ସୁକୁମା ଏସ୍‌ପି କିରଣ ଚହ୍ୱାନ, ଏଏସ୍‌ପି ସନ୍ଦିପ ମିତ୍ତଲ, ପ୍ରଭାତ କୁମାର, ପରମେଶ୍ୱର ତିଲକବାର, ଉତ୍ତମ ପ୍ରତାପ ସିଂହ ଓ ଉତ୍ତମ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ଆମ ଧର୍ମଗ୍ରନ୍ଥ ଓ ସଂସ୍କୃତି ନାରୀଶକ୍ତିର କାହାଣୀରେ ପୂର୍ଣ୍ଣ

ନୂଆଦିଲ୍ଲୀ,୯।୧୨

**ଉତ୍କଳିନୀର ବାର୍ଷିକ ଉତ୍ସବ**

ଉତ୍କଳିନୀର ୪୩ତମ ବାର୍ଷିକ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ନୂଆଦିଲ୍ଲୀର ସିଭିଲ୍ ସର୍ଭିସେସ ଅଫିସର୍ସ ଇନ୍‌ଷ୍ଟିଚ୍ୟୁଟ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂଆଦିଲ୍ଲୀସ୍ଥିତ ନ୍ୟାଶନାଲ ସ୍କୁଲ୍ ଅଫ୍ ଡ୍ରାମାର ନିର୍ଦ୍ଦେଶକ ଚିତ୍ତରଞ୍ଜନ ତ୍ରିପାଠୀ କହିଥିଲେ, ଆମ ଧର୍ମଗ୍ରନ୍ଥ ଓ ସଂସ୍କୃତି ନାରୀଶକ୍ତିର କାହାଣୀରେ ପରିପୂର୍ଣ୍ଣ। ଓଡ଼ିଶାର ଯୋଗିନୀ ମନ୍ଦିର ଓଡ଼ିଆ ସମାଜର ନାରୀ ସଶକ୍ତୀକରଣର ପ୍ରମାଣ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱରର ବିକାଶ ଫାଉଣ୍ଡେଶନ ଟ୍ରଷ୍ଟ ଅଧ୍ୟକ୍ଷ ଡ. ମୃଦୁଳା ଠାକୁର ପ୍ରଧାନ ଯୋଗଦେଇଥିଲେ। ଏହି ଅବସରରେ ନୋଇଡାର ଏନ୍‌ଜିଓ ସଂସ୍ଥା ଶ୍ରୀକୃପା ଦ୍ୱାରା ପରିଚାଳିତ ଅନାଥାଶ୍ରମ ବାଲ୍ କୁଟୀରକୁ ଉତ୍କଳିନୀ ତରଫରୁ ଡ. ପ୍ରଧାନ ୨୫,୦୦୦ ଟଙ୍କାର ପ୍ରତୀକାତ୍ମକ ଦାନ ଦେଇଥିଲେ। 'ଲାବଣ୍ୟବତିର ସ୍ୱପ୍ନ' ନାଟକର ରଚୟିତା ଅଭୟ କୁମାର ଦାସଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଦିଲ୍ଲୀ ଏନ୍‌ସିଆର୍‌ରେ ଓଡ଼ିଆ ମହିଳାମାନଙ୍କର ପରିଚୟ ସୃଷ୍ଟି କରିବାରେ ସହାୟତା କରୁଥିବା ଉତ୍କଳିନୀର ଭୂମିକା ସମ୍ପର୍କରେ ଏହାର ଅଧ୍ୟକ୍ଷ ଶ୍ରୀମତୀ ସୌଭାଗ୍ୟଲକ୍ଷ୍ମୀ ରଥ ସୂଚନା ଦେଇଥିଲେ। ଉତ୍କଳିନୀର ସମ୍ପାଦିକା ସୁଭ୍ରାଲିନା ମହାନ୍ତି ଧନ୍ୟବାଦ ଦେଇଥିଲେ।

ସମ୍ବଲପୁରୀ ବସ୍ତ୍ରାଳୟ
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ
ଓଡ଼ିଶା ସରକାର
ବଡଦିନ ଉପଲକ୍ଷେ
ସ୍ୱତନ୍ତ୍ର ରିହାତି
୧୦% + ୨୦%
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧି ମାନଙ୍କଠାରେରେ ଉପଲବ୍ଧ ଅଟେ
ଅବଧି
୦୭.୧୨.୨୦୨୩ ରୁ ୨୧.୧୨.୨୦୨୩ ପର୍ଯ୍ୟନ୍ତ
For online purchase visit :
www.sambalpuribastralaya.com

DSPL-
"ଅକ୍ଷର"
୫ମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ
୦୧ ରୁ ୧୦ ଡିସେମ୍ବର, ୨୦୨୩
ଅପରାହ୍ଣ ୨ ଟା ରୁ ରାତ୍ର ୯ ଟା
ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଭୁବନେଶ୍ୱର
ଶୁଭ ଉଦ୍‌ଯାପନ
୧୦ ଡିସେମ୍ବର, ୨୦୨୩ ସନ୍ଧ୍ୟା ୬ ଘଟିକା
ଶ୍ରୀଯୁକ୍ତ ରଘୁବର ଦାସ
ମହାମହିମ ରାଜ୍ୟପାଳ, ଓଡ଼ିଶା
ଆୟୋଜକ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର
ସହ-ଆୟୋଜକ
ରାଜଧାନୀ ପୁସ୍ତକ ମେଳା
ଏକାମ୍ର ପୁସ୍ତକ ମହୋତ୍ସବ କମିଟି
ଓଡ଼ିଶା ପୁସ୍ତକ ପ୍ରକାଶକ ଓ ବିକ୍ରେତା ସଂଘ
OIPR-03023/13/0004/2324

DSPL - 445
ଓଡ଼ିଶାରେ ମତ୍ସ୍ୟବିକାଶ ଓ ଆତ୍ମନିଯୁକ୍ତି ପାଇଁ କାର୍ଯ୍ୟକାରୀ ହେଉଥିବା ପ୍ରମୁଖ ଯୋଜନା

**ମତ୍ସ୍ୟ ପୋଖରୀ ଯୋଜନା:** ନୂତନ ପୋଖରୀ ଖନନ ଓ ମାଛଚାଷ ପାଇଁ ଆବଶ୍ୟକ ଆନୁସଙ୍ଗିକ ଖର୍ଚ୍ଚ ବାବଦରେ ହେକ୍ଟର ପ୍ରତି ୧୧,୦୦,୦୦୦ ଟଙ୍କାର ପ୍ରକଳ୍ପ ବ୍ୟୟ ବରାଦ କରାଯାଇଛି। ଏଥିରେ ସାଧାରଣ ବର୍ଗର ହିତାଧିକାରୀଙ୍କ ପାଇଁ ୪୦ ପ୍ରତିଶତ ଓ ମହିଳା ତଥା ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ୫୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।



**ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କ ଦ୍ୱାରା ପଞ୍ଚାୟତ ପୋଖରୀ ରେ ମାଛ ଚାଷ:** ଗ୍ରାମାଞ୍ଚଳରେ ବାସ କରୁଥିବା ମହିଳାମାନଙ୍କ ଆର୍ଥିକ ବିକାଶ ଓ ସଶକ୍ତିକରଣ ପାଇଁ ଗଠିତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ଗ୍ରାମପଞ୍ଚାୟତ ପୋଖରୀ ଦୀର୍ଘ ମିଆଦି ସୂତ୍ରରେ ଲିଜ ଦିଆଯାଇ ମାଛଚାଷ କରାଯାଉଛି। ଏଥିରେ ହେକ୍ଟର ପ୍ରତି ପ୍ରକଳ୍ପ ମୂଲ୍ୟ ୪,୦୦,୦୦୦ ଟଙ୍କା ରଖାଯାଇଛି। ପ୍ରକଳ୍ପମୂଲ୍ୟର ୬୦ ପ୍ରତିଶତ ଅର୍ଥାତ ସର୍ବାଧିକ ୨,୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ବ୍ୟବସ୍ଥା ରହିଛି।

**ଜଳକୃଷି ନିମନ୍ତେ ଆବଶ୍ୟକ ଯନ୍ତ୍ରପାତି ବହୁଳ ବ୍ୟବହାର:** ଜଳକୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ଓ ଉନ୍ନତ ପ୍ରଣାଳୀରେ ମାଛ ଚାଷ କରିବା ନିମନ୍ତେ ଆବଶ୍ୟକ ବାୟୁ ଚାଳନା ପମ୍ପ (Aerator ), ବାୟୁ ସଞ୍ଚାଳନ ଯନ୍ତ୍ର (Air Blower ), ଜୈବ ସୁରକ୍ଷା ଜାଲ, ମାଛଧରା ଜାଲ ଆଦି ସରଞ୍ଜାମ କିଣିବା ପାଇଁ ପ୍ରକଳ୍ପ ମୂଲ୍ୟର ୪୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।



**ବାୟୋଫ୍ଲକ ପଦ୍ଧତିରେ ମାଛଚାଷ:** କମ ଜାଗାରେ, କମ ଜଳରେ ଓ କମ ଖର୍ଚ୍ଚରେ ଅଧିକ ମାଛ ଉତ୍ପାଦନ ପାଇଁ ନୂତନ ଜ୍ଞାନକୌଶଳ ଯୁକ୍ତ ବାୟୋଫ୍ଲକ ପଦ୍ଧତିରେ ମାଛଚାଷ କରିବା ନିମନ୍ତେ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ଏଥିରେ ସାଧାରଣ ବର୍ଗର ହିତାଧିକାରୀଙ୍କ ପାଇଁ ୪୦ ପ୍ରତିଶତ ଓ ମହିଳା ତଥା ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ୬୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।



**ଖାରିଜଳରେ ମାଛ ଓ ଚିଙ୍ଗୁଡିଚାଷ ନିମନ୍ତେ ପ୍ରୋତ୍ସାହନ:** ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲାରେ ମାଛ ଓ ଚିଙ୍ଗୁଡି ଚାଷକୁ ଅଧିକ ବ୍ୟାପକ କରିବା ନିମନ୍ତେ ନୂତନ ପୋଖରୀ ଖନନ ଓ ଚାଷ ନିମନ୍ତେ ସରକାର ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। ଏଥିରେ ସାଧାରଣ ବର୍ଗର ହିତାଧିକାରୀଙ୍କ ପାଇଁ ୪୦ ପ୍ରତିଶତ ଓ ମହିଳା ତଥା ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ୬୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।



**ଡଙ୍ଗା, ଇଞ୍ଜିନ୍ ଓ ଜାଲ ନିମନ୍ତେ ସହାୟତା:** ସାମୁଦ୍ରିକ ମତ୍ସ୍ୟଉତ୍ପାଦନ ବୃଦ୍ଧି ଲକ୍ଷ୍ୟରେ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କୁ ନୂତନ ଡଙ୍ଗା, ଜାଲ ଓ ଇଞ୍ଜିନ ଯୋଗାଇ ଦିଆଯାଉଛି। ଏଥିରେ ପ୍ରକଳ୍ପ ମୂଲ୍ୟ ୧୦ ଲକ୍ଷ ଟଙ୍କା ଉପରେ ସାଧାରଣ ବର୍ଗର ହିତାଧିକାରୀଙ୍କ ପାଇଁ ୪୦ ପ୍ରତିଶତ ଓ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ୬୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।

**ମତ୍ସ୍ୟ ପରିବହନ ନିମନ୍ତେ ଶୀତଳିକରଣ ଯାନ:** ଖାଉଟିମାନଙ୍କୁ ସତେଜ ଓ ତଟକା ମାଛ ଯୋଗାଣ ଓ ମତ୍ସ୍ୟ ପରିବହନ ବେଳେ ମାଛକୁ ସତେଜ ରଖିବା ପାଇଁ ଇନସୁଲେଟେଡ ଟ୍ରକ, ମୋପେଡ ସହ ବରଫ ବାକ୍ସ, ଅଟୋ ସହ ବରଫ ବାକ୍ସ ଯୋଗାଇ ଦିଆଯାଉଛି। ଏଥିରେ ସାଧାରଣବର୍ଗର ହିତାଧିକାରୀଙ୍କ ପାଇଁ ୪୦ ପ୍ରତିଶତ ଓ ମହିଳା ତଥା ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ୬୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।

ଅଧିକ ବିବରଣୀ ନିମନ୍ତେ ବ୍ଲକରେ ଅବସ୍ଥାପିତ ସହକାରୀ ମତ୍ସ୍ୟ ଅଧିକାରୀ କିମ୍ବା ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ।

ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ
OIPR-06015/13/0025/2324

# ଆଖି ବୁଜିଦେଇଛୁ



ଆକାର ପଟେଲ

ଆମଠାରୁ କିଛି ଭିନ୍ନ କରିଥିବା ଏସିଆର ଦେଶଗୁଡ଼ିକ ତୁଳନାରେ ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡ଼ିକ ଅପେକ୍ଷାକୃତ ଗରିବ ବୋଲି ମୁଁ ଗତ ସପ୍ତାହରେ ଉଲ୍ଲେଖ କରିଥିଲି। ଆମର କ'ଣ ଭୁଲ୍ ରହିଛି କିମ୍ବା ଆମେ କ'ଣ ଭିନ୍ନ କରୁଛୁ ତାହା ଜାଣିବା ଦରକାର। ଆମ ତଥା ସେମାନଙ୍କ ବିଷୟରେ ଯାହା ବାସ୍ତବରେ ଭିନ୍ନ ତାହା ମଧ୍ୟ ଦେଖିବା ଦରକାର। ଏହାକୁ କେବଳ ଅର୍ଥନୈତିକ ବ୍ୟବସ୍ଥାର ରୂପ ବୋଲି ଦାୟୀ କରାଯାଇପାରିବ ନାହିଁ। ଆମେ କେନ୍ଦ୍ରୀୟ ଯୋଜନା ମାଧ୍ୟମରେ (୧୯୫୦ ଏବଂ ୧୯୬୦ ଦଶକରେ ଭାରତ), ଲାଇସେନ୍ସ ରାଜ (ଭାରତରେ ୧୯୮୦ ଦଶକ ପର୍ଯ୍ୟନ୍ତ), 'ଉଦାରୀକରଣ' (୧୯୬୦ ଦଶକରୁ ପାକିସ୍ତାନରେ ଓ ୧୯୯୧ରୁ ଭାରତରେ ଆରମ୍ଭ) ମାଧ୍ୟମରେ ଅର୍ଥନୀତି ପରିଚାଳନା କରିବାକୁ ଚେଷ୍ଟା କରିଛୁ। ଆମେ କିଛି ସଫଳତା ପାଇଛୁ ଏବଂ କେତୋଟି ସେକ୍ଟର ସୃଷ୍ଟି କରିଛୁ; ଯେଉଁଥିରେ ଆଗୁଆ ରହିଛୁ (୨୫ ବର୍ଷରୁ ଊର୍ଦ୍ଧ୍ୱ ଧରି ସୂଚନା ପ୍ରଯୁକ୍ତିବିଦ୍ୟା ସେବାର ନେତୃତ୍ୱ ନେଇଥିବାବେଳେ ବାଂଲାଦେଶ ଏବେ ପୋଷାକ କ୍ଷେତ୍ରରେ ଭିନ୍ନ କରିପାରିଛି)। ଆମେ ଆଣବିକ ଅସ୍ତ୍ର ବିକାଶ କରିଛୁ, ମିଲିଟାରିରେ ବିପୁଳ ଅର୍ଥ ବ୍ୟୟ କରିଛୁ। ପାକିସ୍ତାନର ସମସ୍ତ ସରକାରୀ ବ୍ୟୟର ୧୭% ଯାଏ ସେନାକୁ। କିନ୍ତୁ ଭାରତ ଓ ବାଂଲାଦେଶରେ ଏହା ୯%। ଆମେ ସବୁବେଳେ ଆମ ସାମର୍ଥ୍ୟକୁ ଉପେକ୍ଷା କରିବାକୁ ପ୍ରୟାସ କରିଛୁ। ଆମେ ପାଶ୍ଚାତ୍ୟ ମେଣ୍ଟରେ ଯୋଗଦେଇଛୁ(ପାକିସ୍ତାନ ୧୯୬୦ ଦଶକରେ ଯୋଗଦେଇଥିଲା), ଆମେ ଗୋଷ୍ଠୀ ନିରପେକ୍ଷ ରହିଛୁ (୧୯୫୦ ଦଶକରେ ଭାରତ) ଏବଂ ଆମେ ବିଭିନ୍ନ ବିଷୟରେ ବିପରୀତ କାର୍ଯ୍ୟ କରିବାକୁ ଚେଷ୍ଟା କରିଛୁ, ଯାହାର ଶେଷ ପରିଣାମ ପୂର୍ବ ସ୍ତମ୍ଭରେ ଆଲୋଚନା କରିଥିଲୁ। ବିଶ୍ୱରେ ହାରାହାରି ମୁଣ୍ଡପିଛା ମୋଟ ଘରୋଇ ଉତ୍ପାଦ ବା ଜିଡିପି ୧୨,୨୬୨ ଡଲାର। ଚାଇନା ଏହି ବୈଶ୍ୱିକ ହାରାହାରିଠାରୁ ସାମାନ୍ୟ ଆଗରେ ଥିବାବେଳେ ବାଂଲାଦେଶ, ଭାରତ ଓ ପାକିସ୍ତାନରେ ଏହାର ଏକ ପଞ୍ଚମାଂଶ ରହିଛି। ୧୯୬୦ରେ ମଧ୍ୟ ଆମେ ବୈଶ୍ୱିକ ହାରାହାରିଠାରୁ ୫ଗୁଣ କମ୍ ଥିଲୁ। ସେ ସମୟରେ ବୈଶ୍ୱିକ ହାରାହାରି ୪୫୯ ଡଲାର ଥିଲାବେଳେ ଭାରତର ଥିଲା ୮୨ ଡଲାର। ଉଲ୍ଲେଖନୀୟ ଯେ, ଏହା ହେଉଛି ବିଶ୍ୱର ୭୦୭ କୋଟି ଲୋକଙ୍କର ମୁଣ୍ଡପିଛା ଆୟ। ଏଥିରେ ଦକ୍ଷିଣ ଏସିଆର ଯୋଗଦାନ ୨୩%। ଅର୍ଥାତ୍ ଆମେ ବିଶ୍ୱ ଅର୍ଥ ବ୍ୟବସ୍ଥା ଏବଂ ଉତ୍ପାଦକତାର ପଛରେ ରହିଛୁ। ଆମେ ନିଶ୍ଚିତ ଭାବେ କିଛି ହରାଉଛୁ। ବାଂଲାଦେଶ, ଭାରତ ଓ ପାକିସ୍ତାନ ମଧ୍ୟରେ ଆନ୍ତଃ ଆଞ୍ଚଳିକ ବାଣିଜ୍ୟ ଆମର ମୋଟ ବାଣିଜ୍ୟର ୫% ବୋଲି ବିଶ୍ୱ ବ୍ୟାଙ୍କ ପ୍ରକାଶ କରିଛି। କିନ୍ତୁ ଦକ୍ଷିଣ ପୂର୍ବ ଏସିଆରେ ଏହା ୫ଗୁଣ ଅଧିକ। ଏଠାରେ ବାର୍ଷିକ ବାଣିଜ୍ୟ ୨୩ ବିଲିୟନ ଡଲାର ରହିଥିବାବେଳେ ବାସ୍ତବରେ ଏହା ୧୦୦ବିଲିୟନ ଡଲାରରୁ ଅଧିକ ହେବା ଉଚିତ।

କିନ୍ତୁ ଏହା ନ ହେବାର ଯେଉଁ ସମସ୍ୟା ରହିଛି ତାହା ମାନବକୃତ। ବିଶ୍ୱ ବ୍ୟାଙ୍କ ଅନୁଯାୟୀ, ସୀମା ସମସ୍ୟା ରହିଛି, ଅର୍ଥାତ୍ ଭାରତରେ ଗୋଟିଏ କମ୍ପାନୀ ପାଇଁ ପଡ଼ୋଶୀ ଦକ୍ଷିଣଏସୀୟ ଦେଶଗୁଡ଼ିକ ପରିବର୍ତ୍ତେ ବ୍ରାଜିଲ ସହିତ ବାଣିଜ୍ୟ କରିବା ପ୍ରାୟ ୨୦% ଶସ୍ତା ହେଉଛି। ତେବେ ମୁଖ୍ୟ ସମସ୍ୟା ହେଉଛି ସମ୍ପୂର୍ଣ୍ଣ ଉପମହାଦେଶରେ ବିଶ୍ୱାସର ଅଭାବ ରହିଛି। ଏହାସହ ପରସ୍ପର ମାନବୀୟ ସମ୍ପର୍କ ଏବଂ ବାଣିଜ୍ୟ ଦୃଷ୍ଟିରୁ ଦକ୍ଷିଣ ଏସିଆ ହେଉଛି ସର୍ବନିମ୍ନ ସମନ୍ୱିତ ଅଞ୍ଚଳ। ପାରମ୍ପରିକ ସମସ୍ୟାଗୁଡ଼ିକୁ ଏଡ଼ାଇ ଯାଇ ସମ୍ମିଳିତ ଭାବେ ପଦକ୍ଷେପ ନେଲେ ଭାଗୀଦାରି ବିଷୟଗୁଡ଼ିକର ସମାଧାନ ହୋଇପାରିବ, ଆଞ୍ଚଳିକ ବ୍ୟବସ୍ଥାକୁ ମଜଭୁତ କରାଯିବା ସହ ଭିତ୍ତିଭୂମି ଓ ଯୋଗାଯୋଗରେ ଉନ୍ନତି ଅଣାଯାଇପାରିବ। ଏହା ସହ ବାଣିଜ୍ୟ ନୀତିରେ ବିକାଶ ହେବ। ବିଶ୍ୱବ୍ୟାଙ୍କ ପ୍ରକାଶ କରିଛି ଯେ, ଦକ୍ଷିଣ ଏସିଆର ସମସ୍ତ ଦେଶକୁ ଅତ୍ୟଧିକ ଲାଭ ପହଞ୍ଚାଇବାରେ ଆଞ୍ଚଳିକ ସହଯୋଗର କ୍ଷମତା ରହିଛି, କାରଣ ଏଠାରେ ବାର୍ଷିକ ବାଣିଜ୍ୟର ପରିମାଣ ୪୪ ବିଲିୟନ ଡଲାର। ବିକଶିତ ଦେଶ ତୁଳନାରେ ଦକ୍ଷିଣ ଏସିଆରେ ସମୁଦ୍ରପଥ ପରିବହନର ଅତ୍ୟଧିକ ଖର୍ଚ୍ଚକୁ ୫୦% ହ୍ରାସ କରିବାକୁ ଆମ ପାଖରେ ସୁଯୋଗ ଅଛି। କିନ୍ତୁ ଯଦି ଆମେ ଶତ୍ରୁତା କମାଇବା ଏବଂ ଏବକାର ସ୍ଥିତିରେ ପରସ୍ପର ଅଧିକ ଖୋଲା ହୋଇପାରିବା ତେବେ ଏହା ହୋଇପାରିବ। କିନ୍ତୁ ଏ ବିଷୟରେ ଆମେ କେବେ ଚେଷ୍ଟା କରିନାହୁଁ। ଆମ ଭିତରେ ଖୋଲା ସମ୍ପର୍କ ରଖିନାହୁଁ କିମ୍ବା ୧୯୪୭ ପୂର୍ବରୁ ଆମର ଯେଉଁ ଅର୍ଥ ବ୍ୟବସ୍ଥା ଓ ଭୌଗୋଳିକ ସ୍ଥିତି ରହିଥିଲା ସେଠାକୁ ଫେରିନାହୁଁ। ରୁଚିର ଶର୍ମା ତାଙ୍କ ପୁସ୍ତକ 'ସଫଳ ଦେଶର ୧୦ଟି ନିୟମ'ରେ ଯାହା ଲେଖିଛନ୍ତି ତାହା ଆମକୁ ଆଶ୍ଚର୍ଯ୍ୟ କରିବ ନାହିଁ। ତାଙ୍କ ଅନୁଯାୟୀ, ଏହି ସମୟରେ ଦକ୍ଷିଣଏସିଆ ବାଡ଼ ଭିତରେ ରହିଯାଇଛି। ବିଚ୍ଛିନ୍ନତା, ଆଇନଶୃଙ୍ଖଳା ପରିସ୍ଥିତି ଏବଂ ଆଞ୍ଚଳିକ ଯୁଦ୍ଧ ଦ୍ୱାରା ଉତ୍ପନ୍ନ ତିକ୍ତତା ଭାରତ, ପାକିସ୍ତାନ, ବାଂଲାଦେଶ ଏବଂ ଶ୍ରୀଲଙ୍କା ପାଇଁ ସୀମା ଉନ୍ମୁକ୍ତ କରିବା କଷ୍ଟକର ହୋଇପଡ଼ିଛି ଏବଂ ଏମାନଙ୍କ ମଧ୍ୟରେ ଶତ୍ରୁତା ହ୍ରାସ କରିବା ଲାଗି ଏପର୍ଯ୍ୟନ୍ତ କୌଣସି ନେତା ଆଗକୁ ଆସିନାହାନ୍ତି।

ଭାରତରେ ୨୦୧୪ରେ ଜିଡିପିର ବାଣିଜ୍ୟ ୫୮% ଥିଲା। ଏବେ ଏହା ୪୪%। ପାକିସ୍ତାନରେ ଏହା ୩୦% ଥିଲାବେଳେ ବାଂଲାଦେଶରେ ଏହା ୨୮%। ଆମେ ପରସ୍ପର ମଧ୍ୟରେ ଖୋଲା ହୋଇପାରିବା ସମ୍ଭବ କି ? ଯଦି ହଁ, ତେବେ କେଉଁ ବାସ୍ତବ ଉପାୟରେ ଆମେ ଏହା କରିପାରିବା ? ଏବଂ ଯଦି ଏହା ହାସଲ ହୁଏ, ତେବେ ସମାଜ ଉପରେ ଏହାର ପ୍ରଭାବ କ'ଣ ରହିପାରେ ? ମୁଁ ଜାଣେ ନାହିଁ, ଏହା କରିବା ଦ୍ୱାରା ଆମେ ତାଇୱାନ, ଜାପାନ ଏବଂ ଦକ୍ଷିଣ କୋରିଆ ଯାହା କରିଥିଲେ ତାହାର ପୁନରାବୃତ୍ତି କରିପାରିବା। କିନ୍ତୁ ମୁଁ ଏତିକି ଜାଣେ ଯେ, ଏହା ଆମ ମଧ୍ୟରେ ଥିବା ପ୍ରତିବନ୍ଧକକୁ ହଟାଇ ଦେବ। ହେଲେ ଭାରତ, ପାକିସ୍ତାନ, ବାଂଲାଦେଶ ଗଣତାନ୍ତ୍ରିକ ରାଷ୍ଟ୍ର ହୋଇଥିଲେ ହେଁ ଏଯାବତ୍ ଏହା ଉପରେ ବ୍ୟାପକ ଆଲୋଚନା କରାଯାଇ ନାହିଁ। ଆମ ଅବସ୍ଥା ପ୍ରତି ଆମେ କିଭଳି ଆଖି ବୁଜିଦେଇଛୁ ତାହା ଏହା ସୂଚାଇ ଦିଏ। ଏକବିଂଶ ଶତାବ୍ଦୀର ଦ୍ୱିତୀୟ '୨୫ବର୍ଷ' (୨୦୨୫-୨୦୫୦) ମଧ୍ୟରେ ପ୍ରବେଶ କରିବାକୁ ଯାଉଥିବାବେଳେ ଦକ୍ଷିଣ ଏସିଆରେ ଆମ ରାଜନୈତିକ ଦଳଗୁଡ଼ିକ କେତେ ସନ୍ତୁଷ୍ଟ ଓ ସୁପ୍ତ ତାହା ମଧ୍ୟ ସୂଚିତ କରେ। ଏହାକୁ ପରିବର୍ତ୍ତନ କରିବା ଯଦିଓ ସହଜ, ତେବେ ଏଥିପାଇଁ ଏକ ପ୍ରୟାସ କରିବା ଆବଶ୍ୟକ।

Email:aakar.patel@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | 9 | | 1 | | 2 | | |
| | 7 | | | | 2 | 4 | 3 | |
| | | | | | | | | |
| 8 | | | | | 3 | | | 9 |
| | | | | 5 | 4 | | 1 | |
| 5 | | | | | | 3 | 4 | 6 |
| | | | | | 7 | | | 5 |
| | | | | | | 6 | 8 | |
| 4 | | | 9 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 5 | 1 | 9 | 7 | 4 | 6 | 2 |
| 1 | 9 | 2 | 8 | 6 | 4 | 7 | 3 | 5 |
| 4 | 6 | 7 | 3 | 2 | 5 | 8 | 1 | 9 |
| 8 | 2 | 3 | 6 | 4 | 9 | 1 | 5 | 7 |
| 9 | 7 | 4 | 5 | 3 | 1 | 6 | 2 | 8 |
| 6 | 5 | 1 | 2 | 7 | 8 | 3 | 9 | 4 |
| 7 | 3 | 6 | 4 | 5 | 2 | 9 | 8 | 1 |
| 5 | 1 | 9 | 7 | 8 | 6 | 2 | 4 | 3 |
| 2 | 4 | 8 | 9 | 1 | 3 | 5 | 7 | 6 |

ଗତକାଲିର ଉତ୍ତର

# ଏକ ଉଜ୍ଜ୍ୱଳ ସମ୍ଭାବନା



ଅଧ୍ୟାପକ ଗୋପବନ୍ଧୁ

ରାସଗୋବିନ୍ଦପୁର ବିମାନ ବନ୍ଦର ବା ଏୟାରଷ୍ଟ୍ରିପ ସମ୍ବନ୍ଧରେ ଖୁବ୍ କମ୍ ଲୋକ ଅବଗତ ଅଛନ୍ତି। ଓଡ଼ିଶା ବାହାରର ସାଧାରଣ ଲୋକମାନେ ଖୁବ୍ କମ୍ ସଂଖ୍ୟାରେ ଏହି ସ୍ଥାନ ବିଷୟରେ ଜାଣିଛନ୍ତି। ଏପରିକି ଓଡ଼ିଶାର ମଧ୍ୟ ଅନେକ ଲୋକ ଏହି ଐତିହାସିକ ସ୍ଥାନ ସମ୍ବନ୍ଧରେ ଅବଗତ ନୁହନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ନିର୍ମିତ ହୋଇଥିବା ଏହି ସାମରିକ ବିମାନ ବନ୍ଦର ଏବେ ପରିତ୍ୟକ୍ତ। ଏହାର ଅନ୍ତର୍ଗତ ଏୟାରଷ୍ଟ୍ରିପ ଏବେବି ଅକ୍ଷତ ଅବସ୍ଥାରେ ରହିଛି। କିଛି ଅଂଶକୁ ସଡ଼କ ପଥ ରୂପେ ବ୍ୟବହାର କରାଯାଉଛି। ଏକ ବିସ୍ତୀର୍ଣ୍ଣ ଅଞ୍ଚଳରେ ଏହା ନିର୍ମିତ ହୋଇଥିଲା। ଏହାର ବିଭିନ୍ନ ମାର୍ଗ ଏପରି ଭାବେ ଲମ୍ବିଛି ଯେ ଜଣେ ନବାଗତ ଏହା ମଧ୍ୟରେ ବାଟବଣା ହୋଇଯିବାର ସମ୍ଭାବନା ରହିଛି। ଅନେକ ଲୋକ ଏହା ମଧ୍ୟରେ ଦିଗ ନିର୍ଣ୍ଣୟ କରି ନ ପାରି ଘୂରିବାର ଅନୁଭୂତି ପ୍ରକାଶ କରିଛନ୍ତି। ମୁଁ ନିଜେ ବୁଥ ନିର୍ବାଚନ ପରିଚାଳନା କରିବା ପାଇଁ ରାତିରେ ଅନ୍ୟ ସାଥୀମାନଙ୍କ ସହିତ ଗାଡ଼ିରେ ଯିବା ସମୟରେ ଏପରି ପରିସ୍ଥିତିର ସମ୍ମୁଖୀନ ହୋଇଥିଲି। ଦୁଇଘେରା ଘୂରିଲା ପରେ ଜଣେ ସ୍ଥାନୀୟ ଲୋକର ଗାଡ଼ିକୁ ଅନୁସରଣ କରି ଝିଲାପି ଘେରାରୁ ବାହାରିଥିଲୁ।

ଏହା ରାସଗୋବିନ୍ଦପୁର ଏୟାରଷ୍ଟ୍ରିପ ବା ଅମର୍ଦା ରୋଡ ଏୟାରଷ୍ଟ୍ରିପ ଭାବେ ପରିଚିତ। ଏହା ମୁଖ୍ୟତଃ ପ୍ରତିରକ୍ଷା ପାଇଁ ଉଦ୍ଦିଷ୍ଟ ସୈନିକ ବିମାନ ବନ୍ଦର ଥିଲା। ସ୍ଥାନଟି ମୟୂରଭଞ୍ଜ ଜିଲା ଅନ୍ତର୍ଗତ ରାସଗୋବିନ୍ଦପୁର ବ୍ଲକରେ ପଡେ। ମୟୂରଭଞ୍ଜର ସଦରମହକୁମା ବାରିପଦାଠାରୁ ଦୂରତା ହେଉଛି ମାତ୍ର ୩୫ କି.ମି., ବାଲେଶ୍ୱରକୁ ଦୂରତା ହେଉଛି ୩୦ କି.ମି. ଓ ପଶ୍ଚିମବଙ୍ଗ ଦିଘାରୁ ଦୂରତା ହେଉଛି ୭୦ କି.ମି.। ପଶ୍ଚିମବଙ୍ଗର ଖଡଗପୁର ଓ ମେଦିନାପୁର ମଧ୍ୟ ଏଠାରୁ ବେଶିଦୂର ନୁହେଁ। ଦ୍ୱିତୀୟ ବିଶ୍ୱଯୁଦ୍ଧ (୧୯୩୯ ରୁ ୧୯୪୫) ସମୟରେ ୧୯୪୦ରେ ଏହା ନିର୍ମିତ ହୋଇଥିଲା ଛାମୁଆ ଯୁଦ୍ଧ ବିମାନ ବନ୍ଦର ରୂପେ ବ୍ୟବହାର ହେବା ପାଇଁ। ଐତିହାସିକ ଅନିଲ ଧୀରଙ୍କ ମତରେ ଯେତେବେଳେ ଜାପାନ ବର୍ମାକୁ ଅଧିକାର କରିନେଲା ସେ ସମୟରେ ଜାପାନୀ ସୈନିକମାନଙ୍କ ଉପରେ ଆକ୍ରମଣ କରିବା ପାଇଁ ଏହି ବିମାନ ବନ୍ଦର ତିଆରିର ଆବଶ୍ୟକତା ପଡ଼ିଥିଲା। ଏହା ବ୍ରିଟିଶ ଶାସନାଧୀନ ରୟାଲ ଇଣ୍ଡିଆନ ଏୟାର୍ ଫୋର୍ସ ଅଧୀନରେ ଥିଲା। ଏଠାରେ ଏସିଆର ବୃହତ୍ତମ ରନୱେ ରହିଛି, ଯାହାର ଲମ୍ବ ୩.୫ କି.ମି.ରୁ ଅଧିକ। ରନୱେ(ବିମାନ ଉତ୍ତୋଳନ ପାଇଁ ରାସ୍ତା), ଟ୍ୟାକ୍ସିୱେ(ବିମାନକୁ ନେବା ରାସ୍ତା), ଯୁଦ୍ଧାସ୍ତ୍ର ଓ ସାଧାରଣ ଯାତାୟାତ ରାସ୍ତାକୁ ମିଶାଇ ମୋଟ ୬୦ କି.ମି.ରୁ ଅଧିକ ରାସ୍ତା ଥିଲା।



ବିଶ୍ୱଯୁଦ୍ଧର ସମାପ୍ତ ପରେ ଏହି ବିମାନ ବନ୍ଦରଟିକୁ ପରିତ୍ୟକ୍ତ ଅବସ୍ଥାରେ ଛାଡି ଦିଆଯାଇଥିଲା। ଏହାର କାରଣ ଅନେକ ଥିଲା। ବିଶ୍ୱଯୁଦ୍ଧ ଶେଷ ହେବା ଓ ଜାପାନର ଆତ୍ମସମର୍ପଣ ପରେ ପୂର୍ବଦିଗରୁ ଆକ୍ରମଣର ସମ୍ଭାବନା ଆଉ ନ ଥିଲା। ବିଶ୍ୱଯୁଦ୍ଧର ସମାପ୍ତ ପରେ ଭାରତବର୍ଷର ସାଧୀନତା ପ୍ରାପ୍ତି କଥା ନିଶ୍ଚିତ ହୋଇଯାଇଥିଲା। ତେଣୁ ଇଂରେଜମାନେ ଏହି ବିମାନ ବନ୍ଦର ଉପରେ ଅଧିକ ଧ୍ୟାନ ଦେଇ ନ ଥିଲେ। ସାଧୀନତା ପରେ ଅଳ୍ପ ଦୂରରେ ପଶ୍ଚିମବଙ୍ଗର ସୀମାବର୍ତ୍ତୀ ଅଞ୍ଚଳରେ ଥିବା କୋଲେଇକୋଣ୍ଡାକୁ ସାମରିକ ବିମାନ ବନ୍ଦର ଭାବେ ବିକଶିତ କରାଯାଇଥିଲା। ବୋଧହୁଏ ସେ ସମୟରେ ରାସଗୋବିନ୍ଦପୁର ଏୟାରଷ୍ଟ୍ରିପକୁ ସାମରିକ ଗୁରୁତ୍ୱ ଦେବା ପାଇଁ ଓଡ଼ିଆ ଲବି ଦୁର୍ବଳ ପଡ଼ିଯାଇଥିଲା। ସାଧୀନତା ପରେ ଏହା ବେସାମରିକ ବିମାନ ବନ୍ଦର ଭାବେ ବ୍ୟବହୃତ ହେବା ପାଇଁ ଆର୍ଥିକ ଭାବେ ଅନୁପଯୋଗୀ ଥିଲା। ଏହାର ଚତୁର୍ଦ୍ଦିଗରେ ୫୦ କି.ମି. ବ୍ୟାପି ଅଞ୍ଚଳ ଉନ୍ନତ ନ ଥିଲା। ଲୋକମାନେ ଏରୋପ୍ଲେନ ଜରିଆରେ ଯିବା ଆସିବା କରିବା ସମ୍ଭବ ନ ଥିଲା। ନିକଟବର୍ତ୍ତୀ ଅଞ୍ଚଳରେ ଶିଳ୍ପାଞ୍ଚଳ, ବାଣିଜ୍ୟ କେନ୍ଦ୍ର, ବିକଶିତ ପର୍ଯ୍ୟଟନ ସ୍ଥଳ, ବୃହତ ବନ୍ଦର କିମ୍ବା ରେଳ ଜଙ୍କସନ ନଥିଲା ଯାହା ବେସାମରିକ ବିମାନ ବନ୍ଦର ପାଇଁ ଖୋରାକ ଯୋଗାଇ ଥାଆନ୍ତା। ଏବେ ଏହା ଭାରତୀୟ ସାମରିକ ବାହିନୀ ଅଧୀନରେ ଅଛି। ଚାନ୍ଦିପୁରରେ ଥିବା ଇଣ୍ଟିଗ୍ରେଟେଡ ଟେଷ୍ଟ ରେଞ୍ଜର ତତ୍ତ୍ୱାବଧାନରେ ଏହା ରହିଛି।

ବହୁବର୍ଷ ପରେ ଏବେ ପୁଣି ଏହି ବିମାନ ବନ୍ଦର ଚର୍ଚ୍ଚାକୁ ଆସିଛି। ଏହା ସାମରିକ ବିମାନଘାଟିର ମର୍ଯ୍ୟାଦା ସିନା ପାଇଲା ନାହିଁ, ହେଲେ ଏବେ ବେସାମରିକ ବିମାନ ବନ୍ଦରର ମର୍ଯ୍ୟାଦା ପାଇବାର ସମ୍ଭାବନା ସୃଷ୍ଟି ହୋଇଛି। ଦେଶରେ କାର୍ଯ୍ୟକାରୀ ହେଉଥିବା 'ଉଡାନ୍'(ଉଡେ ଦେଶ୍‌କା ଆମ ନାଗରିକ) ଯୋଜନା ଅନୁଯାୟୀ ଓଡ଼ିଶା ସରକାର କେନ୍ଦ୍ର ସରକାରଙ୍କ ସହଯୋଗରେ ଏହି ବିମାନ ବନ୍ଦରକୁ ବିକଶିତ କାରିବାର ଯୋଜନା କରିଛନ୍ତି। ଯୋଜନା ମୁତାବକ ସାମରିକ ମନ୍ତ୍ରଣାଳୟ ୧୬୦.୩ ଏକର ଜମିକୁ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରିବେ। ଜମିର ହସ୍ତାନ୍ତର ପ୍ରତିରକ୍ଷା ମନ୍ତ୍ରଣାଳୟର ଅଧିକାରୀ ଓ ରାଜ୍ୟ ସରକାରଙ୍କ ଅଧିକାରୀଙ୍କୁ ନେଇ ଗଠିତ ଏକ ବୋର୍ଡ ଜରିଆରେ ହେବ। ମୟୂରଭଞ୍ଜର ଜିଲାପାଳଙ୍କୁ ଏହା ହସ୍ତାନ୍ତରିତ ହେବ। ଏହା ପରେ ହିଁ ତ୍ୱରାନ୍ୱିତ କାର୍ଯ୍ୟ ଆରମ୍ଭ ହେବ।

ବର୍ତ୍ତମାନର ପରିପ୍ରେକ୍ଷୀରେ ଏହା ଆର୍ଥିକ ଭାବେ ଉପାଦେୟ ବିମାନ ବନ୍ଦର ହେବ ବୋଲି ଆକଳନ ହେଉଛି। ପୂର୍ବାପେକ୍ଷା ବାରିପଦା, ବାଲେଶ୍ୱର, ଦିଘା, ଖଡଗପୁର-ମେଦିନାପୁର ସହର ସମେତ ପାଖାପାଖି ଅନେକ ଛୋଟ ଛୋଟ ସହର ବିକଶିତ ହେବାରେ ଲାଗିଛି। ଏହି ସମଗ୍ର ଅଞ୍ଚଳରେ ଲୋକମାନଙ୍କ ଆର୍ଥିକ ଅବସ୍ଥାରେ ପରିବର୍ତ୍ତନ ଆସିଛି। ଅନେକ ଲୋକ ଦେଶର ବିଭିନ୍ନ ଅଞ୍ଚଳରେ ତଥା ଦେଶ ବାହାରେ ଚାକିରି ଓ ବ୍ୟବସାୟ-ବାଣିଜ୍ୟ କରୁଛନ୍ତି। ଏମାନଙ୍କ ଭିତରୁ ଅନେକେ ବିମାନ ଯୋଗେ ଯିବା ଆସିବା କରନ୍ତି। ଏଥି ପାଇଁ ଏମାନଙ୍କୁ ଭୁବନେଶ୍ୱର କିମ୍ବା କଲିକତା ବିମାନ ବନ୍ଦରକୁ ଯିବାକୁ ପଡ଼େ। ରାସଗୋବିନ୍ଦପୁରଠାରେ ବିମାନ ବନ୍ଦର ପ୍ରତିଷ୍ଠା ହେଲେ ଏମାନଙ୍କ ସହିତ ଆହୁରି ଅନେକେ ବିମାନ ଯାତ୍ରାକୁ ଆପଣେଇ ନେବେ। ଆଲୋଚିତ ସମଗ୍ର ଅଞ୍ଚଳରେ ପୂର୍ବାପେକ୍ଷା ବହୁଅଧିକ ପର୍ଯ୍ୟଟନର ବିକାଶ ଘଟିଛି। ଜାତୀୟ ଉଦ୍ୟାନ ଶିମିଳିପାଳ ସମଗ୍ର ଦେଶରେ ତଥା ଦେଶ ବାହାରେ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି। ଏହା ସହିତ ମୟୂରଭଞ୍ଜରେ ଅନେକ ଆକର୍ଷଣୀୟ ସ୍ଥାନ ରହିଛି। ଏଗୁଡ଼ିକର ବିକାଶ ହେଲେ ପର୍ଯ୍ୟଟକଙ୍କ ଭିଡ଼ ହେବ। ବାଲେଶ୍ୱର ଜିଲାରେ ଚାନ୍ଦିପୁର, ତାଳସାରି ପରି ଅନେକ ଆକର୍ଷଣୀୟ ବେଳାଭୂମି ରହିଛି। ପଶ୍ଚିମବଙ୍ଗର ଦିଘା ଏକ ମୁଖ୍ୟ ବେଳାଭୂମି ପର୍ଯ୍ୟଟନ କେନ୍ଦ୍ର। ଏହି ବିମାନବନ୍ଦର ସ୍ଥାପନ ହେଲେ ଏ ଅଞ୍ଚଳରେ ଶିଳ୍ପାୟନର ସମ୍ଭାବନା ତିଆରି ହେବ। ଆର୍ଥିକ ବିକାଶରେ ଏହା ସହାୟକ ହେବ।

କିନ୍ତୁ ଏବେ ମୁଖ୍ୟ ସମସ୍ୟା ହେଉଛି ରାଜନୈତିକ କନ୍ଦଳ। କେଉଁ ଦଳ ଓ କେଉଁ ନେତା ଏହାର ଶ୍ରେୟ ନେଇପାରିବ ତା' ଉପରେ ଛକାପଞ୍ଝା ଚାଲିଛି। ଏହାକୁ ନେଇ ହୋର୍ଡିଂ ଓ ବ୍ୟାନର ମଧ୍ୟ ମରାହୋଇଛି। ଜନସାଧାରଣ ଚାହାନ୍ତି ଯୋଜନା ଶୀଘ୍ର କାର୍ଯ୍ୟକାରୀ ହେଉ। ରାଜନୈତିକ ଝଗଡ଼ା ଯୋଗୁ ଜିଲାର ସ୍ୱାର୍ଥକୁ ଜଳାଞ୍ଜଳି ଦିଆ ନ ଯାଉ। ଏପରି ଏକ ଜନସ୍ୱାର୍ଥ ଓ ଗୌରବମୟ ବିଷୟକୁ ରାଜନୈତିକ ବିବାଦର ଊର୍ଦ୍ଧ୍ୱରେ ରଖାଯାଉ। ଜିଲାର ଏ ଐତିହ୍ୟ ତା'ର ନ୍ୟାଯ୍ୟ ଗୌରବ ପ୍ରାପ୍ତ ହେଉ।

ଦର୍ଶନ ବିଭାଗ (ଅବସରପ୍ରାପ୍ତ)
ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦

# ନାରୀ ଶିକ୍ଷା ଓ ଜନ୍ମ ନିୟନ୍ତ୍ରଣ



ଡ. ଜୟଦେବ ସାହୁ

ବିହାରର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ନାରୀମାନଙ୍କ ପ୍ରଜନନ କ୍ଷମତା କମିଯିବାର କାରଣ ବିଧାନସଭାରେ କହୁ କହୁ ଅଡୁଆ ପରିସ୍ଥିତିରେ ପଡିଲେ। ତାଙ୍କ ମତରେ ବିହାରରେ ପ୍ରଜନନ କ୍ଷମତା ୪.୨ ପ୍ରତିଶତରୁ ୨.୯ ପ୍ରତିଶତ ଖସିଆସିବାର କାରଣ ନାରୀଶିକ୍ଷାର ପ୍ରଗତି। ନାରୀ ଶିକ୍ଷିତ ହେଲେ ଜନ୍ମ ନିୟନ୍ତ୍ରଣ ହୋଇପାରିବ। ତେବେ ସେ ଯେଉଁ ଭାବରେ ଅବତାରଣା କଲେ ତାହା ନାରୀମାନଙ୍କ ପ୍ରତି ଅପମାନ ବୋଲି ହଇଚଇ ସୃଷ୍ଟି ହୋଇଛି। ତାଙ୍କ ମତରେ ଶିକ୍ଷିତା ନାରୀ ପୁରୁଷକୁ ସଚେତନ କରିବ ଏବଂ ଗର୍ଭବତୀ ହେବାରୁ ନିଜକୁ ରକ୍ଷା କରିପାରିବ। କିନ୍ତୁ ଏମିତି ଚିନ୍ତାଧାରା ପୁରୁଷତାନ୍ତ୍ରିକ ସମାଜରେ ହିଁ କଳ୍ପନା କରାଯାଇପାରେ। ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟକୁ ଭଲଭାବରେ ତର୍ଜମା କଲେ ଜଣାପଡ଼େ ଯେ ଜନ୍ମନିୟନ୍ତ୍ରଣ କେବଳ ନାରୀର କର୍ତ୍ତବ୍ୟ ଏବଂ ପୁରୁଷର ଏଥିରେ କୌଣସି ଭୂମିକା ନାହିଁ। ଜଣେ ମୁଖ୍ୟମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟ ହାସ୍ୟାସ୍ପଦ ଛଡା ଆଉ କ'ଣ ହୋଇପାରେ ? ଏହା ନାରୀମାନଙ୍କ ପ୍ରତି ଥିବା ପୁରୁଷର ମନୋଭାବକୁ ଇଙ୍ଗିତ କରେ। ବିହାରର ଉପମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କୁ ସୁରକ୍ଷା ଦେବାକୁ ଯାଇ ଜନ୍ମ ନିୟନ୍ତ୍ରଣ ପାଇଁ ବିଦ୍ୟାଳୟରେ ଯୌନଶିକ୍ଷାର ଗୁରୁତ୍ୱ ସମ୍ପର୍କରେ କହିଛନ୍ତି। ସେ ଯାହା ବି ହେଉ ତାଙ୍କ ବକ୍ତବ୍ୟ ଦୁଇଟି ମୁଖ୍ୟ ବିଷୟକୁ ସୂଚାଇ ଦିଏ। ବର୍ତ୍ତମାନ ସମୟରେ ନାରୀଶିକ୍ଷା ଓ ଜନ୍ମନିୟନ୍ତ୍ରଣର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସୃଷ୍ଟିର ଆରମ୍ଭରୁ ନାରୀ ପୁରୁଷତାନ୍ତ୍ରିକ ସମାଜରେ ଅବହେଳିତ ହୋଇଆସିଛି। ଘରେ ବା ସମାଜରେ କେବଳ ପୁରୁଷର ହିଁ ଆଧିପତ୍ୟ। ଘରର ସବୁ ପୁରୁଷ ଖାଇସାରିବା ପରେ ହିଁ ସେ ବଳିଥିବା ଖାଦ୍ୟଖାଇ ଆସୁଥିଲା। ଘରର କୌଣସି ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତରେ ସେ ଭାଗ ନେଇ ପାରୁ ନ ଥିଲା। ସାମାଜିକ, ଅର୍ଥନୈତିକ କିମ୍ବା ସାଥୀ ଚୟନ କୌଣସିଥିରେ ବି ତା'ର ଭୂମିକା ନ ଥିଲା। ଭାରତୀୟ ସଭ୍ୟତାରେ ଯଦିଓ ନାରୀଙ୍କୁ ଉଚ୍ଚ ଆସନ ଦିଆଯିବାର ବ୍ୟବସ୍ଥା ଥିଲା, ତାହା କେବଳ ପୋଥିରେ ହିଁ ସୀମିତ ଥିଲା। ବିଶ୍ୱର ଅନେକ ରାଷ୍ଟ୍ରରେ ନାରୀଶିକ୍ଷା ଉପରେ ରୋକ ଲଗାଯାଇଥିଲା। ଊନବିଂଶ ଶତାବ୍ଦୀର ଆରମ୍ଭରେ ନାରୀ ଜାଗରଣର ଆରମ୍ଭ ହେଲା। ୧୮୬୮ ମସିହାରେ ଲଣ୍ଡନ ବିଶ୍ୱବିଦ୍ୟାଳୟ ସର୍ବ ପ୍ରଥମେ ନାରୀଶିକ୍ଷାର ପ୍ରଗତି ପାଇଁ ଆଗେଇ ଆସିଥିଲା। ଭାରତରେ ମଧ୍ୟ ସାବିତ୍ରୀ ବାଈ ଫୁଲେ ଝିଅମାନଙ୍କ ଶିକ୍ଷା ପାଇଁ ସ୍କୁଲ ପ୍ରତିଷ୍ଠା କଲେ। ପ୍ରଗତି ହେତୁ ନାରୀ ନିଜର ଅଧିକାର ଓ ଦାୟିତ୍ୱ ସମ୍ପର୍କରେ ସଚେତନ ହେଲା। ପୁରୁଷ ଓ ନାରୀ ଭଗବାନ୍‌ଙ୍କ ଦୁଇ ସୁନ୍ଦର କୃତି। କେହି କାହାଠାରୁ ନ୍ୟୂନ ନୁହନ୍ତି ବୋଲି ମହାମନୀଷୀମାନେ ତାଙ୍କ ଲେଖନୀ ଦ୍ୱାରା ସୂଚାଇ ଦେଲେ। ନର୍‌ୱେର ନାଟ୍ୟକାର ହେନରିକ ଇବସେନ 'ଗୋଟିଏ ଖେଳନାର ଘର' ନାଟକରେ ନାୟିକା ନୋରା ଭଳି



ଚରିତ୍ର ମାଧ୍ୟମରେ ପୁରୁଷର ବୃଥା ଅହଂକାରକୁ ଚୂରମାର କରିଦେଲେ। ନୋରାକୁ କେବଳ ଏକ ଭୋଗ୍ୟବସ୍ତୁ ଓ ସନ୍ତାନ ଜନ୍ମ କରିବାର ଏକ ଯନ୍ତ୍ର ବୋଲି ବିବେଚନା କରୁଥିଲେ ପତି ଟୋରଭାଲଡ ହେଲମର। ପୁତ୍ର କନ୍ୟାକୁ ଯତ୍ନ ନେବାର ଅଧିକାର ନ ଥିଲା ସ୍ତ୍ରୀର। ଘରର ସବୁ ସିଦ୍ଧାନ୍ତ ନେଉଥିଲେ ହେଲମର। ଏପରିକି ତାଙ୍କ ସ୍ୱାମୀଙ୍କ ଜୀବନ ରକ୍ଷା କରିବା ପାଇଁ ଟଙ୍କା କରଜ କରିବାର ଅଧିକାର ନ ଥିଲା ତାଙ୍କର। ଶେଷରେ ଅତିଷ୍ଠ ହୋଇ ସେ ସ୍ୱାମୀ ଓ ଘର ପରିତ୍ୟାଗ କଲେ। ଏହି ନାଟକ ନାରୀବାଦ ପାଇଁ ପଥ ପରିଷ୍କାର କଲା। ଶିକ୍ଷିତା ନାରୀ ତା'ର ଅଧିକାର ପାଇଁ ଲଢିଲା। ପୂର୍ବରୁ ପରିବାର ହିଁ ନାରୀ କେତେ ସନ୍ତାନର ଜନନୀ ହେବ ତାହା ନିର୍ଦ୍ଧାରଣ କରୁଥିଲା। କନ୍ୟାସନ୍ତାନ ଜନ୍ମ ହେବାର ସମ୍ଭାବନା ଥିଲେ ତା'ର ଜନ୍ମ ହେବା ପୂର୍ବରୁ ହତ୍ୟା କରୁଥିଲେ। ଏଥିରେ ନାରୀ ଥିଲା ନାଚାର ସେ ଅନେକ ସନ୍ତାନର ଜନନୀ ହେବାକୁ ଇଚ୍ଛା ବିରୋଧରେ ବାଧ ହେଉଥିଲା।

ଏବେ ଯୁଗ ବଦଳିଛି। ନାରୀ ଶିକ୍ଷିତ ହୋଇଛି। କ'ଣ କଲେ ପରିବାର ନିୟୋଜନ ହୋଇପାରିବ ସେ ସଚେତନ। ଅଧିକ ସନ୍ତାନର ମା' ହେବା ପାଇଁ ପ୍ରତିରୋଧ କରୁଛି। ଶିକ୍ଷାରେ ନିମଗ୍ନ ହୋଇ ସେ ବିବାହ ବୟସକୁ ଘୁଞ୍ଚାଇ ପାରିଛି। ବିବାହ ଜୀବନର ସବୁ କିଛି ନୁହେଁ ବୋଲି ଅନୁଭବ କରିପାରିଛି ନାରୀ। ଏବେ ଶିକ୍ଷିତା ନାରୀ ୨୫ ବା ତା'ଠୁ ଅଧିକା ବର୍ଷରେ ବିବାହ କରୁଛନ୍ତି ଯାହା ଫଳରେ ପ୍ରଜନନ ସମୟ କମ୍ ହୋଇପାରୁଛି। ସେ ଅନୁଭବ କରୁଛି ଯେ ବଂଶ ରକ୍ଷା ପାଇଁ ଗୋଟିଏ ପୁଅ ବା ଝିଅ ହେଲେ ଚଳିବ। ଏପରିକି କିଛି ଶିକ୍ଷିତ ପୁରୁଷ ଓ ନାରୀ ସନ୍ତାନ ଜନ୍ମ ଦେବା ସପକ୍ଷରେ ନାହାନ୍ତି। ଆଜିକାଲି ବହୁ ମହିଳା ସ୍ୱାସ୍ଥ୍ୟ ସଚେତନ ହେବା ଦ୍ୱାରା ଜନ୍ମ ନିୟନ୍ତ୍ରଣକୁ ପ୍ରାଧାନ୍ୟ ଦେଉଛନ୍ତି। ଏକ ଆକଳନରୁ ଜଣାପଡେ ଯେ ଭାରତରେ ୧୯୭୦ ମସିହାରେ ୧୩%, ୧୯୯୭ରେ ୩୫% ଓ ୨୦୧୫ରେ ୫୮% ମହିଳା ଗର୍ଭ ନିରୋଧକ ବ୍ୟବହାର କରିଥିଲେ। ଏହା ଦ୍ୱାରା ଜନ୍ମ ହାର ନିୟନ୍ତ୍ରଣ ହେଉଥିବାର ଲକ୍ଷ୍ୟ କରାଯାଏ। ୧୯୬୬ରେ ଜଣେ ମହିଳା ହାରାହାରି ୫.୭ ସନ୍ତାନ ଜନ୍ମ ଦେଉଥିବା ବେଳେ ଏହା ଏବେ ୨.୩ ସନ୍ତାନକୁ ଖସି ଆସିବା ନିଶ୍ଚିତ ଭାବେ ଉତ୍ସାହଜନକ। ଏହା ନାରୀ ଶିକ୍ଷାର ଫଳ।

ଭାରତ ବର୍ଷର ଲୋକସଂଖ୍ୟା ବର୍ତ୍ତମାନ ୧୪୦ କୋଟିରୁ ଅଧିକ। ଯେଉଁ ମାତ୍ରାରେ ଜନସଂଖ୍ୟା ବଢିଚାଲିଛି, ଜନସଂଖ୍ୟାରେ ଭାରତ ବିଶ୍ୱର ଏକ ନମ୍ବର ରାଷ୍ଟ୍ର ହେବ। ଏବେଠୁ ଯଦି ଜନ୍ମ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନିଆ ନ ଯାଏ ତେବେ ଆଗକୁ ଭାରତ ପାଇଁ ଘୋର ସମସ୍ୟା ଦେଖାଦେବ। ଏଥିପାଇଁ ପୁରୁଷ ଓ ନାରୀ ଉଭୟଙ୍କର ବନ୍ଧ୍ୟାକରଣର ଆବଶ୍ୟକତା ରହିଛି। ଅନ୍ୟ ଏକ ଆକଳନରୁ ଜଣାପଡେ ଯେ ପ୍ରତି ୧୦ ଜଣ ପୁରୁଷରେ ଜଣେ ମାତ୍ର ଜନ୍ମ ନିୟନ୍ତ୍ରଣ କଥା ଚିନ୍ତା କରୁଥିବା ବେଳେ ୧୦ଜଣରୁ ୪ଜଣ ମହିଳା ଜନ୍ମ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନିଅନ୍ତି। ପ୍ରାୟ ୪୦ ପ୍ରତିଶତ ପୁରୁଷ ଭାବନ୍ତି ଯେ ଜନ୍ମ ନିୟନ୍ତ୍ରଣ ନାରୀର କାର୍ଯ୍ୟ। ଏଭଳି ଭାବନା ଆମ ସମାଜ ପାଇଁ ଅହିତକର। ପୁରୁଷ ନାରୀକୁ ଏ କ୍ଷେତ୍ରରେ ସହଯୋଗ କଲେ ଜନସଂଖ୍ୟାକୁ ନିୟନ୍ତ୍ରଣରେ ରଖାଯାଇ ପାରିବ।

କଳାହାଣ୍ଡି ବିଶ୍ୱବିଦ୍ୟାଳୟ, ଭବାନୀପାଟଣା
ମୋ-୭୯୭୮୯୯୦୦୧୬

## ଏଇ ଭାରତରେ

ଦିଅଁଙ୍କ ପାଇଁ ଫୁଲ ବ୍ୟବହାର ହେବା ପରେ ତାହାକୁ ନଦୀ, ନାଳ କିମ୍ବା ବାହାରେ ଫିଙ୍ଗି ଦିଆଯାଉଛି। ଏହା ମଧ୍ୟ ଜଳ ପ୍ରଦୂଷଣର କାରଣ ହେଉଛି। କିନ୍ତୁ ଏହି ସମସ୍ୟାର ସମାଧାନ ଲାଗି ଉତ୍ତରାଖଣ୍ଡ ନୈନିତାଲର ଡା. କିରଣ ତିୱାରୀ ଏକ ପରିବେଶ ଉପଯୋଗୀ ଉପାୟ ଆପଣାଇଛନ୍ତି। ନୈନିଦେବୀ ମନ୍ଦିର ବ୍ୟତୀତ ନିକଟସ୍ଥ ଗୁରୁଦ୍ୱାରରୁ ଫୁଲ ସଂଗ୍ରହ କରି ସେଥିରୁ ରଙ୍ଗ ପ୍ରସ୍ତୁତ କରୁଛନ୍ତି । ତାହାକୁ ବ୍ୟବହାର କରି କନାରେ ବିଭିନ୍ନ ଡିଜାଇନ କରୁଛନ୍ତି। ଏହି ଡିଜାଇନକୁ 'ଫୁଲେରି ଆର୍ଟସ ' କୁହାଯାଉଛି। ଏହି ରଙ୍ଗ ବ୍ୟବହାର କରି ଶାଢ଼ି, ଷ୍ଟୋଲ ଓ ରୁମାଲ ଆଦି ତିଆରି କରାଯାଉଛି। ଏହି କାର୍ଯ୍ୟରେ ୧୦ ଜଣ ମହିଳାଙ୍କୁ ନିଯୁକ୍ତି ଦେଇଛନ୍ତି। କେବଳ ଏତିକି ନୁହେଁ ଡା. କିରଣ ଓ ତାଙ୍କ ଟିମ୍ ମଧ୍ୟ ବର୍ଜ୍ୟ ଫୁଲରୁ ହୋଲି ପାଇଁ ପ୍ରାକୃତିକ ରଙ୍ଗ, କୁଙ୍କୁମ, ଧୂପ ଆଦି ପ୍ରସ୍ତୁତ କରୁଛନ୍ତି। ଏହି କାର୍ଯ୍ୟ ଡା. କିରଣଙ୍କ ଦ୍ୱାରା ପ୍ରତିଷ୍ଠିତ 'ଚେଲି ଆର୍ଟସ' ସଂସ୍ଥା ମାଧ୍ୟମରେ କରାଯାଉଛି। ଏହି ସଂସ୍ଥା ମଧ୍ୟ ପାହାଡ଼ି ଉତ୍ପାଦ ଓ କୁମାଁଉନୀ ସଂସ୍କୃତି ବିକାଶ କ୍ଷେତ୍ରରେ କାମ କରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

**୧୦ ଡିସେମ୍ବର ୧୯୭୪**

- ଜାପାନରେ ନୂତନ ପ୍ରଧାନମନ୍ତ୍ରୀ ଭାବେ ଶ୍ରୀ ଟାକିଓ ମିକିଙ୍କ ଦାୟିତ୍ୱ ଗ୍ରହଣ।
- ଗ୍ରୀସ୍ ଜନସାଧାରଣ ଗୃହୀତ ହୋଇଥିବା ଏକ ଦେଶବ୍ୟାପୀ ଗଣଭୋଟରେ ୧୪୪ ବର୍ଷ ବ୍ୟାପୀ ରାଜତନ୍ତ୍ରର ଉଚ୍ଛେଦ ଘଟାଇ ଏକ ସାଧାରଣତନ୍ତ୍ର ପ୍ରତିଷ୍ଠା କରିବା ସପକ୍ଷରେ ରାୟ ଦେବା ଫଳରେ ରାଜା କନ୍‌ଷ୍ଟାଣ୍ଟାଇନ୍ ଗାଦିଚ୍ୟୁତ।
- ବିଜୁ ପଟ୍ଟନାୟକଙ୍କ ପୁଅ ଶ୍ରୀ ପ୍ରେମ ପ୍ରକାଶ ପଟ୍ଟନାୟକଙ୍କ ବାସଭବନ ଖାନତଲାସ ଘଟଣାରେ ଦିଲ୍ଲୀ ପୋଲିସ ବିଭାଗର ଦୁଇଜଣ କର୍ମଚାରୀ ସସ୍‌ପେଣ୍ଡ।

# ପାଠକ ଶ୍ରେଷ୍ଠ ବିଚାରକ

## ନେତାମାନଙ୍କ ଟଙ୍କା ବଣ୍ଟା ପର୍ବ ଆସିଗଲା

ମହାଶୟ,

ଏତେ ସରି ହେଲେ ମଧ୍ୟ ଲୋକମାନଙ୍କର ଟଙ୍କା ନେଇ ଭୋଟ ଦେବା ମାନସିକତା ବଢ଼ି ବଢ଼ି ଚାଲିଛି ପଛେ କମିବାର ନାଁ ନାହିଁ। ଲୋକମାନଙ୍କୁ ଭୂତେଇ ଭୋଟ ନେଇ ସର୍ବସ୍ୱ ଲୁଣ୍ଠନ କରି ମାଲାମାଲ ହେଉଥିବା ନେତାଙ୍କ କଥା କ'ଣ ଲୋକେ ଜାଣିପାରୁନାହାନ୍ତି। ଗଣତନ୍ତ୍ର ଶାସନ କେବଳ ତାଙ୍କରି ପାଇଁ, ସବୁ ସୁବିଧା ପାଇବେ ନେତାମାନେ। ଲୋକେ ଟିକେ କହିବାର ଅଧିକାର ପାଇବେ ନାହିଁ। ସତ କହିଲେ ଇଡି ସିବିଆଇ ଭୟ। ଏହି ହଜାରେ ଦୁଇ ହଜାର ଟଙ୍କାରେ କ'ଣ ପାଞ୍ଚବର୍ଷ ଚଳିଯିବା ? ସେମାନେ କିନ୍ତୁ ଆମକୁ ହଜାର ଦୁଇ ହଜାର ଟଙ୍କା ଦେଇ ଭୋଟ ନେଲା ପରେ ଦୀର୍ଘ ପାଞ୍ଚବର୍ଷ ପାଇଁ ଡକାୟତି କରିଚାଲିଛନ୍ତି। ଏହା କ'ଣ ଆମେଜାଣି ପାରୁନାହାନ୍ତି ? ଗଣତନ୍ତ୍ର ଶାସନ ଲୋପ ପାଇସାରିଲାଣି। ଟଙ୍କାକୁ ପ୍ରତ୍ୟାଖ୍ୟାନ କରି ନିଜର ମୂଲ୍ୟବାନ୍ ମତଦାନକୁ ସାବ୍ୟସ୍ତ କରନ୍ତୁ।

**– ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଜାପାନ, ଚାଏନା, ବ୍ରହ୍ମ, ଭାରତ, ପାରସ୍ୟ ଆଫଗାନ,
ଆରବ, ତୁର୍କି, ଆଫ୍ରିକା, ରୁଷିଆ, ୟୁରୋପ,
ଅଷ୍ଟ୍ରେଲିଆ, ଆମେରିକା ମହାଦେଶେ ଉଡ଼ଇ ନିଶାଣ
କୁମେରୁ ସୁମେରୁ ବେଢ଼ି ଉଠେ ଭୂମିକମ୍ପ।
(ଶତାବ୍ଦୀ-ସୈନିକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ସିହିନି ୫-ଟି ହାଇସ୍କୁଲର ବାର୍ଷିକ କ୍ରୀଡ଼ା

ଟିଟିଲାଗଡ଼, ୯।୧୨ (ଶରତ ମିଶ୍ର)

ଟିଟିଲାଗଡ ବ୍ଲକ ସିହିନି ୫-ଟି ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ନାରାୟଣ ବରଗଡ଼ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କ୍ରୀଡା ଉତ୍ସବରେ କ୍ରୀଡାବିତ ଧବଳେଶ୍ୱର ଦଳବେହେରା ମୁଖ୍ୟଅତିଥି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନେପାଳ ଚନ୍ଦନ, କୁଶକେଲା ବିଦ୍ୟାଳୟର ଖେଳ ଶିକ୍ଷକ ଦିଲୀପ ତ୍ରିପାଠୀ, ନାରେନ ବିଦ୍ୟାଳୟର ପ୍ରୀତମ ନାୟକ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡାରେ ଚାମ୍ପିୟନ ଭାବେ ବାଳକ ବିଭାଗରେ ନିତେଶ ଚନ୍ଦନ, ବାଳିକା ବିଭାଗରେ ଆରତି ମାଝି ପୁରସ୍କୃତ ହୋଇଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ଘନଶ୍ୟାମ ପ୍ରଧାନ, ଲକ୍ଷ୍ମଣ ସୋରେନ, ରମେଶ ମଣ୍ଡଳ, ସୋଭାଗିନୀ ମିଶ୍ର କାର୍ଯ୍ୟକ୍ରମ ଆୟୋଜନରେ ସହାୟତା କରିଥିଲେ।

### ରାଷ୍ଟ୍ରୀୟ ଲୋକ ଅଦାଲତ, ୧୪୬ ମାମଲାର ଫଇସଲା

ଟିଟିଲାଗଡ଼, ୯।୧୨ (ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଅଦାଲତ ପରିସରରେ ୪ର୍ଥ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଋଣ ଅସୁଲି ମାମଲା, ସରକାରୀ ଖଜଣା, ଆପରାଧିକ ମାମଲା, ଗାଡି ଦୁର୍ଘଟଣା, ବୈବାହିକ ବିବାଦ ଆଦି ୭୮୪ଟି ମାମଲା ବିଚାରକୁ ଆସିଥିଲା। ସେ ମଧ୍ୟରୁ ୧୪୬ଟି ମାମଲା ନେଇ ବିଚାରପତି ରାୟ ପ୍ରକାଶ ପାଇ ୩ କୋଟି ୪୩ ଲକ୍ଷ ୩୦୫୦୭ ଟଙ୍କାର ସେଟଲମେଣ୍ଟ ହୋଇଛି। ଅତିରିକ୍ତ ଜିଲା ଦୌରା ଏବଂ ସେସନ ବିଚାରପତି ସନ୍ଦୀପ ପଟ୍ଟନାୟକ ଏବଂ ଆଇନଜୀବୀ କିଶୋର ଚନ୍ଦ୍ର ପଣ୍ଡା (ବରିଷ୍ଠ), ସିଭିଲ ଜଜ (ସିନିୟର ଡିଭିଜନ) ରମାକାନ୍ତ ମହାନ୍ତି ଏବଂ ଆଇନଜୀବୀ ରାଧେଶ୍ୟାମ ଅଗ୍ରୱାଲ, ଏସ୍‌ଡିଜେଏମ ଶାଶ୍ୱତି ମହାପାତ୍ର ଏବଂ ଆଇନଜୀବୀ ମନୋଜ ହାତୀ, ଜେଏମ୍‌ଏଫ୍‌ସି ଅଭିନନ୍ଦନ ରାୟ ଏବଂ ଆଇନଜୀବୀ ଜୟନ୍ତ ପଣ୍ଡାଙ୍କୁ ନେଇ ଗଠିତ ଚାରି ଜଣିଆ ବେଞ୍ଚ ମାମଲାଗୁଡିକର ଶୁଣାଣି କରିଥିଲେ।

### କବି ସଞ୍ଜୟ ମିଶ୍ରଙ୍କ ମାତୃ ବିୟୋଗ

ବଲାଙ୍ଗୀର, ୯।୧୨ (ବୀରେନ୍ଦ୍ର କୁମାର ଝାଙ୍କର)



ବଲାଙ୍ଗୀରର ଜଣାଶୁଣା କବି ତଥା ଅଧ୍ୟାପକ ଡ. ସଞ୍ଜୟ କୁମାର ମିଶ୍ରଙ୍କ ମାତା ଶାନ୍ତିଲତା ମିଶ୍ର (୭୧)ଙ୍କ ଶନିବାର ପରଲୋକ ଘଟିଛି। ସେ ବାର୍ଦ୍ଧକ୍ୟଜନିତ ଅସୁସ୍ଥତାରେ ଶଯ୍ୟାଶାୟୀ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ବଡପୁଅ ମନୋଜ କୁମାର ମିଶ୍ର, ବୋହୂ ମୀନା ଦାଶ, ସାନପୁଅ ସଞ୍ଜୟ କୁମାର ମିଶ୍ର, ବୋହୂ ସୁନନ୍ଦା ରଥ, ଝିଅ କଳ୍ପନା ଓ ଜ୍ୱାଇଁ ବସନ୍ତ କୁମାର ତ୍ରିପାଠୀ, ନାତି ନାତୁଣୀ ଓ ପରିବାରର ସଦସ୍ୟ ଉପସ୍ଥିତ ଥିଲେ। ଜଣେ ମିଷ୍ଟଭାଷୀ, ମେଳାପୀ ଓ ଧର୍ମପ୍ରାଣା ମହିଳା ଭାବେ ସେ ପରିଚିତ ଥିଲେ। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ସାହିତ୍ୟିକ, ବୁଦ୍ଧିଜୀବୀ ଏବଂ ପଡାବାସୀ ଶେଷ ଦର୍ଶନ କରିଥିଲେ। ସ୍ଥାନୀୟ ବିଭୂତିପଡା ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡପୁଅ ମନୋଜ ମୁଖାଗ୍ନି ଦେଇଥିଲେ।

# ଆୟକର ବିଭାଗର ମାରାଥନ୍ ଚଢ଼ାଉ ଜାରି

- ରାଜନୈତିକ ସମ୍ପୃକ୍ତିର ତଦନ୍ତ ଦାବି କଲା ଭାଜପା
- ଟିଟିଲାଗଡର ମଦ ବ୍ୟବସାୟୀ ଦୀପକ ସାହୁଙ୍କ ସମ୍ପର୍କକୁ ନେଇ ଚର୍ଚ୍ଚା
- ଭାଜପା ଅଭିଯୋଗକୁ ଖଣ୍ଡନ କଲେ ମନ୍ତ୍ରୀ ଟୁକୁନି ସାହୁ

ବଲାଙ୍ଗୀର/ଟିଟିଲାଗଡ ୯।୧୨ (ବୀରେନ୍ଦ୍ର କୁମାର ଝାଙ୍କର/ଶରତ ମିଶ୍ର)



ଟଙ୍କା ଗଣତି ପାଇଁ ବିଭିନ୍ନ ବ୍ୟାଙ୍କରୁ ମେଶିନ୍ ବଲାଙ୍ଗୀର ଏସ୍‌ବିଆଇକୁ ଅଣାଯାଉଛି।



ମଦଭାଟି ମ୍ୟାନେଜର ବଣ୍ଟି ସାହୁଙ୍କୁ କଡା ସୁରକ୍ଷାରେ ବଲାଙ୍ଗୀର ବ୍ୟାଙ୍କରୁ ସୁଦପଡା ଭାଟି ନିଆଯାଉଛି।

ଆୟକର ବିଭାଗର ମାରାଥନ୍ ଚଢାଉ ଅଭିଯାନ ଶନିବାର ଚତୁର୍ଥ ଦିନରେ ମଧ୍ୟ ଜାରି ରହିଥିଲା। ବୁଧବାରଠାରୁ ଆରମ୍ଭ ହୋଇଥିବା ଆୟକର ବିଭାଗ ବଲାଙ୍ଗୀର ଓ ଟିଟିଲାଗଡ ମଦଭାଟି, ଅଫିସ ଏବଂ ବାସଭବନକୁ ନିଜ ଅଧୀନରେ ରଖିଛନ୍ତି। ଗତ ୪ ଦିନ ଭିତରେ ସେଠାରୁ ପୁଳାପୁଳା ଟଙ୍କା ଜବତ ହେବା ପରେ ମଦ ବ୍ୟବସାୟୀଙ୍କ ରାଜନୈତିକ ପୃଷ୍ଠପୋଷକତାକୁ ନେଇ ସବୁଠୁ ବେଶି ଚର୍ଚ୍ଚାର ବିଷୟ ହୋଇଛି। ଭାଜପା ପକ୍ଷରୁ ଭୁବନେଶ୍ୱରଠାରେ ଖବରଦାତା ସମ୍ମିଳନୀ ପରେ ବଲାଙ୍ଗୀର ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି ପ୍ରେସ ବିବୃତିରେ କହିଥିଲେ ଯେ, ଏହି ମଦବ୍ୟବସାୟୀମାନେ ସ୍ଥାନୀୟ ମନ୍ତ୍ରୀ ବିଧାୟକଙ୍କୁ ଟଙ୍କା ବଳରେ ନିଜ ହାତରେ ରଖିଥିଲେ। ଏହି ରାଜନୈତିକ ସମ୍ପର୍କର ତଦନ୍ତ ହେବା ଆବଶ୍ୟକ ବୋଲି କହିଥିଲେ। ମଦ ବ୍ୟବସାୟୀ ଦୀପକ ସାହୁଙ୍କ ସହ ବିଜେଡି ମନ୍ତ୍ରୀ ଟୁକୁନୀ ସାହୁ କୌଣସି ଏକ ସଭା ମଞ୍ଚରେ ବସିଥିବା ଫଟୋ ଭାଇରାଲ ହେବା ପରେ ତାଙ୍କ ସମ୍ପର୍କକୁ ନେଇ ଭାଜପା ପକ୍ଷରୁ ପ୍ରଶ୍ନ କରାଯାଇଥିଲା। ଏନେଇ ମନ୍ତ୍ରୀ ସାହୁଙ୍କ ପଚାରିବାରୁ ତାଙ୍କୁ ଓ ତାଙ୍କ ପରିବାର ଲୋକଙ୍କୁ ସମସ୍ତେ ଜାଣିଛନ୍ତି। ଚଳିତବର୍ଷ ରାବଣପୋଡି ଉତ୍ସବ ପାଇଁ କମିଟି ଅଧକ୍ଷ ଦୀପକ ସାହୁ ତାଙ୍କୁ ମୁଖ୍ୟଅତିଥି ଭାବେ ଆମନ୍ତ୍ରଣ କରିଥିଲେ। ସେଥିରେ ତାଙ୍କ ସହ ଟିଟିଲାଗଡ ଉପଜିଲାପାଳ ଓ ବଲାଙ୍ଗୀର ଏସ୍‌ପି ମଧ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହାଛଡା ତାଙ୍କର କୌଣସି ବ୍ୟବସାୟିକ ସମ୍ପର୍କ ନାହିଁ। ଏଦିଗରେ କେହି ଯଦି ତଦନ୍ତ କରିବାକୁ ଚାହୁଁଛନ୍ତି କରାଯାଉ ବୋଲି ମନ୍ତ୍ରୀ ସାହୁ କହିଛନ୍ତି।

ଶନିବାର ପୁଣି ଥରେ ଟିଟିଲାଗଡ ମଦଭାଟିରେ ଚଢ଼ାଉ କରିଥିଲେ। ସେଠାରୁ କେତେ ଟଙ୍କା ବାହାରିଛି କୁହାଯାଉନାହିଁ। ମଦ ବ୍ୟବସାୟୀ ଦୀପକ ସାହୁ ଓ ସଞ୍ଜୟ ସାହୁ କୁଆଡେ ଯାଇଛନ୍ତି ପତ୍ତା ମିଳୁନାହିଁ। ଅନ୍ୟପଟେ ଭାଜପା ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାର ମନ୍ତ୍ରୀଙ୍କ ସହ ମଦ ବ୍ୟବସାୟୀଙ୍କ ସମ୍ପୃକ୍ତିକୁ ନେଇ ଅଭିଯୋଗ ଉଠାଇଛି। ବାସ୍ତବରେ ଏତେ ଟଙ୍କା କେଉଁ ଉଦ୍ଦେଶ୍ୟରେ ରଖାଯାଇଥିଲା। ଜବତ ଟଙ୍କା କ'ଣ ଲୋକଙ୍କ ମଦ ପିଇବା ଟଙ୍କା ନାଁ ଆଉ କ'ଣ ତାହା ଲୋକଙ୍କୁ ଚିନ୍ତାରେ ପକାଇଛି। ଶନିବାର ସନ୍ଧ୍ୟାରେ ଭାରତୀୟ ଷ୍ଟେଟ ବ୍ୟାଙ୍କ କ୍ଷେତ୍ରୀୟ ଶାଖାର କ୍ଷେତ୍ରୀୟ ପରିଚାଳକ ଭଗତ ବେହେରା ଗଣମାଧ୍ୟମକୁ କହିଛନ୍ତି ଯେ, ଶନିବାର ସନ୍ଧ୍ୟା ସୁଦ୍ଧା ୧୦୨ଟି ବ୍ୟାଗର ଟଙ୍କା ଗଣତି ସରିଛି। ବାସ୍ତବରେ କେତେ ଟଙ୍କା ଗଣାଯାଇଛି ତାର ସ୍ପଷ୍ଟ ସୂଚନା ସେ ଦେଇନଥିଲେ ମଧ୍ୟ ଏପର୍ଯ୍ୟନ୍ତ ଟଙ୍କା ଶହେରୁ ଅଧିକ କୋଟି ଟଙ୍କା ଗଣତି ସରିଥିବା ଅନୁମାନ କରାଯାଇଛି। ରବିବାର ବ୍ୟାଙ୍କ ସନ୍ଧ୍ୟା ସୁଦ୍ଧା ସମସ୍ତ ଜବତ ଟଙ୍କା ଗଣତି ସରିବ ବୋଲି ସେ କହିଛନ୍ତି। ତାଙ୍କ ଚାକିରୀ ଜୀବନରେ ଏତେ ପରିମାଣର ନଗଦ ଟଙ୍କା ସେ ଦେଖି ନ ଥିଲେ ବୋଲି କ୍ଷେତ୍ରୀୟ ବ୍ୟାଙ୍କ ପରିଚାଳକ ବେହେରା ସୂଚନା ଦେଇଛନ୍ତି। ଟଙ୍କା ଗଣତି ପାଇଁ ଏସବିଆଇ ମୁଖ୍ୟ ଶାଖା ପରିଚାଳକ ସତ୍ୟନାରାୟଣ ମାଝି ଓ ତାଙ୍କ ୫୦ ଜଣିଆ ଟିମ୍‌କୁ ଧନ୍ୟବାଦ ଜଣାଇଥିଲେ। ବ୍ୟାଙ୍କରେ ଗତ ତିନିଦିନ ହେଲା ମାରାଥନ୍ ଟଙ୍କା ଗଣତି ଚାଲିଛି ବୋଲି ସେ କହିଥିଲେ। ମଦଭାଟି ମ୍ୟାନେଜର ବଣ୍ଟି ସାହୁଙ୍କୁ ସ୍ୱତନ୍ତ୍ର ଭାବେ ଜେରା ପରେ ଗତ ସନ୍ଧ୍ୟାରେ ୧୯ ପେଟି ଓ ଆଜି ଟ୍ରେଜେରିରୁ ପୁଳାପୁଳା ଟଙ୍କା ବାହାରିଛି। ତେବେ ଆୟକର ବିଭାଗ ଅଧିକାରୀମାନେ ମୁହଁ ଖୋଲୁନାହାନ୍ତି। ଶନିବାର ୫୦ଟି ମେଶିନ୍‌ରେ ଟଙ୍କା ଗଣତି କରାଯାଇଥିଲା। ଅଚଳ ମେଶିନ୍‌କୁ ସଙ୍ଗେ ସଙ୍ଗେ କାର୍ଯ୍ୟକ୍ଷମ କରିବାକୁ ମେଶିନ୍ ମ୍ୟାନ ମଧ୍ୟ ବ୍ୟାଙ୍କ ଭିତରେ ଉପସ୍ଥିତ ରହିଥିଲେ।

## ଝାଙ୍କ୍ରିପାଲି ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପିତ



ଉଦ୍‌ଯାପନୀ ଦିବସରେ କଂସ ଦରବାରରେ ରାଜ ଅତିଥିମାନେ।

ଖପ୍ରାଖୋଲ, ୯।୧୨ (ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଘୁନସର ପଞ୍ଚାୟତ ଝାଙ୍କ୍ରିପାଲିଠାରେ ଆୟୋଜିତ ଧନୁଯାତ୍ରା ମହୋତ୍ସବ ଶୁକ୍ରବାର ବିଳମ୍ବିତ ରାତିରେ କଂସବଧ ସହ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ରାଜ ଅତିଥିଭାବେ ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନା, ବେନ୍ଦେର ବନପାଳ ସନ୍ଧ୍ୟାରାଣୀ ସେଠ, ଯୁବ ବ୍ୟବସାୟୀ ସୁନିଲ ପ୍ରଧାନ, ସରୋଜ ଭୋଇ, ବିପିନ ବେହେରା, ମଦନ ତାଣ୍ଡି ଓ ବବୁ ସାହୁ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶଙ୍କର ବେହେରା ଓ ସାଥିଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା। ଏହି ଅବସରରେ ଧନୁଯାତ୍ରାର କଂସବଧ ଦୃଶ୍ୟ ମଞ୍ଚସ୍ଥ ହୋଇଥିଲେ। କଂସ ଭୂମିକାରେ ବରିଷ୍ଠ କଳାକାର ରବୀନ୍ଦ୍ର ସାହୁ, ବଳରାମ ଲିଙ୍ଗନ ସାହୁ, କୃଷ୍ଣଚିତିକ ସାହୁ ଅଭିନୟ କରିଥିଲେ। ଏହି ଅବସରରେ ଯାତ୍ରା କମିଟି ସଭାପତି ଜଳଧର ତାଣ୍ଡି, ସମ୍ପାଦକ ଯଶୋବନ୍ତ ସାହୁ, ଦୟାନିଧି ମାଝି, ଜ୍ୟୋତିଷ ସାହୁ, କିଶୋର ସାହୁ, ରବୀନ୍ଦ୍ର ଗଡତ୍ୟା, ସୁନିଲ ନନ୍ଦ, ଗଣେଶ ସାହୁ, ପ୍ରଶାନ୍ତ ଗଡତ୍ୟା, ଅନାଦି ବାଗ, ପଞ୍ଚାନନ ପ୍ରଧାନ, ଡଗର ଗଡତ୍ୟା, ତ୍ରିଲୋଚନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ହବସ ଚଳଚ୍ଚିତ୍ରକୁ ଶ୍ରେଷ୍ଠ ପୁରସ୍କାର

ଲୋଇସିଂହା, ୯।୧୨ (ସୁଶାନ୍ତ ବାରିକ)

ମୁମ୍ବାଇ ବି.ଆର. ଇଣ୍ଟରନ୍ୟାଶନାଲ ଫିଲ୍ମ ପ୍ରଡକ୍ସନ ଓ ଲେନ୍ସ ଫେମ୍ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ-୨୩ ଅନୁଷ୍ଠିତ ହୋଇଯାଇଛି। ଏହି ଚଳଚ୍ଚିତ୍ର ସମାରୋହରେ ବଲାଙ୍ଗୀର ଜିଲା କୁଟେନପାଲିର ପରଭାଫୋକ ଅନୁଷ୍ଠାନ କଳାକାରଙ୍କ ଦ୍ୱାରା ୟୁଟ୍ୟୁବ ଚ୍ୟାନେଲରେ ମୁକ୍ତିଲାଭ କରିଥିବା ନିସାର ଅହମ୍ମଦ ନିସାରଙ୍କ ରଚିତ ଓ ନିର୍ଦ୍ଦେଶିତ କ୍ଷୁଦ୍ର ହିନ୍ଦୀ ଚଳଚ୍ଚିତ୍ର ହବସ ପ୍ରଦର୍ଶିତ ହୋଇଥିଲା। ହବସକୁ ୫ଟି ବିଭାଗରେ ଶ୍ରେଷ୍ଠ ପୁରସ୍କାର ମିଳିଛି। ସମାଜରେ ମହିଳାଙ୍କ କ୍ଷେତ୍ରରେ ଘଟୁଥିବା ଅତ୍ୟାଚାର ତଥା ଅମାନୁଷିକ କାର୍ଯ୍ୟକୁ ଏହି କ୍ଷୁଦ୍ର ଚଳଚ୍ଚିତ୍ରରେ ନିଖୁଣ ଭାବେ ଦର୍ଶାଯାଇଛି। ଶ୍ରେଷ୍ଠ ଅଭିନେତ୍ରୀ ଭାବେ ସସ୍ମିତା ସ୍ୱାଇଁ, ଶ୍ରେଷ୍ଠ ସିନେମା ଫଟୋଗ୍ରାଫର (ଡିଓପି) ଭାବେ କିର୍ତ୍ତିଚନ୍ଦ୍ର ଗହୀର, ଶ୍ରେଷ୍ଠ ପ୍ରଡକ୍ସନ ଓ ଶ୍ରେଷ୍ଠ ନିର୍ମାତା ପାଇଁ ନିସାର ଆହମ୍ମଦ ନିସାରଙ୍କୁ ପୁରସ୍କୃତ କରାଯାଇଛି।

# ଶିକ୍ଷାର ବିକାଶ ପାଇଁ ଉତ୍ତମ ଶିକ୍ଷକ ନିଯୁକ୍ତି କର



ବିଧାୟକ ନରସିଂହ ମିଶ୍ର ଚନ୍ଦନଭାଟି ସୁଦାମ ଚରଣ କଲେଜରେ ବକ୍ତବ୍ୟ ରଖୁଛନ୍ତି।

ବଲାଙ୍ଗୀର, ୯।୧୨ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସଦର ବ୍ଲକସ୍ଥିତ ଚନ୍ଦନଭାଟି ସୁଦାମ ଚରଣ ଡିଗ୍ରୀ ମହାବିଦ୍ୟାଳୟର ଶନିବାର ଆୟୋଜିତ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ନରସିଂହ ମିଶ୍ର ଯୋଗଦେଇଥିଲେ। ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଛାତ୍ରୀଛାତ୍ର, ଯୁବତୀ ଯୁବକଙ୍କ ଶିକ୍ଷା, କ୍ରୀଡାର ବିକାଶ ପାଇଁ ସରକାର ଅନେକ ଯୋଜନା ଆଣୁଛନ୍ତି। କିନ୍ତୁ ଯୋଜନାର ଭୁଲ ପ୍ରଣୟନ ଓ ଭୁଲ କାର୍ଯ୍ୟକାରିତା ଯୋଗୁଁ ଯୋଜନା ପ୍ରଣୟନର ମୁଖ୍ୟ ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ। ବର୍ତ୍ତମାନ ନୂଆ ଓଡ଼ିଶା ଯୋଜନା ମାଧ୍ୟମରେ କଲେଜଗୁଡିକୁ ବିଭିନ୍ନ କ୍ରୀଡା ଆୟୋଜନ ପାଇଁ ଅନୁଦାନ ଆସିଛି। କିନ୍ତୁ ଅନେକ ଶିକ୍ଷାନୁଷ୍ଠାନରେ ଖେଳ ପଡିଆ ନାହିଁ। ତେବେ ଏପରି ପରିସ୍ଥିତିରେ ବିନା ଖେଳ ପଡିଆରେ ଛାତ୍ରୀଛାତ୍ରଙ୍କ କ୍ରୀଡାର ବିକାଶ କିପରି ହୋଇପାରିବ ବୋଲି ସେ କହିଥିଲେ। ବିଧାୟକ ମିଶ୍ର ଆହୁରିତ୍ କହିଥିଲେ ଯେ, ୫-ଟି ଯୋଜନା ମାଧ୍ୟମରେ ସରକାର ଅନେକ ସ୍କୁଲର ସୌନ୍ଦର୍ଯ୍ୟକରଣ କରିଛନ୍ତି ସତ; କିନ୍ତୁ ଶିକ୍ଷା ଆହରଣ ପାଇଁ ମୁଖ୍ୟ ଉପାଦାନ ଶିକ୍ଷକ, ଅଧ୍ୟାପକ ସବୁ ଶିକ୍ଷାନୁଷ୍ଠାନରେ ଘୋର ଅଭାବ ଦେଖାଦେଇଛି। ଏପରି ସ୍ଥଳେ ଛାତ୍ରୀଛାତ୍ର ଉତ୍ତମ ଶିକ୍ଷା ଆହରଣ କରିବେ କେମିତି ବୋଲି ସେ ପ୍ରଶ୍ନ କରିଥିଲେ। ଶିକ୍ଷା ଭିତ୍ତିଭୂମି ବିକାଶ ସାଙ୍ଗକୁ ସୌନ୍ଦର୍ଯ୍ୟକରଣ ମଧ୍ୟ ଆବଶ୍ୟକ ବୋଲି ସେ କହିଥିଲେ। ତେଣୁ ବର୍ତ୍ତମାନ ସରକାର ସବୁ ଶିକ୍ଷାନୁଷ୍ଠାନରେ ଉତ୍ତମ ଶିକ୍ଷକ, କର୍ମଚାରୀ ପ୍ରଦାନ କରିବା ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ମିଶ୍ର ପୁରସ୍କୃତ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ରାଜେନ୍ଦ୍ର କୁମାର ମିଶ୍ର ସଭାରେ ସଭାପତିତ୍ୱ କରିଥିଲେ। ଜସ୍ମିନ ନନ୍ଦ ଧନ୍ୟବାଦ ଦେଇଥିଲେ।

## କୃଷ୍ଣଚନ୍ଦ୍ର ମେମୋରିଆଲ ଫୁଟବଲ: ହଳଦୀ ଚାମ୍ପିୟନ

ମୁରିବାହାଲ, ୯।୧୨ (ଶ୍ରୀବତ୍ସ ବେହେରା)

ମୁରିବାହାଲ ବ୍ଲକ ହଳଦୀ ହାଇସ୍କୁଲ ଖେଳପଡିଆରେ ଚାଲିଥିବା ୩ ବାର୍ଷିକ କୃଷ୍ଣଚନ୍ଦ୍ର ହାତୀ ମୋମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ ହଳଦୀ ୨-୦ଗୋଲରେ ସିହିନୀକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ବ୍ଲକ ଅଧକ୍ଷ ହଂସରାଜ ଜୈନ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜେତା ଦଳକୁ ଟ୍ରଫି ସହ ନଗଦ ୭ ହଜାର ଓ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ୫ ହଜାର ଟଙ୍କା ଦେଇ ପୁରସ୍କୃତ କରିଥିଲେ। ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ କ୍ରୀଡାବିତ୍ ଧନେଶ୍ୱର ମାଝି, ମୁରିବାହାଲ ସମିତି ସଭ୍ୟ ଚକ୍ରଧର ହେଣ୍ଡା, ଲମ୍ବୋଧର ବରଗଡ଼ି, ପାର୍ଥ ପ୍ରଧାନୀ, ବଳରାମ ସା, ନରେନ୍ଦ୍ର ମହାରଣା ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟର ସଫଳ ସମାପନରେ ଆୟୋଜକ କମିଟି ସଭାପତି ଯଶୋବନ୍ତ ଭୋଇ, ଉପସଭାପତି କ୍ଷୀରସିନ୍ଧୁ ପାତ୍ର, ସାଧାରଣ ସମ୍ପାଦକ ରାଜୁ ହାତୀ, ସୁବାସ ପଟ୍ଟନାୟକ, ଦୀନେଶ ଆର୍ଯ୍ୟ, ଚୂଡ଼ାମଣି ହାତୀ, ଡାକ୍ତର ପୂଜାରୀ ସହଯୋଗ କରିଥିଲେ। ଦେବବ୍ରତ ବାଗ ଧରା ବିବରଣୀ ପ୍ରଦାନ କରିଥିଲେ।

## ଛାତ୍ରୀଛାତ୍ରଙ୍କ ସାମାଜିକ ସଚେତନତା କାର୍ଯ୍ୟକ୍ରମ

ଲୋଇସିଂହା, ୯।୧୨ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ମହାବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାମାଜିକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଶନିବାର ଦ୍ୱିତୀୟ ଦିବସରେ ସଡ଼କ ସୁରକ୍ଷା ଉପରେ ସଚେତନା ସଭା ଅଧ୍ୟକ୍ଷ ଗୋବିନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଲୋଇସିଂହା ଥାନା ଏସଆଇ ଅଭିନାଷ ନାୟକ ଯୋଗଦେଇ ସଡକ ସୁରକ୍ଷା ଉପରେ କହିଥିଲେ। ସଭା ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଡକ ସୁରକ୍ଷା ଏବଂ ଅନ୍ଧବିଶ୍ୱାସକୁ ନେଇ ଡାହାଣୀ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ଏହାପୂର୍ବରୁ ପ୍ଲାଷ୍ଟିକମୁକ୍ତ ପରିବେଶ ପାଇଁ କଲେଜରୁ ବ୍ଲକ ଛକ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଶୋଭାଯାତ୍ରା କରିଥିଲେ। ଶୁକ୍ରବାର ନାରୀ ସଶକ୍ତିକରଣ ଓ ନାରୀ ଶିକ୍ଷା ଉପରେ ସଚେତନତା ଧର୍ମୀ ନାଟକ ଛାତ୍ରୀଛାତ୍ର ପରିବେଷଣ କରିଥିଲେ। ଏହାବ୍ୟତୀତ ପରିମଳ ଉପରେ ସଚେତନତା ରାଲି ଏବଂ କଲେଜ ପରିସର ସଫେଇ କରାଯାଇଥିଲା। ନୋଡାଲ ଅଫିସର ଜଗମୋହନ ଦର୍ଜୀ ଓ ହିମାଂଶୁ ମହାକୁରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଅଧ୍ୟାପକ ମାନସ ରଞ୍ଜନ କୁମାର, ରାମଚନ୍ଦ୍ର ବରଗଡ଼ି ଓ ଡ.ଜଳଧର ମାଝି ଏଥିରେ ସହଯୋଗ କରୁଛନ୍ତି।



## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ଲୋଇସିଂହା, ୯।୧୨ (ସୁଶାନ୍ତ ବାରିକ):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ତଥା ଗ୍ରାମ୍ୟ କମିଟି ସଭ୍ୟ ଗୋପାଳଚନ୍ଦ୍ର ସାହୁଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୯ ବର୍ଷ ହେଉଥିଲା। ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ଶେଷ ଦର୍ଶନ କରିବା ସହ ଶବାଧାରରେ ସାମିଲ ହୋଇଥିଲେ। ସ୍ୱର୍ଗତ ସାହୁ ସୁବର୍ଣ୍ଣପୁର ଜିଲା ଚିନାଜୁରୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ୨୦୦୫ରେ ପ୍ରଧାନଶିକ୍ଷକ ଥାଇ ଅବସର ଗ୍ରହଣ କରିଥିଲେ। ବୁର୍ଡା ଗ୍ରାମ୍ୟ କମିଟିର ଜଣେ ସକ୍ରିୟ ସଦସ୍ୟ ଥିଲେ। ପାରିବାରିକ ହିଂସା ସମାଧାନ କରିବା କ୍ଷେତ୍ରରେ ତାଙ୍କର ବେଶ୍ ନାମଥିଲା।



## ହାତୀପଲ ଭାଙ୍ଗିଲେ ଗଭୀର ନଳକୂପ

**ଉଜାଡ଼ିଲେ ଧାନ, ପରିବା ଫସଲ**

**ଦେଓଗାଁ, ୯।୧୨ (କୃଷ୍ଣପ୍ରସାଦ ପାଣିଗ୍ରାହୀ):** ବଲାଙ୍ଗୀର ଜିଲା ଦେଓଗାଁ ବନାଞ୍ଚଳ ରେଞ୍ଜ ଅଧିନ ନୂଆପାଲି ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ହାତୀପଲ ଉକ୍ତ ଗ୍ରାମର ଚାଷୀଙ୍କ ଗଭୀର ନଳକୂପ ଓ ଧାନ ଖରିଗୁଡିକ ନଷ୍ଟ କରିଦେଇଥିବା ଅଭିଯୋଗ ହୋଇଛି। ଗ୍ରାମର ଉଜ୍ଜ୍ୱଳ କୁମୁରା ଓ ଅନ୍ତ ଭୁଏଙ୍କ ଗଭୀର ନଳକୂପକୁ ହାତୀପଲ ଭାଙ୍ଗି ଦେଇଛନ୍ତି। କପିଳେଶ୍ୱର ନାଏକ, ଗୋପାଳ ସାହୁ, ସନାର୍ତ୍ତନ ବିଶ୍ୱାଳ, ସୁକଲ୍ୟାଣ ବିଶ୍ୱାଳଙ୍କ ଧାନ ଫସଲ ନଷ୍ଟ କରିଥିବା ଚାଷୀମାନେ ଦେଓଗାଁ ବନାଞ୍ଚଳ ରେଞ୍ଜରଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ଏ ଦିଗରେ ଜିଲା ବନଖଣ୍ଡ ଅଧିକାରୀ ତଦନ୍ତ କରି ତୁରନ୍ତ ଚାଷୀଙ୍କୁ କ୍ଷତିପୂରଣ ସହାୟତା ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି। ବର୍ତ୍ତମାନ ହାତୀପଲ ଅଏଁଲାପାଲି ଜଙ୍ଗଲ ନିକଟରେ ଥିବାରୁ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଥିବା ଅଭିଯୋଗ କରିଛନ୍ତି। ଏଣୁ ଏ ଦିଗରେ ବନ ବିଭାଗ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

**Office of the Returning Officer**
**Saharayn Universal Multipurpose Society Limited, Bhopal**

**Notice**

All the esteemed members of Saharayn Universal Multipurpose Society Limited, Bhopal, are hereby informed that for constituting a Smaller Representative General Body, an election schedule was published on 25/11/2023, which is hereby postponed till further notice as per the direction of the Central Registrar, Cooperative Societies, New Delhi vide letter dated 30.11.2023.

(R.K. Patil)
Assistant Commissioner & Returning officer
Saharayn Universal Multipurpose Society Limited, Bhopal

# ଚନ୍ଦନଭାଟି, ଅମାମୁଣ୍ଡା, କଦଳୀପାଲି, ସମ୍ବଲପୁର ବିଜୟୀ

**ବେଣୁଧର ମେମୋରିଆଲ ଫୁଟବଲ**

ବଲାଙ୍ଗୀର, ୯।୧୨ (ବୀରେନ୍ଦ୍ର କୁମାର ଝାଙ୍କର)



ଅତିଥିମାନଙ୍କ ସହ ଉଦ୍‌ଘାଟନୀ ଖେଳର ଦୁଇ ଦଳର ଖେଳାଳି।

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଚନ୍ଦନଭାଟି ଗାଁ ହାଇସ୍କୁଲ ଖେଳପଡିଆରେ ଦ୍ୱିତୀୟ ବେଣୁଧର ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଆରମ୍ଭ ହୋଇଛି। ଟୁର୍ନାମେଣ୍ଟର ମୁଖ୍ୟ ଉଦ୍ୟୋକ୍ତା ପୂର୍ବତନ ଜାତୀୟ ଭଲିବଲ ଏବଂ ଫୁଟବଲ ଖେଳାଳି ସୁକାନ୍ତ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ବରଗଡ ଲୋକ ସଭା ସଦସ୍ୟ ତଥା ବିଜେଡି ଜିଲା ସଭାପତି ଡ. ପ୍ରଭାସ ସିଂ ଓ ସମ୍ମାନୀତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ଅନାମିକା ହୋତା, ଚନ୍ଦନଭାଟି ସରପଞ୍ଚ ପଙ୍କଜିନୀ ସାହୁ, ପ୍ରଶାନ୍ତ ମିଶ୍ର, ଶରତ ମହାକୁର ଯୋଗଦେଇ ଖେଳାମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ଦିବସରେ ୪ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଖେଳରେ ଚନ୍ଦନଭାଟି ଦଳ ନକଟାସର ଦଳକୁ ୧-୦ ଗୋଲ ଦେଇ ବିଜୟୀ ହୋଇଥିଲେ। ଦ୍ୱିତୀୟ ଖେଳରେ ଅମାମୁଣ୍ଡା ଦଳ ସୋନପୁର ଦଳକୁ ୨-୦ ଗୋଲରେ ହରାଇ ଦେଇଥିଲା।

ଦ୍ୱିତୀୟାର୍ଦ୍ଧ ଖେଳରେ ଅତିଥି ଭାବେ ସଦର ବ୍ଲକ ଅଧକ୍ଷା ସରିତା ବାଗ, ରାମଚନ୍ଦ୍ର ପ୍ରଧାନ, ପୂର୍ବତନ ବ୍ଲକ ଅଧକ୍ଷ ଗୋଲାପ ବାଗ, ରାଜକିଶୋର ବେହେରା, ଚଗଲା ପରିଚ୍ଛା, ଜିଲା କ୍ରୀଡା ଅଧିକାରୀ ପରାଶର ବାଗ, ବିଜ୍ଞାନ କୁମ୍ଭାର, ମନୋଜ ତ୍ରିପାଠୀ ଯୋଗ ଦେଇଥିଲେ। ତୃତୀୟ ଖେଳ ଯୁଥ କ୍ଳବ କଦଳୀପାଲି ଦଳ ବରଗଡ ଦଳକୁ ୨-୧ ଗୋଲ ଦେଇ ବିଜୟୀ ହୋଇଥିଲା। ଚତୁର୍ଥ ଖେଳରେ ସମ୍ବଲପୁର ଦଳ ବଡମାଳ ଦଳକୁ ୨-୦ ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲା। କମିଟି ସଭାପତି କପିଳେଶ୍ୱର ପାଣିଗ୍ରାହୀ, ମୁଖ୍ୟ ଉପଦେଷ୍ଟା ଲକ୍ଷ୍ମଣ ମେହେର, ସମ୍ପାଦକ ପ୍ରଭୁଦତ୍ତ ପ୍ରଧାନ ମଞ୍ଚାସୀନ ଥିଲେ। ଖେଳ ପୂର୍ବରୁ ଚନ୍ଦନଭାଟି ସାପ୍ତାହିକ ବଜାର ପ୍ରାଙ୍ଗଣରେ ପୂର୍ବତନ ସରପଞ୍ଚ ତଥା ଫୁଟବଲ ଖେଳାଳି ସ୍ୱର୍ଗତ ବେଣୁଧର ପାଣିଗ୍ରାହୀଙ୍କ ଏକ ପୂର୍ଣ୍ଣାଙ୍ଗ ଭବ୍ୟ ପ୍ରତିମୂର୍ତ୍ତିକୁ ପୂର୍ବତନ ବରଗଡ ସାଂସଦ ଡ.ପ୍ରଭାସ ସିଂ ଉନ୍ମୋଚନ କରିଥିଲେ। ଏହି ଅବସରରେ ତାଙ୍କ ପୁତ୍ର ସୁକାନ୍ତ ପାଣିଗ୍ରାହୀଙ୍କ ସମେତ ସମସ୍ତ ଅତିଥି ସ୍ୱର୍ଗତ ବେଣୁଧରଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଯୋଗଦେଇ ପାରି ନ ଥିବା ଅନ୍ୟତମ ଅତିଥି ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ ଏକ ଭିଡିଓ ବାର୍ତ୍ତାରେ ଶୁଭେଚ୍ଛା ପ୍ରଦାନ କରିଥିଲେ।

बैंक ऑफ महाराष्ट्र
Bank of Maharashtra
भारत सरकार का उद्यम
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
ସମ୍ବଲପୁର ଶାଖା
ଶିବଲୋକ କମ୍ପ୍ଲେକ୍ସ, ଗୈଟୀ ଟକିଜ୍ ରୋଡ୍, ଗୋଲ ବଜାର ନିକଟ, ସମ୍ବଲପୁର -୭୬୮୦୦୧,
ଫୋନ୍.: ୬୩୭୦୭୦୪୮୫୫,
ଇ-ମେଲ୍: bom1824@mahabank.co.in

**ଦଖଲ ନୋଟିସ୍**
[ନିୟମ - ୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ସହିତ ଧାରା ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ **ଭୌତିକ ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ହୋଟେଲ ମା ଶକ୍ତି, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ବୃନ୍ଦାବନ ସାହୁ, ଠିକଣା:** ସା: ଅଶୋକା ଟକିଜ୍ ରୋଡ୍, ନିକ୍କି ହୋଟେଲ ନିକଟ, ସମ୍ବଲପୁର, ଓଡ଼ିଶା-୭୬୮୦୦୨, **ଅନ୍ୟ ଠିକଣା:** ସା: ଏଫ୍-୧, ସରସ୍ୱତୀ ଏନକ୍ଲେଭ, ସିଟି ଷ୍ଟେସନ୍ ନିକଟ, ପୋ: ଧନକଉଡା, ଜିଲ୍ଲା: ସମ୍ବଲପୁର, ଓଡ଼ିଶା-୭୬୮୦୦୫ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ କରିସ୍ମା ସାହୁ,** ସ୍ୱାମୀ: ଶ୍ରୀ ବୃନ୍ଦାବନ ସାହୁ, ସା: ଏଫ୍-୧, ସରସ୍ୱତୀ ଏନକ୍ଲେଭ, ସିଟି ଷ୍ଟେସନ୍ ନିକଟ, ପୋ: ଧନକଉଡା, ଜିଲ୍ଲା: ସମ୍ବଲପୁର, ଓଡ଼ିଶା-୭୬୮୦୦୫ | **ଶ୍ରୀମତୀ କରିସ୍ମା ସାହୁ,** ସ୍ୱାମୀ: ଶ୍ରୀ ବୃନ୍ଦାବନ ସାହୁଙ୍କ ନାମରେ ଥିବା ଅଣ ଚକବନ୍ଦୀ ଯୋଗ୍ୟ ପ୍ଲଟ୍ ନଂ.: ୬୯ର ଜମି ଯାହାର ଚକ ଖାତା ନଂ.: ୯୭, କ୍ଷେତ୍ର: ଏକର୦.୦୪୫ ଡ଼ିସିମିଲି (ଚାରି ଡିସିମିଲି ପାଞ୍ଚ ସେଣ୍ଟସ୍), ମୌଜା: ଧନକଉଡା, ଥାନା: ସମ୍ବଲପୁର ନଂ.: ୨୪, ତହସିଲ: ସମ୍ବଲପୁର ନଂ.: ୨୨୧, ଜିଲ୍ଲା: ସମ୍ବଲପୁର, ସମ୍ବଲପୁର ଜିଲ୍ଲା ରେଜିଷ୍ଟ୍ରେସନ କ୍ଷେତ୍ରାଧିନ ସଦର ସବ୍-ରେଜିଷ୍ଟ୍ରେସନ ଇଲାକା, ଏହାର ଚାରିପାର୍ଶ୍ୱରେ ପୂର୍ବ: ଚକ ପ୍ଲଟ୍ ନଂ.: ୭୦, ପଶ୍ଚିମ: ଚକ ପ୍ଲଟ୍ ନଂ.: ୬୯, ଉତ୍ତର: ମୌଜା: ସମ୍ବଲପୁର ଟାଉନ୍ ୟୁନିଟ୍ ନଂ.: ୧୬, ସରଳା, ଦକ୍ଷିଣ: ଚକ ପ୍ଲଟ୍ ନଂ.: ୬୮ | ତା.୧୭.୦୮.୨୦୨୩ତାରିଖ ସୁଦ୍ଧା ଟ.୩୮,୯୧,୬୫୪/- + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୧୭.୦୮.୨୦୨୩ / ୦୫.୧୨.୨୦୨୩ |

ସ୍ଥାନ : ସମ୍ବଲପୁର, ତାରିଖ : ୦୫.୧୨.୨୦୨୩
ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

**ସଂକ୍ଷେପରେ**

## ବିଶ୍ୱଶାନ୍ତି ନାମଯଜ୍ଞ ପାଇଁ ଶୁଭସ୍ତମ୍ଭ ସ୍ଥାପନ

ଅମରପାଲି, ୯।୧୨ (ପୀତାମ୍ବର ସାହୁ): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେନ୍ଦୁପାଲି ଗ୍ରାମରେ ୫୬ ପ୍ରହର ବିଶ୍ୱଶାନ୍ତି ମହା ନାମଯଜ୍ଞ ପାଇଁ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ନାମଯଜ୍ଞ ଆସନ୍ତା ମାର୍ଚ୍ଚ ମାସରେ ଅନୁଷ୍ଠିତ ହେବ। ସକାଳେ କେନ୍ଦୁପାଲି ବିଦ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ବାହାରି ହଜାରହଜାର ମହିଳା ଓ ପୁରୁଷ ଗାଁମୁଣ୍ଡରେ ଥିବା ପଡ଼ିଆକୁ ଯାଇଥିଲେ। ସେଠାରେ ବଳରାମ ଶତପଥୀ ଓ ରାମକୃଷ୍ଣ ପଣ୍ଡାଙ୍କ ନେତୃତ୍ୱରେ ହୋମଯଜ୍ଞ କରାଯାଇ ବିଶ୍ୱଶାନ୍ତି ମହାଯଜ୍ଞ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ନାମଯଜ୍ଞ କାର୍ଯ୍ୟକ୍ରମରେ ସପ୍ତାହ ପରାୟଣ, ଅନ୍ନଯଜ୍ଞ ସହିତ ଅନେକ କାର୍ଯ୍ୟକ୍ରମ ହେବ। ଆୟୋଜକ କମିଟି ସଭାପତି ତ୍ରିଲୋଚନ ମେହେର ପ୍ରକାଶ କରିଛନ୍ତି। ଶୁଭସ୍ତମ୍ଭ ସ୍ଥାପନ କାର୍ଯ୍ୟକ୍ରମରେ ଆୟୋଜକ କମିଟି ସମ୍ପାଦକ ନବକିଶୋର ମେହେର, ବିଷ୍ଣୁ ଚରଣ ପଣ୍ଡା, ଡ. ପ୍ରଫୁଲ୍ଲ ରଥ, ଶମ୍ଭୁ ପ୍ରସାଦ ମଲ୍ଲିକ, ଧୀରେନ୍ଦ୍ର ବାଘ, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ ରଥ, ସନ୍ତୋଷ ଭୋଇ, ସୁରେନ୍ଦ୍ର ପତି, ରାଧାକାନ୍ତ ବାଘ, ଧର୍ମେନ୍ଦ୍ର ମେହେର, ବିବସ୍ୱତି ପଣ୍ଡା, ଯୁଗଳ କିଶୋର ମିଶ୍ର, କିଶୋର ହୋତା, ରବୀନ୍ଦ୍ର ହୋତା, ଶେଷଦେବ ବାରିକ ପ୍ରମୁଖ ସାମିଲ ହୋଇଥିଲେ।

# ଅନଶନକୁ ବଢ଼ୁଛି ସମର୍ଥନ

**ସମ୍ବଲପୁରୀ ଭାଷାରେ ଧନୁଯାତ୍ରା ଦାବି**

- ୨ ଅସୁସ୍ଥ ସତ୍ତ୍ୱେ ଅନଶନ ଜାରି
- ପହଞ୍ଚିନାହାନ୍ତି ପ୍ରଶାସନିକ ଅଧିକାରୀ
- ବଡ଼ ଆନ୍ଦୋଳନ ପାଇଁ ସଜବାଜ



ଗାନ୍ଧୀ ଛକରେ ଅନଶନ ଚାଲିଛି ।

ବରଗଡ଼, ୯।୧୨ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ୨୦୨୪ ଜାନୁୟାରୀ ୧୫ରୁ ଆରମ୍ଭ ହେବ। ଧନୁଯାତ୍ରା ମହୋତ୍ସବକୁ ସମ୍ବଲପୁରୀ ଭାଷାରେ କରିବାକୁ ଦୀର୍ଘଦିନ ହେଲା କୋଶଳବାଦୀ ବିଭିନ୍ନ ସଙ୍ଗଠନ ଦାବି କରିଆସୁଛନ୍ତି। ସେହିପରି କଂସ କଳାକାର ଚୟନ ଭଳି ଧନୁଯାତ୍ରା ମହୋତ୍ସବର କମିଟି ପୁନର୍ଗଠନ ପାଇଁ ଦାବି ହୋଇଆସୁଛି । ମାତ୍ର ଧନୁଯାତ୍ରା ମହୋତ୍ସବ ସମିତି ଏଥିରେ ଚୁପ୍ ରହିଛି। ଫଳରେ ଏହି ଅସନ୍ତୋଷ ଆନ୍ଦୋଳନରୂପ ନେବାରେ ଲାଗିଛି।

ଧନୁଯାତ୍ରା ମହୋତ୍ସବକୁ ସମ୍ବଲପୁରୀ ଭାଷାରେ କରାଯିବା, ଧନୁଯାତ୍ରା କମିଟିର ପୁନର୍ଗଠନ ଭଳି ବିଭିନ୍ନ ଦାବି ନେଇ ଗୁରୁବାରଠାରୁ କୋଶଳ କ୍ରାନ୍ତି ସେନା ସ୍ଥାନୀୟ ଗାନ୍ଧୀଛକରେ ଅନଶନ ଚଳାଇଛି। ୩ଦିନ ବିତିଯିବା ସତ୍ତ୍ୱେ ଧନୁଯାତ୍ରା ମହୋତ୍ସବ ସମିତି ସେମାନଙ୍କ ପାଖକୁ ପହଞ୍ଚି ନ ଥିବାବେଳେ ଜଣେ ପରେ ଜଣେ ଅନଶନକାରୀ ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହେଉଛନ୍ତି। ଏଭଳି ସ୍ଥିତିରେ ସମ୍ବଲପୁରୀ ଭାଷାରେ ଧନୁଯାତ୍ରା କରିବା ପାଇଁ କମିଟି ଏପର୍ଯ୍ୟନ୍ତ ସ୍ପଷ୍ଟ କରିନାହିଁ। କମିଟିର ଆବାହକ ସୁରେଶ୍ୱର ଶତପଥୀ ଶୁକ୍ରବାର ରାତିରେ ଅନଶନକାରୀଙ୍କ ସହ ଆଲୋଚନା କରିଥିବାବେଳେ ତାହା ବିଫଳ ହୋଇଛି ।

ଗୁରୁବାରଠାରୁ ଆରମ୍ଭ ହୋଇଥିବା ଅନଶନରେ କୋଶଳ କ୍ରାନ୍ତି ଦଳର ସୁଶାନ୍ତ ମିଶ୍ର, ଧରଣୀ ରୋହିଦାସ, ନାଗାର୍ଜୁନ କମ୍ପ, ଡୋଲାମଣି ମହାପାତ୍ର, ଅଭିଷେକ ନାୟକ ପ୍ରମୁଖ ବସିଛନ୍ତି। ଶୁକ୍ରବାର ଡୋଲାମଣି ଅସୁସ୍ଥ ହେବା ପରେ ତାଙ୍କୁ ରାତ୍ରି ପ୍ରାୟ ୧୧ଟାରେ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅନ୍ୟପଟେ ଶନିବାର ସନ୍ଧ୍ୟାରେ ଧରଣୀ ଏବଂ ଅଭିଷେକଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଏହାସତ୍ତ୍ୱେ କୌଣସି ପ୍ରଶାସନିକ ଅଧିକାରୀ ଅନଶନକାରୀଙ୍କ ପାଖକୁ ପହଞ୍ଚିନାହାନ୍ତି। ଅନ୍ୟପକ୍ଷେ ଅନଶନକୁ ସମର୍ଥନ ବଢ଼ି ଚାଲିଛି। ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ ଅନଶନସ୍ଥଳକୁ ପହଞ୍ଚି ସମର୍ଥନ ଜଣାଇଛନ୍ତି। ସେହିପରି କଂଗ୍ରେସ ନେତା ନିପନ ଦାଶ, ଗୌରବ ପତି ଆଜାଦ ସେଠାରେ ପହଞ୍ଚିଥିଲେ। ପଦ୍ମଶ୍ରୀ ହଳଧର ନାଗ, କଳାକାର ଜଗଦାନନ୍ଦ ମିଶ୍ର, ମୁସଲିମ ସମାଜ ସଭାପତି ଶେଖ୍ ଅଦଗର, ଚାଷୀନେତା ରମେଶ ମହାପାତ୍ର, ସମ୍ବିଧାନ ସୁରକ୍ଷା ମଞ୍ଚର ସଭାପତି ପବିତ୍ର ଦେହେରୀ, ବାସମତୀ ବନଛୋର ଏବଂ ସେମାନଙ୍କ ପ୍ରତିନିଧି ଅନଶନସ୍ଥଳରେ ପହଞ୍ଚିଥିଲେ। ଏ ସମ୍ପର୍କରେ ଧନୁଯାତ୍ରା ମହୋତ୍ସବ ସମିତି ଆବାହକ ଶତପଥୀଙ୍କୁ ପଚାରିବାରୁ ସେ ଅନଶନସ୍ଥଳକୁ ଆଲୋଚନା ପାଇଁ ଯାଇଥିଲେ। ମାତ୍ର ସେମାନେ ଯେଉଁଭଳି ଦାବି କରୁଛନ୍ତି, ତାହା ପୂରଣ କରିବା ତାଙ୍କପକ୍ଷେ ସମ୍ଭବ ନୁହେଁ ବୋଲି ସେ କହିଛନ୍ତି।

## ବିଜ୍ଞାନ ମେଳାରେ ୨୧୦ ପ୍ରକଳ୍ପ ପ୍ରଦର୍ଶିତ

ସୋହେଲା, ୯।୧୨ (ଅଶ୍ୱିନୀ କୁମାର ପାତ୍ର)

ସୋହେଲା ବ୍ଲକ ଅନ୍ତର୍ଗତ ତବଡ଼ା ଉଚ୍ଚ ବିଦ୍ୟାଳୟରେ ଶନିବାର ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ଓ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ସୋହେଲା ଗୋଷ୍ଠୀ ଶିକ୍ଷାଧିକାରୀ ଅମୃତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ଏଡିଇଓ ଛତ୍ରପତି ସାହୁ ମୁଖ୍ୟ ଅତିଥି, ଜିଲା ବିଜ୍ଞାନ ନିରୀକ୍ଷକ ଧୀରୋଜ ପଟ୍ଟନାୟକ ମୁଖ୍ୟ ବକ୍ତା, ବ୍ଲକ ଅଧ୍ୟକ୍ଷା ବବି ପଧାନ, ସୋହେଲା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନବିନ କିଶୋର ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜାପାନରେ ଅନ୍ତର୍ଜାତୀୟ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରିଥିବା ଗ୍ରୀଞ୍ଜାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀ ତିତିକ୍ଷା ବେହେରା, ମାର୍ଗଦର୍ଶକ ଶିକ୍ଷକ ପ୍ରଦୀପ ବେହେରା, ଆୟୁଷ ବୁଧିଆ, ଜ୍ଞାନେଶ୍ୱର ମେହେର, ଜସ୍ୱିନ ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଆନନ୍ଦ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶୋଭାଚନ୍ଦ୍ର ପଧାନ, ଏବିଇଓ ମୋତିଲାଲ ନନ୍ଦ, ସିଆର୍‌ସିସି ଆଶୁତୋଷ ପାତ୍ର ମଞ୍ଚାସୀନ ଥିଲେ। ଏବିଇଓ ଗୋଲାପଚାନ୍ଦ ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଏବିଇଓ ମନୋହର ଉଡି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରଦର୍ଶନୀରେ ପ୍ରାଥମିକ ବିଭାଗରୁ ୫୮, ଉଚ୍ଚ ପ୍ରାଥମିକ ବିଭାଗରୁ ୧୦୯, ଉଚ୍ଚ ବିଦ୍ୟାଳୟ ବିଭାଗରୁ ୪୩ ଏହିପରି ମୋଟ ୨୧୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ମୁଖ୍ୟ ଅତିଥି, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ, ତହସିଲଦାର ହରିଓମ୍ ଭୋଇ ସମ୍ମାନୀତ ଅତିଥି, ଅବସରପ୍ରାପ୍ତ ପ୍ରାଣୀ ବିଜ୍ଞାନ ପ୍ରାଧାପକ ଡ. ସୌଭାଗ୍ୟ ପଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଇଓ ଅମୃତା ସାହୁ ଅଧ୍ୟକ୍ଷତା କରିଥିଲେ। ପ୍ରଧାନଶିକ୍ଷକ ଶୋଭାଚନ୍ଦ୍ର ପଧାନ ସ୍ୱାଗତ ଭାଷଣ ପ୍ରଦାନ, ସିଆର୍‌ସିସି କେଦାରନାଥ ସାହୁ ସଭା ସଂଯୋଜନା ଏବଂ ଏବିଇଓ ମୋତିଲାଲ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। କନଗାଁ ଉଚ୍ଚ ବିଦ୍ୟାଳୟର ଶିଳ୍ପୀ ମେହେର, କରଣ୍ଡୋଲା ଉଚ୍ଚ ବିଦ୍ୟାଳୟର ରାହୁଲ ଖମାରୀ, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଶିକ୍ଷା ପ୍ରଧାନ, ଶୁଭଙ୍କର ପ୍ରଧାନ, ଘେଁସ ଉଚ୍ଚ ବିଦ୍ୟାଳୟର କୁନ୍ତଳା କୁମାରୀ ପଟେଲଙ୍କ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି। ପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ପାଣି ପାଉଚ ଫ୍ୟାକ୍ଟ୍ରି, ମାଲିକଙ୍କ ଘର ସିଲ୍

ପାଇକମାଲ, ୯।୧୨ (ବଡ ଶତପଥୀ)

ବରଗଡ ଜିଲା ପାଇକମାଲ ବ୍ଲକ ନୃସିଂହନାଥର ନିର ପାଣି ପାଉଚ୍ ଫ୍ୟାକ୍ଟ୍ରି ଏବଂ ଏହାର ମାଲିକ ରାଜେଶ କୁମାର ପଟେଲଙ୍କ ଘରକୁ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ କର୍ତ୍ତୃପକ୍ଷ ସିଲ କରିଛନ୍ତି। ସୂଚନା ଅନୁଯାୟୀ, ପାଇକମାଲ ନିବାସୀ ରାଜେଶ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରୁ ବିଭିନ୍ନ ସମୟରେ ଗୃହ ନିର୍ମାଣ ଓ ବ୍ୟବସାୟ ପାଇଁ ମୋଟ ୨୫ ଲକ୍ଷ ୫୦ ହଜାର ଟଙ୍କା ଋଣ ନେଇ ପରିଶୋଧ କରି ନ ଥିଲେ। ତାଙ୍କୁ ବ୍ୟାଙ୍କ ପକ୍ଷରୁ ନୋଟିସ ଦିଆଯାଇଥିଲା। ହେଲେ ସେ ବ୍ୟାଙ୍କ କଥା ଶୁଣି ନ ଥିଲେ। ଫଳରେ ବ୍ୟାଙ୍କ କର୍ତ୍ତୃପକ୍ଷ ପୋଲିସ ପ୍ରଶାସନ ସହାୟତାରେ ପାଇକମାଲ ସ୍ଥିତ ତାଙ୍କ ଘର ଓ କାରଖାନାକୁ ସିଲ କରିଛନ୍ତି। ଏହି ଅବସରରେ ବ୍ୟାଙ୍କ ଆଞ୍ଚଳିକ ପ୍ରବନ୍ଧକ କୈଳାସ ଚନ୍ଦ୍ର ମିଶ୍ର, ଅତିରିକ୍ତ ତହସିଲଦାର ପ୍ରତାପ ଚନ୍ଦ୍ର ପୂଜାରୀ, ଥାନାଧିକାରୀ ସୁଶାନ୍ତ ବଡେଇଙ୍କ ସମେତ ଏକ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ।

## ଲୋକ ମହୋତ୍ସବ ପାଇଁ ପ୍ରତିଯୋଗିତା


ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

ପଦ୍ମପୁର, ୯।୧୨ (ପ୍ରଦୀପ୍ତ ଦାଶ)

ପଦ୍ମପୁର ତୃତୀୟ ଲୋକ ମହୋତ୍ସବ ଉପଲକ୍ଷେ ବୋଡ଼ାସମ୍ବର ବ୍ଲକର ବିଭିନ୍ନ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରମାନଙ୍କୁ ନେଇ ରାଜବୋଡାସମ୍ବର ହାଇସ୍କୁଲ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବକ୍ତୃତା, ଚିତ୍ରାଙ୍କନ, କଣ୍ଠ ସଙ୍ଗୀତ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀମାନଙ୍କ ନାମ ବାଣିଜ୍ୟ ମେଳା ଉଦ୍‌ଘାଟନୀ ଦିବସରେ ପ୍ରକାଶ କରାଯିବ। ଗଙ୍ଗାଧର ମହାନ୍ତି, ନାଟ୍ୟକାର ଅଶୋକ ବହିଦାର, ଡ. ଭକ୍ତପୂରନ ସାହୁ, ପ୍ରୀତି ପ୍ରଧାନ, ଶେଷଦେବ ମେହେର, କୁମାରିକା ମହାପାତ୍ର, କରିଷ୍ମା ସାହୁ, ରମେଶ ଗୁର୍ଲା, ସନ୍ତୋଷ ମହାନ୍ତି, ରାଜେଶ ଗୁର୍ଲା , ସୁଧର୍ମା ଦାସ, ସଚ୍ଚିଦାନନ୍ଦ ସାହୁ, ଗିରିଧାରୀ ସାହୁ, ଦୁର୍ଗାଶୀଷ ପଟ୍ଟନାୟକ ଓ କେଦାର ପଣ୍ଡା ପ୍ରମୁଖ ପ୍ରତିଯୋଗିତାଗୁଡ଼ିକର ବିଚାରକ ଥିଲେ। କାର୍ଯ୍ୟକ୍ରମକୁ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ପ୍ରତାପ ନାଥ, ହରି ସିଂ, ଇଂ. କୁନାଲ ପାଣିଗ୍ରାହୀ, ଦିବ୍ୟକିଶୋର ପଣ୍ଡା, ସୁଧାଂଶୁ ଶେଖର ତ୍ରିପାଠୀ, ଦୀନେଶ ବାରିକ, ନରେଶ ସୁନ୍ଦର ସାହୁ ଓ ନରୋତ୍ତମ ପଧାନ ସହଯୋଗ କରିଥିଲେ। ସେହିପରି ସ୍ଥାନୀୟ ରାଜାଜୀ ଟାଉନ ହଲରେ ମହିଳା ବର୍ଗ ଓ ଶିଶୁ ବର୍ଗର ରଙ୍ଗୋଲି, ଝୋଟି ଓ କେବଳ ମହିଳା ବର୍ଗର କଣ୍ଠ ସଙ୍ଗୀତ ପ୍ରତିଯୋଗିତା ହେବ ବୋଲି ଲୋକ ମହୋତ୍ସବ କମିଟି ଆବାହକ ଅଶୋକ ମିଶ୍ର ନିବେଦନ ସୂଚନା ଦେଇଛନ୍ତି।

## ବିନ୍ଧ୍ୟବାସିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା

ପାଇକମାଲ, ୯।୧୨ (ବଡ ଶତପଥୀ)

ବରଗଡ ଜିଲା ପାଇକମାଲ ବିନ୍ଧ୍ୟବାସିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତରେ ଅନୁଷ୍ଠାନର ଅଧ୍ୟକ୍ଷ ଶ୍ୟାମଲାଲ ପ୍ରଧାନ ସଭାପତିତ୍ୱ କରିଥିଲେ। ପାଇକମାଲ ବ୍ଲକ ଅଧ୍ୟକ୍ଷା ଭାବନା ସିଂ ମୁଖ୍ୟଅତିଥି ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ କ୍ରୀଡ଼ାବିତ୍ କୁଶୁମ ରାଓ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କ୍ରୀଡ଼ା ସଂଯୋଜକ ମିନକେତନ ବେହେରା ବିବରଣୀ ପାଠ କରିଥିବା ବେଳେ ଅଧାପିକା ରଞ୍ଜିତା ମହାନ୍ତି ସଭା ପରିଚାଳନା କରିଥିଲେ। ଏଥିରେ ଦୌଡ, ଲମ୍ବଡିଆଁ, ସ୍ଲୋ ସାଇକେଲ ରେସ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ ଫୁଟବଲ ପ୍ରତିଯୋଗିତା ହୋଇଥିଲା। ଯୁବନେତା ଗୌତମ ସିଂ ପତାକା ଗ୍ରହଣ କରି ପ୍ରତିଯୋଗିତାକୁ ଉଦ୍‌ଯାପନ କରିଥିଲେ।

## ଆର୍ଥିକ ସାକ୍ଷରତା, ସଚେତନତା ପାଇଁ ୱାକାଥନ୍



ସୁବର୍ଣ୍ଣପୁରରେ ଆର୍ଥିକ ସାକ୍ଷରତା ସକାଶେ ଅନୁଷ୍ଠିତ ସଚେତନତା ପଦଯାତ୍ରା ।

ସୋନପୁର, ୯।୧୨ (ମୃତ୍ୟୁଞ୍ଜୟ ଶତପଥୀ)

ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଶନିବାର ସୋନପୁର ସହରରେ ଆର୍ଥିକ ସାକ୍ଷରତା ଓ ସଚେତନତା ଉପରେ ଏକ ୱାକାଥନ ଆୟୋଜିତ ହୋଇଯାଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଭୁବନେଶ୍ୱର କାର୍ଯ୍ୟାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲାପାଳ ବିମଳେନ୍ଦୁ ରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ୱାକାଥନର ଶୁଭାରମ୍ଭ କରିଥିଲେ। ଏହା ରୟାଲ ପଡିଆରୁ ବାହାରି ସହର ପରିକ୍ରମା କରିଥିଲା। ଏଥିରେ ଛାତ୍ରୀଛାତ୍ର, ମହିଳା ସ୍ୱୟଂ ସହାୟକ ଗୋଷ୍ଠିର ସଦସ୍ୟ, ଉଦ୍ୟୋଗୀ, କୃଷକ, ବିଭିନ୍ନ ବ୍ୟାଙ୍କର କର୍ମଚାରୀ, ବ୍ୟବସାୟୀ ଓ ବରିଷ୍ଠ ନାଗରିକ ବୃନ୍ଦ ସାମିଲ ହୋଇଥିଲେ। ପରେ ନୂତନ ଟାଉନ ହଲ ପରିସରରେ ଏକ ସଚେତନତା ସଭା ତଥା କ୍ଷେତ୍ରସ୍ତରୀୟ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରିଜର୍ଭ ବ୍ୟାଙ୍କର ଡେପୁଟି ଜେନେରାଲ ମ୍ୟାନେଜର ମଧୁକର ଆନନ୍ଦ, ସୁବର୍ଣ୍ଣପୁରର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହେମନ୍ତ କୁମାର ପାଢୀ, ଡାକ୍ତର ଦୁର୍ଗାଦତ୍ତ ଦାଶ, ଅଭିଶେକ ପରମାଣିକ ଓ ମହମ୍ମଦ ଅଫଜଲ ସରିଫ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସାଇବର ସୁରକ୍ଷା, ଡିଜିଟାଲ ବ୍ୟାଙ୍କିଙ୍ଗ୍, ବିଭିନ୍ନ ପ୍ରକାର ଆର୍ଥିକ ଠକେଇ ଓ ବ୍ୟାଙ୍କରେ ଅଭିଯୋଗ ସମାଧାନର ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ବିଭିନ୍ନ ବ୍ୟାଙ୍କ୍ ପକ୍ଷରୁ ଜନସାଧାରଣଙ୍କୁ ଆର୍ଥିକ ସାକ୍ଷରତା ଓ ଯୋଜନା ବିଷୟରେ ପରାମର୍ଶ ଦିଆଯାଇଥିଲା। ଏଲଡିଏମ୍ ଜି.କାମରାଜ ଦୋରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଦୁର୍ଘଟଣାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ବରଗଡ଼, ୯।୧୨ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଉପକଣ୍ଠ ହଳଦୀପାଲି ଛକରେ ଶନିବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବରଗଡ଼ ଜିଲା ବରପାଲି ଥାନା ଲଟାକେରା ଗ୍ରାମର ମୀତା ଦେବତା। ଦୁର୍ଘଟଣାରେ ତାଙ୍କ ସ୍ୱାମୀ ମଙ୍ଗଳା ଗୁରୁତର ହୋଇଛନ୍ତି। ବରଗଡ଼ ସଦର ଥାନା ପୋଲିସ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଛି। ଉକ୍ତ ଦମ୍ପତି ଏକ ସ୍କୁଟିରେ ଆସୁଥିବାବେଳେ ତାଙ୍କୁ ଟ୍ରକ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା। ସଦର ଥାନା ପୋଲିସ ସମ୍ପୃକ୍ତ ଟ୍ରକ୍‌କୁ ଧରିବା ପାଇଁ ତନାଘନା ଚଳାଇଛି।

## ଦହିତା କଲେଜରେ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଯାପିତ

ପଦ୍ମପୁର, ୯।୧୨ (ପ୍ରଦୀପ୍ତ ଦାଶ)

ବିଦ୍ୟା ସହିତ ଶିକ୍ଷାର ଆବଶ୍ୟକତା ରହିଛି। ତେଣୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରହିଥିବା ଅନ୍ତର୍ନିହିତ ଗୁଣର ବିକାଶ ମାଧ୍ୟମରେ ପ୍ରକୃତ ଶିକ୍ଷାର ବିକାଶ କରାଯାଇପାରିବ। ଏହି କ୍ରମରେ ନୂଆ ଓଡ଼ିଶାର ଉପାଦେୟତା ଗୁରୁତ୍ୱପୂର୍ଣ୍ଣ ବୋଲି ବରଗଡ଼ ଜିଲା ପଦ୍ମପୁର ବ୍ଲକ ଦହିତା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ଅତିଥିବୃନ୍ଦ ମତପ୍ରକାଶ କରିଛନ୍ତି। ଅଧ୍ୟକ୍ଷ ରାଜେଶ ସାହୁଙ୍କ ପୌରୋହିତ୍ୟ ଏବଂ ନୋଡାଲ ଅଫିସର ଅଧ୍ୟାପକ ସୁଶାନ୍ତ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଦହିତା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ କ୍ଷିରସିନ୍ଧୁ ସୁନା, ବରିଷ୍ଠ ନାଟ୍ୟକାର ଅଶୋକ ବହିଦାର, ସଙ୍ଗୀତଜ୍ଞ ସୁରେନ୍ଦ୍ର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ସଙ୍ଗୀତଜ୍ଞ ରମେଶ ଗୁର୍ଲା, କଳାକାର ଆଶିଷ ବୈକାର, ଶିକ୍ଷୟିତ୍ରୀ ସୋନାଲିକା ଶବର, ଟେନେସ ପଣ୍ଡା ପ୍ରମୁଖ ବିଚାରକ ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ଅତିଥି ଓ ବିଚାରକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ କମିଟି ସଂଯୋଜକ ଅଧାପକ ଶତ୍ରୁଘ୍ନ ପଧାନ, ଅଧାପିକା ଶୋଭାମୟୀ ପଧାନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀମାନଙ୍କୁ ନେଇ ନୃତ୍ୟ, ଗୀତ, ନାଟକ ଆଦି କାର୍ଯ୍ୟକ୍ରମ ହୋଇଥିଲା। ଅଧାପକ ପ୍ରିୟବ୍ରତ ସାହୁ, ନାରାୟଣ ହୋତା, ରତିକାନ୍ତ ସୁଆର, ସୁବଳ ସାହୁ, ଦେବରାଜ ସାହୁ, ଛାତ୍ର ସଦସ୍ୟ ମମତା ମେହେର, ଅନିତା ସାହୁ, ତନମୟୀ ମେହେରଙ୍କ ସମେତ କର୍ମଚାରୀ ସହଯୋଗ କରିଥିଲେ। ବରିଷ୍ଠ ଅଧାପକ ଲମ୍ବୋଦର ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।

**Office of the Returning Officer**
**Saharayn Universal Multipurpose Society Limited, Bhopal**

**Notice**

All the esteemed members of Saharayn Universal Multipurpose Society Limited, Bhopal, are hereby informed that for constituting a Smaller Representative General Body, an election schedule was published on 25/11/2023, which is hereby postponed till further notice as per the direction of the Central Registrar, Cooperative Societies, New Delhi vide letter dated 30.11.2023.

(R.K. Patil)
Assistant Commissioner & Returning officer
Saharayn Universal Multipurpose Society Limited, Bhopal

## ଶିବାଶିଷ, ଆକାଶ ଶ୍ରେଷ୍ଠ ଖେଳାଳି

ଅମରପାଲି, ୯।୧୨ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୫ତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୁବଳୟା ହାଇସ୍କୁଲ ଖେଳ ଶିକ୍ଷକ ପ୍ରଦୀପ କୁମାର ମହାନନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ଦୌଡ ପ୍ରତିଯୋଗିତା, ଉଚ୍ଚଡିଆଁ, ଲମ୍ବଡିଆଁ, ପଟଟୋ ରେସ, ବେଲୁନ ଫଟା, ବେଙ୍ଗ ଦୌଡ ଆଦି ଖେଳ ପ୍ରତିଯୋଗିତ ହୋଇଥିଲା। ଅନୁଷ୍ଠାନ ସଭାପତି ଅନ୍ତର୍ଯ୍ୟାମୀ ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସୁବଳୟା ସରପଞ୍ଚ ପ୍ରମୋଦ ମହାପାତ୍ର ମୁଖ୍ୟ ଅତିଥି ଏବଂ ଶିକ୍ଷାକେନ୍ଦ୍ର ଉପସଭାପତି ଚନ୍ଦ୍ରମଣି ବାଘ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଶିକ୍ଷାକ୍ଷେତ୍ରରେ ଖେଳର ଉପାଦେୟ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବଳରାମ ପୂଝାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିବାଶିଷ ରଥ ଓ ଆକାଶ କର୍ମାଙ୍କୁ ଶ୍ରେଷ୍ଠ ଖେଳାଳିଭାବେ ପୁରସ୍କୃତ କରାଯାଇଥିଲା।

## ଅମ୍ବାପାଲି ହାଇସ୍କୁଲରେ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ



ବାଲ୍ ବିଜ୍ଞାନ ପ୍ରଦର୍ଶନୀରେ ଯୋଗଦେଇଥିବା ଅତିଥିବୃନ୍ଦ ।

ବରଗଡ଼, ୯।୧୨ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ପୌର ପରିଷଦ ଅଧୀନ ଅମ୍ବାପାଲିସ୍ଥିତ ସମଲେଶ୍ୱରୀ ସରକାରୀ ହାଇସ୍କୁଲରେ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ଉକ୍ତ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ, ବ୍ଲକ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇ, ସ୍କୁଲ କମିଟି ଚେୟାରମ୍ୟାନ ଈଶ୍ୱର ବାଗ, ଆଲୁମିନି ସଭାପତି ସୁରେଶ ମହାପାତ୍ର, ପ୍ରଧାନ ଶିକ୍ଷକ ସର୍ବେଶ୍ୱର ରଥ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ତାଳଶ୍ରୀଗିଡ଼ା ଉନ୍ନୀତ ଉଚ୍ଚ ପ୍ରାଥମିକ ସ୍କୁଲର ପ୍ରିୟାଂଶୀ ପ୍ରଧାନ, ଅଡ଼ଗାଁ ହାଇସ୍କୁଲର ଶିନ୍ଟୁ ଷଡ଼ଙ୍ଗୀ, ଶ୍ରୀହରି ନଗର ଆଞ୍ଚଳିକ ହାଇସ୍କୁଲର ଯସ୍ମିନ ମହାପାତ୍ର, ତୁରୁଙ୍ଗା ରାମଜୀଲାଲ ହାଇସ୍କୁଲର ଭାବନା ସାହୁ, କଟାପାଲି ନୋଡ଼ାଲ ହାଇସ୍କୁଲର ଶୁଭମ ସେଠ, ଶସୁପାଲିର ଶେୟଲ ଦେବତା କୃତିତ୍ୱ ଅର୍ଜନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ, ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ମାନିନୀ ଦାଶ ସ୍ୱାଗତ ଭାଷଣ ଦେଇଥିବାବେଳେ ବିଦ୍ୟାଳୟର ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ।

बैंक ऑफ महाराष्ट्र
Bank of Maharashtra
भारत सरकार का उद्यम
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
**ସମ୍ବଲପୁର ଶାଖା**
ଶିବଲୋକ କମ୍ପ୍ଲେକ୍ସ, ଗୈଟୀ ଟକିଜ୍ ରୋଡ୍, ଗୋଲ ବଜାର ନିକଟ, ସମ୍ବଲପୁର -୭୬୮୦୦୧, ଫୋନ୍.: ୬୩୭୦୭୦୪୮୫୫, ଇ-ମେଲ୍: bom1824@mahabank.co.in

**ଦଖଲ ନୋଟିସ୍**
[ନିୟମ - ୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୩ ସହିତ ଧାରା ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ **ଭୌତିକ ଦଖଲ** ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ହୋଟେଲ ମା ଶକ୍ତି, ସ୍ୱତ୍ୱାଧିକାରୀ: ଶ୍ରୀ ବୃନ୍ଦାବନ ସାହୁ, ଠିକଣା:** ସା: ଅଶୋକା ଟକିଜ୍ ରୋଡ୍, ନିକ୍କି ହୋଟେଲ ନିକଟ, ସମ୍ବଲପୁର, ଓଡ଼ିଶା-୭୬୮୦୦୨, **ଅନ୍ୟ ଠିକଣା:** ସା: ଏଫ୍-୧, ସରସ୍ୱତୀ ଏନକ୍ଲେଭ, ସିଟି ଷ୍ଟେସନ୍ ନିକଟ, ପୋ: ଧନକଉଡା, ଜିଲ୍ଲା: ସମ୍ବଲପୁର, ଓଡ଼ିଶା-୭୬୮୦୦୫ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ କରିସ୍ମା ସାହୁ,** ସ୍ୱାମୀ: ଶ୍ରୀ ବୃନ୍ଦାବନ ସାହୁ, ସା: ଏଫ୍-୧, ସରସ୍ୱତୀ ଏନକ୍ଲେଭ, ସିଟି ଷ୍ଟେସନ୍ ନିକଟ, ପୋ: ଧନକଉଡା, ଜିଲ୍ଲା: ସମ୍ବଲପୁର, ଓଡ଼ିଶା-୭୬୮୦୦୫ | **ଶ୍ରୀମତୀ କରିସ୍ମା ସାହୁ,** ସ୍ୱାମୀ: ଶ୍ରୀ ବୃନ୍ଦାବନ ସାହୁଙ୍କ ନାମରେ ଥିବା ଅଣ ଚକବନ୍ଦୀ ଯୋଗ୍ୟ ପ୍ଲଟ୍ ନଂ.: ୬୯ର ଜମି ଯାହାର ଚକ ଖାତା ନଂ.: ୯୭, କ୍ଷେତ୍ର: ଏକର ୦.୦୪୫ ଡ଼ିସିମିଲି (ଚାରି ଡିସିମିଲି ପାଞ୍ଚ ସେଣ୍ଟ୍ସ), ମୌଜା: ଧନକଉଡା, ଥାନା: ସମ୍ବଲପୁର ନଂ.: ୨୪, ତହସିଲ: ସମ୍ବଲପୁର ନଂ.: ୨୨୧, ଜିଲ୍ଲା: ସମ୍ବଲପୁର, ସମ୍ବଲପୁର ଜିଲ୍ଲା ରେଜିଷ୍ଟ୍ରେସନ୍ କ୍ଷେତ୍ରାଧୀନ ସଦର ସବ୍-ରେଜିଷ୍ଟ୍ରେସନ୍ ଇଲାକା, ଏହାର ଚାରିପାର୍ଶ୍ୱରେ ପୂର୍ବ: ଚକ ପ୍ଲଟ୍ ନଂ.: ୭୦, ପଶ୍ଚିମ: ଚକ ପ୍ଲଟ୍ ନଂ.: ୬୯, ଉତ୍ତର: ମୌଜା: ସମ୍ବଲପୁର ଟାଉନ୍ ୟୁନିଟ୍ ନଂ.: ୧୬, ସରଳା, ଦକ୍ଷିଣ: ଚକ ପ୍ଲଟ୍ ନଂ.: ୬୮ | ତା.୧୭.୦୮.୨୦୨୩ରିଖ ସୁଦ୍ଧା ଟ.୩୮,୯୧,୬୫୪/- + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୧୭.୦୮.୨୦୨୩ / ୦୫.୧୨.୨୦୨୩ |

ସ୍ଥାନ : ସମ୍ବଲପୁର, ତାରିଖ : ୦୫.୧୨.୨୦୨୩ — ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

# ଅଦିନିଆ ବର୍ଷାରେ ବ୍ୟାପକ କ୍ଷତି



ବିଲରେ ପଡ଼ି ରହିଥିବା କଟା ଧାନ ବର୍ଷାରେ ନଷ୍ଟ ହୋଇଯାଇଛି।

ବଡ଼ଗାଁ,୯।୧୨(ଅଶୋକ ଷଡ଼ଙ୍ଗୀ)

### ବଡ଼ଗାଁ ବ୍ଲକ
### କୃଷି ଓ ରାଜସ୍ୱ ବିଭାଗ ଦ୍ୱାରା କ୍ଷୟକ୍ଷତି ଆକଳନ

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳରେ ଅଦିନିଆ ବର୍ଷା ଯୋଗୁ ଧାନ ଫସଲର ବ୍ୟାପକ କ୍ଷତି ହୋଇଛି। ବିଶେଷ କରି ବାହଲ କିସମ ଜମିରେ ପୂର୍ବରୁ ପାଣି ଥିଲା ବେଳେ ବର୍ଷା ହେବାରୁ ଧାନ ଫସଲ ପାଣିରେ ବୁଡି ରହିଛି। ସେହିପରି କଟା ହୋଇଥିବା ଧାନ ବିଲରେ ରହିଯିବାରୁ ଗଜା ହୋଇଯାଇଥିବା ଦେଖାଯାଇଛି। ଶନିବାର ପୂର୍ବାହ୍ନରେ କୃଷି ଓ ରାଜସ୍ୱ ବିଭାଗ ଦ୍ୱାରା କ୍ଷୟକ୍ଷତି ଆକଳନ କରାଯାଇଛି । ବିଭାଗୀୟ କର୍ମଚାରୀମାନେ ଡୁଡାଲଗା, ଦାଣ୍ଡଜମରା, ଫୁଲବାରୀ ସମେତ ଅନ୍ୟ ପଞ୍ଚାୟତର ଗ୍ରାମକୁ ଯାଇ ଚାଷୀଙ୍କ ବିଲ ବୁଲି ଦେଖିଥିଲେ । ଏହି ସମୟରେ ଚାଷୀମାନେ ଧାନ ଗଜା ହୋଇଥିବା ଦେଖାଇ ସରକାର ସାହାଯ୍ୟ ନ କଲେ ପରିବାର ପ୍ରତିପୋଷଣ ଅତି କଷ୍ଟକର ହେବ କହିଥିଲେ । ଡୁଡାଲଗା ରାଜସ୍ୱ ନିରୀକ୍ଷକ ଡିଲେଶ୍ୱରି ନାଏକ, କୃଷି କର୍ମଚାରୀ ଅଂଶୁମାନ ପଟେଲ, ଆର୍‌ଆଇ ବର୍ଷାରାଣୀ ପଟେଲ, ଆର୍‌ଆଇ ସୁବ୍ରତ ପଟେଲ, କୃଷି ଅଧିକାରୀ ନର୍ମଦା କୁମରା, ଆର୍‌ଆଇ ସଞ୍ଜୟ ପୃଷ୍ଟି, କୃଷି କର୍ମଚାରୀ ମହେଶ କୁମାରଙ୍କ ସମେତ ସମସ୍ତ ରାଜସ୍ୱ ନିରୀକ୍ଷକ ଓ କୃଷି କର୍ମଚାରୀମାନେ ୧୫ଟି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ଜନ ପ୍ରତିନିଧିଙ୍କ ଉପସ୍ଥିତିରେ କ୍ଷୟକ୍ଷତି ଅନୁଧ୍ୟାନ କରିଛନ୍ତି। ଏ ସମ୍ପର୍କରେ ରାଜସ୍ୱ ନୀରିକ୍ଷକ ଓ କୃଷି କର୍ମଚାରୀମାନଙ୍କୁ ପଚାରିବାରୁ ସେମାନେ ଅନୁଧ୍ୟାନ କଲା ପରେ ସରକାରଙ୍କୁ ରିପୋର୍ଟ ଦିଆଯିବ ବୋଲି କହିଛନ୍ତି। ପୂର୍ବାହ୍ନରେ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନଙ୍କ ସହିତ ସରପଞ୍ଚ ସୁଦୀପ ବାଡା, ଯୋଗିନ୍ଦ୍ର କିସାନ, ଗୋବର୍ଦ୍ଧନ ହାହା ଚାଷୀଙ୍କ ବିଲକୁ ଯାଇ ଅନୁଧ୍ୟାନ କରିବା ସହ ବିଭାଗୀୟ ଅଧିକାରୀମାନଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ ।

### ଏମାନେ ଯାହା କୁହନ୍ତି...

“ଆମ ପଞ୍ଚାୟତର ସମସ୍ତ ଗ୍ରାମରେ ଧାନ ଫସଲ ବହୁ ପରିମାଣରେ ନଷ୍ଟ ହୋଇଛି। ଚାଷୀଙ୍କୁ ସହାୟତା ନ ଦେଲେ ସେମାନଙ୍କ ପରିବାର ଚଳାଇବା କଷ୍ଟକର ହେବ। ପାଣିରେ ଧାନ ରହିଯିବାରୁ ଧାନର ରଙ୍ଗ ବଦଳିଯିବ। ତେଣୁ କଟନୀ ଛଟନୀ ନ କରି ଚାଷୀଙ୍କ ଧାନ କିଣିବା ଆବଶ୍ୟକ ।

**–ସୁଦୀପ ବାଡା , ଡୁଡାଲଗା ସରପଞ୍ଚ**

“ଅଦିନିଆ ବର୍ଷା ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲାଇ ଦେଇଛି। ଏଭଳି ପରିସ୍ଥିତିରେ ସରକାର ଅନୁଧ୍ୟାନ କରି କ୍ଷତିଭରଣା କରିବା ଆବଶ୍ୟକ।

**–ଅମିୟ କୁମାର ପ୍ରଧାନ, ଜିଲା ପରିଷଦ ସଭ୍ୟ**

“ଅଦିନିଆ ବର୍ଷା ଫସଲ ଉଜାଡି ଦେଇଛି। ଛୁଆପିଲା କିପରିପୋଷିବୁ ଚିନ୍ତାରେ ପଡ଼ିଛୁ। ଧାନ ବିଲରେ ପଡି ରହି ଗଜା ହୋଇଗଲା। ସରକାର ଆମ ଦୁଃଖ ନ ବୁଝିଲେ ଦୁର୍ଦ୍ଦଶା ଦ୍ୱିଗୁଣିତ ହେବ ।

**– ଦୁର୍ଯ୍ୟୋଧନ କିସାନ , ଚାଷୀ , ମହପଡା**

“ଅଦିନିଆ ବର୍ଷା ଯୋଗୁ ଧାନ ଫସଲ ନଷ୍ଟ ହୋଇଯାଇଛି। ଚାଷୀ ପରିବାର କେମିତି ଚଳାଇବେ ଚିନ୍ତାରେ ପଡିଛନ୍ତି। ସରକାରଙ୍କୁ ଅନୁରୋଧ କ୍ଷୟକ୍ଷତି ଆକଳନ କରି କ୍ଷତି ଭରଣା ଦେଲେ ସେମାନେ ଉପକୃତ ହେବେ।

**–ଯୋଗୀନ୍ଦ୍ର କିସାନ, ଫୁଲବାରୀ ସରପଞ୍ଚ**

“ଧାନ ବିଲରେ ଥିଲା, ବର୍ଷା ହେବାରୁ ସବୁ ଗଜା ହୋଇଗଲା। ଆମକୁ ସରକାର ସାହାଯ୍ୟ ନ କଲେ ହଇରାଣରେ ପଡ଼ିବୁ।

**–ମୁଟୁରୁ ବାଗ, ଚାଷୀ, ଦାଣ୍ଡଜମରା**

“ବର୍ଷାରେ ଧାନ ଫସଲ ବ୍ୟାପକ କ୍ଷତି ହୋଇଛି। ଏହା ଖାଇ ହେବନାହିଁ କିମ୍ବା ମିଲର୍ ମଧ ନେବେ ନାହିଁ। ଚାଷୀ ହତାଶ ହୋଇ ପଡିଛନ୍ତି। ସରକାର ସାହାଯ୍ୟ ନ କଲେ ସେମାନଙ୍କ କଷ୍ଟ ବଢିଯିବ।

**–ଗୋବର୍ଦ୍ଧନ ହାହା, ସରପଞ୍ଚ ଦାଣ୍ଡଜମରା**

“ମୋର ପାଞ୍ଚ ଏକର ଜମିର ଧାନଫସଲ ଗଜା ହୋଇଯାଇଛି। ମୋ ଭଳି ଅନ୍ୟମାନଙ୍କ ଫସଲ ନଷ୍ଟ ହୋଇଛି। ସରକାର କ୍ଷତିପୂରଣ ଦେଲେ କ୍ଷତିର କଷ୍ଟ କିଛି ପରିମାଣରେ ଲାଘବ ହେବ।

**– ସମୀର ରାଉତରାୟ, ଚାଷୀ, ବାଇବାଇ**

## ନୂଆ–ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

କୁତ୍ରା,୯।୧୨(ଦେବାଶିଷ ସାହୁ)

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଝାରବେଡାଠାରେ ଅବସ୍ଥିତ ଡାଲମିଆ ମହାବିଦ୍ୟାଳୟରେ ୧୨ ଦିନ ଧରି ଚାଲିଥିବା ନୂଆ ଓ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଯୁକ୍ତ ୩ ବିଭାଗର ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଡ. ଚିରବ୍ରତ ଦତ୍ତଙ୍କ ସଭାପତିତ୍ୱରେ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାଏକ ଯୋଗ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ସରକାର ଏକ ବ୍ୟବସ୍ଥା, ବ୍ୟବସ୍ଥା ଭିତରେ କାମ କରିବାକୁ ପଡେ। ନିଜକୁ ସିଲାବସ ଭିତରେ ସୀମିତ ନ ରଖି ସିଲାବସ ବାହାରେ ଶିକ୍ଷା ଗ୍ରହଣ କରିବା ଆବଶ୍ୟକ। ସମ୍ମାନିତ ଅତିଥି ଭାବରେ ରାଜଗାଙ୍ଗପୁର ବିଧାୟକ ଡା. ସିଏସ ରାଜନ ଏକ୍କା ଯୋଗଦେଇ ଆମ ପାଖରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ରହିଛି,ଏହାକୁ ପାଥେୟ କରି ଆଗକୁ ବଢ଼ିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଆଇଆଇପିଏମର ନିର୍ଦ୍ଦେଶକ ସୁଦିପ ଘୋଷ ଯୋଗଦେଇ ସବୁ ସ୍ତରରେ ଶିକ୍ଷାର ମହତ୍ୱ ଅଛି, ଛାତ୍ରୀଛାତ୍ରମାନେ ନିଜର ଲକ୍ଷ୍ୟ ରଖି ଶିକ୍ଷାଗ୍ରହଣ କରିଲେ ନିଶ୍ଚୟ ସଫଳ ହେବେ ବୋଲି ପ୍ରକାଶ କରିଥିଲେ। କଲେଜ ଅଧକ୍ଷା ଡ.ହିରଣ ଲୁଗୁନ ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ କଲେଜର ଅସୁବିଧା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଆର. କେ. ପରିଜା, ନୋଡାଲ ଅଫିସର ଡ. ଜିତେନ୍ଦ୍ର କୁମାର ପଟେଲ ପ୍ରମୁଖ ମଞ୍ଚାସୀନ ଥିଲେ । ଶେଷରେ ଉଭୟ ମନ୍ତ୍ରୀ ଓ ବିଧାୟକ କଲେଜର ଉନ୍ନତି ଦିଗରେ ଧ୍ୟାନ ଦେବା ସହିତ ସମସ୍ତ ପ୍ରକାର ସୁବିଧା ସୁଯୋଗ ପ୍ରଦାନ ଦିଗରେ ବିହିତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମ ଅନ୍ତର୍ଗତ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରି ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ଓଡ଼ିଆ ପୁଅ ପ୍ରଣୟଙ୍କୁ ସମ୍ବର୍ଦ୍ଧନା




ଲାଠିକଟା, ୯।୧୨(ରାମେଶ୍ୱର ଖାଡଙ୍ଗା)

### ଅନ୍ତର୍ଜାତୀୟ ନ୍ୟୁରୋ ଆର୍ଟ ଶିବିର

ସୁନ୍ଦରଗଡ ଜିଲା ରାଉରକେଲା ସାରନଗରୀ ଅଞ୍ଚଳର ପ୍ରଣୟ ଜେନା ଅନ୍ତର୍ଜାତୀୟ ଚିତ୍ରକଳା ଶିବିରରେ ଅଂଶଗ୍ରହଣ କରି ନିଜର ଦକ୍ଷତା ପ୍ରମାଣିତ କରିଛନ୍ତି । ଏଥିପାଇଁ ତାଙ୍କୁ ଅଞ୍ଚଳବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଜଣାଯିବା ସହ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ନେପାଳର ନ୍ୟୁରୋ ଆର୍ଟ, ଜଳେଶ୍ୱର ଆର୍ଟ ଫାଉଣ୍ଡେଶନ ଓ ପୋଖରା କ୍ରିଏଟିଭ ଆର୍ଟ ସୋସାଇଟିର ମିଳିତ ଆନୁକୂଲ୍ୟରେ ନେପାଳର କାଠମାଣ୍ଡୁସ୍ଥିତ ପାଟନ ମ୍ୟୁଜିୟମରେ ସ୍ନାୟୁ ରୋଗ ଚିକିତ୍ସା ଓ ନିରାକରଣ ଉପରେ ଅନ୍ତର୍ଜାତୀୟ ଚିତ୍ରକଳା ଶିବିର ଗତ ୩ ତାରିଖଠାରୁ ଆରମ୍ଭ ହୋଇ ୫ ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ଭାରତ, ନେପାଳ, ଥାଇଲାଣ୍ଡ, ମଙ୍ଗୋଲିଆ, ଭିଏତନାମ ଆଦି ଦେଶରୁ ୪୦ରୁ ଊର୍ଦ୍ଧ୍ୱ ଚିତ୍ର ଶିଳ୍ପୀ ଅଂଶଗ୍ରହଣ କରିଥିଲେ। ଶିବିରରେ ଭାରତରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ୫ ଜଣ ଚିତ୍ରଶିଳ୍ପୀଙ୍କ ମଧ୍ୟରେ ରାଉରକେଲାର ସାରନଗରୀ ଅଞ୍ଚଳର ଅବସରପ୍ରାପ୍ତ ଶିକ୍ଷକ କପିଳ ଚରଣ ଜେନାଙ୍କ ବଡପୁଅ ପ୍ରଣୟ ଜେନା ସାମିଲ ଥିଲେ । ଏହି କୃତିତ୍ୱ ନିମନ୍ତେ ପ୍ରଣୟଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ସାମାଜିକ ସଚେତନତା କାର୍ଯ୍ୟକ୍ରମ
### ସୁନ୍ଦରଗଡ଼ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ସୁନ୍ଦରଗଡ,୯।୧୨(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ନୂଆ–ଓ , ନବୀନ ଓଡିଶା, ଯୁବ ଓଡିଶା ଆନୁକୂଲ୍ୟରେ ଗତ୧ ତାରିଖଠାରୁ ସାମାଜିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି। ଏହି ସଚେତନତା କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ଥାନୀୟ ଇବ୍ ନଦୀର ମହାଦେବପଡା ଘାଟକୁ ସଫେଇ କରାଯାଇଥିଲା। ଏହି ସଫେଇ କାର୍ଯ୍ୟରେ ବିଦ୍ୟାଳୟର ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀ ସାମିଲ ଥିଲେ। ସେହିପରି ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀମାନଙ୍କ ଦ୍ୱାରା ଶିକ୍ଷାର ଉନ୍ନତି କରଣ ସମ୍ପର୍କରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗତ ୬ ତାରିଖରେ ମଝାପଡା ନିକଟସ୍ଥ ମେଢା ମନ୍ଦିର ପ୍ରାଙ୍ଗଣରେ ସମାଜରୁ ଅନ୍ଧବିଶ୍ୱାସ ଦୂରୀକରଣ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଏଥିରେ ଛାତ୍ରୀ ମାନେ ଛୋଟ ଛୋଟ ନାଟକ ମାଧ୍ୟମରେ ସମାଜରୁ ବିଭିନ୍ନ କୁସଂସ୍କାର ଓ ଅନ୍ଧବିଶ୍ୱାସ ଦୂରୀକରଣ ପାଇଁ ସଚେତନତା ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମଝାପଡା ସରପଞ୍ଚ ସୀତା ପ୍ରଧାନ, ନାଏବ ସରପଞ୍ଚ ମନୋହର ପ୍ରଧାନ, ପଞ୍ଚାୟତ ନିର୍ବାହୀ ଅଧିକାରୀ ବନ୍ଦନା ପଟେଲ ଓ ଗ୍ରାମବାସୀ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଶନିବାର ପତ୍ରାପଡାସ୍ଥିତ ଶନିମନ୍ଦିର ପ୍ରାଙ୍ଗଣରେ ଛାତ୍ରୀମାନଙ୍କ ଦ୍ୱାରା ନାରୀ ସଶକ୍ତିକରଣ ଓ ଯୌତୁକ ବିରୋଧରେ ଛୋଟ ନାଟକ ପରିବେଷଣ କରାଯାଇ ସାମାଜିକ ସଚେତନତା ସୃଷ୍ଟି କରାଯାଇଥିଲା। କାର୍ଯ୍ୟକ୍ରମରେ ସୁନ୍ଦରଗଡ ପୌର ପରିଷଦ ଉପାଧ୍ୟକ୍ଷ ଲଳାଟେନ୍ଦୁ ପରିଡା, କାଉନସିଲର ବେଣୁଧର ତାଣ୍ଡିଆ, ସମାଜ ସେବୀ ଜୟ ନାରାୟଣ ତ୍ରିପାଠୀ, କାଉନସିଲର ନମିତା ଶର୍ମା, ଅନିଲ ମହାପାତ୍ର, ଅଶୋକ ମହାନ୍ତି ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମର ନୋଡାଲ ଅଫିସର ସଞ୍ଜୟ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ସ୍ମିତାରାଣୀ ପଟେଲ, ଚାରୁଲତା ନାଏକ, ସଲିଲା କୁଜୁର, ନିଳୀମା ଭିଡ୍ରିଆ, ଶୁଭଙ୍କିତା ରଥ, କ୍ଷୀତିସୂତା ନାଏକ, ଅଧ୍ୟାପକ ଜ୍ଞାନେନ୍ଦ୍ର ତ୍ରିପାଠୀ, କୁନା ସାହୁ, ଆଦର୍ଶ ପଟେଲ ପ୍ରମୁଖ ସହଯୋଗ କରିଥିଲେ।



ସଚେତନତା କାର୍ଯ୍ୟକ୍ରମରେ ସାମିଲ ଛାତ୍ରୀ ଓ ଅତିଥିମାନେ।

## ବନବିଭାଗର ପ୍ଲାଷ୍ଟିକ ମୁକ୍ତ ଅଭିଯାନ

ହେମଗିର,୯।୧୨(ଚୈତନ୍ୟ ପଟେଲ)

ସୁନ୍ଦରଗଡ ଜିଲା ହେମଗିରଠାରେ ଶନିବାର ହେମଗିର ବନବିଭାଗ ତରଫରୁ ହେମଗିର ହାଇସ୍କୁଲର ଛାତ୍ରୀଛାତ୍ରମାନଙ୍କୁ ନେଇ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଆରମ୍ଭ ହୋଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ରାଲିରେ ବାହାରି ନଗର ପରିକ୍ରମା କରିବା ସହିତ ଐତିହାସିକ ଛେଙ୍ଗା ପାହାଡ ଗୁମ୍ଫାଠାରେ ପହଞ୍ଚିଥିଲେ। ଡିଏଫଓ ପ୍ରଦିପ ମିରାସେ, ଏସିଏଫ ମାନସ ରଞ୍ଜନ ମୁର୍ମୁ, ରେଞ୍ଜର ବିଜୟ କୁମାର ସାହୁ, ଡେପୁଟି ଫରେଷ୍ଟର ପ୍ରକାଶ ଚନ୍ଦ୍ର ନାଏକ, ରାଜୀବ ଲୋଚନ ପଟେଲଙ୍କ ସମେତ ହେମଗିର ହାଇସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକମାନେ ସାମିଲ ଥିଲେ ।



ଛେଙ୍ଗା ପାହାଡ ଗୁମ୍ଫାଠାରେ ଛାତ୍ରୀଛାତ୍ରମାନଙ୍କ ସହିତ ବନବିଭାଗ କର୍ମଚାରୀ।

## ଲଟାଗାଁ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ

ବଡ଼ଗାଁ,୯।୧୨(ଅଶୋକ ଷଡଙ୍ଗୀ)

### ଟୁର୍ନାମେଣ୍ଟରେ ୧୬ଟି ଟିମ୍

ସୁନ୍ଦରଗଡ ଜିଲା ବଡ଼ଗାଁର ଲଟାଗାଁ ନିକଟ ଖେଳପଡିଆଠାରେ ଶନିବାରଠାରୁ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଏହି ଟୁର୍ନାମେଣ୍ଟରେ ୧୬ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମ ରେ ବଡ଼ଗାଁ କ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ମୁଖ୍ୟଅତିଥି ଓ ପୂର୍ବତନ ନାଏବ ସରପଞ୍ଚ କେଶବ କର୍ଶେଲ, ଏମ ଡି ରାଜା, ଏ.ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଆସନ୍ତା ୧୪ ତାରିଖ ଟୁର୍ନାମେଣ୍ଟ ଉଦ୍‌ଯାପିତ ହେବ। ଚାମ୍ପିୟନ ଟିମ୍‌କୁ ୧୦ ହଜାର ଟଙ୍କା ସହିତ ଟ୍ରଫି, ଉପ ବିଜେତା ଦଳକୁ ୬ ହଜାର ଟଙ୍କା ସହିତ ଟ୍ରଫି ପୁରସ୍କୃତ କରାଯିବ। ଏହା ସହିତ ମ୍ୟାନ୍ ଅଫ ଦି ମ୍ୟାଚ, ବେଷ୍ଟ ୱିକେଟ କିପର, ବେଷ୍ଟ ବୋଲର ଚୟନ କରି ପୁରସ୍କୃତ କରାଯିବ। ଶିବାଶିଷ ହୋତା, ଅମଜଦ ଆଲମ, ଏମ. କୁଜୁର, କୈଳାଶ କର୍ଷେଲ ଖେଳ ପରିଚାଳନା କରିଥିଲେ । ଆୟୋଜକ କମିଟିର ରାଜେଶ ଦେହୁରୀ, ଡୋଲାମଣି କାଲୋ, ରାଜା କର୍ସେଲଙ୍କ ସହିତ ଯୁବକମାନେ ବିଭିନ୍ନ କାର୍ଯ୍ୟ ତୁଲାଉଛନ୍ତି।

**Office of the Returning Officer**
**Saharayn Universal Multipurpose Society Limited, Bhopal**

**Notice**

All the esteemed members of Saharayn Universal Multipurpose Society Limited, Bhopal, are hereby informed that for constituting a Smaller Representative General Body, an election schedule was published on 25/11/2023, which is hereby postponed till further notice as per the direction of the Central Registrar, Cooperative Societies, New Delhi vide letter dated 30.11.2023.

(R.K. Patil)
Assistant Commissioner & Returning officer
Saharayn Universal Multipurpose Society Limited, Bhopal

## ବିଜ୍ଞାନ ପ୍ରଦର୍ଶନୀ, କାଗଜ କଣ୍ଢେଇ ପ୍ରସ୍ତୁତି ମୁଖ୍ୟ ଆକର୍ଷଣ

ସୁନ୍ଦରଗଡ଼,୯।୧୨(ଜୟ ନାରାୟଣ ମେଣ୍ଡୁଲି)

### ‘ସର୍ଗି ଫୁଲ’ର ତୃତୀୟ ଦିନ

ସୁନ୍ଦରଗଡ଼ ଭବାନିପୁରସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟଠାରେ ଚାଲିଛି ‘ସର୍ଗି ଫୁଲ’ ଶିଶୁ ମହୋତ୍ସବ। ଏହି ଅବସରରେ ଶନିବାର ଦିନ ଏକ ବିଜ୍ଞାନ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ଜନଜାତି ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଅଭିନବ ପ୍ରକଳ୍ପ ପ୍ରମୁଖ ଆକର୍ଷଣ ପାଲଟିଥିଲା। ଏହି ବିଜ୍ଞାନ ପ୍ରଦର୍ଶନୀରେ ୧୫ଟି ଜିଲାରୁ ଆସିଥିବା ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ମୋଟ ୨୬ଟି ଷ୍ଟଲରେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଆଧୁନିକ ଡ୍ରୋନ ଟେକ୍ନୋଲୋଜି ବ୍ୟବହାର କରି ପରିବେଶର ଅନୁଧ୍ୟାନ, ପୁନଃ ବନୀକରଣ, ପରିବେଶ ଅନୁକୂଳ ସହର, ଜଳ ଓ ବିଦ୍ୟୁତ ସଂରକ୍ଷଣ, ଚିମିନି ଗ୍ୟାସରୁ ବିଦ୍ୟୁତ ଉତ୍ପାଦନ ଆଦି ପ୍ରକଳ୍ପ ସ୍ଥାନ ପାଇଥିଲା। ସୁନ୍ଦରଗଡ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସଂପ୍ରଦାୟ ତଥା ପଛୁଆବର୍ଗ କଲ୍ୟାଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଟୁକୁ ବାରିକ, ସୁନ୍ଦରଗଡ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପଧାନ, ଏସସିଏସଟିଆରଟିଆଇ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ରଥ ଏବଂ ଓଏସଡି ସନ୍ତୋଷ କୁମାର ଭୁତିଆ ପ୍ରମୁଖ ବିଜ୍ଞାନ ପ୍ରଦର୍ଶନୀ ବୁଲି ଦେଖିଥିଲେ। ତୃତୀୟ ଦିନରେ ନୃତ୍ୟ, ଷ୍ଟୋରି ଟେଲିଂ, ମ୍ୟାଜିକ ଶୋ’,କାର୍ଡ ବୋର୍ଡରୁ ବିଭିନ୍ନ ଆକୃତିର ଆକର୍ଷଣୀୟ କାଗଜ କଣ୍ଢେଇ ପ୍ରସ୍ତୁତି, ଅଦରକାରୀ କାଗଜ ଓ ଅଣ୍ଡାଖୋଳରୁ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରସ୍ତୁତି ଉପରେ କର୍ମଶାଳା କରାଯାଇଥିଲା। ସେହିପରି ଇନଷ୍ଟ୍ରୁମେଣ୍ଟାଲ ମ୍ୟୁଜିକ, କୁଇଜ, ଏକକ ଅଭିନୟ, ଏକକ ସଙ୍ଗୀତ ଏବଂ ଗ୍ରୁପ ଡ୍ୟାନ୍ସ ଆଦି ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ଜିଲାରୁ ୬୦୦ରୁ ଅଧିକ ଜନଜାତି ଛାତ୍ରୀଛାତ୍ର ଭାଗ ନେଇଛନ୍ତି।



କାର୍ଯ୍ୟକ୍ରମ ଅବସରରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

बैंक ऑफ महाराष्ट्र
Bank of Maharashtra
भारत सरकार का उद्यम
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
ସମ୍ବଲପୁର ଶାଖା
ଶିବଲୋକ କମ୍ପ୍ଲେକ୍ସ, ଗୈଟୀ ଟକିଜ୍ ରୋଡ଼, ଗୋଲ ବଜାର ନିକଟ, ସମ୍ବଲପୁର -୭୬୮୦୦୧,
ଫୋନ୍.: ୬୩୭୦୭୦୪୮୫୫,
ଇ-ମେଲ୍: bom1824@mahabank.co.in

**ଦଖଲ ନୋଟିସ୍**
[ନିୟମ - ୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ସହିତ ଧାରା ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ **ଭୌତିକ ଦଖଲ** ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
| --- | --- | --- | --- |
| **ଋଣଗ୍ରହୀତା: ମେସର୍ସ ହୋଟେଲ ମା ଶକ୍ତି, ସ୍ୱତ୍ୱାଧିକାରୀ: ଶ୍ରୀ ବୃନ୍ଦାବନ ସାହୁ, ଠିକଣା:** ସା: ଅଶୋକା ଟକିଜ୍ ରୋଡ଼, ନିକ୍କି ହୋଟେଲ ନିକଟ, ସମ୍ବଲପୁର, ଓଡ଼ିଶା-୭୬୮୦୦୨, **ଅନ୍ୟ ଠିକଣା:** ସା: ଏଫ୍-୧, ସରସ୍ୱତୀ ଏନ୍‌କ୍ଲେଭ, ସିଟି ଷ୍ଟେସନ୍ ନିକଟ, ପୋ: ଧନକଉଡା, ଜିଲ୍ଲା: ସମ୍ବଲପୁର, ଓଡ଼ିଶା-୭୬୮୦୦୫ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ କରିସ୍ମା ସାହୁ,** ସ୍ୱାମୀ: ଶ୍ରୀ ବୃନ୍ଦାବନ ସାହୁ, ସା: ଏଫ୍-୧, ସରସ୍ୱତୀ ଏନ୍‌କ୍ଲେଭ, ସିଟି ଷ୍ଟେସନ୍ ନିକଟ, ପୋ: ଧନକଉଡା, ଜିଲ୍ଲା: ସମ୍ବଲପୁର, ଓଡ଼ିଶା-୭୬୮୦୦୫ | **ଶ୍ରୀମତୀ କରିସ୍ମା ସାହୁ,** ସ୍ୱାମୀ: ଶ୍ରୀ ବୃନ୍ଦାବନ ସାହୁଙ୍କ ନାମରେ ଥିବା ଅଣ ଚକବନ୍ଦୀ ଯୋଗ୍ୟ ପ୍ଲଟ୍ ନଂ.: ୬୯ର ଜମି ଯାହାର ଚକ ଖାତା ନଂ.: ୯୭, କ୍ଷେତ୍ର: ଏକର୦.୦୪୫ ଡ଼ିସିମିଲି (ଚାରି ଡିସିମିଲି ପାଞ୍ଚ ସେଣ୍ଟସ୍), ମୌଜା: ଧନକଉଡା, ଥାନା: ସମ୍ବଲପୁର ନଂ.: ୨୪, ତହସିଲ: ସମ୍ବଲପୁର ନଂ.: ୨୨୧, ଜିଲ୍ଲା: ସମ୍ବଲପୁର, ସମ୍ବଲପୁର ଜିଲ୍ଲା ରେଜିଷ୍ଟ୍ରେସନ୍ କ୍ଷେତ୍ରାଧିନ ସଦର ସବ୍-ରେଜିଷ୍ଟ୍ରେସନ୍ ଇଲାକା, ଏହାର ଚାରିପାର୍ଶ୍ୱରେ ପୂର୍ବ: ଚକ ପ୍ଲଟ୍ ନଂ.: ୭୦, ପଶ୍ଚିମ: ଚକ ପ୍ଲଟ୍ ନଂ.: ୬୯, ଉତ୍ତର: ମୌଜା: ସମ୍ବଲପୁର ଟାଉନ୍ ୟୁନିଟ୍ ନଂ.: ୧୬, ସରଳା, ଦକ୍ଷିଣ: ଚକ ପ୍ଲଟ୍ ନଂ.: ୬୮ | ତା.୧୭.୦୮.୨୦୨୩ରିଖ ସୁଦ୍ଧା ଟ.୩୮,୯୧,୬୫୪/- + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୧୭.୦୮.୨୦୨୩ / ୦୫.୧୨.୨୦୨୩ |

ସ୍ଥାନ : ସମ୍ବଲପୁର, ତାରିଖ : ୦୫.୧୨.୨୦୨୩ — ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

## ସଂକ୍ଷେପରେ

### ବିଶ୍ୱଶାନ୍ତି ନାମଯଜ୍ଞ ପାଇଁ ଶୁଭସ୍ତମ୍ଭ ସ୍ଥାପନ

ଅମରପାଲି, ୯।୧୨ (ପୀତାମ୍ବର ସାହୁ): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେନ୍ଦୁପାଲି ଗ୍ରାମରେ ୫୬ ପ୍ରହର ବିଶ୍ୱଶାନ୍ତି ମହା ନାମଯଜ୍ଞ ପାଇଁ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ନାମଯଜ୍ଞ ଆସନ୍ତା ମାର୍ଚ୍ଚ ମାସରେ ଅନୁଷ୍ଠିତ ହେବ। ସକାଳେ କେନ୍ଦୁପାଲି ବିଦ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ବାହାରି ହଜାରହଜାର ମହିଳା ଓ ପୁରୁଷ ଗାଁମୁଣ୍ଡରେ ଥିବା ପଡ଼ିଆକୁ ଯାଇଥିଲେ। ସେଠାରେ ବଳରାମ ଶତପଥୀ ଓ ରାମକୃଷ୍ଣ ପଣ୍ଡାଙ୍କ ନେତୃତ୍ୱରେ ହୋମଯଜ୍ଞ କରାଯାଇ ବିଶ୍ୱଶାନ୍ତି ମହାଯଜ୍ଞ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ନାମଯଜ୍ଞ କାର୍ଯ୍ୟକ୍ରମରେ ସପ୍ତାହ ପରାୟଣ, ଅନ୍ନଯଜ୍ଞ ସହିତ ଅନେକ କାର୍ଯ୍ୟକ୍ରମ ହେବା ଆୟୋଜକ କମିଟି ସଭାପତି ତ୍ରିଲୋଚନ ମେହେର ପ୍ରକାଶ କରିଛନ୍ତି। ଶୁଭସ୍ତମ୍ଭ ସ୍ଥାପନ କାର୍ଯ୍ୟକ୍ରମରେ ଆୟୋଜକ କମିଟି ସମ୍ପାଦକ ନବକିଶୋର ମେହେର, ବିଷ୍ଣୁ ଚରଣ ପଣ୍ଡା, ଡ. ପ୍ରଫୁଲ୍ଲ ରଥ, ଶମ୍ଭୁ ପ୍ରସାଦ ମଲ୍ଲିକ, ଧୀରେନ୍ଦ୍ର ବାଘ, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ ରଥ, ସନ୍ତୋଷ ଭୋଇ, ସୁରେନ୍ଦ୍ର ପତି, ରାଧାକାନ୍ତ ବାଘ, ଧର୍ମେନ୍ଦ୍ର ମେହେର, ବିବସ୍ୱତି ପଣ୍ଡା, ଯୁଗଳ କିଶୋର ମିଶ୍ର, କିଶୋର ହୋତା, ରବୀନ୍ଦ୍ର ହୋତା, ଶେଷଦେବ ବାରିକ ପ୍ରମୁଖ ସାମିଲ ହୋଇଥିଲେ।

# ଅନଶନକୁ ବଢୁଛି ସମର୍ଥନ

**ସମ୍ବଲପୁରୀ ଭାଷାରେ ଧନୁଯାତ୍ରା ଦାବି**

- ୨ ଅସୁସ୍ଥ ସତ୍ତ୍ୱେ ଅନଶନ ଜାରି
- ପହଞ୍ଚିନାହାନ୍ତି ପ୍ରଶାସନିକ ଅଧିକାରୀ
- ବଡ଼ ଆନ୍ଦୋଳନ ପାଇଁ ସଜବାଜ




ଗାନ୍ଧୀ ଛକରେ ଅନଶନ ଚାଲିଛି ।

ବରଗଡ଼, ୯।୧୨ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ୨୦୨୪ ଜାନୁୟାରୀ ୧୫ରୁ ଆରମ୍ଭ ହେବ। ଧନୁଯାତ୍ରା ମହୋତ୍ସବକୁ ସମ୍ବଲପୁରୀ ଭାଷାରେ କରିବାକୁ ଦୀର୍ଘଦିନ ହେଲା କୋଶଳବାଦୀ ବିଭିନ୍ନ ସଙ୍ଗଠନ ଦାବି କରିଆସୁଛନ୍ତି। ସେହିପରି କଂସ କଳାକାର ଚୟନ ଭଳି ଧନୁଯାତ୍ରା ମହୋତ୍ସବର କମିଟି ପୁନର୍ଗଠନ ପାଇଁ ଦାବି ହୋଇଆସୁଛି । ମାତ୍ର ଧନୁଯାତ୍ରା ମହୋତ୍ସବ ସମିତି ଏଥିରେ ଚୁପ୍ ରହିଛି। ଫଳରେ ଏହି ଅସନ୍ତୋଷ ଆନ୍ଦୋଳନରୂପ ନେବାରେ ଲାଗିଛି।

ଧନୁଯାତ୍ରା ମହୋତ୍ସବକୁ ସମ୍ବଲପୁରୀ ଭାଷାରେ କରାଯିବା, ଧନୁଯାତ୍ରା କମିଟିର ପୁନର୍ଗଠନ ଭଳି ବିଭିନ୍ନ ଦାବି ନେଇ ଗୁରୁବାରଠାରୁ କୋଶଳ କ୍ରାନ୍ତି ସେନା ସ୍ଥାନୀୟ ଗାନ୍ଧୀଛକରେ ଅନଶନ ଚଳାଇଛି। ୩ଦିନ ବିତିଯିବା ସତ୍ତ୍ୱେ ଧନୁଯାତ୍ରା ମହୋତ୍ସବ ସମିତି ସେମାନଙ୍କ ପାଖକୁ ପହଞ୍ଚି ନ ଥିବାବେଳେ ଜଣେ ପରେ ଜଣେ ଅନଶନକାରୀ ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହେଉଛନ୍ତି। ଏଭଳି ସ୍ଥିତିରେ ସମ୍ବଲପୁରୀ ଭାଷାରେ ଧନୁଯାତ୍ରା କରିବା ପାଇଁ କମିଟି ଏପର୍ଯ୍ୟନ୍ତ ସ୍ପଷ୍ଟ କରିନାହିଁ। କମିଟିର ଆବାହକ ସୁରେଶ୍ୱର ଶତପଥୀ ଶୁକ୍ରବାର ରାତିରେ ଅନଶନକାରୀଙ୍କ ସହ ଆଲୋଚନା କରିଥିବାବେଳେ ତାହା ବିଫଳ ହୋଇଛି ।

ଗୁରୁବାରଠାରୁ ଆରମ୍ଭ ହୋଇଥିବା ଅନଶନରେ କୋଶଳ କ୍ରାନ୍ତି ଦଳର ସୁଶାନ୍ତ ମିଶ୍ର, ଧରଣୀ ରୋହିଦାସ, ନାଗାର୍ଜୁନ କମ୍ପ, ଡୋଲାମଣି ମହାପାତ୍ର, ଅଭିଷେକ ନାୟକ ପ୍ରମୁଖ ବସିଛନ୍ତି। ଶୁକ୍ରବାର ଡୋଲାମଣି ଅସୁସ୍ଥ ହେବା ପରେ ତାଙ୍କୁ ରାତ୍ରି ପ୍ରାୟ ୧୧ଟାରେ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅନ୍ୟପଟେ ଶନିବାର ସନ୍ଧ୍ୟାରେ ଧରଣୀ ଏବଂ ଅଭିଷେକଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଏହାସତ୍ତ୍ୱେ କୌଣସି ପ୍ରଶାସନିକ ଅଧିକାରୀ ଅନଶନକାରୀଙ୍କ ପାଖକୁ ପହଞ୍ଚିନାହାନ୍ତି। ଅନ୍ୟପକ୍ଷେ ଅନଶନକୁ ସମର୍ଥନ ବଢ଼ି ଚାଲିଛି। ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ ଅନଶନସ୍ଥଳକୁ ପହଞ୍ଚି ସମର୍ଥନ ଜଣାଇଛନ୍ତି। ସେହିପରି କଂଗ୍ରେସ ନେତା ନିପନ ଦାଶ, ଗୌରବ ପତି ଆଜାଦ ସେଠାରେ ପହଞ୍ଚିଥିଲେ। ପଦ୍ମଶ୍ରୀ ହଳଧର ନାଗ, କଳାକାର ଜଗଦାନନ୍ଦ ମିଶ୍ର, ମୁସଲିମ ସମାଜ ସଭାପତି ଶେଖ୍ ଅଦଗର, ଚାଷୀନେତା ରମେଶ ମହାପାତ୍ର, ସମ୍ବିଧାନ ସୁରକ୍ଷା ମଞ୍ଚର ସଭାପତି ପବିତ୍ର ଦେହେରୀ, ବାସମତୀ ବନଛୋର ଏବଂ ସେମାନଙ୍କ ପ୍ରତିନିଧି ଅନଶନସ୍ଥଳରେ ପହଞ୍ଚିଥିଲେ। ଏ ସମ୍ପର୍କରେ ଧନୁଯାତ୍ରା ମହୋତ୍ସବ ସମିତି ଆବାହକ ଶତପଥୀଙ୍କୁ ପଚାରିବାରୁ ସେ ଅନଶନସ୍ଥଳକୁ ଆଲୋଚନା ପାଇଁ ଯାଇଥିଲେ। ମାତ୍ର ସେମାନେ ଯେଉଁଳି ଦାବି କରୁଛନ୍ତି, ତାହା ପୂରଣ କରିବା ତାଙ୍କପକ୍ଷେ ସମ୍ଭବ ନୁହେଁ ବୋଲି ସେ କହିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ରାକେଶ



@ ନରେନ



@ ଯାଦନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଗ୍ରାମବାସୀ ଅତିରିକ୍ତ ଜିଲାପାଳ, ତହସିଲଦାରଙ୍କ ଦ୍ୱାରସ୍ଥ

**ସରକାରୀ ନଥିରେ ତ୍ରୁଟି**

ଦେବଗଡ, ୯।୧୨ (ଶଶାଙ୍କ ଶେଖର ଝାଙ୍କର)

ରାଜସ୍ୱ ବିଭାଗର ତ୍ରୁଟି ଯୋଗୁ ତିଲେଇବଣି ବ୍ଲକ ଢୋଲପଡା ଗ୍ରାମ ପଞ୍ଚାୟତର ରାଜସ୍ୱ ଗ୍ରାମ 'ମରଡଙ୍ଗ' ଏବେ ସରକାରୀ ନଥିରେ 'ଖରଡଙ୍ଗ' ନାମରେ ନାମିତ ହୋଇଛି। ଫଳରେ ଜମିଜମା ସମ୍ବନ୍ଧୀୟ କାର୍ଯ୍ୟ କରିବାକୁ ଗଲେ ଗ୍ରାମବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାକୁ ସଂଶୋଧନ କରି ସରକାରୀ ନଥିରେ 'ଖରଡଙ୍ଗ' ପରିବର୍ତ୍ତେ 'ମରଡଙ୍ଗ' ନାମରେ ନାମିତ କରିବାକୁ ଗ୍ରାମବାସୀ ରାଜସ୍ୱ ନିରୀକ୍ଷକଙ୍କ ନିକଟରେ ଦାବି କରି ଆସୁଥିଲେ ମଧ୍ୟ ସୁଫଳ ମିଳିନାହିଁ। ଶେଷରେ ସେମାନେ ଭାଜପା ଯୁବନେତା ସୁଧିର କୁମାର ବ୍ରହ୍ମାଙ୍କ ନେତୃତ୍ୱରେ ଦେବଗଡ ତହସିଲଦାର ଲକ୍ଷ୍ମଣ ଅମାତ ଓ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ସମୟରେ ମରଡଙ୍ଗ ଗ୍ରାମର ନିରଞ୍ଜନ ବାଘ, ଫଣୀନ୍ଦ୍ର ଦାଶ, କ୍ଷୀରୋଦ ଧାନୱାର, ଚରଣ ସୟ, ପୁଟୁ ବଣିବୃଳ, ନବୀନ ବାଘ, ରଞ୍ଜିତ ସୟ ଓ ସନ୍ତୋଷ ସାମଲଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## ମା' କଳାପାଟ କ୍ରିକେଟ: ଡାଇମଣ୍ଡ ଷ୍ଟାର ଚାମ୍ପିୟନ




ଅତିଥିଙ୍କ ଗହଣରେ ଖେଳାଳିମାନେ।

ଦେବଗଡ଼, ୯।୧୨ (ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ ସିଂହଶାଳ ଗ୍ରାମ ପଞ୍ଚାୟତର ଆମ୍ବଗାଁ ଗ୍ରାମର ମା' କଳାପାଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ମା' କଳାପାଟ କ୍ରିକେଟ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ସୁନ୍ଦରଗଡ ଜିଲାର କେନାଭେଟା କ୍ରିକେଟ କ୍ଲବକୁ ପରାସ୍ତ କରି ଦେବଗଡ ଜିଲାର ଡାଇମଣ୍ଡ ଷ୍ଟାର କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଅମ୍ପାୟାର ଭାବେ ରାଜେନ୍ଦ୍ର ଦାନି ଓ ସୁଶାନ୍ତ ଦେବ ମ୍ୟାଚ ପରିଚାଳନା କରିଥିଲେ। ଅପରାହ୍ନରେ ମା' କଳାପାଟ କ୍ଲବର ସଭାପତି ଧିରଜ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ ଚାମ୍ପିୟନ ଓ ରନର୍ସ ଅପ କ୍ଲବକୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଆୟୋଜକ କ୍ଲବ ସମ୍ପାଦକ ବିଜୟ କୁମାର ଦେଓ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତା ଆୟୋଜନରେ କ୍ଲବର ଉଗ୍ର ଚନ୍ଦ୍ର ବେହେରା, ଆଦିତ୍ୟ ଜୟସ୍ୱାଲ, ସୁରେଶ ଦେବ ଓ ଶୁଭମ ଜୟସ୍ୱାଲଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ସ୍ନାତକ ମହାବିଦ୍ୟାଳୟରେ ଯୁବ ଓଡ଼ିଶା କାର୍ଯ୍ୟକ୍ରମ

ଦେବଗଡ଼, ୯।୧୨ (ଶଶାଙ୍କ ଶେଖର ଝାଙ୍କର)

ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ସହାୟତାରେ ଦେବଗଡ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଗତ ୧୫ ତାରିଖଠାରୁ ଆରମ୍ଭ ହୋଇଥିବା ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିଜୟ କୁମାର ମହାରଣାଙ୍କ ଅଧ୍ୟକ୍ଷତା ଓ ନୋଡାଲ ଅଫିସର ଦିଲୀପ କୁମାର ବେହେରାଙ୍କ ପରିଚାଳନାରେ ଉଦ୍‌ଯାପନୀ ଉତ୍ସବ ହୋଇଥିଲା। ଦେବଗଡ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ ମୁଖ୍ୟ ଅତିଥି, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ସାହିତ୍ୟିକ ପ୍ରିୟବ୍ରତ ପାତ୍ର ମୁଖ୍ୟବକ୍ତା ଓ ମହାବିଦ୍ୟାଳୟ ପରିଚାଳନା ସମିତି ଅଧ୍ୟକ୍ଷ ଶରତ ଚନ୍ଦ୍ର ମେହେର, ଦେବଗଡ ମହାବିଦ୍ୟାଳୟର ନୋଡାଲ ଅଫିସର ସସ୍ମିତା ପ୍ରଧାନ, ଜଗନ୍ନାଥ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱଚ୍ଛତା ଅଭିଯାନ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ସମ୍ବଲପୁର, ୯।୧୨ (ପ୍ରମୋଦ ବହିଦାର)

ସମ୍ବଲପୁର ଗଙ୍ଗାଧର ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ସୁଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ନୂଆ-ଓ ଅନ୍ତର୍ଗତ ଯୁବ ଓଡ଼ିଶା ନବୀନ ଓଡ଼ିଶା ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଶନିବାର ଅପରାହ୍ନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ବଲପୁର ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାଏକ ଯୁବ ଓ ଛାତ୍ରଗୋଷ୍ଠୀଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ସରକାର ପ୍ରଣୟନ କରିଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଡା. ରାଜକୁମାର ବଡ଼ପଣ୍ଡା ଦୈନନ୍ଦିନ ଜୀବନରେ ସ୍ୱଚ୍ଛତା ବଜାୟ ରଖିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ରଶ୍ମିରେଖା ଜେନା କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିବା ବେଳେ ସାଗରିକା ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ।

**Office of the Returning Officer**
**Saharayn Universal Multipurpose Society Limited, Bhopal**

**Notice**

All the esteemed members of Saharayn Universal Multipurpose Society Limited, Bhopal, are hereby informed that for constituting a Smaller Representative General Body, an election schedule was published on 25/11/2023, which is hereby postponed till further notice as per the direction of the Central Registrar, Cooperative Societies, New Delhi vide letter dated 30.11.2023.

(R.K. Patil)
Assistant Commissioner & Returning officer
Saharayn Universal Multipurpose Society Limited, Bhopal

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମ

ଦେବଗଡ, ୯।୧୨ (ଶଶାଙ୍କ ଶେଖର ଝାଙ୍କର)

ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ସହାୟତାରେ ବାରକୋଟସ୍ଥିତ ଢ଼ଁରା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୧୫ ତାରିଖଠାରୁ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅଧୀନରେ ଚାଲିଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ବରିଷ୍ଠ ଅଧ୍ୟାପକ ଦେବବ୍ରତ ଗୁରୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଅଧ୍ୟାପକ ମନୋଜ କୁମାର ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଅଧ୍ୟକ୍ଷ ଯାତ୍ରାକର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କବିତା ଲିଖନ, ଚିତ୍ରାଙ୍କନ, ଫ୍ୟାଶନ ଶୋ, କମେଡି ଶୋ ଓ ଦଳଗତ ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଷ୍ଠାନର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ବିକାଶ କାର୍ଯ୍ୟକ୍ରମ

ଦେବଗଡ, ୯।୧୨ (ଶଶାଙ୍କ ଶେଖର ଝାଙ୍କର)

ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ସହାୟତାରେ ବାରକୋଟ ବ୍ଲକ କଣ୍ଢେଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଯୁବ ବିକାଶ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ରଞ୍ଜନ କୁମାର ବେହେରାଙ୍କ ସଭାପତିତ୍ୱ ଓ ନୋଡାଲ ଅଫିସର ପଲ୍ଲୀସେବକ ସାହୁଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ କଣ୍ଢେଇ ସରପଞ୍ଚ ସବିତା ବେହେରା ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ କ୍ରୀଡା ଶିକ୍ଷକ ଧବଳେଶ୍ୱର ପଣ୍ଡା, ପ୍ରଶାନ୍ତ କୁମାର ସାମଲ, ଗୋବିନ୍ଦ ଚନ୍ଦ୍ର ସାହୁ, ଅନୁପମା ତନ୍ତୀ, ସୁଜାତା ପଶାୟତ ପ୍ରମୁଖ ସହଯୋଗ କରିଥିଲେ ।

## ଅମ୍ବାପାଲି ହାଇସ୍କୁଲରେ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ




ବାଲ୍ ବିଜ୍ଞାନ ପ୍ରଦର୍ଶନୀରେ ଯୋଗଦେଇଥିବା ଅତିଥିବୃନ୍ଦ ।

ବରଗଡ଼, ୯।୧୨ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ପୌର ପରିଷଦ ଅଧୀନ ଅମ୍ବାପାଲିସ୍ଥିତ ସମଲେଶ୍ୱରୀ ସରକାରୀ ହାଇସ୍କୁଲରେ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ଉକ୍ତ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ, ବ୍ଲକ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇ, ସ୍କୁଲ କମିଟି ଚେୟାରମ୍ୟାନ ଈଶ୍ୱର ବାଗ, ଆଲୁମିନି ସଭାପତି ସୁରେଶ ମହାପାତ୍ର, ପ୍ରଧାନ ଶିକ୍ଷକ ସର୍ବେଶ୍ୱର ରଥ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ତାଳଶ୍ରୀଗିଡ଼ା ଉନ୍ନୀତ ଉଚ୍ଚ ପ୍ରାଥମିକ ସ୍କୁଲର ପ୍ରିୟାଂଶୀ ପ୍ରଧାନ, ଅଡ଼ଗାଁ ହାଇସ୍କୁଲର ଶିନ୍ଟୁ ଷଡ଼ଙ୍ଗୀ, ଶ୍ରୀହରି ନଗର ଆଞ୍ଚଳିକ ହାଇସ୍କୁଲର ଯଶ୍ମିନ ମହାପାତ୍ର, ତୁରୁଙ୍ଗା ରାମଜୀଲାଲ ହାଇସ୍କୁଲର ଭାବନା ସାହୁ, କଟାପାଲି ନୋଡ଼ାଲ ହାଇସ୍କୁଲର ଶୁଭମ ସେଠ, ଶସ୍ତୁପାଲିର ଶେୟଲ ଦେବତା କୃତିତ୍ୱ ଅର୍ଜନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ, ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ମାନିନୀ ଦାଶ ସ୍ୱାଗତ ଭାଷଣ ଦେଇଥିବାବେଳେ ବିଦ୍ୟାଳୟର ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ।

बैंक ऑफ महाराष्ट्र
Bank of Maharashtra
भारत सरकार का उद्यम
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
**ସମ୍ବଲପୁର ଶାଖା**
ଶିବଲୋକ କମ୍ପ୍ଲେକ୍ସ, ଗୈଟୀ ଟକିଜ୍ ରୋଡ଼, ଗୋଲ ବଜାର ନିକଟ, ସମ୍ବଲପୁର -୭୬୮୦୦୧, ଫୋନ୍.: ୬୩୭୦୭୦୪୮୫୫, ଇ-ମେଲ୍: bom1824@mahabank.co.in

**ଦଖଲ ନୋଟିସ୍**
[ନିୟମ - ୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ସହିତ ଧାରା ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ **ଭୌତିକ ଦଖଲ** ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
| --- | --- | --- | --- |
| **ଋଣଗ୍ରହୀତା: ମେସର୍ସ ହୋଟେଲ ମା ଶକ୍ତି, ସ୍ୱତ୍ୱାଧିକାରୀ: ଶ୍ରୀ ବୃନ୍ଦାବନ ସାହୁ, ଠିକଣା:** ସା: ଅଶୋକା ଟକିଜ୍ ରୋଡ଼, ନିକ୍କି ହୋଟେଲ ନିକଟ, ସମ୍ବଲପୁର, ଓଡ଼ିଶା-୭୬୮୦୦୨, **ଅନ୍ୟ ଠିକଣା:** ସା: ଏଫ୍-୧, ସରସ୍ୱତୀ ଏନ୍‌କ୍ଲେଭ, ସିଟି ଷ୍ଟେସନ୍ ନିକଟ, ପୋ: ଧନକଉଡା, ଜିଲ୍ଲା: ସମ୍ବଲପୁର, ଓଡ଼ିଶା-୭୬୮୦୦୫ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ କରିସ୍ମା ସାହୁ,** ସ୍ୱାମୀ: ଶ୍ରୀ ବୃନ୍ଦାବନ ସାହୁ, ସା: ଏଫ୍-୧, ସରସ୍ୱତୀ ଏନ୍‌କ୍ଲେଭ, ସିଟି ଷ୍ଟେସନ୍ ନିକଟ, ପୋ: ଧନକଉଡା, ଜିଲ୍ଲା: ସମ୍ବଲପୁର, ଓଡ଼ିଶା-୭୬୮୦୦୫ | **ଶ୍ରୀମତୀ କରିସ୍ମା ସାହୁ,** ସ୍ୱାମୀ: ଶ୍ରୀ ବୃନ୍ଦାବନ ସାହୁଙ୍କ ନାମରେ ଥିବା ଅଣ ଚକବନ୍ଦୀ ଯୋଗ୍ୟ ପ୍ଲଟ୍ ନଂ.: ୬୯ର ଜମି ଯାହାର ଚକ ଖାତା ନଂ.: ୯୭, କ୍ଷେତ୍ର: ଏକର୦.୦୪୫ ଡ଼ିସିମିଲି (ଚାରି ଡିସିମିଲି ପାଞ୍ଚ ସେଣ୍ଟସ୍), ମୌଜା: ଧନକଉଡା, ଥାନା: ସମ୍ବଲପୁର ନଂ.: ୨୪, ତହସିଲ: ସମ୍ବଲପୁର ନଂ.: ୨୨୧, ଜିଲ୍ଲା: ସମ୍ବଲପୁର, ସମ୍ବଲପୁର ଜିଲ୍ଲା ରେଜିଷ୍ଟ୍ରେସନ୍ କ୍ଷେତ୍ରାଧିନ ସଦର ସବ୍-ରେଜିଷ୍ଟ୍ରେସନ୍ ଇଲାକା, ଏହାର ଚାରିପାର୍ଶ୍ୱରେ ପୂର୍ବ: ଚକ ପ୍ଲଟ୍ ନଂ.: ୭୦, ପଶ୍ଚିମ: ଚକ ପ୍ଲଟ୍ ନଂ.: ୬୯, ଉତ୍ତର: ମୌଜା: ସମ୍ବଲପୁର ଟାଉନ୍ ୟୁନିଟ୍ ନଂ.: ୧୬, ସରଳା, ଦକ୍ଷିଣ: ଚକ ପ୍ଲଟ୍ ନଂ.: ୬୮ | **ତା.୧୭.୦୮.୨୦୨୩ରିଖ ସୁଦ୍ଧା ଟ.୩୮,୯୧,୬୫୪/-** + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୧୭.୦୮.୨୦୨୩ / ୦୫.୧୨.୨୦୨୩ |

**ସ୍ଥାନ : ସମ୍ବଲପୁର, ତାରିଖ : ୦୫.୧୨.୨୦୨୩** — ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

# ଶୀତ ଆଉ ପ୍ରଦୂଷଣ



ବାୟୁରେ ଜଳୀୟବାଷ୍ପ ରହିଛି, ଯାହାର ପରିମାଣ ବାୟୁର ତାପାମାତ୍ରା ଉପରେ ନିର୍ଭର କରେ। ଗରମ ବାୟୁରେ ଅଧିକ ଜଳୀୟବାଷ୍ପ ରହିପାରେ । ଯାହାକି ଶୀତଦିନେ ଥଣ୍ଡା ହେବା ଦ୍ୱାରା ଘନୀଭୂତ ହୋଇ ଛୋଟ ଛୋଟ ଜଳକଣାରେ ପରିଣତ ହୋଇ କୁହୁଡ଼ି ଆକାରରେ ଭୂପୃଷ୍ଠ ନିକଟରେ ଭାସି ବୁଲେ। ବର୍ତ୍ତମାନ ବୃଦ୍ଧି ପାଉଥିବା ଗାଡ଼ିମୋଟର, କଳ କାରଖାନା ସଂଖ୍ୟା ସାଙ୍ଗକୁ ଜଙ୍ଗଲ କ୍ଷୟ ଯୋଗୁ ବାୟୁମଣ୍ଡଳ ପ୍ରଦୂଷିତ ହେଉଛି। ଫଳରେ ଧୂଆଁମିଶା ଘନକୁହୁଡ଼ି ବା ସ୍ମଗ୍ ସୃଷ୍ଟି ହେଉଛି । ଏହା ଯୋଗୁ ଡଷ୍ଟ ଆଲର୍ଜିଠୁ ଆରମ୍ଭ କରି ବିଭିନ୍ନ ପ୍ରକାରର ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଥାଏ। ତେଣୁ ଏଦିନେ ଫିଟ୍ ରହିବା ଲାଗି କେତେକ ଦିଗ ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡିଥାଏ...

**ମର୍ନିଂୱାକ୍ ବେଳେ ରୁହନ୍ତୁ ସତର୍କ:** ପ୍ରତିଦିନ ମର୍ନିଂୱାକ୍ କରିବା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ହେଲେ ଶୀତଦିନେ ବାୟୁ ପ୍ରଦୂଷଣ ଅଧିକ ଥାଏ। ବିଶେଷକରି ସକାଳ ସମୟରେ କୁହୁଡ଼ି ବା ଫଗ୍ ସହିତ ଧୂଆଁ ମିଶି ସ୍ମଗ୍ ସୃଷ୍ଟି କରିଥାଏ। ମର୍ନିଂୱାକ୍ ସମୟରେ ନିଃଶ୍ୱାସରେ ଶରୀର ମଧ୍ୟକୁ କାର୍ବନ ମନୋକ୍ସାଇଡ୍, କାର୍ବନ ଡାଇକ୍ସାଇଡ୍, ସଲ୍‌ଫର୍ ଡାଇଅକ୍ସାଇଡ୍, ନାଇଟ୍ରୋଜେନ୍ ଅକ୍ସାଇଡ୍ ଭଳି ବିଷାକ୍ତ ପଦାର୍ଥ ଯାଇ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜାଇଥାଏ। ତେଣୁ ଏଦିନେ ସକାଳ ସମୟରେ ବାହାରେ ନ କରି ଇନ୍‌ଡୋର ୱାକିଂ କରିବା ଭଲ। ଯଦି ବାହାରେ କରୁଛନ୍ତି, ତେବେ ସୂର୍ଯ୍ୟୋଦୟର କିଛି ସମୟ ପରେ କୁହୁଡ଼ି କମିବା ପରେ କରନ୍ତୁ। ମନେରଖନ୍ତୁ ରାସ୍ତା କଡ଼ ଅପେକ୍ଷା ଅଧିକ ଗଛ ଥିବା ସ୍ଥାନ ଯେପରିକି ପାର୍କ ଆଦି ଅପେକ୍ଷାକୃତ କମ୍ ପ୍ରଦୂଷିତ ହୋଇଥିବାରୁ ୱାକିଂ ପାଇଁ ଭଲ।

**ଗହଳିପୂର୍ଣ୍ଣ ସ୍ଥାନଠୁ ଦୂରେଇ ରୁହନ୍ତୁ:** ଶୀତଦିନେ ଅଧିକ ଗାଡ଼ିଚଳାଚଳ କରୁଥିବା ରାସ୍ତା, ଅଧିକ ଗହଳିପୂର୍ଣ୍ଣ ସ୍ଥାନ ଏବଂ କଳକାରଖାନା, ଗୃହ କିମ୍ବା ଅନ୍ୟାନ୍ୟ ନିର୍ମାଣକାର୍ଯ୍ୟ ଚାଲିଥିବା ସ୍ଥାନରେ ପ୍ରଦୂଷଣ ଅଧିକ ହୋଇଥାଏ। ତେଣୁ ଅତ୍ୟାବଶ୍ୟକ ନ ଥିଲେ ସୁରକ୍ଷା ଦୃଷ୍ଟିରୁ ଏଭଳି ସ୍ଥାନକୁ ଯିବାଠୁ ଦୂରେଇ ରୁହନ୍ତୁ।

**ମାସ୍କ ପିନ୍ଧିବା ଲାଭଦାୟକ:** ଶୀତଦିନେ ପ୍ରଦୂଷଣ ଅଧିକ ଥିବାରୁ ବାହାରକୁ ଯିବା ସମୟରେ ମାସ୍କ ପିନ୍ଧିବା ଦ୍ୱାରା ଶରୀରକୁ ଦୂଷିତ ଉପାଦାନ ଯିବା କମିଯାଇଥାଏ। କେବଳ ଏତିକି ନୁହେଁ, ଅନ୍ୟମାନଙ୍କଠାରେ ଦେଖାଦେଉଥିବା କାଶ, ଛିଙ୍କର ଜୀବାଣୁ ମଧ୍ୟ ଶରୀରକୁ ଆସିପାରେ ନାହିଁ। ଫଳରେ ଶ୍ୱାସ ସମ୍ବନ୍ଧିତ ସମସ୍ୟାର ଆଶଙ୍କା କିଛିମାତ୍ରାରେ କମିଯାଏ। ତେଣୁ ବାହାରକୁ ବାହାରିବା ମାତ୍ରେ ବିଶେଷ କରି ଡଷ୍ଟ ଆଲର୍ଜି ଏବଂ ଶ୍ୱାସ ରୋଗ ଥିଲେ ଶୀତଦିନେ ମାସ୍କ ପିନ୍ଧିବା ନିହାତି ଆବଶ୍ୟକ।

**ଖାଦ୍ୟପେୟ ପ୍ରତି ଦିଅନ୍ତୁ ଧ୍ୟାନ:** ଶୀତଦିନେ ପାଣିପାଗ ପରିବର୍ତ୍ତନ ସାଙ୍ଗକୁ ପ୍ରଦୂଷଣ ହେତୁ ଅଧିକାଂଶଙ୍କଠାରେ ସିଜନାଲ୍ ଇଫେକ୍ଟିଭ୍ ଡିସ୍‌ଅର୍ଡର ସମସ୍ୟା ଦେଖାଦିଏ। ଏଥିଯୋଗୁ ହେଉଥିବା ଥଣ୍ଡା, ଜ୍ୱର, କାଶ ଓ ଅନ୍ୟାନ୍ୟ ଶ୍ୱାସ ସମ୍ବନ୍ଧିତ ସମସ୍ୟାଠାରୁ ନିଜକୁ ଦୂରେଇ ରଖିବା ଲାଗି ଖାଦ୍ୟପେୟ ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ। ତେଲ ମସଲାଯୁକ୍ତ, ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଏଦିନେ ସହଜରେ ହଜମ ହୁଏ ନାହିଁ। ତେଣୁ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ଲାଗି ସୁଷମ ଆହାର ଗ୍ରହଣ କରନ୍ତୁ। ବିଶେଷକରି ପ୍ରୋଟିନ୍, ଆଇରନ୍, ଜିଙ୍କ୍, ଭିଟାମିନ୍ ସି ଯୁକ୍ତ ଖାଦ୍ୟ ସହିତ ଋତୁଭିତ୍ତିକ ସବୁଜ ପନିପରିବା, ଫଳ ଓ ଶାଗ ଭଳି ଆଣ୍ଟିଅକ୍ସିଡାଣ୍ଟଯୁକ୍ତ ଖାଦ୍ୟ ଖାଆନ୍ତୁ। ଖାଦ୍ୟ ତାଲିକାରେ ଗାଈଘିଅକୁ ସାମିଲ କରନ୍ତୁ। ଭିଟାମିନ୍ ଡି'ର ତତ୍ତ୍ୱ ଏବଂ ଓମେଗା-୩ ଫ୍ୟାଟି ଏସିଡ୍ ଥିବା ଖାଦ୍ୟ ଯଥା ମାଛ ଖାଆନ୍ତୁ।

> ଶୀତଦିନେ ତାପମାତ୍ରା ହ୍ରାସ ହେବା କାରଣରୁ ବାୟୁମଣ୍ଡଳର ଘନତ୍ୱ ବୃଦ୍ଧି ପାଇଥାଏ ; ଯେଉଁଥିପାଇଁ ଧୂଳିକଣାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ବିଷାକ୍ତ ଉପାଦାନ ବାୟୁମଣ୍ଡଳରେ ରହିଯାଏ ଏବଂ ପ୍ରଦୂଷଣ ବୃଦ୍ଧି ପାଇଥାଏ। ଏମିତିରେ ସୁସ୍ଥ ରହିବା ଲାଗି ବିଭିନ୍ନ ଦିଗ ପ୍ରତି ବିଶେଷ ଦୃଷ୍ଟି ଦେବାକୁ ପଡ଼ିଥାଏ...







## ଏ ସପ୍ତାହର ପ୍ରଶ୍ନ

୧- ଐତିହାସିକ କଙ୍ଗଲା ପ୍ୟାଲେସ୍ ............... ରାଜ୍ୟରେ ଅବସ୍ଥିତ ?
୨- ଆଷ୍ଟ୍ରୋସ୍ୟାଟ୍ ଟେଲିସ୍କୋପ ........... ଦେଶ ପକ୍ଷରୁ ଆରମ୍ଭ କରାଯାଇଛି ?
୩- ୨୦୩୦ ୱାର୍ଲ୍ଡ ଏକ୍ସପୋ ................ ଠାରେ ଆୟୋଜିତ ହେବ ?
୪- ଫାଷ୍ଟ ଟ୍ରାକ୍ ସ୍ପେଶିଆଲ କୋର୍ଟ ସ୍କିମ୍ .......... ମସିହାରେ ଆରମ୍ଭ କରାଯାଇଛି ?
୫- 'ଏ ସ୍ୱିଟେବଲ୍ ବଏ' ପୁସ୍ତକର ଲେଖକ ................. ?

## ଗତ ସପ୍ତାହର ଉତ୍ତର

୧ ଭଦ୍ରବାହୁ
୨ ଝାଡ଼ଖଣ୍ଡର ଯଦୁଗୁଡ଼ା
୩ ସୁରଟ ସହର
୪ ସ୍ପାନିଶ୍
୫ ୧୯୩୦

## ଉତ୍ତରଦାତା



ସସ୍ମିତା ଚୌଧୁରୀ, ଭୁବନେଶ୍ୱର



ଅନନ୍ୟା ପ୍ରଜ୍ଞାସ୍ମିତା ତ୍ରିପାଠୀ, କେନ୍ଦ୍ରାପଡ଼ା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ଉଚ୍ଚତମ ଲାଇଟ୍ ହାଉସ



୧- ଜେଦାହ୍ ଲାଇଟ୍ ହାଉସ୍.................................. ୪୩୬ ଫୁଟ୍
୨- ପେରି ମେମୋରିଆଲ ମନୁମେଣ୍ଟ................................ ୩୫୨ ଫୁଟ୍
୩- ୟୋକୋହାମା ମରାଇନ୍ ଟାୱାର୍ .............................. ୩୪୮ ଫୁଟ୍
୪- ପାଲାସିଓ ବାରୋଲୋ ........................................ ୩୨୮ ଫୁଟ୍
୫- ଷ୍ଟାଚ୍ୟୁ ଅଫ୍ ଲିବର୍ଟି ............................................ ୩୦୫ ଫୁଟ୍
୬- ଦି ଇଲେ ଭିର୍ଗ ଲାଇଟ୍‌ହାଉସ୍ .................................. ୨୭୧ ଫୁଟ୍
୭- ଦି ଲାଇଟ୍ ହାଉସ୍ ଅଫ୍ ଜେନୋଆ ............................ ୨୪୯ ଫୁଟ୍
୮- ଫେୟାର୍ ଡେ ଗାଟେଭିଲ୍ଲେ ...................................... ୨୪୭ ଫୁଟ୍
୯- ଲେସ୍‌ନଏ ମୋଲ୍ ରିଅର୍ ରେଞ୍ଜ ଲାଇଟ୍ ........................ ୨୩୯ ଫୁଟ୍
୧୦- ମୁଲାଣ୍ଡୌ ଲାଇଟ୍‌ହାଉସ୍ .......................................... ୨୩୭ ଫୁଟ୍

## ଜାଣନ୍ତୁ ଦୁନିଆ

### ଇଂଲଣ୍ଡ

ଦିନ ଥିଲା ସମଗ୍ର ପୃଥିବୀର ପ୍ରାୟ ୫୮ଟି ଦେଶରେ ନିଜର ଆଧିପତ୍ୟ ଜମାଇ ରାଜୁତି କରୁଥିଲା ଇଂଲଣ୍ଡ, ଯେଉଁଥିପାଇଁ ତାହା ଥିଲା ସବୁଠାରୁ ଶକ୍ତିଶାଳୀ ଦେଶ....

- ଇଂଲଣ୍ଡରେ ବର୍ତ୍ତମାନ ସୁଦ୍ଧା ରାଜତନ୍ତ୍ରର ପ୍ରଚଳନ ରହିଛି।
- ଏଠାରେ ଆପଣ ଅନେକ ସ୍ଥାନରେ ସୁନ୍ଦର ସୁନ୍ଦର ପ୍ରାସାଦ ଦେଖିପାରିବେ, ଯାହା ମଧ୍ୟରୁ ଇଂଲଣ୍ଡ ରାଜପ୍ରାସାଦ ବା ବକିଙ୍ଗହାମ ପ୍ୟାଲେସ୍ ସବୁଠୁ ଆକର୍ଷଣୀୟ।
- ୧୮୧୧ ମସିହା ପର୍ଯ୍ୟନ୍ତ ଏହି ଦେଶର ପ୍ରାୟ ୨୫ ପ୍ରତିଶତ ମହିଳାଙ୍କ ନାମ ମରିୟମ ଥିଲା।
- ଯଦିଓ ଇଂଲଣ୍ଡର ଜାତୀୟ ଭାଷା ଇଂଲିଶ୍, ହେଲେ ସେଠାରେ କେବଳ ଏହି ଭାଷା ନୁହେଁ ବରଂ ଅନ୍ୟ ପ୍ରାୟ ୩୦୦ ପ୍ରକାରର କଥିତ ଭାଷା ରହିଛି।
- ବ୍ରିଟେନ୍ ରାଣୀ ଏଲିଜାବେଥ୍-୨ଙ୍କ ପାଖରେ ପାସ୍‌ପୋର୍ଟ ନ ଥିଲେ ସୁଦ୍ଧା ସେ ୧୧୬ଟି ଦେଶକୁ ଯାତ୍ରା କରିଥିଲେ।
- ଇଂଲଣ୍ଡର ସବୁଠୁ ପ୍ରସିଦ୍ଧ ସହର ହେଉଛି ଏହାର ରାଜଧାନୀ ଲଣ୍ଡନ, ଯାହାର ପୁରୁଣା ନାମ ଲଣ୍ଡନିୟମ ଏବଂ ଲୁଡେନ୍‌ବର୍ଗ ମଧ୍ୟ ଥିଲା।
- ବିଶ୍ୱ ପ୍ରସିଦ୍ଧ ଲଣ୍ଡନ ବ୍ରିଜ୍ ବର୍ତ୍ତମାନ ଲଣ୍ଡନରେ ନାହିଁ। ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହା ସତ। କାରଣ ୧୯୭୦ ମସିହାରେ ଏହାକୁ ଆମେରିକାର ଆରିଜୋନାକୁ ଏହି ବ୍ରିଜ୍ ସ୍ଥାନାନ୍ତରିତ କରାଯାଇଛି।
- ଏହି ଦେଶ କେବଳ ଅକ୍ସଫୋର୍ଡ, କେମ୍ବ୍ରିଜ୍ ଭଳି ବିଶ୍ୱର ବଡ଼ ୟୁନିଭର୍ସିଟି ଥିବା ଯୋଗୁ ପ୍ରସିଦ୍ଧ ନୁହେଁ, ବରଂ ଚାର୍ଲ୍ସ ଡାରୱିନ୍, ସାର୍ ଆଇଜାକ୍ ନ୍ୟୁଟନ୍, ଷ୍ଟିଫେନ୍ ହକିଙ୍ଗ୍‌ଙ୍କ ଭଳି ବୈଜ୍ଞାନିକ ମଧ୍ୟ ଏଠାରେ ଜନ୍ମ ଗ୍ରହଣ କରିଥିଲେ।
- ଏହି ଦେଶରେ ଏଡର ନାମକ ମାତ୍ର ଗୋଟିଏ ପ୍ରଜାତିର ସାପ ଦେଖିବାକୁ ମିଳେ, ଯାହାକି ଖୁବ୍ ବିଷାକ୍ତ।
- ଏହି ଦେଶରେ ମଣିଷ ସଂଖ୍ୟାଠାରୁ କୁକୁଡ଼ା ସଂଖ୍ୟା ଅଧିକ।



## ୟୁଥ୍ ଆଲର୍ଟ

# ସକାଳୁ ଚା ପିଉଥିଲେ

> ଏମିତି ଅନେକେ ଅଛନ୍ତି, ସକାଳୁ କପେ ଚା ସହିତ ଯାହାଙ୍କର ଦିନ ଆରମ୍ଭ ହୁଏ। ହେଲେ ପାଟିକୁ ସ୍ୱାଦ ଲାଗୁଥିବା ଓ ଶରୀରକୁ ଫୂର୍ତ୍ତି ଯୋଗାଉଥିବା ଏହି ଚା ସ୍ୱାସ୍ଥ୍ୟ ପ୍ରତି ହିତକର ନୁହେଁ। ଜାଣିରଖନ୍ତୁ ସେ ସମ୍ପର୍କରେ...



- ଚା'ରେ ଶ୍ୱେତସାର, ପୁଷ୍ଟିସାର ଓ ସ୍ନେହସାର ଆଦି ପୋଷକ ତତ୍ତ୍ୱର ପରିମାଣ ନଗଣ୍ୟ ହୋଇଥିବା ବେଳେ କ୍ଷୀର ଓ ଚିନି ଯୋଗୁଁ ଏଥିରେ କ୍ୟାଲୋରି ଓ ପୁଷ୍ଟିସାରର ପରିମାଣ ବଢ଼ିଯାଏ ଓ ମେଦବହୁଳତାର କାରଣ ସାଜିଥାଏ।
- ଚା ଓ କଫିରେ ଥାଏ କଫିନ୍, ଥିଓବ୍ରୋମିନ ଓ ଥିଓଫାଇଲିନ ନାମକ ଉପାଦାନ। ଯାହାର ଉପସ୍ଥିତି ଯୋଗୁ ଚା କି କଫି ପିଇଲେ କ୍ଲାନ୍ତିର ଅନୁଭବ ଚାଲିଯାଇ ଦେହ ସତେଜ ଲାଗେ। ମନ ସକ୍ରିୟ ହୋଇ ବଢ଼ିଯାଏ କର୍ମ ତତ୍ପରତା। କିନ୍ତୁ ଚା ରେ ଥିବା ଥିଓଫାଇଲିନ ମଳରେ ଜଳର ପରିମାଣ କମେଇ ଦେଇ କୋଷ୍ଠକାଠିନ୍ୟ ସମସ୍ୟା ବଢ଼ାଇଥାଏ। ପୁଣି କଫିନ୍ ହୃଦ୍‌ରୋଗକୁ ମଧ୍ୟ ପ୍ରୋତ୍ସାହନ ଦେଇପାରେ।
- ଚା ରେ ମାଙ୍ଗାନିଜ୍, ଲୌହ, ତମ୍ବା ଓ ଫ୍ଲୋରାଇଡ ଆଦି କମ୍ ପରିମାଣରେ ଥିବା ବେଳେ ଟାନିନ୍‌ର ପରିମାଣ ବେଶି। ଚା କୁ ବେଶି ସମୟ ନିଆଁରେ ଫୁଟେଇଲେ ଟାନିନ୍‌ର ପରିମାଣ ବଢ଼ିଯାଏ, ଯାହାକି ଶରୀରକୁ ଲୌହ ବା ଆଇରନ୍ ପହଞ୍ଚାଇବାରେ ବାଧା ଉପୁଜାଇଥାଏ। କିନ୍ତୁ ଚା କି କଫିରେ କ୍ଷୀର ପକେଇଦେଲେ କ୍ଷୀରର ପୁଷ୍ଟିସାର ଟାନିନ୍ ସହ ସଂଯୁକ୍ତ ହୋଇଯାଇ ଟାନିନ୍‌କୁ ଅକାମୀ କରିଦିଏ। କିନ୍ତୁ ଟାନିନ୍‌ରେ ରହିଛି ଅମ୍ଳୀୟ ପ୍ରଭାବ। ତେଣୁ ପାକସ୍ଥଳୀ ରୋଗ ଥିଲେ ଏହାକୁ ପିଇବା ପାଇଁ ଡାକ୍ତରମାନେ ବାରଣ କରିଥା'ନ୍ତି।
- ଚା ଓ କଫି ଅମ୍ଳୀୟ ବା ଏସିଡିକ୍ ହୋଇଥିବାରୁ ଏହାକୁ ଖାଲି ପେଟରେ ପିଇଲେ ଗ୍ୟାଷ୍ଟ୍ରାଇଟିସ୍ ସମସ୍ୟା ଦେଖାଦେଇପାରେ।
- ସକାଳେ ବେଡ୍-ଟି ପିଇଲେ ପାଟିରେ ଥିବା ଜୀବାଣୁମାନେ ଶର୍କରାକୁ ଭାଙ୍ଗି ପାଟି ଭିତରେ ଅମ୍ଳ ବା ଏସିଡ୍‌ର ପରିମାଣ ବଢେଇ ଦିଅନ୍ତି, ଯାହାକି ଦାନ୍ତର ଏନାମେଲ୍‌କୁ ଖାଇଯାଇ ଦାନ୍ତକୁ କଣା କରିଦେଇପାରେ।
- ଏତଦ୍‌ବ୍ୟତୀତ ସକାଳେ ବିଛଣା ଛାଡ଼ିବା ପରେ ପରେ ଚା' କି କଫି ପିଇଲେ ପାଟିରେ ଥିବା ଜୀବାଣୁଗୁଡ଼ିକ ଧୋଇହୋଇ ଅନ୍ତ୍ରନଳୀ ଭିତରକୁ ପ୍ରବେଶ କରିଯାଆନ୍ତି ଏବଂ ଉପକାରୀ ଜୀବାଣୁଗୁଡ଼ିକର କାର୍ଯ୍ୟକୁ ବ୍ୟାହତ କରିପକାନ୍ତି।



## ସଂକ୍ଷେପରେ

### ବିଏସ୍‌ପିରୁ ଡାନିଶ୍ ଅଲି ନିଲମ୍ବିତ



**ଲକ୍ଷ୍ନୌ,୯।୧୨:** ଦଳବିରୋଧୀ କାର୍ଯ୍ୟରେ ସମ୍ପୃକ୍ତ ଥିବା ଆମ୍ରୋହା ଏମ୍‌ପି ଡାନିଶ୍ ଅଲିଙ୍କୁ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଶନିବାର ନିଲମ୍ବନ କରିଛି। ଡାନିଶ୍‌ଙ୍କୁ ତୁରନ୍ତ ନିଲମ୍ବନ କରାଯାଇଥିବା ଦଳର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସତୀଶ ଚନ୍ଦ୍ର ମିଶ୍ରା ଜାରି କରିଥିବା ପତ୍ରରେ କୁହାଯାଇଛି। ଲୋକ ସଭାରେ ଭାଜପା ଏମ୍‌ପି ରମେଶ ବିଧୁରୀ ଆମ୍ରୋହା ଏମ୍‌ପିଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ଦକ୍ଷିଣ ଦିଲ୍ଲୀ ଏମ୍‌ପିଙ୍କୁ ଉତ୍ତେଜିତ କରିବା ପାଇଁ ଡାନିସ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ କେତେକ ଅପମାନଜନକ ଶବ୍ଦ ବ୍ୟବହାର କରିଥିଲେ ବୋଲି କେତେଜଣ ଭାଜପା ଏମ୍‌ପି ଅଭିଯୋଗ କରିଥିଲେ।

### ଆଇଏସ୍ ସହ ସମ୍ପୃକ୍ତ ୧୫ ଗିରଫ

**ମହାରାଷ୍ଟ୍ର, କର୍ଣାଟକର ୪୪ ସ୍ଥାନରେ ଏନ୍‌ଆଇଏ ଚଢ଼ାଉ**

**ଲକ୍ଷ୍ନୌ,୯।୧୨:** ଭାରତର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଶନିବାର ମହାରାଷ୍ଟ୍ର ଓ କର୍ଣାଟକର ୪୪ଟି ସ୍ଥାନରେ ଚଢ଼ାଉ କରି ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ଆତଙ୍କବାଦୀ ସଂଗଠନ ପାଇଁ କାର୍ଯ୍ୟ କରୁଥିବା ୧୫ ସନ୍ଦିଗ୍ଧଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ମଧ୍ୟରେ ଆଇଏସ୍ ମୁଡ୍ୟୁଲ୍‌ର ଜଣେ ନେତା ରହିଛନ୍ତି, ଯିଏ ଆଇଏସ୍ ସଂଗଠନରେ ନବନିଯୁକ୍ତମାନଙ୍କୁ ଶପଥ ପାଠ କରାଉଥିଲେ ବୋଲି ଏନ୍‌ଆଇଏର ଜଣେ ମୁଖପାତ୍ର କହିଛନ୍ତି। ମହାରାଷ୍ଟ୍ରର ପଦ୍‌ଘା-ବୋରିଭାଲି, ଠାଣେ, ମୀରା ରୋଡ, ପୁଣେ ଏବଂ କର୍ଣାଟକର ବେଙ୍ଗାଲୁରୁର ୪୪ଟି ସ୍ଥାନରେ ଏନ୍‌ଆଇଏର ଅନେକ ଟିମ୍ ଏକସଙ୍ଗେ ଚଢ଼ାଉ କରିଥିଲେ। ଆତଙ୍କବାଦ ଏବଂ ଆତଙ୍କବାଦ ସହ ସମ୍ପୃକ୍ତ କାର୍ଯ୍ୟକୁ ବଢ଼ାଇବା ଅଭିଯୋଗରେ ୧୫ ଅଭିଯୁକ୍ତ ଗିରଫ ହୋଇଛନ୍ତି।

**ଜଳବାୟୁ ମୁକାବିଲା**

# ବିକଶିତ ଦେଶ ନେତୃତ୍ୱ ନିଅନ୍ତୁ

## କପ୍‌୨୮ରେ ମତ ରଖିଲା ଭାରତ

ଦୁବାଇ,୯।୧୨

ଭାଗୀଦାରିତା ଏବଂ ଜଳବାୟୁ ନ୍ୟାୟ ଜଳବାୟୁ କ୍ରିୟାନୁଷ୍ଠାନର ଆଧାର ହେବା ଜରୁରୀ ବୋଲି ଭାରତର ଦୃଢ଼ବିଶ୍ୱାସ ରହିଛି। ବିକଶିତ ରାଷ୍ଟ୍ରଗୁଡ଼ିକ ଜଳବାୟୁ ପରିବର୍ତ୍ତନ ମୁକାବିଲାରେ ନେତୃତ୍ୱ ନେଲେ ହିଁ ତାହା ସୁନିଶ୍ଚିତ ହୋଇପାରିବ ବୋଲି ଦୁବାଇରେ ଅନୁଷ୍ଠିତ ବାର୍ଷିକ ଜଳବାୟୁ ସମ୍ମିଳନୀ କପ୍‌୨୮ରେ ଶନିବାର ଉଦ୍‌ବୋଧନ ଦେଇ ଭାରତର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ କହିଛନ୍ତି। ଏହି ସମିଟ୍‌ର ଉଚ୍ଚସ୍ତରୀୟ ବୈଠକରେ ଦେଶର ଜାତୀୟ ବିବୃତି ଉପସ୍ଥାପନ କରି ଯାଦବ କହିଥିଲେ, ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବାରେ ଭାରତର ଯଥେଷ୍ଟ ଅବଦାନ ରହିଛି। ୨୦୦୫ରୁ ୨୦୧୯ ମଧ୍ୟରେ ନୂଆଦିଲ୍ଲୀ ଏହାର ଜିଡିପି ଉତ୍ସର୍ଜନ ସାନ୍ଦ୍ରତାକୁ ୩୩ ପ୍ରତିଶତ ହ୍ରାସ କରି, ୧୧ ବର୍ଷ ଆଗୁଆ ସଫଳତା ହାସଲ କରିପାରିଛି। ବର୍ଦ୍ଧିତ ଜଳବାୟୁ କ୍ରିୟାନୁଷ୍ଠାନ ନିଷ୍ପତ୍ତିରେ ଅର୍ଥପୂର୍ଣ୍ଣ



କପ୍‌୨୮ ସମ୍ମିଳନୀରେ ଭାରତର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଓ ଅନ୍ୟମାନେ।

ଏବଂ ଉପଯୁକ୍ତ ତଥ୍ୟ ପ୍ରଦାନ ପାଇଁ ଭାରତ ଗ୍ଲୋବାଲ ଷ୍ଟକ୍‌ଟେକ୍ (ଜିଏସ୍‌ଟି) ଫଳାଫଳକୁ ଅପେକ୍ଷା କରିଛି। ଜିଏସ୍‌ଟି ହେଉଛି ପ୍ୟାରିସ୍ ଚୁକ୍ତିନାମା ଲକ୍ଷ୍ୟ ହାସଲ ଲାଗି ସାମୂହିକ ବୈଶ୍ୱିକ ଉଦ୍ୟମର ୨ ବର୍ଷୀୟ ସମୀକ୍ଷା। ପ୍ୟାରିସ୍ ଚୁକ୍ତିନାମାରେ ବିଶ୍ୱ ଉତ୍ତାପ ବୃଦ୍ଧିକୁ ୧.୫ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ସୀମିତ ରଖିବାକୁ ଲକ୍ଷ୍ୟ ରଖାଯାଇଥିଲା। ଯୁବବର୍ଗପରିବର୍ତ୍ତନରଏଜେଣ୍ଡା ହୋଇଥିବାରୁ ଜଳବାୟୁ ସଙ୍କଟ ସମାଧାନରେ ସେମାନଙ୍କୁ ମୁଖ୍ୟ ଭୂମିକାକୁ ଆଣିବା ଲାଗି ଯାଦବ ସଦସ୍ୟ ଦେଶଗୁଡ଼ିକୁ ଆହ୍ୱାନ ଦେଇଛନ୍ତି। କପ୍‌୨୮ରେ ୟୁନିସେଫ୍ ସହାୟତାରେ ଭାରତ ଗ୍ରୀନ୍ ରାଇଜିଂ ଗ୍ଲୋବାଲ ଇନିସିଏଟିଭ୍ ଆରମ୍ଭ କରିଛି। ଜଳବାୟୁ ପରିବର୍ତ୍ତନ ଉପରେ ଦେଶଗୁଡ଼ିକର ମହତ୍ତ୍ୱାକାଂକ୍ଷୀ ଜାତୀୟ କାର୍ଯ୍ୟଯୋଜନାରେ ଏହି ଉପକ୍ରମ ଅନ୍ୟୂନ ୧୦ ନିୟୁତ ପିଲାଙ୍କ ପାଇଁ ମାର୍ଗ ସୃଷ୍ଟି କରିବ ବୋଲି ଯାଦବ କହିଛନ୍ତି।

ଜାତିସଂଘ ଜଳବାୟୁ ଆଲୋଚନା ବିଶେଷ କରି ଜୀବାଶ୍ମ ଇନ୍ଧନ ବ୍ୟବହାରକୁ ପର୍ଯ୍ୟାୟକ୍ରମେ ବନ୍ଦ କରିବା ଆଡ଼କୁ ଯାଉଥିବାରୁ ତୈଳ ଉତ୍ପାଦନକାରୀ ଦେଶଗୁଡ଼ିକ ଆତଙ୍କିତ ହୋଇପଡ଼ିଥିବା କେତେଜଣ ବୁଝାମଣାକାରୀ ପର୍ଯ୍ୟବେକ୍ଷକ କହିଛନ୍ତି। ଜଳବାୟୁ ଚୁକ୍ତିନାମାରେ ଜୀବାଶ୍ମ ଇନ୍ଧନ ଫେଜ୍ ଆଉଟ୍ କିମ୍ବା ଫେଜ୍ ଡାଉନ୍ ଭଳି ଶବ୍ଦକୁ ବିରୋଧ କରିବା ପାଇଁ ତୈଳ ଉତ୍ପାଦକ ସଂଘର ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ପେଟ୍ରୋଲିୟମ ରପ୍ତାନିକାରୀ ରାଷ୍ଟ୍ର ସଂଘ (ଓପିଇସି) ନେତା କହିଥିବା ଏକ ପତ୍ରରୁ ଜଣାପଡ଼ିଛି। ଭାରତର ମୁଣ୍ଡପିଛା ଅଙ୍ଗାରକାମ୍ଳ ଉତ୍ସର୍ଜନ ଯଥେଷ୍ଟ କମ୍ ହୋଇଥିବାରୁ ଏହାକୁ ଉତ୍ସର୍ଜନକାରୀ ରାଷ୍ଟ୍ର ଚାଇନା ଏବଂ ଆମେରିକା ସହ ଏକାଠି ନେବା ଆଦୌ ଗ୍ରହଣୀୟ ନୁହେଁ ବୋଲି ଶନିବାର ୟୁରୋପ ପାର୍ଲାମେଣ୍ଟର ବରିଷ୍ଠ ସଦସ୍ୟ ପିଟର ଲିଜ୍ କହିଛନ୍ତି। ୟୁଏଇ, ଚାଇନା ଓ ଆମେରିକାର ମୁଣ୍ଡପିଛା ଉତ୍ସର୍ଜନ ଭାରତଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏହାକୁ ସମସ୍ତେ ସ୍ୱୀକାର କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ସାରା ବିଶ୍ୱରେ ହାରାହାରି ଅଙ୍ଗାରକାମ୍ଳ ଉତ୍ସର୍ଜନ ୪.୭ ଟନ୍ ରହିଥିବାବେଳେ ଆମେରିକାରେ ମୁଣ୍ଡ ପିଛା ଉତ୍ସର୍ଜନ ୧୪.୯ ଟନ୍, ରୁଷିଆରେ ୧୧.୪ ଟନ୍, ଚାଇନା ୮ ଟନ୍, ଜାପାନ ୮.୫ ଟନ୍, ୟୁରୋପୀୟ ୟୁନିୟନରେ ୬.୨ ଟନ୍ ରହିଛି। ଅନ୍ୟପକ୍ଷରେ ଭାରତରେ ମୁଣ୍ଡ ପିଛା ଅଙ୍ଗାରକାମ୍ଳ ଉତ୍ସର୍ଜନ୨ ଟନ୍‌ରୁ କମ୍ ରହିଛି।

### 'କାର୍‌ଗିଲକୁ ବିରୋଧ କରିବାରୁ ବହିଷ୍କୃତ ହୋଇଥିଲି'


ନୱାଜ ଶରିଫ

ଲାହୋର,୯।୧୨(ପି.ଟି.)

୧୯୯୯ରେ ପାକିସ୍ତାନର ତତ୍କାଳୀନ ସେନା ମୁଖ୍ୟ ଜେନେରାଲ ପର୍ଭେଜ ମୁଶରଫଙ୍କ କାର୍‌ଗିଲ ଆକ୍ରମଣ ଯୋଜନାକୁ ବିରୋଧ କରିବାରୁ ସରକାରରୁ ବହିଷ୍କୃତ ହୋଇଥିଲେ ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫ ଶନିବାର କହିଛନ୍ତି। ନୱାଜ ଭାରତ ସମେତ ପଡୋଶୀ ଦେଶଗୁଡ଼ିକ ସହ ଉତ୍ତମ ସମ୍ପର୍କକୁ ଗୁରୁତ୍ୱ ଦେଉଥିଲେ। ଆଗାମୀ ନିର୍ବାଚନ ଲାଗି ଦଳୀୟ ଟିକେଟ ଆଶାୟୀମାନଙ୍କ ସହ ଆଲୋଚନା ବେଳେ ନୱାଜ ଏହା କହିଛନ୍ତି। ପାକିସ୍ତାନ ମୁସ୍‌ଲିମ୍ ଲିଗ୍-ନୱାଜ ନେତା ନୱାଜ ଶରିଫ୍ ୩ ଥର ପ୍ରଧାନମନ୍ତ୍ରୀ ହୋଇଥିବାବେଳେ ପ୍ରତିଥର ତାଙ୍କୁ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ କ୍ଷମତାରୁ ହଟାଇ ଦିଆଯାଇଥିଲା।


ନାଗାଲାଣ୍ଡର ଚୁମୌକେଡିମା ଅନ୍ତର୍ଗତ ସିଙ୍ଗ୍ରିଜନ ଗ୍ରାମରେ ପ୍ରଥମ ଉତ୍ତରପୂର୍ବାଞ୍ଚଳ ଗୋର୍ଖା ସଂସ୍କୃତି ଉତ୍ସବରେ ନୃତ୍ୟ ପରିବେଷଣ ପୂର୍ବରୁ ପାରମ୍ପରିକ ପୋଷାକରେ କଳାକାର।

### ୯ ଜଣଙ୍କ ନାଁରେ ସିବିଆଇ ଚାର୍ଜଶିଟ୍

**ମଣିପୁର ନାଗା ମହିଳା ହତ୍ୟା ମାମଲା**

ନୂଆଦିଲ୍ଲୀ,୯।୧୨(ପି.ଟି.)

ମଣିପୁରରେ ଜାତିଆଣ ହିଂସା ଚାଲିଥିବାବେଳେ ଜୁଲାଇ ୧୫ରେ କେଇବ ଗ୍ରାମରେ ଜଣେ ୫୫ ବର୍ଷୀୟ ନାଗା ମହିଳାଙ୍କୁ ଉତ୍ତ୍ୟକ୍ତ ଲୋକେ ହତ୍ୟା କରିଥିଲେ। ଏହି ମାମଲାର ତଦନ୍ତ କରୁଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଶନିବାର ୯ ଜଣଙ୍କ ନାଁରେ ଚାର୍ଜଶିଟ୍ ଦାଖଲ କରିଛି। ଗୁଆହାଟୀର ସ୍ୱତନ୍ତ୍ର ସିବିଆଇ ଅଦାଲତରେ ଦାଏର ଏହି ଚାର୍ଜଶିଟ୍‌ରେ ଅଭିଯୁକ୍ତମାନେ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଉଲ୍ଲେଖ ରହିଛି। ପୂର୍ବରୁ ଇମ୍ଫାଲ ଇଷ୍ଟର ଲାମଲାଇ ଥାନାରେ ମାମଲା ରୁଜୁ ହୋଇଥିବାବେଳେ ମଣିପୁର ସରକାରଙ୍କ ଅନୁରୋଧ କ୍ରମେ ଏହାକୁ ସିବିଆଇକୁ ହସ୍ତାନ୍ତର କରାଯାଇଥିଲା। ଅଭିଯୋଗ ଅନୁଯାୟୀ ଜୁଲାଇ ୧୫ ଅପରାହ୍ନ ୧୨ଟା ୧୦ରେ ସଶସ୍ତ୍ର ଦୁର୍ବୃତ୍ତଙ୍କ ସମେତ ପ୍ରାୟ ୧୦୦ ଜଣ ସାୱମବଙ୍ଗ୍ ଗେଟ୍‌ଠାରେ ମହିଳାଙ୍କୁ ଅଟକ ରଖିବା ପରେ ଏକ କାର୍‌ରେ କେଇବି ଗ୍ରାମକୁ ଜବରଦସ୍ତ ନେଇଯାଇଥିଲେ। ସେହିଦିନ ମହିଳାଙ୍କ ମୃତଦେହ ଉକ୍ତ ଗ୍ରାମରୁ ମିଳିଥିଲା।

### ଭାଜପାକୁ ଭୋଟ ଦେବାରୁ ମୁସଲମାନ ମହିଳାଙ୍କୁ ମାଡ଼

ଭୋପାଳ,୯।୧୨

ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ବେଳେ ଭାଜପାକୁ ଭୋଟ ଦେଇଥିବାରୁ ଜଣେ ମୁସଲମାନ ମହିଳାଙ୍କୁ ତାଙ୍କର ପରିବାର ଲୋକେ ମାଡ଼ ମାରିଛନ୍ତି। ସାମିନା ବି ନାମ୍ନୀ ଉକ୍ତ ମହିଳା ଶନିବାର ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କୁ ତାଙ୍କ ବାସଭବନରେ ଭେଟି ସେ ଓ ତାଙ୍କ ଦୁଇ ପିଲାଙ୍କ ସୁରକ୍ଷାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ସାମିନାଙ୍କୁ ସୁରକ୍ଷା ଯୋଗାଇଦେବା ଲାଗି ଶିବରାଜ ପ୍ରତିଶ୍ରୁତି ଦେଇଛନ୍ତି।

### ଆକବରୁଦ୍ଦିନ ଅସ୍ଥାୟୀ ତେଲଙ୍ଗାନା ବାଚସ୍ପତି

**ଭାଜପା ବିଧାୟକଙ୍କ ବର୍ଜନ**

ହାଇଦ୍ରାବାଦ,୯।୧୨



ଏଆଇଏମ୍‌ଆଇଏମ୍‌ର ନବନିର୍ବାଚିତ ବିଧାୟକ ଆକବରୁଦ୍ଦିନ ଓୱାଇସିଙ୍କୁ ତେଲଙ୍ଗାନା ବିଧାନସଭାର ଅସ୍ଥାୟୀ ବାଚସ୍ପତି ନିଯୁକ୍ତ କରାଯାଇଥିବାବେଳେ, ଏହାକୁ ବିରୋଧ କରି ଭାଜପା ବିଧାୟକମାନେ ଶପଥ ଗ୍ରହଣ ଉତ୍ସବକୁ ବର୍ଜନ କରିଛନ୍ତି। ଅସ୍ଥାୟୀ ବାଚସ୍ପତି ନୂଆ ବିଧାୟକମାନଙ୍କୁ ଶପଥ ପାଠ କରାଇଥାନ୍ତି। ବଞ୍ଚିଥିବା ପର୍ଯ୍ୟନ୍ତ ହିନ୍ଦୁ ବିରୋଧୀ ଏଆଇଏମ୍‌ଆଇଏମ୍ ନେତାଙ୍କ ଆଗରେ କଦାପି ଶପଥ ନେବେ ନାହିଁ ବୋଲି ଭାଜପା ବିଧାୟକ ଟି. ରାଜା ସିଂ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି। ପୂର୍ଣ୍ଣକାଳୀନ ବାଚସ୍ପତି ନିଯୁକ୍ତ ହେବା ପରେ ସେ ଶପଥ ନେବେ ବୋଲି ଜଣାଇଛନ୍ତି। ସଦ୍ୟସମାପ୍ତ ତେଲଙ୍ଗାନା ବିଧାନସଭା ନିର୍ବାଚନରେ ଭାଜପା ୮ ଆସନରେ ଜିତିଛି। ଜଣେ ବରିଷ୍ଠ ବିଧାୟକଙ୍କୁ ଅସ୍ଥାୟୀ ବାଚସ୍ପତି କରାଯିବା ପରିବର୍ତ୍ତେ ଓୱାଇସିଙ୍କୁ ଏହି ପଦରେ ନିଯୁକ୍ତି ଦିଆଯାଇଥିବାରୁ ଏହାକୁ ଭାଜପା ବିରୋଧ କରୁଥିବା ଦଳର ରାଜ୍ୟ ସଭାପତି ଜି. କିଶନ ରେଡ୍ଡୀ କହିଛନ୍ତି।

### ହମାସ୍‌କୁ ନେଇ ପ୍ରଶ୍ନ

**ସ୍ୱାକ୍ଷରିତ ଉତ୍ତର ଦେଇ ନ ଥିବା କହିଲେ ମନ୍ତ୍ରୀ**

ନୂଆଦିଲ୍ଲୀ,୯।୧୨

ହମାସ୍‌କୁ ଆତଙ୍କବାଦୀ ସଂଗଠନ ଘୋଷଣା ସମ୍ପର୍କିତ ପ୍ରଶ୍ନ ଉପରେ କୌଣସି ଉତ୍ତରରେ ସ୍ୱାକ୍ଷର କରି ନ ଥିବା କେନ୍ଦ୍ରମନ୍ତ୍ରୀ ମୀନାକ୍ଷୀ ଲେଖି ଶନିବାର ସ୍ପଷ୍ଟ କରିଦେଇଛନ୍ତି। ହମାସ୍‌କୁ ଆତଙ୍କବାଦୀ ସଂଗଠନ ଘୋଷଣା ନେଇ ଏକ ଅଣତାରକା ପ୍ରଶ୍ନର ତଥାକଥିତ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଉକ୍ତ ଭାଇରାଲ ଖବରକୁ ନେଇ ମୀନାକ୍ଷୀ ଉପରୋକ୍ତ ସ୍ପଷ୍ଟୀକରଣ ରଖିଛନ୍ତି।

### ଯୁଦ୍ଧବିରତି ପ୍ରସ୍ତାବ ଉପରେ ଆମେରିକାର ଭିଟୋ

ଜାତିସଂଘ,୯।୧୨(ପି.ଟି.)

ଯୁଦ୍ଧ କ୍ଷତିଗ୍ରସ୍ତ ଗାଜାରେ ମାନବୀୟତା ଦୃଷ୍ଟିକୋଣରୁ ତୁରନ୍ତ ଅସ୍ତ୍ରବିରତି ଦାବିକରି ଏବଂ ହମାସ୍ ଆତଙ୍କବାଦୀ ପଣବନ୍ଦୀ କରି ରଖିଥିବା ଲୋକଙ୍କୁ ନିଃସର୍ତ୍ତ ଛାଡ଼ିଦେବାକୁ ଆହ୍ୱାନ ଦେଇ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ଅଣାଯାଇଥିବା ଚିଠା ପ୍ରସ୍ତାବ ଉପରେ ଆମେରିକା ଭିଟୋ ପ୍ରୟୋଗ କରିଛି। ୟୁନାଇଟେଡ୍ ଆରବ ଏମିରେଟ୍ସ ପକ୍ଷରୁ ଏହି ପ୍ରସ୍ତାବ ଅଣାଯାଇଥିବାବେଳେ ୯୦ରୁ ଅଧିକ ସଦସ୍ୟ ରାଷ୍ଟ୍ରଙ୍କର ସମର୍ଥନ ରହିଥିଲା। ଶୁକ୍ରବାର ଏହା ଉପରେ ଭୋଟ ପାଇଁ ୧୫ ରାଷ୍ଟ୍ର କାଉନ୍‌ସିଲ ଏକାଠି ହୋଇଥିଲେ। କାଉନ୍‌ସିଲ୍‌ର ୧୩ ସଦସ୍ୟ ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଥିଲେ। ବ୍ରିଟେନ୍ ଭୋଟଦାନରୁ ଅନୁପସ୍ଥିତ ରହିଥିଲା ବେଳେ ଆମେରିକା ଭିଟୋ ପ୍ରୟୋଗ କରିଥିଲା।


ଇସ୍ରାଏଲ୍ ସେନା ବୋମାମାଡ଼ରେ ଧ୍ୱଂସପ୍ରାପ୍ତ ଏକ ଘରୁ ଜଣେ ବ୍ୟକ୍ତି ଆସବାବପତ୍ର ନେଉଛନ୍ତି।

**ଫୁରସତ୍**

## ସମସ୍ତଙ୍କ ପାଇଁ ସମାନତା, ନ୍ୟାୟ ଅପରିହାର୍ଯ୍ୟ

**ଅନ୍ତର୍ଜାତୀୟ ମାନବାଧିକାର ଦିବସ**



ମଣିଷ ସମାଜରେ ସଭିଏଁ ଏକ ଏବଂ ଅଭିନ୍ନ। ସମସ୍ତେ ସମାନ ଅଧିକାର ସହ ବଞ୍ଚିବା ଅପରିହାର୍ଯ୍ୟ। ପୃଥିବୀରେ ବିଭିନ୍ନ ବର୍ଗର ଲୋକଙ୍କ ମଧ୍ୟରେ ସମାନତା ବଜାୟ ରହିବା ଅପରିହାର୍ଯ୍ୟ। ଏହାଦ୍ୱାରା ବିକାଶଧାରା ଅବ୍ୟାହତ ରହିବା ସହ ପୃଥିବୀ ଏକ ବୃହତ ପରିବାର ବୋଲି ଧାରଣା ସୃଷ୍ଟି ହୋଇଥାଏ। ବିଶ୍ୱ ଭ୍ରାତୃତ୍ୱକୁ ଆଗେଇ ନେବାକୁ ପ୍ରତିବର୍ଷ ଡିସେମ୍ବର ୧୦ରେ ଅନ୍ତର୍ଜାତୀୟସ୍ତରରେ ମାନବାଧିକାର ଦିବସ ପାଳନ କରାଯାଇଥାଏ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ମାନବ ଅଧିକାରର ଗୁରୁତ୍ୱକୁ ଅନ୍ତର୍ଜାତୀୟ କ୍ଷେତ୍ରରେ ପ୍ରାଥମିକତା ଦିଆଯାଇଥିଲା।

୧୯୪୮ ଡିସେମ୍ବର ୧୦ରେ ଜାତିସଂଘର ସାଧାରଣ ମହାସଭାରେ ମାନବିକ ଅଧିକାର ଘୋଷଣାନାମା ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା। ମାନବିକ ଅଧିକାର ଦିବସର ଆନୁଷ୍ଠାନିକ ପ୍ରତିଷ୍ଠା ୪ ଡିସେମ୍ବର ୧୯୫୦ରେ ସାଧାରଣ ସଭାର ୩୧୭ ତମ ବୈଠକରେ ହୋଇଥିଲା। ବିଧିବଦ୍ଧ ଭାବେ ୧୯୫୦ ଡିସେମ୍ବର ୧୦ଠାରୁ ଏହାର ପାଳନ ଆରମ୍ଭ ହୋଇଥିଲା। କାହାର ସ୍ୱାର୍ଥରେ ଉଲ୍ଲଂଘନ ହେଲେ ମିଳିତ ଜାତିସଂଘ ପକ୍ଷରୁ ଏନେଇ ପଦକ୍ଷେପ ଗ୍ରହଣ କରାଯାଇଥାଏ। ଏହି ଦିବସର ପାଳନ ମାନବିକ ଅଧିକାରର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ କରିଥାଏ। ବିଶ୍ୱର ବୃହତ ପରିବାର ମଧ୍ୟରେ ସମସ୍ତଙ୍କର ସ୍ୱାର୍ଥ ସୁରକ୍ଷା ହିଁ ଏକମାତ୍ର ଲକ୍ଷ୍ୟ ବୋଲି ମାନବାଧିକାର ଦିବସ ସୂଚିତ କରିଥାଏ। ଏହି ଦିବସ ପାଳନ ଅବସରରେ ବିଶ୍ୱସ୍ତରରେ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ କ୍ଷେତ୍ରରେ ଯେପରି ସଭିଙ୍କୁ ସମାନ ସୁବିଧା ସୁଯୋଗ ଉପଲବ୍ଧ କରାଯିବ ସେ ନେଇ ସଚେତନତା ସୃଷ୍ଟି କରାଯାଇଥାଏ।

ସରଳ ଶବ୍ଦରେ, ମାନବ ଅଧିକାର ଏପରି ଅଧିକାରକୁ ସୂଚିତ କରେ ଯାହା ଜାତି, ଲିଙ୍ଗ, ଜାତୀୟତା, ଧର୍ମ କିମ୍ବା ଅନ୍ୟ କୌଣସି ଆଧାରରେ ଭେଦଭାବ କରି ନ ଥାଏ। ମାନବ ଅଧିକାର ମୁଖ୍ୟତଃ ଜୀବନ ଏବଂ ସ୍ୱାଧୀନତାର ଅଧିକାର, ଦାସତ୍ୱ ତଥା ନିର୍ଯାତନାରୁ ମୁକ୍ତି, ଅଭିବ୍ୟକ୍ତିର ସ୍ୱାଧୀନତା ଅଧିକାର ଏବଂ କାର୍ଯ୍ୟ ତଥା ଶିକ୍ଷାକୁ ଅନ୍ତର୍ଭୁକ୍ତ କରେ । ସମ୍ମାନ ଏବଂ ଅଧିକାର ଦୃଷ୍ଟିରୁ ସମସ୍ତଲୋକ ମୁକ୍ତ ଏବଂ ସମାନ, ଅର୍ଥାତ ସମସ୍ତମାନବଙ୍କର ସମ୍ମାନ ଏବଂ ଅଧିକାର ଦୃଷ୍ଟିରୁ ସ୍ୱାଧୀନତା ତଥା ସମାନତା ରହିଛି। ପ୍ରତିବର୍ଷ ଏହି ଦିବସ ଏକ ସ୍ୱତନ୍ତ୍ର ବାର୍ତ୍ତା ବହନ କରିଥାଏ। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ହେଉଛି ସମସ୍ତଙ୍କ ପାଇଁ ସ୍ୱାଧୀନତା ସମାନତା ଏବଂ ନ୍ୟାୟ।

### ଥୋମାସ୍ ସଡ଼କରେ ଫ୍ୟାଶନ ଶୋ'



**ଲଣ୍ଡନ:** ସାଧାରଣତଃ ଫ୍ୟାଶନ ଶୋ' ବନ୍ଦ ଘର ଭିତରେ ଆୟୋଜିତ ହୋଇଥାଏ। ଯେଉଁଠାରେ ପ୍ରସିଦ୍ଧ ଡିଜାଇନରଙ୍କ ସହ ଅନେକ ବଡ଼ ବଡ଼ ଲୋକ ଉପସ୍ଥିତ ଥାନ୍ତି। ହେଲେ ନିକଟରେ ଇଂଲଣ୍ଡର ମାଞ୍ଚେଷ୍ଟରର ଥୋମାସ ସଡ଼କରେ ଏକ ଫ୍ୟାଶନ ଶୋ' ଦେଖିବାକୁ ମିଳିଛି। ଯେଉଁଠାରେ ଅନେକ ତାରକା କ୍ୟାଟୱାକ୍ କରୁଥିବା ନଜରକୁ ଆସିଛି। ସେପ୍ଟେମ୍ବରରେ ହୋଇଥିବା ଏହି ଫ୍ୟାଶନ ଶୋ'ର ଭିଡିଓ ବେଶ୍ ଭାଇରାଲ ହେବାରେ ଲାଗିଛି। ଏଥିରେ ବହୁତ ସୁନ୍ଦର ମଡେଲ କ୍ୟାଟୱାକ୍ କରୁଛନ୍ତି। ଡିଜାଇନର ଏଲେନା ୱେଲେଜ୍ ତାଙ୍କ ସ୍ପ୍ରିଙ୍ଗ୍ ୨୦୨୪ କଲେକ୍ସନକୁ ପ୍ରଦର୍ଶିତ କରିବାକୁ ଏପରି ଉପାୟ ଆପଣେଇଥିଲେ। ଏହି ଫ୍ୟାଶନ ଶୋ' ସେଠାରେ ବହୁ ଚର୍ଚ୍ଚାକୁ ଆସିଥିଲା। ଫ୍ରାନ୍ସିସି ଲକ୍‌ଜୁରୀ ବ୍ରାଣ୍ଡ୍ ଚୈନଲ ମାଞ୍ଚେଷ୍ଟରର ସଡ଼କରେ ଏହି ଫ୍ୟାଶନ ଶୋ'ର ଆୟୋଜନ କରିଥିଲା। ଏଥିରେ ଅଭିନେତ୍ରୀ କ୍ରିଷ୍ଟେନ ଷ୍ଟିୱାର୍ଟ, ହ୍ୟୁଗ୍ ଗ୍ରାଣ୍ଟ, ଏବେରଷ୍ଟେନ୍, ଲକି ବଏନଟନ ଏବଂ ଟିଲ୍‌ଡା ସ୍ୱିନଟନଙ୍କ ସହିତ ନିର୍ଦ୍ଦେଶକ ସୋଫିଆ କୋପୋଲା ମଧ୍ୟ ଉପସ୍ଥିତ ଥିଲେ। ସେମାନଙ୍କ ସହ ଅନେକ ମଡେଲ ସେହି ସଡ଼କରେ କ୍ୟାଟୱାକ୍ କରିଥିଲେ। ଶୋ' ସମୟରେ ବର୍ଷାରୁ ସୁରକ୍ଷା ପାଇଁ ଉପରେ ଏକ ବଡ଼ ପାଲର ବ୍ୟବସ୍ଥା କରାଯାଇଥିଲା।

### 'ବ୍ରହ୍ମାସ୍ତ୍ର ୨'ରେ ରଣବୀରଙ୍କ ଏଣ୍ଟ୍ରି



**ମୁମ୍ବାଇ:** ରଣବୀର କପୁରଙ୍କ ଫିଲ୍ମ 'ବ୍ରହ୍ମାସ୍ତ୍ର' ଗତବର୍ଷ ରିଲିଜ୍ ହୋଇଥିଲା। ଯାହା ବକ୍ସ ଅଫିସରେ ବହୁତ କଲେକ୍ସନ କରିବା ସହ ସିନେମାକୁ ଦର୍ଶକଙ୍କଠାରୁ ଭଲ ପ୍ରତିକ୍ରିୟା ମିଳିଥିଲା। ଆର୍ଯ୍ୟନ୍ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ଆଲିଆ ଭଟ୍ଟ, ଅମିତାଭ ବଚ୍ଚନ, ଶାହରୁଖ୍ ଖାନ୍, ଦୀପିକା ପାଦୁକୋନ, ମୌନି ରୟଙ୍କ ଭଳି ଅନେକ କଳାକାରଙ୍କୁ ଦେଖିବାକୁ ମିଳିଥିଲା। ବର୍ତ୍ତମାନ ଫିଲ୍ମର ଦ୍ୱିତୀୟ ଭାଗ ଅର୍ଥାତ୍ 'ବ୍ରହ୍ମାସ୍ତ୍ର ୨' ପୁଣି ଥରେ ଚର୍ଚ୍ଚାକୁ ଆସିଛି। ସିନେମାର ଦ୍ୱିତୀୟ ଭାଗରେ ବଡ଼ ବଡ଼ ତାରକାଙ୍କ ନାମ ରହିଥିବା ଜଣାପଡୁଛି। ଯାହାଙ୍କ ମଧ୍ୟରେ ରଣବୀର ସିଂଙ୍କ ନାମ ସାମ୍ନାକୁ ଆସିଛି। ରିପୋର୍ଟ ମୁତାବକ, ରଣବୀର ସିଂ ଫିଲ୍ମରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜରକୁ ଆସିବେ। ବର୍ତ୍ତମାନ ନିର୍ମାତା ଫିଲ୍ମ 'ୱାର ୨'ରେ ବ୍ୟସ୍ତ ଥିବାବେଳେ ରଣବୀର ସିଂ ମଧ୍ୟ ତାଙ୍କ ଅନ୍ୟ ଏକ ପ୍ରୋଜେକ୍ଟରେ ବ୍ୟସ୍ତ ଅଛନ୍ତି। ତେବେ ଫିଲ୍ମଟି ୨୦୨୫ରେ ପ୍ରେକ୍ଷାଳୟକୁ ଆସିବ ବୋଲି ଅନୁମାନ କରାଯାଉଛି। ଶେଷ ଥର ପାଇଁ ତାଙ୍କୁ ଚଳଚ୍ଚିତ୍ର 'ସର୍କସ'ରେ ଦେଖିବାକୁ ମିଳିଥିଲା। ଅଭିନେତା ଅଲ୍ଲୁ ଅର୍ଜୁନଙ୍କ ଫିଲ୍ମ 'ପୁଷ୍ପା ୨: ଦି ରୁଲ୍'ରେ ସେ ନଜରକୁ ଆସିବେ।

### ବିରଳ ଲ୍ୟୁସିଷ୍ଟିକ୍ କୁମ୍ଭୀର ଜନ୍ମ



**ୱାଶିଂଟନ:** ଆମେରିକା ଫ୍ଲୋରିଡାରେ ବିଶ୍ୱର ସବୁଠୁ ଦୁର୍ଲଭ ଧଳା କୁମ୍ଭୀର ଜନ୍ମ ହୋଇଛି। ଏହାକୁ ଦେଖି ବୈଜ୍ଞାନିକମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ରିପୋର୍ଟ ମୁତାବକ, ଏହି କୁମ୍ଭୀରର ଜନ୍ମ ଗୁରୁବାର ହୋଇଥିବା ଜଣାପଡ଼ିଛି। ଏହି କୁମ୍ଭୀର ଲ୍ୟୁସିଷ୍ଟିକ୍ ପ୍ରଜାତିର। ପ୍ରାଣୀଉଦ୍ୟାନ ଗଟରଲ୍ୟାଣ୍ଡର ଅଧକ୍ଷ ଏବଂ ସିଇଓ ମାର୍କ ମୈକହ୍ୟୁଘଙ୍କ କହିବା ମୁତାବକ, ଏହା ପ୍ରକୃତରେ ଅସାଧାରଣ ଜୀବ। ସେମାନେ ଏହି ଜୀବର ସୁରକ୍ଷାର ସମସ୍ତ ଦାୟିତ୍ୱ ସାବଧାନତା ସହ ରଖୁଛନ୍ତି। ଏହି କୁମ୍ଭୀରକୁ ଆସନ୍ତା ବର୍ଷ ପ୍ରଦର୍ଶନୀରେ ପ୍ରଦର୍ଶିତ କରିବାକୁ ସେମାନେ ଯୋଜନା କରୁଛନ୍ତି। ଗଟରଲ୍ୟାଣ୍ଡ ଅନୁସାରେ, ଏହି କୁମ୍ଭୀରର ପ୍ରଜାତି ଅଲବିନୋ କୁମ୍ଭୀରଠାରୁ ଭିନ୍ନ ହୋଇଥାନ୍ତି। ଏମାନଙ୍କ ଆଖି ଗୋଲାପି ରଙ୍ଗର ହୋଇଥିବାବେଳ ଲ୍ୟୁସିଷ୍ଟିକ୍ କୁମ୍ଭୀରଙ୍କ ଆଖି ନୀଳ ରଙ୍ଗର ହୋଇଥାଏ। ବର୍ତ୍ତମାନ ବିଶ୍ୱରେ ମାତ୍ର ୭ଟି ଲ୍ୟୁସିଷ୍ଟିକ୍ କୁମ୍ଭୀର ବଞ୍ଚିଛନ୍ତି। ସେମାନଙ୍କ ମଧ୍ୟରୁ ୩ଟି କୁମ୍ଭୀର ଗଟରଲ୍ୟାଣ୍ଡରେ ଅଛନ୍ତି।

## ସଂକ୍ଷେପରେ

### ୩ ବସ୍ତା ଗଞ୍ଜେଇ ଜବତ, ଜଣେ ଗିରଫ
ଭବାନୀପାଟଣା, ୯।୧୨ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ମୋହନଗିରି ରୁ ମଦନପୁର ରାମପୁରକୁ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଶନିବାର ଭୋରରେ ତୁଣ୍ଡୁଙ୍ଗ ନିକଟରେ ଅବକାରୀ ବିଭାଗ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ଏକ ନାଲି କାରରୁ ତିନି ବସ୍ତା ଗଞ୍ଜେଇ ଜବତ କରିଥିଲେ। ଏହା ସହ ଘଟଣାରେ ସମ୍ପୃକ୍ତ ଥିବା ଜଣେ ଯୁବକଙ୍କୁ ଗିରଫ କରିଥିଲେ। ସେ ହେଲେ ରାୟପୁର ଅଞ୍ଚଳର ସଚିନ ଛତ୍ରିଆ। ଗଞ୍ଜେଇର ଆନୁମାନିକ ଓଜନ ପ୍ରାୟ ୫୫ କିଗ୍ରା ଓ ଏହାର ଆନୁମାନିକ ମୂଲ୍ୟ ୫ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷରେ ଗାଡ଼ିର ନମ୍ବରଟି ମଧ୍ୟ ନକଲି ବୋଲି ଜଣାପଡ଼ିଛି।

### ରାଷ୍ଟ୍ରୀୟ ଲୋକ ଅଦାଲତ
ନୂଆପଡ଼ା, ୯।୧୨ (ମକାରୁ ବେମାଲ)

ନୂଆପଡ଼ା ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲା ଓ ଦୌରାଜଜ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ନିରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇ ଯାଇଛି। ଏହି ଲୋକଅଦାଲତରେ ଅତିରିକ୍ତ ଜିଲା ଓ ଦୌରାଜଜ୍ ମିନାକ୍ଷୀ ଦାସ, ସିଜେଏମ ପ୍ରଜ୍ଞା ପରମିତା ମହାପାତ୍ର, ମହିଳା କୋର୍ଟ ଜଜ୍ ପୁନମ ଜେନା, ବରିଷ୍ଠ ଦେୱାନୀ ଜଜ ସୁକୁମାର ମହାପାତ୍ର, ରେଜିଷ୍ଟ୍ରାର ସନ୍ତୋଷ କୁମାର ପାଣିଗ୍ରାହୀ, ଏସ୍‌ଡିଜେଏମ୍ ଗୌରବ ପୁରୋହିତ, ଜେଏମ୍ଏଫସି ପଲ୍ଲବି ଦାସ ଏବଂ ବିଭିନ୍ନ ବ୍ୟାଙ୍କ ଅଂଶଗ୍ରହଣ କରିଥିଲେ। ୨୬୯ ମାମଲା ଯଥା ପାରିବାରିକ, ଏନଆଇ, ଦେୱାନୀ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ଏବଂ ବ୍ୟାଙ୍କ ବକେୟା ଋଣ ମାମଲାର ବିଚାର କରାଯାଇଥିଲା। ସେମାନଙ୍କଠାରୁ ଆପୋଷ ସମାଧାନ କରି ୧,୩୧,୪୩,୫୩୦ ଟଙ୍କା ଆଦାୟ କରାଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଲୋପାମୁଦ୍ରା ମଲ୍ଲ ଲୋକ ଅଦାଲତର ପରିଚାଳନା କରିଥିଲେ।

### ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟନ
ବୋଡ଼େନ, ୯।୧୨ (ଟିକେଶ୍ୱର ନାଗ)

ନୂଆପଡ଼ା ଜିଲା ବୋଡ଼େନ ବିଜୁ ପଟ୍ଟନାୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ କ୍ରୀଡ଼ା ଉତ୍ସବ ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ହେମନ୍ତ କୁମାର ମୁଣ୍ଡ କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ନୂଆପଡା ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି, ସମ୍ମାନିତ ଅତିଥି ଭାବେ ବୋଡ଼େନ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରେମଶିଳା ନାଗ, ୧୧ ନଂ. ଜିଲା ପରିଷଦ ସଦସ୍ୟା ଶ୍ରୁତି ସିଂ ମାଝି ପ୍ରମୁଖ ସମସ୍ତେ ଯୋଗଦାନ କରିଥିଲେ। ଏହି ସଭାରେ ଅଧ୍ୟାପକ ସାମୁଏଲ ଦାନି ମଞ୍ଚ ପରିଚାଳନା କରିଥିଲେ। ନୋଡାଲ ଅଫିସର ଅଧ୍ୟାପକ ଗୟାଧର ମହାନ୍ତି ସଂଯୋଜନା କରିଥିବାବେଳେ ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଅଂଶଗ୍ରହଣ କରି ଖେଳକୁଦ ସମାରୋହରେ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିଥିଲେ। ଏକ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଯୋଗଦାନ କରିଥିଲେ।

### ଡିଗ୍ରୀ ମହାବିଦ୍ୟାଳୟର କ୍ୟାମ୍ପସ କମିଟି ଗଠନ
କୋକସରା, ୯।୧୨ (ଦୁଷ୍ମନ୍ତ କୁମାର ପାଢ଼ଯୋଷୀ)

ରାଜ୍ୟ ଛାତ୍ର ବିଜେଡ଼ି ସଭାପତି ଦେବୀରଞ୍ଜନ ତ୍ରିପାଠୀଙ୍କ ଅନୁମୋଦନ କ୍ରମେ କଳାହାଣ୍ଡି ଜିଲା କୋକସରା ବ୍ଲକ ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟର କ୍ୟାମ୍ପସ କମିଟି ଗଠନ ହୋଇଯାଇଛି। କ୍ୟାମ୍ପସ କମିଟିରେ କନଭେନର ଭାବେ ଜିତେନ୍ଦ୍ର ରାଉତ, କୋ କନଭେନର ମୁକ୍ତା ଖମାରି, କୁଞ୍ଜ ବିହାରୀ ହଂସ, ଆଥେଲେଟିକ ପ୍ରତିନିଧି ଭାବେ ଡକାନ ମାଝି, କାହ୍ନୁ ଶବର, ନନ୍ଦିନୀ ନେଗି, ଗୁଣବତୀ ଛତ୍ରିଆ, ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିନିଧି ଭାବେ ଭକ୍ତରାମ ଦଳପତି, ଚାଣକ୍ୟ ନାଏକ, ଭାଗ୍ୟସେନି ନାଏକ, ଶ୍ରଦ୍ଧାରାଣି ପ୍ରଧାନୀ, ସୋସିଆଲ କାର୍ଯ୍ୟକ୍ରମ ପ୍ରତିନିଧି ଭାବେ ଶୁଭମ ପାତ୍ର, ସୁଷମା ନାଏକ, ନିହାରିକା ମାଝି, ଚିନ୍ମୟ ନାଏକ, ହେଲ୍ପ ଡେସ୍କ ପ୍ରତିନିଧି ଭାବେ ଦଧିସ୍ମିତା ଦୁର୍ଗା, ଲିପ୍ସାରାଣୀ ନାଏକ, ତୁଷାର ତାଣ୍ଡି, ନିଳେନ୍ଦ୍ରୀ ଠାକୁର, ସୋସିଆଲ ମିଡିଆ ପ୍ରତିନିଧି ରୁକ୍ମଣୀ ସାହୁ, ନବଦିନି ସାହୁ, ରିଙ୍କୁ ନାଏକ ଓ ଶୁଭମ ଠାକୁରଙ୍କୁ ଦାୟିତ୍ୱ ମିଳିଛି। ସମସ୍ତ ନବନିଯୁକ୍ତ ଛାତ୍ରୀଛାତ୍ରଙ୍କୁ କଳାହାଣ୍ଡି ଜିଲା ପର୍ଯ୍ୟବେକ୍ଷକ ପ୍ରଣବ କୁମାର ବଳବନ୍ତରାୟ, ଧର୍ମଗଡ ବିଧାୟକ ମୌଷଧି ବାଗ ଅଭିନନ୍ଦନ ଜଣାଇଛନ୍ତି।

# ବର୍ଷାରେ ଭିଜିଲା ମାଣ୍ଡିଆ ଫସଲ
ଭବାନୀପାଟଣା, ୯।୧୨ (ଉତ୍ତମ କୁମାର ଦାଶ)

- ନଷ୍ଟ ହେବା ଆଶଙ୍କା
- ଅମଳ ବେଳକୁ ଦାଉ ସାଧିଲା ବର୍ଷା
- ଚିନ୍ତାରେ କଳାହାଣ୍ଡି ଚାଷୀ

ଧାନଚାଷ ପରି ବର୍ଷାରେ ଭିଜିଯାଇଛି ମାଣ୍ଡିଆ ଫସଲ। ନଷ୍ଟ ହେବାର ଆଶଙ୍କା ଥିବାରୁ କଳାହାଣ୍ଡି ଜିଲାରେ ମାଣ୍ଡିଆ ଚାଷ କରିଥିବା ଚାଷୀ ଚିନ୍ତିତ ହୋଇପଡ଼ିଛନ୍ତି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁ ପାହାଡିଆ ଅଞ୍ଚଳରେ ହୋଇଥିବା ଚାଷ ବେଶ ପ୍ରଭାବିତ ହେଉଛି। ବିଶେଷକରି ପାହାଡିଆ ଅଞ୍ଚଳରେ ହେଉଥିବା ମାଣ୍ଡିଆ, କୋଶଳା, ସୋରିଷ, ଅଳସୀ, କାଙ୍ଗୁ, କାନ୍ଦୁଲ ଭଳି ବିଭିନ୍ନ ଖାଦ୍ୟ ଏବଂ ଡାଲି ଜାତୀୟ ଶସ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଇଛି। ସରକାର ଏବେ ମାଣ୍ଡିଆ ଚାଷ ଉପରେ ବେଶି ଗୁରୁତ୍ୱ ଦେଉଥିବାରୁ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଅଞ୍ଚଳର ଚାଷୀମାନେ ଭଲ ବିକ୍ରି ହେବା ଆଶାରେ ପ୍ରାୟ ୮୨୪୫ ହେକ୍ଟର ଜାଗାରେ ମାଣ୍ଡିଆ ଚାଷ କରିଥିଲେ। କିନ୍ତୁ ଅଦିନିଆ ବର୍ଷାରେ ଭିଜି ଏହି ଚାଷ ସବୁ



ବର୍ଷାରେ ମାଣ୍ଡିଆ ନଷ୍ଟ ହୋଇଥିବା ଚାଷୀ ଦେଖାଉଛନ୍ତି।

ନଷ୍ଟ ହେବାରେ ଲାଗିଲାଣି। ଥୁଆମୂଳ ରାମପୁର ବ୍ଲକର କୋଷାବରା ଅଞ୍ଚଳରେ ଏହାର ପ୍ରଭାବ ବେଶୀ ଦେଖିବାକୁ ମିଳିଛି। ଜଙ୍ଗଲୀ ଜନ୍ତୁ ଓ ଗୋରୁଙ୍କଠାରୁ ଚାଷକୁ ବଞ୍ଚାଇବାକୁ ଯାଇ ଚାଷୀ ମାସ ମାସ ଧରି ଜଙ୍ଗଲ ପାହାଡ଼ ଉପରେ ଜଗି ବସୁଥିଲେ। ଯେଉଁ ଚାଷକୁ ଏତେ କଷ୍ଟରେ ବଞ୍ଚାଇ ରଖିଥିଲେ ଆଜି ସେହି ଫସଲ ଉଜୁଡି ଯାଇଛି। ପୂର୍ବରୁ ସୂଚନା ପାଇ ଫସଲ କାଟି ଅମଳ କରିବାକୁ ଉଦ୍ୟମ କରୁଥିବାବେଳେ ଖଳାରେ ଭିଜି ନଷ୍ଟ ହେବାକୁ ବସିଲାଣି। ଅନେକ ଚାଷୀଙ୍କ ବର୍ଷକର ଅମଳ ଉଜୁଡ଼ି ଯାଇଥିବାରୁ ସେମାନେ ଭାଙ୍ଗିପଡ଼ିଛନ୍ତି। ଏସବୁ ଫସଲରୁ ଉତ୍ପନ୍ନ ଖାଦ୍ୟ ଏହି ଅଞ୍ଚଳର ଲୋକଙ୍କ ପେଟକୁ ଆହାର ଯୋଗାଉଥିବାବେଳେ କଣ ଖାଇବେ ଭାବି ହେଉଛନ୍ତି। ଏହି ଫସଲ ମଧ୍ୟ ରୋଜଗାରର ମାଧ୍ୟମ ହୋଇଥିବାବେଳେ ଏହା ନଷ୍ଟ ହେବା ପରେ ଚଳିବେ କେମିତି ବୋଲି କେତେଜଣ ଚାଷୀ କହିଛନ୍ତି। ପ୍ରଶାସନ କେବଳ ଧାନ ଚାଷ କରୁଥିବା ଚାଷୀଙ୍କୁ ଗୁରୁତ୍ୱ ନ ଦେଇ ବରଂ ଏହି ପାହାଡ ଅଞ୍ଚଳରେ ହେଉଥିବା ମାଣ୍ଡିଆ, ଡାଲି ଜାତୀୟ ଶସ୍ୟ ଚାଷ କରୁଥିବା ଚାଷୀମାନଙ୍କ ଉପରେ ନଜର ଦେବା ପାଇଁ ଦାବି କରିଛନ୍ତି ଅନେକ ଚାଷୀ।

# ପୋଲରେ ପିଟିହେଲା କାର: ୧ ମୃତ, ୩ ଗୁରୁତର
କୁନାଗଡ଼, ୯।୧୨ (ସୁନୀଲ କୁମାର ସିଂହ)

**ବରଯାତ୍ରୀ ଯାଇ ଫେରୁଥିବା ସମୟରେ ଦୁର୍ଘଟଣା**



କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅଞ୍ଚଳରେ ଦୁର୍ଘଟଣା ଘଟିଛି। ଶୁକ୍ରବାର ବିଳମ୍ବିତ ରାତିରେ ବରଯାତ୍ରୀ ଯାଇ ଫେରୁଥିବା ସମୟରେ ବାଟରେ କାର ଦୁର୍ଘଟଣା ହେବାରୁ ଜଣକର ମୃତ୍ୟୁହୋଇଥିବାବେଳେ ୩ ଜଣ ଗୁରୁତର ହୋଇଛନ୍ତି। ମୃତ ଯୁବକଙ୍କ ନାମ ହିମାଂଶୁ ମେହେର (୩୮)। ତାଙ୍କ ଘର ବଣ୍ଡାକୁତ୍ରା ବୋଲି ଜଣାପଡିଛି।

ମିଳିଥିବା ସୂଚନା ଅନୁଯାୟୀ, ନୂଆପଡ଼ା ଜିଲା ସିନାପାଲିରୁ ବରଯାତ୍ରୀ ଯାଇଥିବା ଏକ କାର ନଂ. ଓଡି୦୮ କେ -୪୫୮୫ ଜୁନାଗଡ଼ ବ୍ଲକ ପଲାସ ଗ୍ରାମକୁ ଫେରୁଥିଲା। ବାଟରେ ବଣ୍ଡାକୁତ୍ରା କର୍ତ୍ତବ୍ୟ ନିକଟ ରାସ୍ତା କଡରେ ଥିବା ଏକ ପୋଲ ଖମ୍ବରେ ପିଟି ହୋଇଥିଲା। ଫଳରେ ଏଥିରେ ବସିଥିବା ହିମାଂଶୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଙ୍କାଇଁ ବୁଡିପଦର ଗ୍ରାମର ଯୁଗେଶ୍ୱର ମେହେର (୩୯), ଭଣଜା ଶୁଭମ ମେହେର (୯) ଓ ମାଲପଡାର କାର ଚାଳକ ରବି ପଧାନ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତା କ୍ରମେ ସମସ୍ତଙ୍କୁ ୧୦୮ ଆମ୍ବୁଲାନ୍ସରେ ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ସେଠାରେ କିଛି ସମୟ ଚିକିତ୍ସା ପରେ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ମୃତ ହିମାଂଶୁଙ୍କ ସ୍ତ୍ରୀ ଓ ଗୋଟିଏ ଛୋଟ ଝିଅ, ପୁଅ ରହିଛନ୍ତି।

# ଲଡୁଗାଁ କଲେଜରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ




ନୂଆ ଓ ଯୁବ ଓଡ଼ିଶା, ଯୁବ ବିକାଶ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

କୋକସରା, ୯।୧୨ (ଦୁଷ୍ମନ୍ତ କୁମାର ପାଢ଼ଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ନୂଆ ଓ ଯୁବ ଓଡ଼ିଶା, ନବୀନ ଓଡ଼ିଶା, ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶନିବାର ଉଦ୍‌ଘାଟନୀ ଉତ୍ସରେ ସ୍ଥାନୀୟ ହନୁମାନ ମନ୍ଦିର ଛକରୁ ଏକ ବିଶାଳ ଶୋଭାଯାତ୍ରାରେ ଛାତ୍ରୀଛାତ୍ର ଆଦିବାସୀ ବେଶଭୁଷାରେ ପାରମ୍ପରିକ ଆଦିବାସୀ ନୃତ୍ୟ କରି ବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ପରେ ଲଡୁଗାଁ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ. ନିହାରକାନ୍ତ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଲଡୁଗାଁ ସରପଞ୍ଚ ନକୁଳ ନାଏକ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ କିଶୋରଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ ବ୍ୟୋମକେଶ ସାହୁ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଛନ୍ତି। ଅଧ୍ୟାପକ ସଞ୍ଜୟ କୁମାର ପୁରୋହିତ ମଞ୍ଚ ସଂଯୋଜନା କରିଥିବାବେଳେ ଅଧ୍ୟାପକ ପ୍ରଶାନ୍ତ ଯୋଷୀ ଅତିଥି ପରିଚୟ ଦେଇଥିଲେ। ଯୁବ ଓଡ଼ିଶା ଗଠନରେ ଛାତ୍ରୀଛାତ୍ରଙ୍କ ସହଭାଗିତା ହେଲେ ଓଡ଼ିଶାର ବିକାଶ ହେବ। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ପ୍ରଶଂସନୀୟ ବୋଲି ଉପସ୍ଥିତ ଅତିଥିମାନେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ପ୍ରେମାନନ୍ଦ ସାହା ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଭାରତ ଭୂଷଣ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା କଲ୍ୟାଣୀ ମହାନ୍ତି, ବିଭୁ ପ୍ରସାଦ ସାହୁ, ସତ୍ୟାନନ୍ଦ ହଂସ, ଗୀତାଞ୍ଜଳି ରାଉତ, ତୁଳସି ବାଗ, ଦିବାକର ଦୁର୍ଗା ପରିଚାଳନାରେ ସହଯୋଗ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସ୍ୱଚ୍ଛ ଭାରତ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଭବାନୀପାଟଣା ସହରରୁ ୫ ଶିଶୁ ଶ୍ରମିକ ଉଦ୍ଧାର
ଭବାନୀପାଟଣା, ୯।୧୨ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହରର ବିଭିନ୍ନ ହୋଟେଲ, ଗୁପଚୁପ୍ ଠେଲା ଦୋକାନରେ ନିୟୋଜିତ ୫ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଏଥିରେ ୧୪ବର୍ଷରୁ କମ୍ ୨ ଜଣ ଶିଶୁ ରହିଥିବାବେଳେ ୧୮ବର୍ଷରୁ ୧୪ ବର୍ଷ ମଧ୍ୟରେ ୩ଜଣ ଶିଶୁ ରହିଥିବା ଜଣାପଡିଛି। ଏହି ଶିଶୁମାନେ ଜିଲାର ଥୁଆମୂଳ ରାମପୁର ବ୍ଲକ ଓ ରାଜ୍ୟ ବାହାରର ବୋଲି ଜଣାପଡିଛି। ଶନିବାର ସନ୍ଧ୍ୟାରେ ଜିଲା ଶ୍ରମ ବିଭାଗ, ଜିଲା ଶିଶୁ ମଙ୍ଗଳ ସମିତି, ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଟାଉନ ଥାନା, ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳିତ ଉଦ୍ୟମରେ ଏହି ଚଢାଉ ହୋଇଥିଲା। ଉଦ୍ଧାର ପରେ ଶିଶୁ ଶ୍ରମିକମାନଙ୍କୁ ସ୍ଥାନୀୟ ମୁକ୍ତ ଆଶ୍ରୟ ସ୍ଥଳରେ ରଖାଯାଇଥିବା ଜଣାପଡିଛି। ଅନ୍ୟପକ୍ଷରେ କଳାହାଣ୍ଡି ଜିଲାର ବିଭିନ୍ନ ହୋଟେଲ, ଢାବା, ଠେଲା ଦୋକାନରେ ଏବେ ବି ଅନେକ ଶିଶୁ ଶ୍ରମିକ ନିୟୋଜିତ ଅଛନ୍ତି। ପ୍ରଶାସନ ପକ୍ଷରୁ ଏମିତି ଚଢାଉ କରାଗଲେ ଅନେକ ଶିଶୁ ଶ୍ରମିକ ଉଦ୍ଧାର ହୋଇପାରନ୍ତେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# କାର୍ଗୀସ୍ଥାନରେ ଭାରତରୁ ପ୍ରତିନିଧିତ୍ୱ କରିଥିବା ଶୁଭମଙ୍କୁ କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ସମ୍ବର୍ଦ୍ଧନା



କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ସମ୍ବର୍ଦ୍ଧନା ସମାରୋହରେ ଶୁଭମ।

ଭବାନୀପାଟଣା, ୯।୧୨ (ଉତ୍ତମ କୁମାର ଦାଶ)

କାର୍ଗୀସ୍ଥାନରେ ଭାରତରୁ ପ୍ରତିନିଧିତ୍ୱ କରି ରାଜ୍ୟ ନୁହେଁ ଦେଶ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି କଳାହାଣ୍ଡିର ପୁଅ ଶୁଭମ୍ ମହାକୁଡ଼। କାର୍ଗୀସ୍ଥାନରେ ଏନ୍‌ସିସି ପକ୍ଷରୁ ଚଳିତ ମାସରେ ଆୟୋଜିତ ହୋଇଥିଲା ୟୁଥ୍ଏକ୍ସଚେଞ୍ଜ କାର୍ଯ୍ୟକ୍ରମ। ଏଥିରେ ଭାରତରୁ ପ୍ରତିନିଧିତ୍ୱ କରି ଓଡ଼ିଶାରୁ ଜଣେ ମାତ୍ର ଛାତ୍ର ଭାବରେ କାର୍ଗୀସ୍ଥାନକୁ ଯାଇଥିଲେ ଶୁଭମ୍। ଭବାନୀପାଟଣା ବ୍ଲକ ଅନ୍ତର୍ଗତ ଗଣନାଥପୁର ଗାଁରେ ରହନ୍ତି ଶୁଭମ୍। ସେ ବର୍ତ୍ତମାନ କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ବିଏସ୍‌ସି ଫିଜିକ୍ସ ପାଠ୍ୟକ୍ରମରେ ଅଧ୍ୟୟନରତ ଅଛନ୍ତି। ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ସମଗ୍ର ଭାରତରୁ ୫ ଜଣ କ୍ୟାଡେଟ ଯାଇଥିବାବେଳେ ଶୁଭମ୍ ଓଡିଶାରୁ ଜଣେ ମାତ୍ର ଛାତ୍ର ଭାବରେ ପ୍ରତିନିଧିତ୍ୱ କରିଥିଲେ। ସେଠାରେ ସେ ବିଭିନ୍ନ ଆର୍ମି କ୍ୟାମ୍ପ ପରିଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହା ପୂର୍ବରୁ ସେ ରାଜ୍ୟ ତଥା ରାଜ୍ୟ ବାହାରେ ଅନେକ ସ୍ଥାନରେ ପୁରସ୍କୃତ ହୋଇଛନ୍ତି। ବର୍ତ୍ତମାନ ସେ ଦେଶ ସେବା ନିମନ୍ତେ ଆର୍ମିରେ ଯୋଗ ଦେବା ପାଇଁ ନିଜ ଚେଷ୍ଟା ଜାରି ରଖିଛନ୍ତି। ନିଜ ବାପା ମା'ଙ୍କ ଠାରୁ ପ୍ରେରଣା ପାଇ ଏନ୍‌ସିସିରେ ଅଂଶଗ୍ରହଣ କରିଥିଲେ। ପରେ ଅନେକ ଏନ୍‌ସିସି ଅଧିକାରୀ ଓ ଯବାନଙ୍କୁ ଦେଖି ସେ ଦେଶ ସେବାପ୍ରତି ମନ ବଳାଇଥିଲେ। ଯାହା ତାଙ୍କୁ ସଫଳତାର ବାଟ ଦେଖାଇଥିଲା ବୋଲି ଶୁଭମ କହନ୍ତି। ଶୁଭମ୍‌ଙ୍କ ଏହି ସଫଳତା ପରେ ଜିଲାର ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଏପରିସ୍ଥଳେ ଗୁରୁବାର ତାଙ୍କୁ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ସମୟରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥି, ଏନ୍‌ସିସି ଅଧିକାରୀ ମେଜର ଡ଼. ଜୟଦେବ ସାହୁ, ପିଜି କାଉନସିଲ ଅଧ୍ୟକ୍ଷା ଡ. ନିବେଦିତା ନାଥ, ଉପ ସଚିବ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ଓବିସି ମଞ୍ଚର ଜନଜାଗରଣ ରଥ, ସାଧାରଣ ସଭା
ଭବାନୀପାଟଣା, ୯।୧୨ (ଉତ୍ତମ କୁମାର ଦାଶ)




ଗାନ୍ଧୀଛକଠାରେ ଅନୁଷ୍ଠିତ ସାଧାରଣ ସଭାରେ ଓବିସି ମଞ୍ଚର କର୍ମକର୍ତ୍ତା।

**ଓବିସି ବର୍ଗର ସାମ୍ବିଧାନିକ ହକ୍ ଓ ସମାନୁପାତିକ ଅଧିକାର ପ୍ରତିନିଧିତ୍ୱ ପାଇଁ ଲଢେଇ ଜାରି ରହିବ**

ଓବିସିବର୍ଗର ସାମ୍ବିଧାନିକ ହକ୍ ଓ ସମାନୁପାତିକ ଅଧିକାର ପ୍ରତିନିଧିତ୍ୱ ପାଇଁ ଓବିସି ମଞ୍ଚର ଜନଜାଗରଣ ଯାତ୍ରା ରଥ ଶନିବାର କଳାହାଣ୍ଡି ଜିଲା ଭବାନୀପାଟଣାରେ ପହଞ୍ଚିଥିଲା। ଜନଜାଗରଣ ଯାତ୍ରା ରଥ ସହର ପରିକ୍ରମା କରିବା ପରେ ସନ୍ଧ୍ୟାରେ ଭବାନୀପାଟଣା ସହର ଗାନ୍ଧୀ ଛକଠାରେ ସଭା ହୋଇଥିଲା। ଓବିସି ମଞ୍ଚର ରାଜ୍ୟ ସଭାପତି ଶଙ୍କର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଓବିସି ମଞ୍ଚର ରାଜ୍ୟ ସମ୍ପାଦକ ସମରଜିତ ବେହେରା, ଓବିସି ଜନଜାଗରଣ ମଞ୍ଚର ବିରଞ୍ଚି ସାହୁ, ଓବିସି ମଞ୍ଚର କୋଷାଧ୍ୟକ୍ଷ ପରଦେଶୀ ବିଶ୍ୱାଳ, ଓବିସି ମଞ୍ଚର ଉପସଭାପତି ଇ. ପ୍ରଦୀପ ବେହେରା ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଓବିସି ବର୍ଗର ସାମ୍ବିଧାନିକ ହକ୍ ଓ ସମାନୁପାତିକ ଅଧିକାର ପ୍ରତିନିଧିତ୍ୱ ପାଇଁ ଲଢେଇ ଜାରି ରହିବ ବୋଲି ବକ୍ତାମାନେ କହିଥିଲେ। କୀର୍ତ୍ତିଚନ୍ଦ୍ର ଗୌଡ ମଞ୍ଚ ପରିଚାଳନା କରିଥଲେ। ରୂପ କେଶରୀ ଦଳେଇ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଆଇନଜୀବି ସଚ୍ଚିଦାନନ୍ଦ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଓବିସି ଜନଜାଗରଣ ମଞ୍ଚର କଳାହାଣ୍ଡି ଜିଲା ସଂଯୋଜକ ଡାକେ ଲହଜଲ ବୈଠକର ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ସୂଚନାଯୋଗ୍ୟଯେ, ଓବିସି ବର୍ଗର ସାମ୍ବିଧାନିକ ହକ୍ ଓ ସମାନୁପାତିକ ଅଧିକାର ପ୍ରତିନିଧିତ୍ୱ ପାଇଁ ଓବିସି ମଞ୍ଚର ଓବିସି ଜନଜାଗରଣ ଯାତ୍ରା ୨୬ ନଭେମ୍ବର ୨୦୨୩ ରୁ ଓଡ଼ିଶାରେ ଓବିସି ଜନଜାଗରଣ ଯାତ୍ରା ରଥ ରାଜ୍ୟବ୍ୟାପୀ ପରିକ୍ରମା କରୁଛି।

# ବେହେରା ଟାଇଗର କ୍ରିକେଟ: ଦେଓଗାଁ ସେମିରେ
ମୁରିବାହାଲ, ୯।୧୨ (ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ତେନ୍ତୁଲିଖୁଣ୍ଟି ଗ୍ରାମ ପଞ୍ଚାୟତ ସଦର ମହୁକୁମା କୁରେବିଅର ଖେଳ ପଡିଆରେ ଜିଲ୍ଲାସ୍ତରୀୟ ବେହେରା ଟାଇଗର କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଛି। ବାପୁଜୀ ୟଙ୍ଗକ୍ଲବ ତେନ୍ତୁଲିଖୁଣ୍ଟି ଓ ବେହେରା ବ୍ରଦର୍ସଙ୍କ ଉଦ୍ୟମରେ ଆୟୋଜିତ ଟୁର୍ନାମେଣ୍ଟରେ ୧୬ଟି ଦଳ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ ମାକ୍ରିପଡା ଓ ଦେଓଗାଁ ମଧ୍ୟରେ ହୋଇଥିଲା। ଏଥିରେ ଦେଓଗାଁ ୬ ଉଇକେଟରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ଲୁଥୁରବନ୍ଧଙ୍କୁ ୩ରନରେ ହରାଇ ବାଙ୍କେଲ ଦଳ ବିଜୟୀ ହୋଇଛି। ଉଭୟ ମ୍ୟାଚ ବିଜେତା ବାଙ୍କେଲ ଓ ଦେଓଗାଁ ମଧ୍ୟରେ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଦେଓଗାଁ ଦଳ ୨୭ ରନରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଏମ୍‌ପି ପ୍ରତିନିଧି ଶ୍ରୀବତ୍ସ ବେହେରା ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ମୁଖ୍ୟ ଉପଦେଷ୍ଟା କୈବଲ୍ୟ ବେହେରା, ୱାର୍ଡ ପ୍ରତିନିଧି କପୁରଚନ ବେହେର, ବରିଷ୍ଠ କ୍ରୀଡାବିତ୍ ପୀତବାସ ସାହୁ ଯୋଗଦେଇଥିଲେ।

# ସୁପର ଟେଲେଣ୍ଟେଡ୍ କିଡ୍ ପ୍ରତିଯୋଗିତାରେ କୁନି ଛାତ୍ର ବିଜେତା
କେସିଙ୍ଗା, ୯।୧୨ (ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ସହର ସ୍ଥିତ ୱାର୍ଡ ନମ୍ବର ୧୦ର କୁନି ଛାତ୍ର ଏସ.ବି.ଅଂଶ ଇଣ୍ଟରନ୍ୟାସନାଲ ବୁକ୍ ଅଫ ରେକର୍ଡ ଦ୍ୱାରା ଆୟୋଜିତ ସୁପର ଟେଲେଣ୍ଟେଡ଼ ପ୍ରତିଯୋଗିତାରେ ବିଜେତା ହୋଇଛନ୍ତି। ଚଳିତ ଡିସେମ୍ବର ୨୯ରେ ପଞ୍ଜାବର ଅମୃତସର ସହରର ଗୁରୁ ନାନକ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଲିଉଡ଼ ଅଭିନେତ୍ରୀ ପଦ୍ମିନୀ କୋଲାପୁରୀଙ୍କଠାରୁ ଏସ.ବି.ଅଂଶ ଟ୍ରଫି ଗ୍ରହଣ କରିବା ପାଇଁ ସ୍ଥିର ହୋଇଛି। ସେ ଇଂଲିଶ ଭାଷାରେ ଲିଖିତ ଫ୍ଲାସକାଡର ଚିତ୍ର ଗୁଡ଼ିକ ଯଥା ଅନେକ ସ୍ୱାଧୀନତା ସଂଗ୍ରାମୀ, ପଶୁପକ୍ଷୀ, ପନିପରିବା, ଫଳମୂଳ, ରଙ୍ଗ, ଯାନବାହାନ, ଫୁଲ, ଗାଣିତିକ ଚିହ୍ନ ଓ ବିଭିନ୍ନ ଚିତ୍ରଧାରିଙ୍କୁ ଚିହ୍ନଟ କରି ଏକ ଅସାଧାରଣ ବ୍ୟକ୍ତିତ୍ୱର ପରିଚୟ ଦେଇଛନ୍ତି। ଫଳରେ ତାଙ୍କୁ ଇଣ୍ଟରନ୍ୟାଶନାଲ ବୁକ୍ ଅଫ୍ ରେକର୍ଡସରେ ସୁପର ଟେଲେଣ୍ଟେଡ କିଡ୍ ଭାବେ ସମ୍ମାନିତ କରାଯାଇ ସାର୍ଟିଫିକେଟ ଓ ମେଡାଲ ପ୍ରଦାନ କରାଯାଇଛି। ବର୍ତ୍ତମାନ ଅଂଶ ଅଧିକାଂଶ ଦେଶର ଜାତୀୟ ପତାକା, ଶରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ, ପ୍ରାକୃତିକ ପରିବେଶସୌରଜଗତ, ଖେଳ ଉପକରଣ, ଅନେକ ରାଜନେତା, ଘରେ ବ୍ୟବହୃତ ସମସ୍ତ ଆସବାବପତ୍ର ଚିହ୍ନଟ କରିପାରୁଛନ୍ତି। ଏଥିସହ ଇଂରାଜୀର ଖଣ୍ଡ ବାକ୍ୟ ବୁଝି ସେହି ଅନୁଯାୟୀ ବ୍ୟବହାର କରିପାରୁଛନ୍ତି। ତାଙ୍କର ଶିକ୍ଷା ଗୁରୁ ସାଜିଛନ୍ତି ଆଇମା ଗାନ୍ଧାରୀ ଟକରିଆ ଓ ଅଜା ବବୃବହାନ ଟକରିଆ। କୁନି ବିଜେତା ଅଂଶ ୱାର୍ଲ୍ଡ ରେକର୍ଡ ଅଫ ଏକ୍ସଲେନ୍ସ, ସୁପର ଟେଲେଣ୍ଟେଡ୍ କିଡସ ଓ ୱାନ ଇନ ମିଲିୟନରେ ସମ୍ମାନିତ କରାଯିବା ପାଇଁ ସ୍ଥିର କରାଯାଇଛି। ଏ ସଂକ୍ରାନ୍ତରେ ଏସ.ବି. ଅଂଶଙ୍କ ମାତା ସ୍ୱପ୍ନା ଟକରିଆ ଓ ପିତା ବିକ୍ରମ କିଶୋର ବାଗଙ୍କୁ ପଚାରିବାରୁ ପୁଅର ଭବିଷ୍ୟତ ଓ ଉଚ୍ଚ ଶିକ୍ଷା ପାଇଁ ଛୋଟ ସମୟରୁ ହି ଅଭ୍ୟାସ କରିବା ଦ୍ୱାରା ଆଜି ୱାର୍ଲଡ଼ ରେକର୍ଡ ଅଫ ଏକ୍ସଲେନ୍ସ ସୁପର ଟେଲେଣ୍ଟେଡ୍ କିଡସ ଓ ୱନ ଇନ ମିଲିୟନରେ ସମ୍ମାନିତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି କହିଥିଲେ।

# ଧର୍ମଗଡ଼ରେ ଜାନୁୟାରୀ ୧୫ ରୁ ୧୭ କଳାହାଣ୍ଡି ଉତ୍ସବ ଘୁମୁରା
ବେହେରା, ୯।୧୨ (ଭୂପେଶ ତିୱାରୀ)

କଳାହାଣ୍ଡି ଜିଲାର ଧର୍ମଗଡ଼ ଠାରେ କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୪ ପାଇଁ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଉତ୍ସବ ପରିଚାଳନା କମିଟିର ଅଧ୍ୟକ୍ଷ ତଥା ଧର୍ମଗଡ ଉପଜିଲାପାଳ ବିରଞ୍ଚି ନାରାୟଣ ଦରଖାନ ଅଧ୍ୟକ୍ଷତା କରିଥିଲେ। ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷା ବନିତା ପାଟଯୋଶୀ, ବିଡିଓ ଡ.ହିମାଞ୍ଚଳ ମାଝି, ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟ, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି, ଜଗନ୍ନାଥ ସେବା ସମିତି ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରତିବର୍ଷ ଭଳି ଜାନୁଆରୀ ମାସର ୧୫ ରୁ ୧୭ ତାରିଖ ତିନି ଦିନ ଧରି ହେବାକୁ ଥିବା କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୪ ପୂର୍ବ ସ୍ଥାନରେ ହେବ ଓ ଏହି ଉତ୍ସବ ପାଇଁ ସମସ୍ତଙ୍କ



କଳାହାଣ୍ଡି ଉତ୍ସବ ଘୁମୁରା ପ୍ରସ୍ତୁତି ବୈଠକରେ ଉପଜିଲାପାଳ ଓ ଅନ୍ୟମାନେ।

ସହଯୋଗ କାମନା କରିଥିଲେ। ଉତ୍ସବ ପରିଚାଳନା ପାଇଁ ବିଭିନ୍ନ କମିଟି ଗଠନ କରାଯାଇଥିଲା। ଅର୍ଥ କମିଟି ଅଧ୍ୟକ୍ଷ ଭାବେ ବିଷ୍ଣୁ ପ୍ରସାଦ ଅଗ୍ରୱାଲ, ପ୍ରଚାର ଓ ପ୍ରସାର କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ଜାଲ, କ୍ରୀଡ଼ା କମିଟି ଅଧ୍ୟକ୍ଷ ସନ୍ତୋଷ କୁମାର ପାଣିଗ୍ରାହୀ, ମଞ୍ଚ ପରିଚାଳନା କମିଟି ଅଧ୍ୟକ୍ଷ ଲିଙ୍ଗରାଜ ପାତ୍ର, ଘୁମୁରା କମିଟି ରମଣୀକାନ୍ତ ଜାଲ, ଅଭ୍ୟର୍ଥନା କମିଟି ଅଶୋକ କୁମାର ମହାନ୍ତି, କଣ୍ଟ୍ରୋଲ ରୁମ କମିଟି ରମେଶ ସିଙ୍ଗ, ସାମାଜିକ ସଙ୍ଗଠନ କମିଟି ଅଧ୍ୟକ୍ଷ ଦିବ୍ୟସିଙ୍ଗ ମହାନ୍ତି, ମଞ୍ଚ ନିର୍ମାଣ କମିଟି ହଲଧର ନିଆଲ, ଯାନବାହାନ ପରିଚାଳନା କମିଟି ଅଧ୍ୟକ୍ଷ ସୁନିଲ କୁମାର ମେହେର ଓ ଗ୍ରୀନ ରୁମ ପରିଚାଳନା କମିଟି ଅଧ୍ୟକ୍ଷ ନିରଞ୍ଜନ ମହାପାତ୍ର ଦାୟିତ୍ୱ ନେଇଛନ୍ତି। ଧର୍ମଗଡ଼ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ସିଂ କାର୍ଯ୍ୟକ୍ରମ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଧର୍ମଗଡ ଥାନା ଅଧିକାରୀ, ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ, ସରକାରୀ କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ସୁବର୍ଣ୍ଣପୁର ନୂଆ ବସ୍‌ଷ୍ଟାଣ୍ଡ ପାଇଁ ପ୍ରଶାସନ ତତ୍ପର

ସୋନପୁର,୯।୧୨(ମୃତ୍ୟୁଞ୍ଜୟ ଶତପଥୀ)

■ଉଚ୍ଛେଦ ହେବ ପୁରୁଣା ଟାଉନ ହଲ, ଶୌଚାଳୟ ଓ ଷ୍ଟଲ
■ସ୍ଥାନ ଖାଲି ପରେ ଟେଣ୍ଡର ଆହ୍ୱାନ କରିବ ଓଏସ୍‌ଆରଟିସି

ସୁବର୍ଣ୍ଣପୁର ବାସୀଙ୍କ ବହୁ ପ୍ରତିକ୍ଷିତ ନୂତନ ବସ୍‌ଷ୍ଟାଣ୍ଡ ପାଇଁ ପୌର ପ୍ରଶାସନ ତତ୍ପର ହୋଇଉଠିଛି। ଦିନେ ଦୁଇଦିନ ଭିତରେ ପୁରୁଣା ଟାଉନ ହଲକୁ ଭଙ୍ଗାଯିବା ପାଇଁ ନିଷ୍ପତ୍ତି ହୋଇଛି। ପରେ ଭୀମ ଭୋଇ କଳା ମଣ୍ଡପ, ପୁରୁଣା ବସ୍‌ଷ୍ଟାଣ୍ଡ ପରିସରରେ ଥିବା ଶୌଚାଳୟ, ଯାତ୍ରୀ ବିଶ୍ରାମଗାର ଓ ଷ୍ଟଲ(ଦୋକାନ ଘର) ଉଚ୍ଛେଦ କରାଯିବ। ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ(ଓଏସ୍‌ଆର୍‌ଟିସି)କୁ ପ୍ରଦାନ କରାଯାଇଥିବା ଜମିକୁ ଖାଲି କରିବା ପାଇଁ ଗତ ପୌର ପରିଷଦ ବୈଠକରେ ପ୍ରସ୍ତାବ ପାରିତ ହୋଇଛି। ସ୍ଥାନ ଖାଲି ହେବା ପରେ ଓଏସ୍‌ଆର୍‌ଟିସି ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରିବ ବୋଲି ଜଣାପଡିଛି।

ଗତ ଅଗଷ୍ଟ ୨୩ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ସୁବର୍ଣ୍ଣପୁରରେ ଏ ଟାଇପ୍ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୫.୬୫ କୋଟି ବ୍ୟୟରେ ଓଏସ୍‌ଆର୍‌ଟିସି ଏହି କାମ କରିବ। ୩.୩୪ ଏକର ପରିମିତ ସ୍ଥାନରେ ବିଭିନ୍ନ ସୁବିଧା ଉପଲବ୍ଧ ଥିବା ବସ୍‌ଷ୍ଟାଣ୍ଡ ନିର୍ମାଣ ହେବ। ନୂତନ ବସ୍‌ଷ୍ଟାଣ୍ଡଟି ବର୍ତ୍ତମାନର ପୁରୁଣା ବସ୍‌ଷ୍ଟାଣ୍ଡ, ନଳିନୀ ଛକରୁ ବିଜୁ ପଟ୍ଟନାୟକ ଛକ ଓ ଗାନ୍ଧୀ ଷ୍ଟାଡିୟମ ପ୍ରାଚୀର ପର୍ଯ୍ୟନ୍ତ ମ୍ୟୁନିସିପାଲିଟିର ୧୩୧ଟି ଦୋକାନ ଘର(ଷ୍ଟଲ), ପୁରୁଣା ଟାଉନ ହଲ ଓ ଶୌଚାଳୟକୁ ଉଚ୍ଛେଦ କରି ସେହି ସ୍ଥାନରେ କରାଯିବାର ଯୋଜନା ରହିଛି। କିଛି ମାସ ପୂର୍ବରୁ ବସଷ୍ଟାଣ୍ଡ ନିର୍ମାଣ ପାଇଁ ପ୍ରଶାସନ ଉକ୍ତ ଜମିକୁ ଓଏସ୍‌ଆର୍‌ଟିସି ନାମରେ ଆବଣ୍ଟିତ କରିଛି। ତେବେ ଜମିରୁ ଷ୍ଟଲ, ଶୌଚାଳୟ ଓ ପୁରୁଣା ଟାଉନ ହଲ ଉଚ୍ଛେଦ ହୋଇ ନଥିବାରୁ ଓଏସ୍‌ଆର୍‌ଟିସି ନୂତନ ବସ୍‌ଷ୍ଟାଣ୍ଡ ପାଇଁ ଟେଣ୍ଡର ଆହ୍ୱାନ କରି ପାରିନଥିଲା। ସୋନପୁର ତହସିଲଦାର ସେପ୍ଟେମ୍ବର ୨୬ରେ ଓ ସୁବର୍ଣ୍ଣପୁରର ଅତିରିକ୍ତ ଜିଲାପାଳ ଅକ୍ଟୋବର ୩ରେ ପୌରପରିଷଦର ନିର୍ବାହୀ ଅଧିକାରୀଙ୍କୁ ଚିଠି ଲେଖି ଉକ୍ତ ସ୍ଥାନ ଖାଲି କରିବା ପାଇଁ କହିଥିଲେ। ତେବେ ପୌର ପ୍ରଶାସନ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା। ନଭେମ୍ବର ୩ତାରିଖରେ ପୌର ପରିଷଦର ନିର୍ବାହୀ ଅଧିକାରୀ ଇଂ.ମନୋରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବସଷ୍ଟାଣ୍ଡ ନିର୍ମାଣ ପାଇଁ ୧୩୧ଟି ଷ୍ଟଲ ଉଚ୍ଛେଦ ହେବାକୁ ଥିବା ବେଳେ ଭଡା ନେଇଥିବା ୫୨ ଜଣ ଦୋକାନି ଏହି ବୈଠକରେ ଉପସ୍ଥିତ ଥିଲେ। ଆଲୋଚନା ସମୟରେ ନୂତନ ବସଷ୍ଟାଣ୍ଡ ନିର୍ମାଣ ପୂର୍ବରୁ ଉଚ୍ଛେଦ ହେବାକୁ ଥିବା ଷ୍ଟଲ ଗୁଡିକୁ ଭଡା ନେଇଥିବା ଦୋକାନି ମାନଙ୍କୁ ବସଷ୍ଟାଣ୍ଡ ଅଞ୍ଚଳରେ ଥଇଥାନ ପୂର୍ବକ ଗୋଟିଏ ଲେଖାଏ ଷ୍ଟଲ ପ୍ରଦାନ କରିବାକୁ ଦାବି କରିଥିଲେ। ଏ ନେଇ ୬ଟି ପ୍ରସ୍ତାବ ଆଗତ ହୋଇଥିଲା। ହୋହଲ୍ଲା ପରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ନିର୍ବାହୀ ଅଧିକାରୀ ପଣ୍ଡା ପ୍ରତିଶୃତି ଦେଇଥିଲେ। ଏ ସମ୍ପର୍କରେ ନଭେମ୍ବର ୨୬ ତାରିଖରେ ଅନିଶ୍ଚିତତାରେ ସୁବର୍ଣ୍ଣପୁର ନୂଆ ବସ୍‌ଷ୍ଟାଣ୍ଡ ଶୀର୍ଷକ ଖବର କେବଳ ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହାପରେ ଜିଲାର ବୁଦ୍ଧିଜୀବୀ ଓ ବିରୋଧିଦଳ ନେତାଙ୍କ ପକ୍ଷରୁ ବସଷ୍ଟାଣ୍ଡ କାମ ଆରମ୍ଭ ପାଇଁ ପ୍ରଶାସନ ଉପରେ ଚାପ ପଡିଥିଲା।

## ସଂକ୍ଷେପରେ

### ଆଜିଠୁ ବୌଦ୍ଧରେ ଧନୁଯାତ୍ରା

ବୌଦ୍ଧ,୯।୧୨(ଅଜିତ କୁମାର ବାରିକ)

ରବିବାରଠାରୁ ଆରମ୍ଭ ହେବାକୁ ଯାଉଛି ବୌଦ୍ଧର ପ୍ରସିଦ୍ଧ ଧନୁଯାତ୍ରା। ସହରର ମଦନ ମୋହନ ନାଟ୍ୟକଳା ପରିଷଦ ପକ୍ଷରୁ ଦୀର୍ଘ ବର୍ଷ ହେବ ବୌଦ୍ଧ ସହରରେ ଧନୁଯାତ୍ରା ହୋଇ ଆସୁଛି। ଚଳିତବର୍ଷ ୧୦ ତାରିଖଠାରୁ ୧୭ ତାରିଖ ପର୍ଯ୍ୟନ୍ତ ସହରର ଭୈରବୀ ପଡିଆରେ ଅନୁଷ୍ଠିତ ହେବ। ଯାତ୍ରାକୁ ଅଧିକ ସରସ ସୁନ୍ଦର ଓ ଆର୍କଷଣୀୟ କରିବାକୁ ପରିଷଦ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦୀର୍ଘ ୮ ଦିନ ଧରି କୃଷ୍ଣଲୀଳାର କଥାବସ୍ତୁ ଉପରେ ନାଟକ ପ୍ରତିଦିନ ସନ୍ଧ୍ୟାରେ ପରିବେଷିତ ହେବ।

### ବିନୋଦ ଜିଲା କଂଗ୍ରେସ କମିଟି ଆଡହକ ସଭାପତି

ସୋନପୁର,୯।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁରର ପ୍ରାକ୍ତନ ବିଧାୟକ ବିନୋଦ ପାତ୍ରଙ୍କୁ ସୁବର୍ଣ୍ଣପୁର ଜିଲା କଂଗ୍ରେସ କମିଟିର ଆଡହକ ସଭାପତିଭାବେ ନିଯୁକ୍ତି ମିଳିଛି। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ପାତ୍ରଙ୍କୁ ଏହି ନିଯୁକ୍ତି ମିଳିଥିବା ପିସିସିର ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ ଚିଠି ମାଧ୍ୟମରେ ଜଣାଇଛନ୍ତି। ପ୍ରାକ୍ତନ ବିଧାୟକ ପାତ୍ର ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ସୋନପୁର ବିଧାୟକ ଥିଲେ। ସେହିପରି ପୂର୍ବରୁ ଜିଲା କଂଗ୍ରେସ କମିଟି ସଭାପତି ମଧ୍ୟ ଥିଲେ। ତାଙ୍କ ନେତୃତ୍ୱରେ ଜିଲାରେ କଂଗ୍ରେସ ଦଳ ସୁଦୃଢ ହେବ ବୋଲି ନେତୃବୃନ୍ଦ ଆଶା ରଖିଛନ୍ତି। ପ୍ରକାଶ ଯେ, ସୁବର୍ଣ୍ଣପୁର ଜିଲା କଂଗ୍ରେସ କମିଟି ସଭାପତି ଗୌରିଶ୍ୟାମ ପଣ୍ଡା କିଛି ଦିନ ପୂର୍ବରୁ ନିଜ ପଦବୀରୁ ଇସ୍ତଫା ଦେଇଥିଲେ।

### ସଚେତନତା ଶୋଭାଯାତ୍ରା

ଅମରପାଲି,୯।୧୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ଯୁକ୍ତ ୨ କଲେଜରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଅଧ୍ୟକ୍ଷ ଭୋଳାନାଥ କର୍ମୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ସରପଞ୍ଚ ପ୍ରମୋଦ ମହାପାତ୍ର କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ୧୨ଦିନ ଧରି ହେବ। ଏଥିରେ ନାଚ, ଗୀତ, ଖେଳକୁଦ, ସାମାଜିକ ସେବା, ତର୍କ, ରଙ୍ଗୋଲି, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ହେବ। ଶନିବାର ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା କରି ଲୋକଙ୍କୁ ସଡ଼କ ସୁରକ୍ଷା ଉପରେ ସେଚେତନ କରାଯାଇଥିଲା।

### ଦୁର୍ଘଟଣାରେ ଜଣେ ମୃତ: ଜଣେ ଗୁରୁତର

ବୌଦ୍ଧ,୯।୧୨( ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଚାରିଛକ – କୁଶଙ୍ଗ ପୂର୍ତ୍ତ ରାସ୍ତାର ଖରଭୁଇଁ ନିକଟସ୍ଥ କଙ୍କଡାପଥର ନାଳ ପୋଲ ଉପରେ ଶନିବାର ସନ୍ଧ୍ୟାରେ ଏକ ଘରୋଇ ଯାତ୍ରୀବାହୀ ବସ ସହ ବାଇକ୍‌ର ଧକ୍କା ହେବାରୁ ଯୁବକଙ୍କ ମୃତ୍ୟୁ ଘଟିଛି ଓ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଶଙ୍ଖୁଲୋଇ ଗ୍ରାମର ବିକ୍ରମ ନାଏକ(୨୫) । ବିକ୍ରମ ଓ ସୂର୍ଯ୍ୟକାନ୍ତ ପ୍ରଧାନ ଏକ ବାଇକ ଯୋଗେ ଘରକୁ ଯାଉଥିବା ବେଳେ ବସ ସହ ଧକ୍କା ହୋଇଥିଲା। ବିକ୍ରମଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ସୂର୍ଯ୍ୟକାନ୍ତଙ୍କୁ ବୌଦ୍ଧ ମେଡିକାଲରେ ଭର୍ତ୍ତି କରାଯାଇଛି। ଧକ୍କା ପରେ ବସ ଚାଳକ ଗାଡି ଧରି ହରଭଙ୍ଗା ଥାନାରେ ଆତ୍ମସମର୍ପଣ କରିଛନ୍ତି।

# ୨୪୯ ମାମଲା ଫଇସଲା, ୩୭.୬୬ଲକ୍ଷ ଜରିମାନା ଆଦାୟ

ସୋନପୁର,୯।୧୨(ମୃତ୍ୟୁଞ୍ଜୟ ଶତପଥୀ)



ଲୋକ ଅଦାଲତରେ ଉପସ୍ଥିତ ଜିଲାଜଜ୍ ଓ ବରିଷ୍ଠ ଆଇନଜୀବୀ।

**ସୁବର୍ଣ୍ଣପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ**

ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ସୁବର୍ଣ୍ଣପୁର ସିଭିଲ କୋର୍ଟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ତଥା ଜିଲା ଜଜ ରଶ୍ମି ମୋହନ ଅଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏଥିରେ ପରିବାର ଅଦାଲତ ଜଜ ପ୍ରଜ୍ଞା ପାଣିଗ୍ରାହୀ, ଅତିରିକ୍ତ ଜିଲା ଜଜ ପୂର୍ଣ୍ଣିମା ଜେନା, ମୁଖ୍ୟ ବିଚାର ବିଭାଗୀୟ ମିଜିଷ୍ଟ୍ରେଟ୍ ପ୍ରିୟ ରଞ୍ଜନ ବାରିକ୍, ସିଭିଲ କୋର୍ଟ ରେଜିଷ୍ଟ୍ରାର ସଦ୍ୟସ୍ନାତା ପତି, ଜିଲା ଆଇନସେବା ପ୍ରାଧିକରଣ ସଚିବ କୁମୁଦିନୀ ମୁଦୁଲି, ସୋନପୁର ଉପଖଣ୍ଡସ୍ତରୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସ୍ୱେଦସ୍ନା ପଟ୍ଟନାୟକ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ମିସ ମନସ୍ୱିନୀ ମହାପାତ୍ର, ସରକାରୀ ଓକିଲ ବ୍ୟୋମୋକେଶ ଦାଶ, ପ୍ରଫୁଲ୍ଲ କୁମାର ସାହୁ, ଆଇନଜୀବୀ ଗୋପାଳକ୍ରିଷ୍ଣ ମିଶ୍ର, ନବ କିଶୋର ତ୍ରିପାଠୀ, ଧୀରେନ୍ଦ୍ର କୁମାର ଦାନୀ, ଦେବେନ୍ଦ୍ର ପର୍ଡିଆ, ଅଜିତ ନାରାୟଣ ହୋତା ଓ ଶମ୍ଭୁ ପ୍ରସାଦ ବିଶି ଉପସ୍ଥିତ ଥିଲେ। ଏହି ଅବସରରେ ବ୍ୟାଙ୍କ ରିକୋଭରି, ଜଳ ବିବାଦ ଓ ମୋଟର ଯାନ ଦୁର୍ଘଟଣା ଭଳି ୨୬୦୦ଟି ପ୍ରି ଲିଟିଗେସନ ମାମଲା ଚିହ୍ନଟ ହୋଇଥିବା ବେଳେ ୧୩୦ଟିର ଫଇସଲା କରାଯାଇ ମୋଟ ୨୨ଲକ୍ଷ ୫୩ହଜାର ୯୮୦ଟଙ୍କା ଜରିମାନା ଆଦାୟ ହୋଇଥିଲା। ସେହିଭଳି ଜମିଜମା, ଖାଉଟି, ବୈବାହିକ, ଅପରାଧ ଓ ଚେକ୍ ବାଉନ୍ସ ଭଳି ୩୧୭ଟି ମାମଲା ଚିହ୍ନଟ ହୋଇଥିଲା ବେଳେ ୧୧୯ଟି ମାମଲାର ଫଇସଲା କରାଯାଇ ୧୫ଲକ୍ଷ ୧୨ହଜାର ୩୧୪ଟଙ୍କା ଜରିମାନା ଆଦାୟ କରା ଯାଇଥିଲା। ଲୋକ ଅଦାଲତରେ ସର୍ବମୋଟ ୨୪୯ଟି ମାମଲାର ଫଇସଲା କରାଯାଇ ୩୭ଲକ୍ଷ ୬୬ହଜାର ୨୯୪ଟଙ୍କା ଆଦାୟ କରାଯାଇଛି। ଜିଲା ଆଇନ ସେବା ପ୍ରାଧିକରଣର ଅର୍ଜୁନ ବେହେରା, ବିନ୍ଦୁସାର ମହାପାତ୍ର, କେଶବ ଗୁରୁ, ଗୌରିଶଙ୍କର ପାଣିଗ୍ରାହୀ, ସିଦ୍ଧାନ୍ତ କୁମାର ବାଘ, କମଳ ଲୋଚନ ବେହେରା, କାହ୍ନୁ ଚରଣ ରଥ, ରଞ୍ଜନ କୁମାର ଭୋଇ, ଅନାମ ସାହୁ ଓ ବେଣୁଧର ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

## ଧର୍ମଶାଳା ସାପ୍ତାହିକ ବଜାରରୁ ବାଇକ ଚୋରି

ଅମରପାଲି,୧୨।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଧର୍ମଶାଳା ସାପ୍ତାହିକ ବଜାରରୁ ବାଇକ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଭଜବଲପୁର ଗ୍ରାମର ରୁଦ୍ର ପ୍ରସନ୍ନ ମିଶ୍ର ବାଇକ(ଓଡ଼ି ୩୧ ଡି ୬୩୮୦)ରେ ସାପ୍ତାହିକ ବଜାରକୁ ଯାଇଥିଲେ। ବଜାରରୁ ସଉଦା କ୍ରୟ ସାରି ଦେଖିଲା ବେଳକୁ ରଖିଥିବା ସ୍ଥାନରେ ବାଇକ ନ ଥିଲା। ପରେ ସେ ଥାନାରେ ଅଭିଯୋଗ କରିଛନ୍ତି।

## ଶ୍ରୀରାମ କଲେଜରେ ନୂଆ-ଓ କାର୍ଯ୍ୟକ୍ରମ

ଡୁଙ୍ଗୁରିପାଲି, ୯।୧୨(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଶ୍ରୀରାମ ମହାବିଦ୍ୟାଳୟ ଯୁକ୍ତ ୨ ଓ ଯୁକ୍ତ ୩ ବିଭାଗ ତରଫରୁ ଗତ ୬ତାରିଖରୁ ଆରମ୍ଭ ହୋଇଥିବା ନୂଆ-ଓ କାର୍ଯ୍ୟକ୍ରମର ଶନିବାର ଚତୁର୍ଥ ଦିବସରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ତରଣୀସେନ ବେହେରାଙ୍କ ଦ୍ୱାରା ଉଦ୍‌ଘାଟିତ କ୍ରୀଡା ପ୍ରତିଯୋଗିତାରେ ପରିଚାଳନା ପରିଷଦ ସଭାପତି ରମେଶ ଚନ୍ଦ୍ର ପୂଜାରୀ, ସମାଜସେବୀ ଉମେଶ ଚନ୍ଦ୍ର ପୂଜାରୀ, ରାମପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ମନୋଜ କୁମାର ପୁରୋହିତ, ସମଲେଇଗୁଆଁ ପଞ୍ଚାୟତ ସରପଞ୍ଚ ବିଭୁଦତ୍ତ ରାଜହଂସ, ମାୟାବର୍ହା ଗ୍ରାମ ପଞ୍ଚାୟତ ପୂର୍ବତନ ସରପଞ୍ଚ ରମେଶ ଭୋଇ, ଧର୍ମେନ୍ଦ୍ର ବିଶ୍ୱାଳ, ଶଶୀକାନ୍ତ ସାହୁ, ଆଲୁମିନି ସମ୍ପାଦକ ଶଙ୍କର ପ୍ରସାଦ ସାହୁ ଅତିଥିଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଦୌଡ, ଉଚ୍ଚଡିଆଁ, ଲମ୍ବଡିଆଁ, ସ୍ଲୋ ସାଇକେଲ ରେଶ, ରସିଡିଆଁ, ମ୍ୟୁଜିକ ଚେୟାର, ଫୁଟବଲ, କ୍ରିକେଟ ଭଳି ୧୮ ପ୍ରକାରର କ୍ରୀଡା କରାଯାଇଥିଲା। ଖେଳ ଶିକ୍ଷକ ସ୍ୱପ୍ନ ସାଗର ସରାଫ, ସୁଜିତ ଭୋଇ, ଦେବାନନ୍ଦ ନାୟକ, ହରିବୋଲ ଦୀପ, ଅନିଲ ଭୋଇ, ସୁବ୍ରତ ନାୟକ ପ୍ରମୁଖ ସମସ୍ତ କ୍ରୀଡା ପରିଚାଳନା କରିଥିଲେ। ନୋଡାଲ ଅଫିସର ଡ଼. ଯୋଗେଶ ରାଉତ, ମୀନକେତନ ପାତ୍ର, ମିଳନ ବର୍ଗେ, ଟିଙ୍କୁ ବାରିକ, ଡ଼. ଲିଙ୍ଗରାଜ ସାହୁ, ଡ଼.ଗୁଣନିଧି ବାରିକ, ସାନୁ ପଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବୌଦ୍ଧରେ ଶେଷହେଲା ଆୟକର ଚଢ଼ାଉ

ବୌଦ୍ଧ,୯।୧୨(ଅଜିତ କୁମାର ବାରିକ)

**ବ୍ୟାଙ୍କରେ ଜମାହେଲା ୪ ଲକ୍ଷ ଟଙ୍କା**


ରାମ୍ପିକଟାସ୍ଥିତ ବିଡିପିଏଲ।

ଗତ ବୁଧବାରଠାରୁ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ରାମ୍ପିକଟାଠାରେ ଥିବା ବୌଦ୍ଧ ଡିଷ୍ଟିଲାରି ପ୍ରାଇଭେଟ୍ ଲିମିଟେଡ୍ ଓ ପୁରୁଣାକଟକଠାରେ ଥିବା ରାଣୀସତୀ ରାଇସ୍ ଇଣ୍ଡଷ୍ଟ୍ରିଜ୍ ଉପରେ ଆୟକର ବିଭାଗ ପକ୍ଷରୁ ଚଢ଼ାଉ ହୋଇଥିଲା। ଆୟକର ବିଭାଗ ପକ୍ଷରୁ ପୃଥକ୍ ପୃଥକ୍ ଭାବେ ଏକକାଳୀନ ୨ଗୋଟି ଜାଗାରେ ଚଢ଼ାଉ କରାଯାଇଥିଲା। ରାଣୀସତୀ ରାଇସ୍ ଇଣ୍ଡଷ୍ଟ୍ରିଜ୍‌ରେ ୨ ଦିନ ଧରି ଆୟକର ବିଭାଗ ଚଢ଼ାଉ କରିଥିବା ବେଳେ ବୌଦ୍ଧ ଡିଷ୍ଟିଲାରି ପ୍ରାଇଭେଟ୍ ଲିମିଟେଡ୍ ଉପରେ ୩ ଦିନ ଧରି ଚଢ଼ାଉ ଚାଲିଥିଲା। ବୌଦ୍ଧ ଡିଷ୍ଟିଲାରି ପ୍ରାଇଭେଟ୍ ଲିମିଟେଡ୍‌ରେ ଚଢ଼ାଉ ଶୁକ୍ରବାର ରାତିରେ ଶେଷ ହୋଇଛି। ଚଢ଼ାଉ ଶେଷ ପରେ ଆୟକର ବିଭାଗ ପକ୍ଷରୁ ୪ ଲକ୍ଷ ଟଙ୍କା ବୌଦ୍ଧର ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖାରେ ଜମା ହୋଇଛି। ଏନେଇ ଶାଖାର ମୁଖ୍ୟ ପରିଚାଳକ ସସ୍ମିତ ପଟ୍ଟନାୟକ ପ୍ରକାଶ କରିଛନ୍ତି । କିନ୍ତୁ ଏହି ଅର୍ଥ କାହାର ବୋଲି ପଚାରିବାରୁ ବ୍ୟାଙ୍କ ଶାଖା ପରିଚାଳକ ପଟ୍ଟନାୟକ ଏହା ଡିଷ୍ଟିଲାରି ପ୍ରାଇଭେଟ୍ ଲିମିଟେଡ୍‌ର କିମ୍ବା ରାଣୀସତୀ ରାଇସ୍ ମିଲ୍‌ର କହିପାରିବେ ନାହିଁ ବୋଲି କହିଥିଲେ। ସୂଚନାଯୋଗ୍ୟ, ୨୦୧୯ ମସିହାରୁ ବୌଦ୍ଧ ଡିଷ୍ଟିଲାରି ପ୍ରାଇଭେଟ୍ ଲିମିଟେଡ୍ (ବିଡିପିଏଲ୍) ଶସ୍ୟଭିତ୍ତିକ ଶିଳ୍ପ ଭାବେ ଏଠାରେ ସ୍ଥାପନ କରାଯାଇଥିଲା। ଏଠାରୁ ସ୍ପିରିଟ୍ ଉତ୍ପାଦନ ହୋଇ ରାଜ୍ୟର ବିଭିନ୍ନ ସ୍ଥାନକୁ ପଠାଯାଉଛି। ୩ଦିନ ଧରି ହୋଇଥିବା ଚଢ଼ାଉରେ ଆୟକର ବିଭାଗର ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ। ସୁରକ୍ଷା ଦୃଷ୍ଟିରୁ ସିଆଇଏସ୍‌ଏଫ୍ ଯବାନ ଓ ପୋଲିସ କାରଖାନା ଆଗରେ ମୁତୟନ ହୋଇଥିଲେ। ଅଧିକାରୀମାନେ କମ୍ପାନୀ ପରିସରରେ ଚଢ଼ାଉ ଜାରି ରଖିଥିବା ବେଳେ ଭିତରକୁ କୌଣସି ଗଣମାଧ୍ୟମ ପ୍ରତିନିଧିଙ୍କୁ ଛାଡ଼ି ନ ଥିଲେ। ଆୟକର ବିଭାଗ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନ ଓ ଓଡ଼ିଶା ବାହାରେ ଥିବା କମ୍ପାନୀ କାର୍ଯ୍ୟାଳୟ ଏବଂ କାରଖାନା ଉପରେ ଏକକାଳୀନ ଚଢ଼ାଉ ଜାରି ରଖିଥିଲେ।

## ଡୁଙ୍ଗୁରିପାଲି ଗ୍ରାମ ନ୍ୟାୟାଳୟରେ ରାଷ୍ଟ୍ରୀୟ ଲୋକଅଦାଲତ

ଡୁଙ୍ଗୁରିପାଲି,୯।୧୨(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଗ୍ରାମ ନ୍ୟାୟାଳୟ କୋର୍ଟ ପରିସରରେ ଶନିବାର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣ ସୁବର୍ଣ୍ଣପୁର ଆନୁକୂଲ୍ୟରେ ଅନୁଷ୍ଠିତ ଅଦାଲତରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁନୀତା ମିଶ୍ର ୯ଟି ଫୌଜଦାରୀ ମାମଲାର ଫଇସଲା କରିଥିଲେ। ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ରାଷ୍ଟ୍ରୀୟ ଲୋକ ଅଦାଲତରେ ସରକାରୀ ଓକିଲ ନବୀନ ରଣା, ଓକିଲ ତପନ ଜୁଆଡ଼ି, ସୁଦାମ ଖମାରୀ, ଜୟପ୍ରକାଶ ନନ୍ଦ, ସଞ୍ଜିତ କୁମାର ନାଏକ, ଖଗେଶର ପାଳ ପ୍ରମୁଖ ଉପସ୍ଥିତ ଥିଲେ।

## ନୂଆ-ଓ କାର୍ଯ୍ୟକ୍ରମକୁ ନେଇ ଉଠିଲା ପ୍ରଶ୍ନ

ତରଭା, ୮।୧୨(ମାନଭଞ୍ଜନ ମିଶ୍ର)

**ତରଭା ଏଇଏସ କଲେଜ**

ସୁବର୍ଣ୍ଣପୁର ଜିଲା ତରଭା ଏଇଏସ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ପକ୍ଷରୁ ଚାଲିଥିବା ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମକୁ ନେଇ ପ୍ରଶ୍ନ ଉଠିଛି। ଏହି ଯୋଜନାରେ କାର୍ଯ୍ୟକ୍ରମ ମନମୁଖୀ କରାଯିବା ସହ ଆର୍ଥିକ ଅନିୟମିତତା ହେଉଥିବା ନେଇ କଲେଜ ଅଧ୍ୟକ୍ଷାଙ୍କ ନିକଟରେ ଅଭିଯୋଗ ହୋଇଛି। କ୍ରୀଡା ସଂସ୍କୃତି, ସାମାଜିକ କାର୍ଯ୍ୟକ୍ଷେତ୍ରରେ ଯୁବବର୍ଗଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବାକୁ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ କରାଯାଉଛି। ହେଲେ ଏଠାରେ କଲେଜ ଛାତ୍ରୀଛାତ୍ରଙ୍କ ଲୁକାୟିତ ପ୍ରତିଭାକୁ ଜାଗ୍ରତ କରା ନ ଯାଇ ବାହାରୁ ଅର୍କେଷ୍ଟ୍ରା ଓ କଳାକାର ଅଣାଯାଇ କେବଳ ମନୋରଞ୍ଜନ କରାଯାଉଛି। ଏହାବାଦ୍ ଯୋଜନା ପାଇଁ ଆବଣ୍ଟିତ ଅର୍ଥକୁ ମନମୁଖୀ ଖର୍ଚ୍ଚ କରାଯାଉଛି। ନଭେମ୍ବର ୧୫ରୁ ଡିସେମ୍ବର ୩୧ ମଧ୍ୟରେ ହେବାକୁ ଥିବା କାର୍ଯ୍ୟକ୍ରମ ପାଇଁ ଶିକ୍ଷାନୁଷ୍ଠାନର ଜଣେ ଅଧ୍ୟାପକ ନୋଡାଲ ଅଫିସର ନିଯୁକ୍ତ ହୋଇଛନ୍ତି। ହେଲେ ଏଇଏସ କଲେଜ ନୋଡାଲ ଅଫିସର କାର୍ଯ୍ୟକ୍ରମ ନେଇ କଲେଜ ଅଧ୍ୟକ୍ଷାଙ୍କ ମତ ନ ନେବା ଏବଂ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅଣଦେଖା କରୁଥିବା ପରିଲକ୍ଷିତ ହେଉଛି। ଉପରୋକ୍ତ ବିଷୟକୁ ନେଇ ଗତ ୨ତାରିଖରେ ତରଭା ବ୍ଲକରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧି କଲେଜ ଅଧକ୍ଷା ସୁଶ୍ରୀ ମିନତୀ ମିଶ୍ରଙ୍କୁ ଭେଟି ଏ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ଅଧକ୍ଷାଙ୍କ ମାଧ୍ୟମରେ ଜିଲାପାଳ ଓ ଉପଜିଲାପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଅଭିଯୋଗ ଦେଇଥିଲେ। ଏ ନେଇ କଲେଜ ଅଧକ୍ଷା ସୁଶ୍ରୀ ମିନତି ମିଶ୍ରଙ୍କୁ ପଚାରିବାର ନୋଡାଲ ଅଫିସର ବିଭିନ୍ନ କାର୍ଯ୍ୟକ୍ରମରେ ଅଣଦେଖା କରୁଛନ୍ତି। ସମସ୍ତଙ୍କ ସହଯୋଗ ଏବଂ ସହଭାଗିତାରେ ଏହି କାର୍ଯ୍ୟ ହେଲେ ଯୋଜନାର ସଫଳ ଉପଯୋଗ ହୋଇପାରିବ। ଏହାର ତଦନ୍ତ କରି ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆଣିବି ବୋଲି କହିଛନ୍ତି। କଲେଜ ପରିଚାଳନା କମିଟି ସଭାପତି ଶୈଳେନ୍ଦ୍ର କୁମାର ସାହୁଙ୍କୁ ଅଭିଯୋଗ ସମ୍ପର୍କରେ ପଚାରିବାରୁ ମୋତେ କୌଣସି କାର୍ଯ୍ୟକ୍ରମରେ ଡକାଯାଉନାହିଁ। କାର୍ଯ୍ୟକ୍ରମ ସମ୍ପର୍କରେ ଯେଉଁ ଅଭିଯୋଗ ଆସୁଛି ତାହା ତଦନ୍ତ ସାପେକ୍ଷ ବୋଲି ସେ କହିଛନ୍ତି। ନୋଡାଲ ଅଧିକାରୀ ଶିବରାମ ମେହେର ଅଭିଯୋଗ ସମ୍ପର୍କରେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରି ଦେଇଛନ୍ତି।

# ସାହିତ୍ୟ ଓ ସଂସ୍କୃତି ଜୀବନକୁ ମାର୍ଜିତ କରେ



କଳାପଥର କଲେଜରେ ଆୟୋଜିତ ସଭାରେ ମଞ୍ଚାସୀନ ଅତିଥି।

ଅମରପାଲି,୯।୧୨(ପୀତାମ୍ବର ସାହୁ)

ଓଡ଼ିଶା ସରକାରଙ୍କର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରାୟୋଜିତ ସମନ୍ୱିତ ଯୁବ ବିକାଶ କାର୍ୟକ୍ରମର ସାହିତ୍ୟିକ ଓ ସାଂସ୍କୃତି କାର୍ଯ୍ୟକ୍ରମ ବୀରମହାରାଜପୁର ଉପଖଣ୍ଡ କଳାପଥର ସତ୍ୟବାଦୀ ଜୁନିୟର କଲେଜରେ ଅନୁଷ୍ଠିତ ହୋଇଯାଇଛି। ଫାଷ୍ଟ ଏଡ ଟ୍ରେନର୍ ଉଦ୍ଧବ ପ୍ରଧାନ ରେଡକ୍ରସ କାଉନସିଲର୍ କିଶୋର କୁମାର ସାହ ପ୍ରାଥମିକ ଚିକିତ୍ସା ଉପରେ ଛାତ୍ରୀଛାତ୍ରଙ୍କୁ ସୂଚନା ଦେଇଥିଲେ। ପରବର୍ତ୍ତୀ ସମୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରଙ୍ଗୋଲି, କବିତା ଆବୃତ୍ତି ଓ ଫଟୋଗ୍ରାଫି ପ୍ରତିଯୋଗିତା ଅନୁଷ୍ଠିତ ହେଇଥିଲା। କଲେଜ ଅଧ୍ୟକ୍ଷ ଶ୍ରୀକାନ୍ତ ପଧାନ ଅଧ୍ୟକ୍ଷତା କରି ପ୍ରକୃତି, ସମାଜ ସମସ୍ୟା ସହ ମନସ୍ଥ ହେବାହିଁ ସୁସାହିତ୍ୟ ସୃଷ୍ଟି କରେ ବୋଲି କହିଥିଲେ। ଅତିଥି ଭାବେ ସାହିତ୍ୟିକ ଅକ୍ରୁର ହୋତା, କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ନରେନ୍ଦ୍ର କୁମାର ଭୋଇ, ଯୁବ ଗାଳ୍ପିକ ଅବକାଶ ପ୍ରଧାନ ନିଜ ବକ୍ତବ୍ୟରେ ସାହିତ୍ୟ ଓ ସଂସ୍କୃତି ଜୀବନକୁ ମାର୍ଜିତ କରିଥାଏ ବୋଲି କହିଥିଲେ। ସଭାକୁ ଅଧ୍ୟାପିକା ଦେବଯାନୀ ମେଶୁଆ ପରିଚାଳନା କରିଥିବା ବେଳେ ଅଧ୍ୟାପକ କିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଦେବକୀ-ବସୁଦେବ ବିବାହ

ଉଲୁଣ୍ଡା,୯। ୧୨(ଉରୁକ୍ରମ ପାଣ୍ଡିଆ)

**ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବର ଶନିବାର ତୃତୀୟ ଦିବସରେ ପୌରାଣିକ କଥା ବସ୍ତୁରୁ ରାଜା ଉଗ୍ରସେନ ଦେବକୀ-ବସୁଦେବଙ୍କ ବିବାହ ସମ୍ପୂର୍ଣ୍ଣ କରିଛନ୍ତି । ଏହି ସମୟରେ ମୃଗୟାରୁ ଫେରି ଯୁବରାଜ କଂସ ଭଉଣୀ, ଭିଣୋଇଙ୍କୁ ପାଟ ପାଲିଙ୍କିରେ ବସାଇ ସୁଦେବ ନଗରକୁ ନେଲାବେଳେ ହଠାତ୍ ଏକ ଶୂନ୍ୟବାଣୀ ହୋଇଥିଲା । ଶୂନ୍ୟବାଣୀ କହିଥିଲା ରେ ରେ କଂସ ଯାହାକୁ ତୁ ନେଉଅଛୁ ପାଟ ପାଲିଙ୍କିରେ ତାହାର ଅଷ୍ଟମ ଗର୍ଭ ସନ୍ତାନ ହେବ ତୋର ମୃତ୍ୟୁର କାରଣ । ଏଥିରେ କ୍ରୋଧାନ୍ୱିତ ହୋଇ କଂସ ପିତା ଉଗ୍ରସେନଙ୍କୁ ଗାଦିଚ୍ୟୁତ୍ କରି ମଥୁରା ରାଜ ସିଂହାସନ ଅଧିକାର କରିଥିଲେ। ମନ୍ତ୍ରୀ ଅକ୍ରୁରଙ୍କୁ ନିବାସିତ ଦଣ୍ଡ ଦେଇ ଦେବକୀ-ବସୁଦେବଙ୍କୁ ବନ୍ଦୀଶାଳାରେ ଅବରୋଧ କରିଥିଲେ। ଏହି ନାଟ୍ୟାଭିନୟ ଦର୍ଶକଙ୍କୁ ଆମୋଦିତ କରିଥିଲା। ରାଜ ଅତିଥି ଭାବେ ବୀରମହାରାଜପୁର ଜୋନ ୧ ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ, ଉଲୁଣ୍ଡା ଏବିଡିଓ ଶୁଭ୍ରାଂଶୁ ଶେଖର ମଲ୍ଲିକ, ସାମାଜିକ ସୁରକ୍ଷା ଅଧିକାରୀ କ୍ଷୀରୋଦ ଭୂଷଣ ରାଏ ଏବଂ ପିଇଓ ଶରତ ଚନ୍ଦ୍ର ମିଶ୍ର ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ପରେ ଦରବାରରେ ଆଞ୍ଚଳିକ କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା।



# ସତୀଘାଟ ଜଳାଶୟ ପ୍ରକଳ୍ପକୁ ବିରୋଧ

ବଘିଆପଡା,୯।୧୨(ଶ୍ରୀକାନ୍ତ ସାହୁ)


ସତୀଘାଟ ପ୍ରକଳ୍ପ ବିରୋଧରେ ଚାଷୀଙ୍କ ବୈଠକ।

■ଚାଷୀଙ୍କ ବୈଠକ
■ଗଠନ ହେଲା ଗମ୍ଭିରାଦରହ ସଂଗ୍ରାମ ସମିତି

ରାଜ୍ୟ ସରକାର କିଛି ଦିନ ତଳେ ସାଲୁଙ୍କୀ ନଦୀର ସତୀଘାଟଠାରେ ଜଳାଶୟ ପ୍ରକଳ୍ପ ନିର୍ମାଣ ନେଇ ଘୋଷଣା କରିଥିବା ବେଳେ ଏହି ପ୍ରକଳ୍ପ ନିର୍ମାଣକୁ ଚାଷୀ ସଂଗଠନ ପକ୍ଷରୁ ବିରୋଧ କରିବା ଆରମ୍ଭ ହୋଇଛି। ଏନେଇ ଟିକରପଡାଠାରେ ଶନିବାର ଦିନ ଏକ ଚାଷୀ ବୈଠକ ଅନୁଷ୍ଠିତ ହୋଇଛି। ଚାଷୀ ନେତା ସୂର୍ଯ୍ୟ ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ହୋଇଥିଲା । ସତୀଘାଟ ପ୍ରକଳ୍ପ ହେଲେ ତଳ ମୁଣ୍ଡରେ ଥିବା ସାଲୁଙ୍କୀ ପ୍ରକଳ୍ପ ଶୁଖିଲା ପଡିବ ବୋଲି ବୈଠକରେ ମତ ପାଇଥିବା ବେଳେ ପ୍ରାୟ ୫୦ ହଜାର ଏକର ଜମି ମରୁଡିର ସମ୍ମୁଖୀନ ହେବ। ଜଳାଭାବ ସମୟରେ ତଳ ଓ ଉପର ମୁଣ୍ଡ ଚାଷୀଙ୍କ ମଧ୍ୟରେ ମଧ୍ୟ ଗଣ୍ଡଗୋଳ ହେବ ବୋଲି ଚାଷୀନେତାମାନେ ବୈଠକରେ କହିଥିଲେ। ତେଣୁ ତଳ ଓ ଉପର ମୁଣ୍ଡର ଚାଷୀଙ୍କ ଦୁଇଟି ଫସଲ କରିବା ପାଇ ଗମ୍ଭିରାଦରହ ଜଳ ପ୍ରକଳ୍ପ କରାଯାଉ ବୋଲି ଦାବି କରିଥିଲେ। ପୂର୍ବରୁ ମଧ୍ୟ ଚାଷୀ ସଂଗଠନଗୁଡିକ ପକ୍ଷରୁ ଗମ୍ଭିରାଦରହ ପ୍ରକଳ୍ପ ନିର୍ମାଣ ପାଇଁ ଦାବି ହୋଇ ଆସୁଛି। ଏନେଇ ଚାଷୀ ସଂଗଠନ ପକ୍ଷରୁ ଗମ୍ଭିରାଦରହ ପ୍ରକଳ୍ପ ନିର୍ମାଣ ଦାବିରେ ଗମ୍ଭିରାଦରହ ସଂଗ୍ରାମ ସମିତି ଗଠନ କରାଗଲା। ଏହି ସଂଗଠନରେ ସମସ୍ତ ଗ୍ରାମର ଚାଷୀମାନେ ସାମିଲ ହୋଇ ଆନ୍ଦୋଳନକୁ ଜୋରଦାର କରିବାକୁ ସ୍ଥିର କରାଗଲା। ଆସନ୍ତା ୩୦ ତାରିଖରେ କେନ୍ଦ୍ରମନ୍ତ୍ରୀଙ୍କ ବୌଦ୍ଧ ଗସ୍ତ ସମୟରେ ଗମ୍ଭିରାଦରହ ପ୍ରକଳ୍ପ ନିର୍ମାଣ ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଚାଷୀ ନେତା ମହାପାତ୍ର କହିଥିଲେ। ବୈଠକରେ ଭାଜପା ଜିଲା ସଭାପତି ବିପ୍ରଚରଣ ମହାନ୍ତି, ଚାଷୀ ନେତା ବିଶିକେଶନ ପ୍ରଧାନ, ଶମ୍ଭୁ ପ୍ରଧାନ, ଶୁଶିଲ ମଲିକ, ଆର୍ତ୍ତ ଧଳ, ସତ୍ୟ ପ୍ରଧାନ, ନବୀନ ପ୍ରଧାନ, ହୃଷିକେଶ ପ୍ରଧାନଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଅଜଣା ଯୁବକଙ୍କ ମୃତଦେହ ଜବତ

ରାଉରକେଲା,୯।୧୨(ଦିନେଶ ମିଶ୍ର): ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ରାଉରକେଲା ଦ୍ୱିତୀୟ ରେଳ ଷ୍ଟେଶନ ଗେଟ୍ ସମ୍ମୁଖରୁ ପୋଲିସ ଜଣେ ଅଜଣା ଯୁବକଙ୍କ ମୃତଦେହକୁ ଜବତ କରିଛି। ତାଙ୍କ ବୟସ ପାଖାପାଖି ୫୬ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ୪୬।୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ରିପୋର୍ଟ ଲେଖାଯିବା ସୁଦ୍ଧା (ସନ୍ଧ୍ୟା ୭ଟା) ଯୁବକଙ୍କ କୌଣସି ପରିଚୟ ମିଳିନାହିଁ। ସୂଚନାଯୋଗ୍ୟ, ଶନିବାର ସକାଳ ସମୟରେ ଜଣେ ଅଜଣା ଯୁବକଙ୍କ ମୃତଦେହ ଗୋପବନ୍ଧୁପାଲି ରେଲୱେ ଷ୍ଟେଶନ ଦ୍ୱିତୀୟ ଗେଟ୍ ସମ୍ମୁଖରେ ପଡିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଉଦ୍ଧାର କରି ଆରଜିଏଚ୍‌ର ମର୍ଗରେ ରଖିଛି।

### ଡମ୍ପର ଧକ୍କାରେ ୧୧ କେଭି ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଲା

**ବେପରୁଆ ଗାଡ଼ି ଚାଳନା**

କୁଆଁରମୁଣ୍ଡା,୯।୧୨(ମହେନ୍ଦ୍ର କୁମାର ସାହୁ): ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ପଦମପୁର ବାଇପାସ ରୋଡ଼ରେ ଥିବା ଏକ ୧୧ କେଭି ବିଦ୍ୟୁତ୍ ଖୁଣ୍ଟକୁ ଶନିବାର ସନ୍ଧ୍ୟାରେ ଦ୍ରୁତଗତିରେ ଆସୁଥିବା ଏକ ଡମ୍ପର ଧକ୍କା ଦେବାରୁ ଖୁଣ୍ଟ ଭାଙ୍ଗି ଯାଇଛି। ଏହାସହ ଡମ୍ପର ଚାଳକ ଗୁରୁତର ଆହତ ହୋଇଛନ୍ତି। ଖବରପାଇ କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଅଭୟ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ଆହତ ଗାଡ଼ି ଚାଳକଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିଛନ୍ତି। ଅନ୍ୟପକ୍ଷରେ ୧୧ କେଭି ତାର ଯାଇଥିବା ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଯିବାରୁ କୁଆଁରମୁଣ୍ଡା ସମେତ ଆଖପାଖ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଥିଲା । ରାତି ୯ ସୁଦ୍ଧା ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହୋଇଥିଲା ।

### ୧୧ରେ ଆର୍‌ଏମ୍‌ସି ଏମ୍ପ୍ଲଇଜ୍ ସଂଘର ବିକ୍ଷୋଭ

ରାଉରକେଲା,୯।୧୨(ଦିନେଶ ମିଶ୍ର): ରାଉରକେଲା ମ୍ୟୁନିସିପାଲ କର୍ପୋରେଶନ ଏମ୍ପ୍ଲଇଜ ୟୁନିୟନ କର୍ମଚାରୀଙ୍କ ୭ଦଫା ଦାବି ନେଇ ଆସନ୍ତା ୧୧ ତାରିଖରେ ଆରଏମ୍‌ସି ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏ ନେଇ ସଂଘ ପକ୍ଷରୁ ଗତ ୪ ତାରିଖରେ ଆରଏମ୍‌ସି କର୍ତ୍ତୃପକ୍ଷଙ୍କୁ ଆନ୍ଦୋଳନ ଅବଗତ କରାଯାଇଥିଲା। କିନ୍ତୁ ଆରଏମ୍‌ସି କର୍ତ୍ତୃପକ୍ଷ କର୍ମଚାରୀମାନଙ୍କୁ କୌଣସି ଉତ୍ତର ଦେଇ ନ ଥିଲେ। ଫଳରେ ସଂଘର ସମସ୍ତ କର୍ମକର୍ତ୍ତା ଏକତ୍ରିତ୍ର ହୋଇ ଏକ ବୈଠକ ପରେ ଆସନ୍ତା ୧୧ ତାରିଖରେ ନିଜର ହକ୍ ଦାବି କରିବ ବୋଲି ନିଷ୍ପତ୍ତି ନେଇଥିଲେ।

### କୁତ୍ରା ଅଞ୍ଚଳରେ ହାତୀ ଉପଦ୍ରବ

**ପୁଣି ଭାଙ୍ଗିଲା ୩ ଘର**



କୁତ୍ରା, ୯।୧୨(ଦେବାଶିଷ ସାହୁ): ସୁନ୍ଦରଗଡ ଜିଲା କୁତ୍ରା ଅଞ୍ଚଳରେ ହାତୀ ଉପଦ୍ରବ ଅତିଷ୍ଠ କଲାଣି। ପ୍ରତିଦିନ ହାତୀପଲ ବିଭିନ୍ନ ଗ୍ରାମରେ ପଶି ଘର ଭାଙ୍ଗିବା ସହିତ କ୍ଷୟକ୍ଷତି କରୁଛନ୍ତି। ଲଗାତାର ଅଞ୍ଚଳରେ ହାତୀ ଉପଦ୍ରବ ପାଇଁ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଶୁକ୍ରବାର ରାତିରେ କୁଲେନବାହାଲ ଗୁଙ୍ଗରିପଡାରେ ହାତୀପଲ ପଶି ପ୍ରଥମେ ବିଜୟ କୁଲୁଙ୍କ ଘର ଭାଙ୍ଗିଥିବା ବେଳେ ପରେ ଲୁକାଶ କୁଲୁଙ୍କ ଘର ଭାଙ୍ଗି ଦେଇଛି। ଏହାପରେ ହାତୀପଲ ଗ୍ରାମର ମାରସେଲ କୁଲୁଙ୍କ ଘର ଭାଙ୍ଗିବା ସହ ତାଙ୍କର ଅମଳ ଧାନ ସବୁ ଖାଇ ଦେଇଛି। ସେଠାରୁ ପଳାଇ ବିଲରେ ଲାଗିଥିବା ଧାନ,ଗଙ୍ଗେଇ, ହରଡ ପ୍ରଭୃତି ଖାଇଥିବା ଜଣାପଡିଛି । ତାପରେ ହାତୀପଲ ଦି ଭାଗ ହୋଇ ଗୋଟେ ଦଳ ଗୁଙ୍ଗରିପଡାରେ ଥିବା ବେଳେ ଅନ୍ୟ ଏକ ଦଳ ଝରିଆଡିପାକୁ ଯାଇ ଗ୍ରାମର ତୁରାନ ବୁଡ ଓ ମାଗାନ ବୁଡ ଖଳାରେ ଗଦା କରି ରଖିଥିବା ଧାନକୁ ଖାଇ ଦଳିଚକଟି ନଷ୍ଟ କରି ଦେଇଛି । ପରେ ନିକଟସ୍ଥ ଜଙ୍ଗଲରେ ଥିବା ଜଣାପଡିଛି। ଆଉ ଗୋଟିଏ ହାତୀ ଦଳ ଖିରପାଣି ଜଙ୍ଗଲରେ ଥିବା ଜଣାପଡିଛି। ବନ ବିଭାଗ ଯଥାଶୀଘ୍ର ହାତୀ ଘଉଡ଼ାଇବା ବ୍ୟବସ୍ଥା ନ କଲେ ଆଗକୁ ଭୟାଭୟ ପରିସ୍ଥିତି ସୃଷ୍ଟି ହେବା ନେଇ ଆଶଙ୍କା କରାଯାଉଛି।

# ନାଟକ ଭକ୍ତ କର୍ମାବାଇ ମଞ୍ଚସ୍ଥ

ରାଉରକେଲା,୯।୧୨(ବିପ୍ଳବ ରଞ୍ଜନ ଦାଶ)



ନାଟକ ଭକ୍ତ କର୍ମାବାଇର ଏକ ଦୃଶ୍ୟ।

ରାଉରକେଲା ସିଭିକ ସେଣ୍ଟରରେ ଚାଲିଥିବା ଇସ୍ପାତ ନାଟ୍ୟ ମହୋତ୍ସବର ୯ମ ରଜନୀରେ ନାଟ୍ୟାନୁଷ୍ଠାନ ସ୍ୱସ୍ତି ଝଙ୍କାର ପକ୍ଷରୁ ନାଟକ 'ଭକ୍ତ କର୍ମାବାଇ' ମଞ୍ଚସ୍ଥ ହୋଇଯାଇଛି। ନାଟ୍ୟକାର ଧୀରେନ ପ୍ରହରାଜଙ୍କ ରଚିତ ଏବଂ ଡାକ୍ତର ସୁଶାନ୍ତ ପାଣିଙ୍କ ନିର୍ଦ୍ଦେଶିତ ଏହି ନାଟକରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଡାକ୍ତର ସୁଶାନ୍ତ ପାଣି, ରୁଦ୍ରକିଶୋର ଦାସ ଓ ବଂଶୀଧର ସାହୁ। ପ୍ରଳୟ ଶତପଥି ମଞ୍ଚ ସାଜସଜ୍ଜା କରିଥିଲେ। ନାଟକଟି ସମ୍ପୂର୍ଣ୍ଣ ଭକ୍ତିର ଶକ୍ତି ଉପରେ ଆଧାରିତ ଥିଲା। ନାଟକରେ ବବି, ଶିଳା ସାମନ୍ତରାୟ, ସତ୍ୟମ ପାଣି, କିଶୋରୀ ମୋହନ କର, ମାନସ ଉପାଧ୍ୟାୟ, ଅଜୟ ମିଶ୍ର ପ୍ରମୁଖ କଳାକାର ଅଭିନୟ କରିଥିଲେ। ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ମୁଖ୍ୟ ଅତିଥି ଓ ରଘୁନାଥପାଲ୍ଲୀ ବିଧାୟକ ସୁବ୍ରତ ତରାଇ, ଆରଏସପି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପି. କେ. ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ବିଶିଷ୍ଟ ଶିକ୍ଷାବିତ୍ ଡ. କିଶୋରୀ ଦାସ ଅଧକ୍ଷତା କରିଥିବା ବେଳେ ରମେଶ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ରବିଚାଷ ଖସଡା ପ୍ରସ୍ତୁତିରେ ବିଳମ୍ବ

ରାଉରକେଲା,୯।୧୨(ବିପ୍ଳବ ରଞ୍ଜନ ଦାଶ)

**ପାନପୋଷ କୃଷି ଜିଲା**

ଡିସେମ୍ବର ମାସ ହୋଇଥିଲେ ମଧ ପାନପୋଷ କୃଷି ଜିଲାରେ ୨୦୨୩-୨୪ ରବି ଚାଷ ପାଇଁ ଧାନ ଓ ଅଣଧାନ ଫସଲ ଭିତ୍ତିକ ଚାଷ ଖସଡା ଏପର୍ଯ୍ୟନ୍ତ ପ୍ରସ୍ତୁତ ହୋଇନାହିଁ। ଫଳରେ ଜିଲାର ଚାଷୀମାନେ ରବିଚାଷକୁ ନେଇ ଦ୍ୱନ୍ଦ୍ୱରେ ପଡିଛନ୍ତି।

ପ୍ରତିବର୍ଷ ଅକ୍ଟୋବର ମାସରେ ରବିଚାଷ ଜନିତ ଖସଡା ପ୍ରସ୍ତୁତ ହୋଇଥାଏ। ଏଥିରେ ମିଲେଟ ମିଶନ, ସବୁଜ ଘର ନିର୍ମାଣ, ଧନିଚା ଚାଷ ଓ ଛୋଟ ବୁଣା ଧାନଚାଷ, ଘାସ ଚାଷ, ସମନ୍ୱିତ ଚାଷ ପଦ୍ଧତି ସହାୟତା, ବୃହତ ଜଳସେଚନରେ ଫସଲ ବିବିଧିକରଣ ଯୋଜନା ଆଦି ନେଇ ବ୍ୟୟବରାଦ ହୋଇଥାଏ। ଏଥିସହ ଚାଷୀଙ୍କୁ ଜଳନିଧି, ସୌର ଜଳନିଧି ଯୋଜନାରେ ରିହାତି ଦରରେ ସିଞ୍ଚନଯନ୍ତ୍ର ବ୍ୟବସ୍ଥା କରାଯାଇଥାଏ। ସେହିପରି ଅଣଧାନ ଚାଷରେ ଡାଲିଜାତୀୟ, ରାଶି/ଅଳସୀ, ଚିନାବାଦାମ, ମାଣ୍ଡିଆ, ମକା, ପନିପରିବା ଏବଂ ମସଲା ଜାତୀୟ ଫସଲକୁ ବିଶେଷ ଗୁରୁତ୍ୱ ଦିଆଯାଏ। ସମନ୍ୱିତ ଚାଷ ପଦ୍ଧତିରେ ଅଞ୍ଚଳର କ୍ଷୁଦ୍ର ଏବଂ ନାମମାତ୍ର ଚାଷୀମାନଙ୍କୁ ପୋଖରୀ ଓ ଅଣପୋଖରୀ ଭିତ୍ତିକ ଚାଷ ପାଇଁ ବ୍ୟବସ୍ଥା କରାଯାଏ। ମାତ୍ର ପରିତାପର ବିଷୟ ଏଯାଏ ପାନପୋଷ କୃଷି ଜିଲାରେ ରବିଚାଷ ଜନିତ ବ୍ୟୟବରାଦ ଖସଡା ପ୍ରସ୍ତୁତି ନେଇ ଜିଲାସ୍ତରୀୟ ଖସଡା ନିର୍ଦ୍ଧାରଣ ଷ୍ଟ୍ରାଟେଜି ମିଟିଂ ହୋଇନାହିଁ। ତୁରନ୍ତ ଏ ଦିଗରେ ବିଭାଗୀ ପକ୍ଷରୁ ବିହିତ ପଦକ୍ଷେପ ନେବାକୁ ଚାଷୀ ମହଲରେ ଦାବି ହେଉଛି। ଏ ନେଇ ଜିଲା ମୁଖ୍ୟ କୃଷି ଅଧିକାରୀ ହରିହର ନାୟକଙ୍କୁ ପଚାରିବାରୁ ସେ କହିଲେ, ସରକାରଙ୍କଠାରୁ ରବିଚାଷ ଖସଡା ଜନିତ ସମ୍ପୂର୍ଣ୍ଣ ଯୋଜନା ଓ ବ୍ୟୟବରାଦ ଆକଳନ ବିବରଣୀ ବିଳମ୍ବରେ ଆସିଲା। ଆସନ୍ତା ୨୦ ତାରିଖ ମଧ୍ୟରେ ଷ୍ଟ୍ରାଟେଜି ମିଟିଙ୍ଗ ସହିତ ଖସଡା ସମ୍ପୂର୍ଣ୍ଣ ହୋଇଯିବ ବୋଲି ସେ କହିଥିଲେ।

# ଦେଶ ପ୍ରଗତିରେ ବୈଜ୍ଞାନିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ରାଉରକେଲା,୯।୧୨(ଦିନେଶ ମିଶ୍ର)



ବିଜ୍ଞାନ ପ୍ରକଳ୍ପ ସହ ଅତିଥିବୃନ୍ଦ।

**ସରସ୍ୱତୀ ବିଦ୍ୟା ମନ୍ଦିରରେ ବିଜ୍ଞାନ ମେଳା ଉଦ୍‌ଘାଟିତ**

ରାଉରକେଲା ବିଶ୍ରାଡାହାର ସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର ପରିସରରେ ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ସମାଜସେବୀ ବ୍ରିଜମୋହନ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶ ପ୍ରଗତିରେ ବୈଜ୍ଞାନିକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ କରିଥିଲେ। ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ନରେଶ ଅଗ୍ରୱାଲ, ହରିୟାନା ନାଗରିକ ସଂଘ ସଂଯୋଜକ ବିଷ୍ଣୁଦୟାଲ ଅଗ୍ରୱାଲ, ଟ୍ରଷ୍ଟି ହରିରାମ ଅଗ୍ରୱାଲ, ସୁବାଷ ଚନ୍ଦ୍ର ଅଗ୍ରୱାଲ, କୋଷାଧ୍ୟକ୍ଷ ପଙ୍କଜ ଗର୍ଗ, ସୁବାଷ ଚନ୍ଦ୍ର ବାପୁଡିଆ, ଅଜୟ ଗୟେଲ, ଅରୁଣ ଜିନ୍ଦଲ, ଓମ୍ ପ୍ରକାଶ ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ବିଜ୍ଞାନ ମେଳାରେ ବିଦ୍ୟାଳୟର ୩୬୩ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ଜଙ୍ଗଲ ସୁରକ୍ଷା, ମୃତ୍ତିକା ସଂରକ୍ଷଣ, ଶିଶୁ ଶ୍ରମିକ ନିରାକରଣ, ପରିବେଶ ସୁରକ୍ଷା, ସ୍ୱଚ୍ଛ ଭାରତ ସ୍ୱଚ୍ଛ ପରିବେଶ, ଜଳ ସଂରକ୍ଷଣ ଭଳି ୩୨ଟି ପ୍ରକୋଷ୍ଠରେ ମୋଟ ୧୪୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସ୍କୁଲର ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରିୟମ୍ବଦା ବାରିକ, ସୁସ୍ମିତା ବ୍ରହ୍ମା, ଶ୍ରୀଲେଖା ପଟ୍ଟନାୟକ, ଟୁନୁ କଂସାରୀ, ଶିର୍ମାଷ୍ଠା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି ମେଳା ପରିଚାଳିତ ହୋଇଥିଲା। ଏହି ଅବସରରେ ସ୍କୁଲ ପରିସରରେ ଏକ ଖାଦ୍ୟମେଳା ପ୍ରଦର୍ଶିତ ହୋଇଥିଲା। ଖାଦ୍ୟ ମେଳାରେ ସ୍କୁଲର ବିଦ୍ୟାର୍ଥୀ ଓ ଅଭିଭାବକଙ୍କ ଦ୍ୱାରା ୧୩ଟି ଷ୍ଟଲ ହୋଇଥିଲା। ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

### ନଦୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ବଡ଼ଗାଁ,୯।୧୨(ଅଶୋକ ଷଡଙ୍ଗୀ): ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ତୁଡାଲଗା ଗାଁ ନିକଟ ସଫେଇ ନଦୀରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, ଏହି ଗ୍ରାମର ସୁକନ ପ୍ରଧାନ(୩୭) ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଗାଧୋଇବା ପାଇଁ ନଦୀକୁ ଯାଇଥିଲେ। ଘରକୁ ନ ଫେରିବାରୁ ସନ୍ଧ୍ୟାରେ ପରିବାର ଲୋକେ ଖୋଜାଖୋଜି କରି ତାଙ୍କୁ ପାଇ ନ ଥିଲେ। ଶନିବାର ସକାଳେ ତାଙ୍କ ମୃତଦେହ ନଦୀରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପୋଲିସ ଉପସ୍ଥିତିରେ ଅଗ୍ନିଶମ ବାହିନୀ ମୃତଦେହ ଜବତ କରିଥିଲେ।

# ରାଉରକେଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ



ଲୋକ ଅଦାଲତରେ ମାମଲାଗୁଡିକର ଶୁଣାଣି କରାଯାଉଛି।

ରାଉରକେଲା,୯।୧୨(ବିପ୍ଳବ ରଞ୍ଜନ ଦାଶ)

**୩୮୧ ମାମଲାର ତ୍ୱରିତ ସମାଧାନ**

ପାନପୋଷ ତାଲୁକ ଆଇନ ସେବା ପ୍ରାଧିକରରଣ ପକ୍ଷରୁ ରାଉରକେଲା ବିରଜାପାଲ୍ଲୀ ନୂତନ ସିଭିଲ କୋର୍ଟ ପରିସରରେ ପ୍ରଥମ ଅତିରିକ୍ତ ଜିଲା ଜଜ୍ ଡଃ ଭି. ସୁଜାତାଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫ୍ୟାମିଲି କୋର୍ଟ ଜଜ୍ ବିଦ୍ୟୁତ୍ କୁମାର ମିଶ୍ର, ଦ୍ୱିତୀୟ ଅତିରିକ୍ତ ଜିଲା ଜଜ୍ ମନୋଜ କୁମାର, ସବ୍‌ଜଜ୍ ସାବିତ୍ରୀ ନାୟକ, ଗ୍ରାମାଞ୍ଚଳ ମାଜିଷ୍ଟ୍ରେଟ୍ ଉମାକାନ୍ତ ବେହେରା ଏବଂ ସୌରଭ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଲୋକ ଅଦାଲତରେ ମୋଟ୍ ୬୧୯ଟି ମାମଲା ଆଗତ ହୋଇଥିଲା। ସେଥିମଧ୍ୟରୁ ୩୮୧ଟି ମାମଲାର ଶୁଣାଣି କରି ତ୍ୱରିତ ଫଇସଲା କରାଯାଇଥିଲା। ଏହି ମାମଲା ବାବଦ ୪କୋଟି ୧୫ଲକ୍ଷ ୩ହଜାର ୩ଶହ ୧୮ଟଙ୍କା ଜରିମାନା ଆଦାୟ ହୋଇଥିବା ଜଣାପଡିଛି। ଆଇନଜୀବୀ କୈଳାସ ଚନ୍ଦ୍ର ପ୍ରଧାନ, ଗିରିଶ ଚନ୍ଦ୍ର ମହାପାତ୍ର, ବୈଷ୍ଣବ ନାୟକ, ସୁରେଶ ଦାଶ, ସ୍ନେହଲତା ପଟ୍ଟନାୟକ ଏବଂ ନିନାରାଣୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ନୂତନ ଭୋଟର ପଞ୍ଜୀକରଣ ସଚେତନତା କାର୍ଯ୍ୟକ୍ରମ



**ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ**

ସୁନ୍ଦରଗଡ,୯।୧୨(ଜୟ ନାରାୟଣ ମେଣ୍ଡୁଲି)

ଶନିବାର ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟରେ ନୂତନ ଭୋଟର ପଞ୍ଜୀକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଶାସନିକ ମୁଖ୍ୟ ଆଲୋକ କୁମାର ନାଏକ ସଭାପତିତ୍ୱ କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସଦର ଉପଜିଲାପାଳ ଦାଶରଥି ସରାବୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଭୋଟର ପଞ୍ଜୀକରଣର ଉପକାରିତା ସମ୍ବନ୍ଧରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତ ଅଧିକାରୀ ରମେଶ ଚନ୍ଦ୍ର ପାତ୍ର, ସୁମନ୍ତ ପଟେଲ, ଗୋଷ୍ଠୀସ୍ତରୀୟ ଅଧିକାରୀ ଧୀରେନ୍ଦ୍ର ଷଣ୍ଡ, ଜଗଦୀଶ ପଟେଲ,ସହକାରୀ ପ୍ରଫେସର ନୂତନ ଖମାରୀ, ଆଞ୍ଜେଲିନ କିଣ୍ଡୋ, ପ୍ରଦୀପ କୁମାର ବହିଦାର ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ପ୍ରଶାସନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭୋଟର ତାଲିକାରେ ପଞ୍ଜୀକରଣ କରି ନ ଥିବା ଛାତ୍ରୀଛାତ୍ରମାନେ ନିଜ ମୋବାଇଲରେ ନାମ ପଞ୍ଜୀକରଣ କରିଥିଲେ।

# ସାମ୍ବିଧାନିକ ଅଧିକାର ନେଇ ରାଜ୍ୟସ୍ତରୀୟ ବୈଠକ




ବୈଠକରେ ସାମିଲ ସଂଘର କର୍ମକର୍ତ୍ତା।

ରାଉରକେଲା,୯।୧୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୫ ଭଞ୍ଜ ଭବନରେ ଶନିବାର ଅନୁସୂଚିତ ଜାତି ଓ ଜନଜାତି ଆଇନଜୀବୀ ସଂଘ ପକ୍ଷରୁ ଅନୁସୂଚିତ ଜାତି ଓ ଜନଜାତିମାନଙ୍କ ସାମ୍ବିଧାନିକ ଅଧିକାରକୁ ନେଇ ରାଜ୍ୟସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୮ ଜିଲାର ଅନୁସୂଚିତ ଜାତି ଓ ଜନଜାତି ଆଇନଜୀବୀ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି ଓକିଲ ସଂଘ ସଭାପତି ଲକ୍ଷ୍ମୀଚରଣ ପାଳ ଏଥିରେ ସଭାପତିତ୍ୱ କରିଥିଲେ। ଆଇନଜୀବୀ ପୁରୁଷୋତ୍ତମ କୁମାରଙ୍କ ଦ୍ୱାରା ଆୟୋଜିତ ବୈଠକରେ ସଂଘର ଉପଦେଷ୍ଟା ଛବିଲାଲ ନିହାଲ, ପବିତ୍ର ପ୍ରଜ୍ଞାଶିଳା, ଦିଗମ୍ବର ଦୁରିଆ, ଭୂଦେବ ମହାନନ୍ଦିଆ, ଅନ୍ନପୂର୍ଣ୍ଣା କୁମ୍ଭାର, ବୈଜୟନ୍ତୀ ମିଞ୍ଜ, ମେରୀ ଏକ୍କା, ପୁନମ ଓରାମ, ବୁଧିଆ ଯୋଯୋ ପ୍ରମୁଖ ବରିଷ୍ଠ କର୍ମକର୍ତ୍ତା ସାମିଲ ହୋଇଥିଲେ। ଏସ୍‌ସି ଏସଟି ପେସା ଆଇନ, ଭୂ-ଆଇନ ଅଧିନିୟମ ଆକ୍ଟ ସହିତ ସମ୍ବିଧାନର ଅନୁଚ୍ଛେଦ ୧୨/୩୫ ଓ ଅନୁଚ୍ଛେଦ ୩୫/୫୯ରେ ଲିପିବଦ୍ଧ ଥିବା ଆଦିବାସୀ ଓ ଦଳିତମାନଙ୍କ ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରାଯାଉଥିବାରୁ ଆଦିବାସୀ ଓ ଦଳିତମାନଙ୍କ ସାମଗ୍ରିକ ଉତ୍‌ଥାନ ହେଉନାହିଁ । ଦେଶର ସଂସ୍କୃତି ସଭ୍ୟତାକୁ ଜାତି ଏବଂ ଧର୍ମରେ ବିଭାଜିତ କରାଯିବା ସହ ମନ୍ଦିର, ମସ୍‌ଜିଦ, ଚର୍ଚ୍ଚ, ଗୁରୁଦ୍ୱାରା ଆଦି ଧର୍ମାଳୟରେ ରାଜନୀତି ସୀମିତ ରହିବା ବର୍ତ୍ତମାନ ବିଜ୍ଞାନ ଯୁଗରେ ଧର୍ମାନ୍ଧତା ସୃଷ୍ଟି କରୁଛି। ଫଳରେ ଆଦିବାସୀ ଏବଂ ଦଳିତମାନଙ୍କୁ ସମାଜରେ ସମାନ୍ତରାଳ ଭାବେ ଉଠିବା କଷ୍ଟକର ହେଉଛି। ସଂରକ୍ଷଣ ସାମଗ୍ରିକ ବିକାଶ ନୁହେଁ। ସାମାଜିକ, ଆର୍ଥିକ ଓ ରାଜନୈତିକ କ୍ଷେତ୍ରରେ ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗଙ୍କ ଭାଗିଦାରୀ ହିଁ ସାମଗ୍ରିକ ବିକାଶ । ଆଗକୁ ବୀର ବିର୍ସା ମୁଣ୍ଡା ଓ ଆମ୍ବେଡ଼କରଙ୍କ ମାର୍ଗକୁ ଅନୁସରଣ କରି ରାଜ୍ୟରେ ବସବାସ କରୁଥିବା ଆଦିବାସୀ ଏବଂ ଦଳିତମାନଙ୍କୁ ସାମ୍ବିଧାନିକ ଅଧିକାର ପ୍ରଦାନ ପାଇଁ ସମସ୍ତେ ଏକତ୍ର ହୋଇ କାମ କରିବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଆଇନଜୀବୀ ଅନ୍ନପୂର୍ଣ୍ଣା କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁବବର୍ଗଙ୍କୁ ସଶକ୍ତ କରେ କ୍ରୀଡ଼ା



ମୁଖ୍ୟ ଅତିଥି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ରାଉରକେଲା/ବେଦବ୍ୟାସ,୯।୧୨ (ବିପ୍ଳବ ରଞ୍ଜନ ଦାଶ/ଆଲୋକ ସ୍ୱାଇଁ)

ବେଦବ୍ୟାସ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଶନିବାର ନୂଆ ଓଡିଶା, ଯୁବ ଓଡିଶା ଓ ନବୀନ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜଗାଙ୍ଗପୁର ବିଧାୟକ ରାଜନ ଏକ୍କା ମୁଖ୍ୟଅତିଥି ଭାବେ ଯୋଗଦେଇ କଲେଜର ଯୁବ କ୍ରୀଡ଼ାବିତ୍ ତଥା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଏହାସହିତ କଲେଜର ଛାତ୍ରୀଛାତ୍ରମାନଙ୍କୁ କ୍ରୀଡା ମାଧ୍ୟମରେ ଶାରୀରିକ ଏବଂ ମାନସିକ ସ୍ତରରେ ସଶକ୍ତ ହେବାକୁ ଆହ୍ୱାନ ଦେଇଥିଲେ। ପ୍ରକୃତିକୁ ସବୁଜମୟ କରିବା ଆଜିର ଯୁବବର୍ଗ ପାଇଁ ଆହ୍ୱାନ। କାରଣ ମଣିଷ ଶରୀର ପ୍ରକୃତି ଦ୍ୱାରା ହିଁ ବିକଶିତ ହୁଏ ବୋଲି ମୁଖ୍ୟବକ୍ତା ଗୋକୁଲ ମିଞ୍ଜ କହିଥିଲେ। କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ଉମାକାନ୍ତ ପଣ୍ଡା ଅଧକ୍ଷତା କରିଥିଲେ। ନୋଡାଲ ଅଧିକାରୀ ଅଧାପକ ଚନ୍ଦ୍ରଧ୍ୱଜ ମାଝୀ, ଡାକ୍ତର ପରମେଶ୍ୱର ଶତପଥୀ, ଡାକ୍ତର କେଦାରନାଥ ପାଢୀ, ଜ୍ୟୋତ୍ସ୍ନାରାଣୀ ଦାସ, କଲେଜ ପରିଚାଳନା ସମିତି ସଭାପତି ସୂର୍ଯ୍ୟମଣି ଦାସ ଓ କ୍ରୀଡ଼ା ଶିକ୍ଷକ ଚନ୍ଦ୍ରମଣି ଦାସ ସହଯୋଗ କରିଥିଲେ। ସ୍ୱାମୀ ନକୁଳ ଦେବ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କଲେଜ ବିଦ୍ୟାର୍ଥୀଙ୍କ ଦ୍ୱାରା ନୃତ୍ୟସଙ୍ଗୀତ ପରିବେଷଣ କରାଯାଇଥିଲା।

# ମା' ବାପା ଭଗବାନ ସଦୃଶ

ରାଉରକେଲା,୯।୧୨(ଦିନେଶ ମିଶ୍ର)

**ୟୁଜିଆଇର କ୍ରୀଡ଼ା ଉତ୍ସବ, ସାଂସ୍କୃତିକ ଉତ୍ସବ ପାଳିତ**

ରାଉରକେଲା ଜେଲ୍ ରୋଡ ସ୍ଥିତ ଉତ୍କଳମଣି ଗୋପବନ୍ଧୁ ଯାନ୍ତ୍ରିକ ଅନୁଷ୍ଠାନ(ୟୁଜିଆଇ) ପରିସରରେ ୬୧ତମ ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ କଲେଜ ଅଧ୍ୟକ୍ଷା ପ୍ରଗତି ଦାସଙ୍କ ତତ୍ତ୍ୱାବଧାନରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ୩ ଦିନିଆ ଉଦ୍‌ଘାଟନୀ ଉତ୍ସବରେ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜୀବନରେ ମା' ବାପା ହେଉଛନ୍ତି ଭଗବାନ ସଦୃଶ। ତେଣୁ ସେମାନଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବା ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ କର୍ତ୍ତବ୍ୟ ବୋଲି ମୁଖ୍ୟ ଅତିଥି ନାୟକ ମତପ୍ରକାଶ କରିଥିଲେ। ଚକ୍ରଧରପୁର ରେଳ ଡିଭିଜନର ବରିଷ୍ଠ ମେକାନିକାଲ ଇଞ୍ଜିନିୟର ପଞ୍ଚାନନ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କ୍ରୀଡା ଉତ୍ସବରେ କଲେଜର ୩ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କ୍ରୀଡା ଶିକ୍ଷକ ଶୋଭନ କୁମାର ସାହୁ, ରଘୁନାଥ ମାରାଣ୍ଡି, ଶିଶିର ଦଳେଇ, ଜିପି ଅଧ୍ୟକ୍ଷ ବି. କେ ଗନ୍ତାୟତ, ଏକାଡମୀ କୋର୍ଡିନେଟର ଡକ୍ଟର ବି. ବି ସାହୁ ସହଯୋଗ କରିଥିଲେ। ପରେ କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଆରଡିଏର ସମ୍ପାଦକ ଚନ୍ଦ୍ରକାନ୍ତ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ନୂଆ ଓଡିଶା ଓ ଯୁବ ଓଡିଶା, ନବୀନ ଓଡିଶା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ ୧୧୮ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କଲେଜର ବିଦ୍ୟାର୍ଥୀଙ୍କ ପକ୍ଷରୁ ଓଡ଼ିଶୀ, ସମ୍ବଲପୁରୀ, ଭାଙ୍ଗଡା, ଆଧୁନିକ ଡ୍ୟାନ୍ସ ସାଙ୍ଗକୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାର୍ଥୀ ତମନା ଚାନ୍ଦ ଓ ପ୍ରିୟାଂଶୁ ବଡାଇକ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପିକା ସୁମିତାରାଣୀ ସରାପ୍, ଶିଶିର ଦଳାଇ, ନୂଆ ଓଡିଶା ଯୁବ ନବୀନ ଓଡିଶା ରାଜ୍ୟ ସଂଯୋଜକ ରଘୁନାଥ ମାରାଣ୍ଡି, ପଙ୍କଜ କୁମାର ସାମ. ଡକ୍ଟର ଶୁଭାସିନୀ ଜେନା, ଅଧ୍ୟାପକ ଜେ. ଜେ ଚାନ୍ଦ, ମାନସି ପ୍ରିୟଦର୍ଶନୀ, ଗୌତମ ମାଝୀ, ଜେ.ପି ଦାସ, ରୁବି ସୋରେନ, ମୋନାଲିସା ସ୍ୱାଇଁ, ଦୀପକ ପଣ୍ଡା, ସରୋଜ ସେଠ, ପଦ୍ମାବତୀ ନାୟକ, ରଞ୍ଜିତ ବେହେରା ପ୍ରମୁଖ ସହଯୋଗ କରିଥିଲେ।




ଉତ୍କଳମଣି ଗୋପବନ୍ଧୁ ଯାନ୍ତ୍ରିକ ଅନୁଷ୍ଠାନରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ଶ୍ରୀରଙ୍ଗ ସମାଗମ, ସମ୍ବଲପୁର ବିଶ୍ୱବିଦ୍ୟାଳୟସ୍ଥିତ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ସନ୍ଧ୍ୟା ୫ଟା।
- ଶ୍ରୀମଦ୍ ଭାଗବତ କଥା ଜ୍ଞାନଯଜ୍ଞ, ମନ୍ଦଲିଆ ପଡ଼ିଆ, ଅପରାହ୍ନ ୩ଟା।
- ସତ୍ୟସାୟୀ ଦତ୍ତାତ୍ରେୟ ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଉତ୍ସବ, ସାରସ୍ୱତ କଲୋନୀ, ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ଚିକିତ୍ସାଧୀନ ବ୍ୟକ୍ତିଙ୍କ ମୃତ୍ୟୁ

**କୁଚିଣ୍ଡା, ୯।୧୨ (ବିରଞ୍ଚି ଦର୍ଶୀ)**

ଜଙ୍ଗଲି ଭାଲୁ ଆକ୍ରମଣରେ ଗୁରୁତର ଆହତ ବର୍ହାମୁଣ୍ଡି ଗ୍ରାମର ଜେରା କିଷାନ(୬୦)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ବୁର୍ଲା ଭିମ୍ସାର ମେଡିକାଲରେ ଶୁକ୍ରବାର ରାତିରେ ମୃତ୍ୟୁ ହୋଇଛି। ଏ ନେଇ ପୋଲିସ ବୁର୍ଲା ଥାନାରେ ଏକ ମାମଲା ରୁଜୁ କରି ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ଜମନକିରା ବନ୍ୟପ୍ରାଣୀ ସେକ୍ସନ ଅଧୀନ ଚିଲିପଡା ପଞ୍ଚାୟତ ବର୍ହାମୁଣ୍ଡି ଗ୍ରାମର ଜେରା ଓ ପରେଶ ମାଝି (୫୮) ଶୁକ୍ରବାର ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ ପାଇଁ ଯାଇଥିଲେ। ହଠାତ ଏକ ଜଙ୍ଗଲି ଭାଲୁ ଜେରାଙ୍କୁ ଆକ୍ରମଣ କରିଥିଲା। ତାଙ୍କ ଚିତ୍କାର ଶୁଣି ପରେଶ ଆସି ଛଡାଇବାକୁ ଉଦ୍ୟମ କଲା ବେଳେ ସେ ମଧ୍ୟ ଭାଲୁ ଆକ୍ରମଣର ଶିକାର ହୋଇଥିଲେ। ପରେ ଗ୍ରାମବାସୀ ପହଞ୍ଚି ଭାଲୁକୁ ଘଉଡାଇ ଉଭୟ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କୁଚିଣ୍ଡା ମେଡିକାଲକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ବୁର୍ଲା ଭିମ୍ସାର ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ପରେଶ ବର୍ତ୍ତମାନ

### ସତ୍ୟସାଇ ଦତ୍ତାତ୍ରେୟ ମନ୍ଦିରର ପ୍ରତିଷ୍ଠା ଦିବସ

**ସମ୍ବଲପୁର, ୯।୧୨ (ଭବାନୀ ଶଙ୍କର ଭୋଇ)**

ସାରସ୍ୱତ କଲୋନୀସ୍ଥିତ ସତ୍ୟସାଇ ଦତ୍ତାତ୍ରେୟ ମନ୍ଦିରର ଦ୍ୱିତୀୟ ପ୍ରତିଷ୍ଠା ଦିବସ ଅବସରରେ ଦୁଇଦିନିଆ କାର୍ଯ୍ୟକ୍ରମ ଶନିବାର ଆରମ୍ଭ ହୋଇଛି। ସକାଳୁ ନଗର କୀର୍ତ୍ତନ, ନଗର ପରିକ୍ରମା କରାଯିବା ପରେ ପ୍ରେମ ସଞ୍ଜୀବନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟ ସହଯୋଗରେ ରକ୍ତଦାନ ଶିବିର କରାଯାଇ ୩୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ମନ୍ଦିର ପ୍ରାଙ୍ଗଣରେ ଭଜନ ସମାରୋହ ପରେ ଲକ୍ଷ୍ମୀଡୁଙ୍ଗୁରୀ ବସ୍ତିକୁ ଯାଇ ନାରାୟଣ ସେବା କରାଯାଇଥିଲା। କାର୍ଯ୍ୟକ୍ରମକୁ ସତ୍ୟସାଇ ସେବା ସମିତି, ସାରସ୍ୱତ କଲୋନୀ ବିକାଶ ସମିତିର କର୍ମକର୍ତ୍ତା ସାମିଲ ହୋଇଥିଲେ। ରବିବାର ଶିଶୁ ବିକାଶ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହେବ ବୋଲି ମନ୍ଦିର କମିଟି ପକ୍ଷରୁ କୁହାଯାଇଛି । କାର୍ଯ୍ୟକ୍ରମ ଆୟୋଜନରେ ମନ୍ଦିର ପ୍ରତିଷ୍ଠାତା ଦେବରାଜ ସ୍ୱାଇଁ, ହେମନ୍ତ ତ୍ରିପାଠୀ, ଜି ସାଇ କୃଷ୍ଣା, ସୁମନ୍ତ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

### ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଜନ୍ମବାର୍ଷିକୀ

**ସମ୍ବଲପୁର, ୯।୧୨ (ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଆର୍ଯ୍ୟସମାଜ ପକ୍ଷରୁ ଆର୍ଯ୍ୟ ସମାଜର ପ୍ରତିଷ୍ଠାତା ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଦୁଇଶହ ତମ ଜନ୍ମବାର୍ଷିକୀ ମହୋତ୍ସବ ଶନିବାର ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଲେନସ୍ଥିତ ଆର୍ଯ୍ୟସମାଜଠାରେ ପାଳିତ ହୋଇଯାଇଛି। ଆମସେନା ଗୁରୁକୁଳ ମହାବିଦ୍ୟାଳୟ ଅଧକ୍ଷ ସ୍ୱାମୀ ବ୍ରତାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଧ୍ୱଜା ଉତ୍ତୋଳନ ସହ ମହୋତ୍ସବର ଶୁଭାରମ୍ଭ ହୋଇଥିଲା। ପରେ ଯଜୁର୍ବେଦ ପାରାୟଣ ଯଜ୍ଞର ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଜୀବନୀ ଉପରେ ଏକ ଆଲୋଚନା ଚକ୍ର ହୋଇଥିଲା। ଏଥିରେ ପ୍ରଫେସର ଡମ୍ବରୁଧର ପଟ୍ଟନାଏକ, ପ୍ରଫେସର ମୀନକେତନ ପାଠୀ, ପ୍ରଫେସର ବସନ୍ତ କୁମାର ଦାଶ, ଡ. ରାଜକୁମାର ବଡ଼ପଣ୍ଡା, ଶିକ୍ଷାବିତ୍ ରାଜେନ୍ଦ୍ର ପଣ୍ଡା, ସ୍ୱାମୀ ବ୍ରତାନନ୍ଦ ସରସ୍ୱତୀ, ଆଚାର୍ଯ୍ୟ ବୃହସ୍ପତି, ଆଚାର୍ଯ୍ୟ କୃଷ୍ଣଦେବ ଶାସ୍ତ୍ରୀ, ଆଚାର୍ଯ୍ୟ ଯୋଗେନ୍ଦ୍ର ଉପାଧ୍ୟାୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ପ୍ରବଚନ କାର୍ଯ୍ୟକ୍ରମରେ ଆଚାର୍ଯ୍ୟ କୃଷ୍ଣଦେବ ଶାସ୍ତ୍ରୀ, ସ୍ୱାମୀ ବିଶୁଦ୍ଧାନନ୍ଦ ସରସ୍ୱତୀ, ପଣ୍ଡିତ ଧନୁର୍ଦ୍ଧର ମହାପାତ୍ର, ପଣ୍ଡିତ ଜେନାମଣି ବାରିକ ବେଦ ଓ ଯଜ୍ଞ ଶୀର୍ଷକରେ ଆଲୋଚନା କରିଥିଲେ।

# 'ଗାଁରୁ ଆରମ୍ଭକରି ସମଗ୍ର ଦେଶକୁ ମଜଭୁତ କରିବା'

## ବିକଶିତ ଭାରତ ସଂକଳ୍ପ ଯାତ୍ରାରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଆହ୍ୱାନ

**ସମ୍ବଲପୁର, ୯।୧୨ (ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ତବଲା ପଞ୍ଚାୟତର ମାଲଗୁଣ୍ଡରେ ଶନିବାର ବିକଶିତ ଭାରତ ସଂକଳ୍ପ ଯାତ୍ରାରେ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ସମସ୍ତଙ୍କୁ ସାଙ୍ଗରେ ନେଇ ଗାଁରୁ ଆରମ୍ଭ କରି ପୂରା ଦେଶକୁ ମଜଭୁତ କରିବା ପାଇଁ ଆହ୍ୱାନ କରିଥିଲେ।

ନାରୀଶକ୍ତି, ଯୁବଶକ୍ତି, କୃଷି ଶକ୍ତି ଓ ଗରିବ ଶକ୍ତି ଭାରତକୁ ବିକଶିତ କରିବା ଦିଗରେ ଅମୃତ କାଳର ଚାରିଟି ସ୍ତମ୍ଭ ବୋଲି ଧର୍ମେନ୍ଦ୍ର କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗ୍ୟାରେଣ୍ଟି ଜନତାଙ୍କ ଆସ୍ଥାଭାଜନ ହୋଇଥିବା ବେଳେ ଆମେ ସମସ୍ତେ ନିଜ ନିଜ କ୍ଷେତ୍ରରେ 'ବିକଶିତ ଭାରତ' ପାଇଁ ଯୋଗଦାନ ଦେବା ଦରକାର। ଏହାସହ ସମସ୍ତ ବର୍ଗର ଲୋକଙ୍କୁ ସ୍ୱାବଲମ୍ବୀ କରିବା ଏବଂ ସ୍ୱାଭିମାନ ସହକାରେ ବଞ୍ଚିବାର ସ୍ୱପ୍ନକୁ ସାକାର କରିବା ଦିଗରେ କାର୍ଯ୍ୟକରି ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବା ପାଇଁ ସଂକଳ୍ପ ନେବାକୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ।


ଜଣେ ହିତାଧିକାରୀଙ୍କୁ ଭେଟିବା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ବିକଶିତ ଭାରତ ସଂକଳ୍ପ ଯାତ୍ରା ଅନ୍ତର୍ଗତ ମୋଦି ଗ୍ୟାରେଣ୍ଟି ଗାଡ଼ି ଭାରତବର୍ଷର ଅନେକ ପଞ୍ଚାୟତରେ ପହଞ୍ଚି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର, ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ୍, ଗରିବ କଲ୍ୟାଣ ଅନ୍ନ ଯୋଜନାରେ ୨୦୨୯ ପର୍ଯ୍ୟନ୍ତ ମାଗଣା ଚାଉଳ, ସୌଭାଗ୍ୟ ଯୋଜନାରେ ପ୍ରତି ଘରକୁ ବିଜୁଳି, ଜନଧନ ଜରିଆରେ ବ୍ୟାଙ୍କଖାତାକୁ ଟଙ୍କା ଦେବାର ଗ୍ୟାରେଣ୍ଟି ସହ ସମସ୍ତ କଲ୍ୟାଣକାରୀ ଯୋଜନାର ସୁଫଳ ଯେପରି ନିର୍ଦ୍ଧାରିତ ସମୟରେ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରିବ ସେ ଦିଗରେ କାମ କରିବାକୁ ଧର୍ମେନ୍ଦ୍ର କହିଥିଲେ। ପରେ ସେ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ଭେଟି ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରେଙ୍ଗାଲି ବିଧାୟକ ନାଉରି ନାୟକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ମାନେଶ୍ୱର ବ୍ଲକ ଅଧକ୍ଷା ରୁକ୍ମିଣୀ ମହାନନ୍ଦ, ବିଡିଓ ପ୍ରଣବ କୁମାର ଚାନ୍ଦ ପ୍ରମୁଖ ଉପସ୍ଥିତ ରହିଥିଲେ।


ଶନିବାର ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବିଦ୍ୟାନଗରୀ ବୁର୍ଲାରେ ସୌନ୍ଦର୍ଯ୍ୟକରଣ ସକାଶେ ଶିଳ୍ପୀମାନେ କାନ୍ଥରେ ଚିତ୍ର ଅଙ୍କନ କରୁଛନ୍ତି।

## ଲୋକ ମହୋତ୍ସବ ଆଲୋଚନାଚକ୍ର ଉପସମିତି ବୈଠକ

**ସମ୍ବଲପୁର, ୯।୧୨ (ବି.ଶଙ୍କର)**

ସମ୍ବଲପୁର ଲୋକ ମହୋତ୍ସବ ଆଲୋଚନା ଚକ୍ର ଉପସମିତିର ବୈଠକ ଶନିବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଆବାହକ ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ଆଗାମୀ ଦିନରେ ସମ୍ବଲପୁର, କୁଚିଣ୍ଡା ଓ ରେଢ଼ାଖୋଲ ଉପଖଣ୍ଡରେ କିପରି ଆଲୋଚନା ଚକ୍ର ହେବ ସେ ନେଇ ରୂପରେଖ ପ୍ରସ୍ତୁତ ହୋଇଛି। ବୈଠକରେ ସଦସ୍ୟ ଲକ୍ଷ୍ମୀ ନାରାୟଣ ପଣ୍ଡା, ସୁରେଶ୍ୱର ଭୋଇ, ଗଦାଧର ନିଆଳ ନିଜସ୍ୱ ମତ ଉପସ୍ଥାପନ କରିଥିଲେ । ଶେଷରେ ଉପସମିତିର ସହ ଆବାହକ ଜୟକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ପ୍ରଚାର ପ୍ରସାର ଓ ଶୋଭାଯାତ୍ରା କମିଟି ବିଷୟରେ ପର୍ଯ୍ୟାଲୋଚନା କରଯାଇଥିଲା। ସମ୍ବଲପୁର ଲୋକ ମହୋତ୍ସବ –୨୦୨୪ ପ୍ରଚାରପ୍ରସାର ଏବଂ ଶୋଭାଯାତ୍ରା କମିଟି ଆବାହକ ରାହୁଲ ଗୁପ୍ତା ସଭାପତିତ୍ୱ କରିଥିଲେ । ଲୋକ ମହୋତ୍ସବ ପାଇଁ ସମ୍ବଲପୁର ସହରର ପ୍ରମୁଖ ଛକ ଓ ୯ ବ୍ଲକରେ ବ୍ୟାନର ପୋଷ୍ଟର ଲଗାଯିବାକୁ ସ୍ଥିର ହୋଇଛି। ଚଳିତବର୍ଷ ଶୋଭାଯାତ୍ରାକୁ ଆକର୍ଷଣୀୟ କରିବାକୁ ସକୀର୍ତ୍ତନ ଦଳ, ସମ୍ପ୍ରଦା, ଆଦିବାସୀ ନୃତ୍ୟ, ଶଙ୍ଖୁଆ ଘଣ୍ଟବାଦ୍ୟ, ଦୁଲଦୁଲି ଭଳି ପାରମ୍ପରିକ ଲୋକ କଳା, ଲୋକ ନୃତ୍ୟକୁ ପ୍ରାଧାନ୍ୟ ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଉପଆବାହକ ରାଜକୁମାର ଜାଲ, ଏ. ବେହେରା, ସୌମ୍ୟଜିତ ପଟ୍ଟନାୟକ, ସ୍ୱାଗତ ଦୀପ, ରାଜେଶ ସ୍ୱାଇଁ, କ୍ଷତିଶ ବାଗ ପ୍ରମୁଖ ଉପସ୍ଥିତି ଥିଲେ।

## ଜୁଆ ଆଡ୍ଡାରେ ଚଢ଼ାଉ, ୬ କୋର୍ଟ ଚାଲାଣ


ଗିରଫ ଅଭିଯୁକ୍ତମାନେ।

**ଜମନକିରା, ୯।୧୨ (ରବୀନ୍ଦ୍ର ଦାନି)**

ଜମନକିରା ଥାନା ବଲବସପୁର ଚାହାବାଗାନଠାରେ ଜୁଆଖେଳ ଉପରେ ପୋଲିସ ଚଢ଼ାଉ କରି ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କଦଳୀମୁଣ୍ଡାର ଶ୍ରୀକାନ୍ତ ବେହେରା (୪୪), ରାଧାକୃଷ୍ଣପଡ଼ାର ଗଣେଶ ସାହୁ (୪୩), ଜଗନ୍ନାଥପଡ଼ାର ସିକନ୍ଦର ମହାକୁଲ (୩୬), କଦଳିମୁଣ୍ଡାର ସଞ୍ଜୟ ମହାକୁଲ (୨୮), ବୁଦେଲକାନି ଗାଁର କୃଷ୍ଣଚନ୍ଦ୍ର ବାରିକ (୪୨) ଓ କୁଚିଣ୍ଡା ଥାନା ଖମାରବହାଲ ଗାଁର ନରେଶ ଧୁରୁଆ (୪୬)। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ପଦ୍ମାଳୟା ସାହୁ ପ୍ରକାଶ କରିଛନ୍ତି। ବିଶେଷ ସୂତ୍ରରୁ ଖବର ପାଇ ଜମନକିରା ଥାନା ଅଧିକାରୀ ଓ ପାଟ୍ରୋଲିଂ ଷ୍ଟାଫ ଶୁକ୍ରବାର ଉକ୍ତ ଜୁଆ ଆଡ୍ଡାରେ ଚଢାଉ କରିଥିଲେ। ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରି ସେମାନଙ୍କଠାରୁ ୨୨,୨୧୦ ଟଙ୍କା, ୩ ମୋବାଇଲ ଫୋନ, ୩ ମୋଟରସାଇକେଲ ଜବତ କରିଥିଲା। ଏ ସଂକ୍ରାନ୍ତରେ ଜମନକିରା ଥାନାରେ ଏକ ମାମଲା (ନଂ.୧୭୨/୨୩) ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

## ସ୍ନାତକ ମହାବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ

**ନାକଟିଦେଉଳ, ୯।୧୨ (ବୈକୁଣ୍ଠ ନାଥ ସାହୁ)**

ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ଆନୁକୂଲ୍ୟରେ ଚାଲିଥିବା ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ନଭେମ୍ବର ୨୦ରେ ନାକଟିଦେଉଳ ପଞ୍ଚାୟତ ସମିତି ଅଧକ୍ଷା ସ୍ୱରୂପାରାଣୀ ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ନାକଟିଦେଉଳ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଶରତ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି, ସମ୍ବଲପୁର ଜିଲା ନୂଆ-ଓ କାର୍ଯ୍ୟକ୍ରମ ସଂଯୋଜକ ପ୍ରାଧ୍ୟାପକ ଅଖିଳ କୁମାର ବିଶାଳ ମୁଖ୍ୟବକ୍ତା ଓ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗ ପ୍ରାଧ୍ୟାପକ ଡ. ଯୋଗେଶ୍ୱର ଭୋଇ, ନାକଟିଦେଉଳ ଜୋନ-୨ ଜିଲା ପରିଷଦ ସଭ୍ୟା ଟିକେଶ୍ୱରୀ ମେହେର, ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୧୭୫ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ୪୦୫ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦିଆଯାଇଥିଲା। ଶେଷରେ ଓଡ଼ିଆ ବିଭାଗର ଅଧାପିକା ପୁଷ୍ପାଞ୍ଜଳି ରବଣା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରିଥିଲେ।

## ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ


ସମ୍ବଲପୁରରେ ଆୟୋଜିତ ରାଷ୍ଟ୍ରୀୟ ଲୋକ ଅଦାଲତ।

**ସମ୍ବଲପୁର, ୯।୧୨ (ବି.ଶଙ୍କର)**

ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ଓ ସମ୍ବଲପୁର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ସମ୍ବଲପୁର ଜିଲା ସଦର ମହକୁମା ସମେତ କୁଚିଣ୍ଡା ଓ ରେଢ଼ାଖୋଲ କୋର୍ଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟରଯାନ ଦୁର୍ଘଟଣା ଜନିତ ୧୮ ମାମଲାର ସମାଧାନ କରାଯାଇ କ୍ଷତିପୂରଣ ବାବଦକୁ ୯୯,୪୭,୦୦୦ ଟଙ୍କା ଦେବା ପାଇଁ ବୀମା କମ୍ପାନୀକୁ ଆଦେଶ ଦିଆଯାଇଛି। ଲୋକ ଅଦାଲତରେ ୪୧୧ଟି ଫୌଜଦାରୀ ମୋକଦ୍ଦମା, ୧୦୬ଟି ଏନ୍ଆଇ ଆକ୍ଟ ଫଇସଲା କରାଯାଇ ୧,୯୭,୮୨,୯୯୦.୪୫ ଟଙ୍କା ଦେବାପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ରାଜସ୍ୱ ବିଭାଗରେ ୩୮୦୮ ଗୋଟି ମାମଲାର ସମାଧାନ କରାଯାଇ ୨୬,୨୦,୬୯୬ ଟଙ୍କାର ଜରିମାନା ଆଦାୟ କରାଯାଇଛି। ସମ୍ବଲପୁରରେ ଜିଲା ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଦ୍ୱିତୀୟ ଏମ୍ଏସିଟି ଜଜ୍ ଲୋକନାଥ ମହାପାତ୍ର, ଫ୍ୟାମିଲି କୋର୍ଟ ଜଜ୍ ସତ୍ୟ ନାରାୟଣ କର ପ୍ରମୁଖ ବିଭିନ୍ନ ମୋଟରଯାନ ଦୁର୍ଘଟଣା, ପରିବାର ସମ୍ପର୍କୀୟ ମୋକଦ୍ଦମାର ସମାଧାନ କରିଥିଲେ। ଜଜ୍ ସୁଚରିତା ମହାନ୍ତି, ଆରାଧନା ଷଡ଼ଙ୍ଗୀ, ଗାର୍ଗୀ ପଟ୍ଟନାୟକ, ପାର୍ଥ ପଟ୍ଟନାୟକ, ବିଶ୍ୱଦିପକ ସାହୁ, ମନୋଜ କୁମାର ଦାଶ ମହାପାତ୍ର ଏବଂ ସିଦ୍ଧାନ୍ତ ମିଶ୍ର ମାମଲାଗୁଡିକ ପରିଚାଳନା କରିଥିଲେ। ସେହିପରି କୁଚିଣ୍ଡା ଓ ରେଢ଼ାଖୋଲଠାରେ ଉପଖଣ୍ଡସ୍ତରୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। କୁଚିଣ୍ଡାରେ ଅତିରିକ୍ତ ଜିଲାଜଜ୍ ରାଜକିଶୋର ଲେଙ୍କା ଓ ରେଢ଼ାଖୋଲଠାରେ ଅତିରିକ୍ତ ଜିଲା ଜଜ୍ ଦୀପ୍ତିପ୍ରକାଶ ବ୍ରହ୍ମ ଅଧକ୍ଷତା କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସୌମ୍ୟ ପ୍ରଧାନ, ରେଜିଷ୍ଟ୍ରାର ସୁଭେନ କାନୁନ୍‌ଗୋ ସମ୍ବଲପୁରଠାରେ ଆୟୋଜିତ ଲୋକ ଅଦାଲତକୁ ପରିଚାଳନା କରିଥିଲେ।

## କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷଙ୍କ ବଦଳି ଦାବି କଲା ଅଭିଭାବକ ସଂଘ

**ସମ୍ବଲପୁର, ୯।୧୨ (ଭବାନୀ ଶଙ୍କର ଭୋଇ)**

କେନ୍ଦ୍ରୀୟ ବିଦ୍ୟାଳୟ ନଂ.୧ ସମ୍ବଲପୁରରେ ଗତ ୩୦ ତାରିଖରେ ଘଟିଥିବା ଅଭାବନୀୟ ଘଟଣାରେ ଅଭିଯୁକ୍ତ ଶିକ୍ଷକଙ୍କୁ ଦଣ୍ଡବିଧାନ ସହ ବିଦ୍ୟାଳୟ ଅଧକ୍ଷଙ୍କୁ ତଦନ୍ତ ପରିସର ଭୁକ୍ତ କରି ତୁରନ୍ତ ବଦଳି କରିବା ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଶନିବାର ଅଭିଭାବକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। କେନ୍ଦ୍ରମନ୍ତ୍ରୀଙ୍କ ସମ୍ବଲପୁର ଗସ୍ତ ଅବସରରେ ବୁର୍ଲାସ୍ଥିତ ଏମ୍ସିଏଲ୍ ଅତିଥି ଭବନରେ ଅଭିଭାବକ ସଂଘ ସଭାପତି ସରୋଜ ଦେଓଙ୍କ ନେତୃତ୍ୱରେ ଅଭିଭାବକମାନେ ବିଦ୍ୟାଳୟର ବିଭିନ୍ନ ପ୍ରସଙ୍ଗ ଉପରେ ତାଙ୍କସହ ଆଲୋଚନା କରିବା ସହ ବିଦ୍ୟାଳୟର ଇଂରାଜୀ ଶିକ୍ଷକଙ୍କ ବିରୋଧରେ ଅବଗତ କରିଥିଲେ।

କେନ୍ଦ୍ରୀୟ ବିଦ୍ୟାଳୟ ନଂ.୧ ଅଧକ୍ଷଙ୍କ ଅସହଯୋଗ ଯୋଗୁ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥା ଭୁଶୁଡି ପଡିଥିବା ଅଭିଭାବକମାନେ ଅଭିଯୋଗ କରିଥିଲେ। ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ପୂର୍ବରୁ ମଧ୍ୟ ବିଦ୍ୟାଳୟର ଅଧକ୍ଷଙ୍କୁ ଛାତ୍ରୀମାନେ ଅଭିଯୋଗ କରିଥିଲେ। ମାତ୍ର ସେ ଏହାକୁ କର୍ଣ୍ଣପାତ କରି ନ ଥିବାରୁ ଏଭଳି ଘଟଣା ଘଟିଥିବା ନେଇ ଅଭିଭାବକମାନେ ଦର୍ଶାଇଥିଲେ। କେନ୍ଦ୍ରମନ୍ତ୍ରୀ ଏକ ଉଚ୍ଚସ୍ତରୀୟ କମିଟି ଦ୍ୱାରା ଘଟଣାର ତଦନ୍ତ ଚାଲୁଥିବା ବେଳେ ସମ୍ପୃକ୍ତ ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅଭିଭାବକ ସଂଘ ପ୍ରତିନିଧି ମଣ୍ଡଳୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ସାକ୍ଷାତ ଆଲୋଚନା ସମୟରେ ଅଭିଭାବକ ସରୋଜ ସାହୁ, ଦୁଲାଲ ଚନ୍ଦ୍ର ରାୟ, ସୁଧାଂଶୁ ଶେଖର ମହାରଣା, ସୁଶାନ୍ତ ମହାପାତ୍ର, ଶ୍ରୀମନ୍ତ ପଣ୍ଡା, ଭାରତୀ ସାହୁ, ମୁନମୁନ ମାଝି, ମଞ୍ଜୁଲତା ମିର୍ଦ୍ଧା, ଅଶୋକ କୁମାର ମିଶ୍ର, ପ୍ରଫୁଲ୍ଲ ମିର୍ଦ୍ଧା, ଗୋପାଳଜୀ ପାଢ଼ୀ, କୈଳାଶ ସେଠ୍, ରବି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିକଶିତ ଭାରତ ସଂକଳ୍ପ ଯାତ୍ରାକୁ ଭବ୍ୟ ସ୍ୱାଗତ

**କୁଚିଣ୍ଡା, ୯।୧୨ (ବିରଞ୍ଚି ଦର୍ଶୀ)**

କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା ନିମନ୍ତେ ବିକଶିତ ଭାରତ ସଂକଳ୍ପ ଯାତ୍ରା ବାମରା ବ୍ଲକରେ ପରିକ୍ରମା କରୁଛି। ଏହି ଯାତ୍ରାକୁ ବିଭିନ୍ନ ଗାଁ ରାସ୍ତାରେ ରଙ୍ଗୋଲି, ଝୋଟି, କଳସ ସ୍ଥାପନ କରି ସଂକୀର୍ତ୍ତନ ମାଧ୍ୟମରେ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ବାମରା ବ୍ଲକ କେଶାଇବାହାଲ ଓ କବରିବାହାଲ ପଞ୍ଚାୟତରେ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। କେଶାଇବାହାଲ ସଭାରେ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

ସିଆର୍ସିସି ସଞ୍ଜୟ କୁମାର ପଟେଲ ଓ କବରିବାହାଲରେ ସରପଞ୍ଚ ଭଗିନ୍ଦ୍ର କିଷାନ ସଭା ପରିଚାଳନା କରିଥିଲେ। ଉଭୟ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ପିଙ୍କି ଧୁରୁଆ, ଉପାଧକ୍ଷ ସଞ୍ଜୟ କୁମାର ଦାସ, ବିଡ଼ିଓ ପୁଷ୍ପକ ପ୍ରଧାନ, ଡବ୍ଲ୍ୟୁଇଓ ରଞ୍ଜନ ରାମ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଏଲ୍ଇଡି ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସମିତିସଭ୍ୟ ଦୁର୍ଯ୍ୟୋଧନ ମୁଣ୍ଡା, ନାଏବ ସରପଞ୍ଚ ବିଳାଶ କିଷାନ, ପିଇଓ ଶିବନାଥ ପଟେଲ, ଜିଆର୍ଏସ୍ ଗଣେଶ ପିଙ୍ଗ ପ୍ରମୁଖ ସହଯୋଗ କରିଥିଲେ। ଏହି ଉପଲକ୍ଷେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ଅଙ୍ଗନୱାଡି, ଆଶା କର୍ମୀ, ସିଆର୍ପି, ଏମ୍ବିକେ ସ୍ୱେଚ୍ଛାସେବୀ ସଂଗଠନ କର୍ମକର୍ତ୍ତା ରାଷ୍ଟ୍ର ଏକତା, ଅଖଣ୍ଡତା ସମ୍ପର୍କିତ ସାମୂହିକ ଶପଥ ପାଠ କରିଥିଲେ। ପରେ କୁନି କୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସମ୍ମିଳନୀ

**ନାକଟିଦେଉଳ, ୯।୧୨ (ବୈକୁଣ୍ଠ ନାଥ ସାହୁ)**

ନାକଟିଦେଉଳ ବ୍ଲକ ଗିରିଶ୍ଚନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ବ୍ଲକସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର ସଭାପତିତ୍ୱ କରିଥିଲେ। ବ୍ଲକର ସମସ୍ତ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୋଗଦେଇ ୫-ଟି ଅଧୀନରେ ଥିବା ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ୫-ଟି ଅଧୀନରେ ଥିବା ସମସ୍ତ ଉଚ୍ଚବିଦ୍ୟାଳୟର ଇ-ଲାଇବ୍ରେରି, କ୍ରୀଡ଼ା, ବିଭିନ୍ନ ହାଉସ ସିଷ୍ଟମ ଏବଂ କ୍ଲବ ଗୁଡ଼ିକ ବିଷୟରେ ଆଲୋଚନା ହୋଇଥିଲା। ଏଥିସହିତ ୫-ଟି ଉଚ୍ଚବିଦ୍ୟାଳୟ ଗୁଡ଼ିକରେ ଶିକ୍ଷଣ ବ୍ୟବସ୍ଥା କିପରି ସୁଦୃଢ ହେବ ସେ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ସମ୍ମିଳନୀରେ ସରାପାଲି ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ମାଝି, ପବିତ୍ର ମୋହନ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ହୀରାଲାଲ ଧଳ, କୁଞ୍ଜାମୁରା ସାଲେଇଢିପ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ସଞ୍ଜୀବ କୁମାର ଦୋରା, ସାଲେଭଟା ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅମିୟ କୁମାର ପ୍ରଧାନ, ଘୋଷରାମାଳ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ କ୍ଷୀତିଚନ୍ଦ୍ର ବିଶ୍ୱାଳ, ବଳମ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେଶ କୁମାର ପ୍ରଧାନ, ଗୋଗୁଆ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଗିରିଶ୍ଚନ୍ଦ୍ରପୁର ଉଚ୍ଚବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୦ରୁ ଅମଲାଙ୍କ ଆନ୍ଦୋଳନ ଚେତାବନୀ

**ସମ୍ବଲପୁର, ୯।୧୨ (ପ୍ରମୋଦ ବହିଦାର)**

ଆସନ୍ତା ଡିସେମ୍ବର ୧୯ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ୨୦ରୁ ସମ୍ବଲପୁର ଜିଲା ଅମଲାମାନେ ପୁଣି କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଶନିବାର ଜିଲା ଶିକ୍ଷା ବିଭାଗ କାର୍ଯ୍ୟାଳୟ ସଭାଗୃହରେ ଜିଲା ଅମଲା ମଞ୍ଚର ଆବାହକ ପ୍ରହ୍ଲାଦ ରୋହିଦାସଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ଏକ ଜରୁରୀ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏଥିରେ ମିଳିତ ଅମଲା ମଞ୍ଚ ଅଧକ୍ଷ ମାନସ ମହାନ୍ତି, ଓଡ଼ିଶା ଅମଲା ସଂଘର ଯୁଗ୍ମ ସମ୍ପାଦକ ହିମାଂଶୁ ଶେଖର ବିଶ୍ୱାଳ, ଅମଲା ସଂଘ ସଭାପତି ସୁବ୍ରତ ପ୍ରଧାନ, କୋଷାଧକ୍ଷ ମହମ୍ମଦ ସାହିଦ ହୁସେନ୍, ଦିବ୍ୟଲୋଚନ ବଡ଼େଇ, ଅନୀଲ ପ୍ରଧାନ, ପ୍ରଶାନ୍ତ ପାଣ୍ଡେ, ସୁଜିତ ସ୍ୱାଇଁ, ସଞ୍ଜୟ ଦେହୁରି, ଯଦିମଣି ଶତପଥି,


ବୈଠକରେ ଯୋଗଦେଇଥିବା ଅମଲାମାନେ।

ଦାମୋଦର ପଣ୍ଡା, ସନ୍ଦିପ ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏକମାତ୍ର ଦାବି ଅମଲାଙ୍କ ବେତନ ଲେବୁଲ ୪ରୁ ଲେବୁଲ ୯କୁ ବୃଦ୍ଧି ପାଇଁ ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇ ଏପର୍ଯ୍ୟନ୍ତ ପୂରଣ ହୋଇନାହିଁ। ସରକାରଙ୍କ ଏଭଳି ଟାଳଟୁଳ ନୀତିକୁ ମଞ୍ଚ ପକ୍ଷରୁ ନିନ୍ଦା କରାଯାଇଥିଲା। ଉକ୍ତ ନ୍ୟାଯ୍ୟ ଦାବିକୁ ପୂରଣ କରା ନ ଗଲେ ୨୦ରୁ ଅମଲାମାନେ ସାମୂହିକ ଛୁଟିରେ ଯାଇ ଅନିର୍ଦ୍ଧିଷ୍ଟକାଳ ପର୍ଯ୍ୟନ୍ତ ଆନ୍ଦୋଳନରେ ସାମିଲ ହେବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦିଆଯାଇଛି।

# ବିଶାଳ ସ୍କୋର ଅଭିମୁଖେ ହାଇଦ୍ରାବାଦ

## କୁଚ୍ ବିହାର ଟ୍ରଫି

ବରଗଡ଼,୯।୧୨(ପ୍ରେମାନନ୍ଦ ଖମାରୀ)

ସ୍ଥାନୀୟ କ୍ରିଷ୍ଣା ବିକାଶ ଗ୍ରାଉଣ୍ଡରେ ଚାଲିଥିବା ଓଡ଼ିଶା ବିପକ୍ଷ ୧୯ବର୍ଷରୁ କମ୍ କୁଚ୍ ବିହାର ଟ୍ରଫି କ୍ରିକେଟ ଏଲିଟ୍ ଗ୍ରୁପ୍ ଲିଗ୍ ମ୍ୟାଚ୍‌ରେ ହାଇଦ୍ରାବାଦ ବିଶାଳ ସ୍କୋର ଆଡ଼କୁ ଅଗ୍ରସର ହୋଇଛି। ଦଳ ଶନିବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୬ଉଇକେଟ ବିନିମୟରେ ୪୦୩ ରନ କରିଛି। ହାଇଦ୍ରାବାଦ ପ୍ରଥମ ଦିବସର ଅସମାପ୍ତ ସ୍କୋର ୪୯/୧ରୁ ଖେଳ ଆରମ୍ଭ କରିଥିଲା।

ୱାଫି କାଚ୍ଛି ଡାଇମଣ୍ଡ ଏବଂ ଆର୍. ଅଲଙ୍କ୍ରିତ ଓଡ଼ିଶା ବୋଲରଙ୍କ ଉପରେ ଆଧିପତ୍ୟ ବିସ୍ତାର କରି ରନ ସଂଗ୍ରହ କରି ଚାଲିଥିଲେ। ଶନିବାର ଖେଳରେ ପ୍ରଥମେ ୱାଫି କାଚ୍ଛିଙ୍କ ଉଇକେଟ ପତନ ଘଟିଥିଲା। ଓଡ଼ିଶାର ଦ୍ରୁତ ବୋଲର ସମ୍ବିତ ବେଜାଙ୍କ ବଲ୍‌ରେ ସେ ଶିକାର ହୋଇଥିଲେ। ଏହାପରେ ଅଲଙ୍କ୍ରିତଙ୍କ ସହ ଆର୍‌ବାଜ୍ ବେଗ୍ ଯୋଗଦେଇଥିଲେ। ସେ ୫ଚୌକା ସହିତ ୫୨ରନ କରି ସାର୍ଥକ ପଣ୍ଡାଙ୍କ ବଲରେ ଆଉଟ୍ ହୋଇଥିଲେ। ଏହାପରେ ହାଇଦ୍ରାବାଦ ଦଳର ଅଧିନାୟକ ଏସ୍. ଧୀରଜ ଗୌଡ଼ ଅରବାଜ ବ୍ୟାଗ୍‌ଙ୍କ ସହିତ ଦଳ ପାଇଁ ଏକ ବଡ଼ ପାର୍ଟନରଶିପ୍ କରିଥିଲେ। ଅରବାଜ୍ ୧୯୦ବଲ୍ ଖେଳି ୧୦ଚୌକା, ୩ଛକା ସହିତ ୧୦୯ ରନ କରି ଆଉଟ ହୋଇଯାଇଥିଲେ। ଧୀରଜ କିନ୍ତୁ କ୍ରିଜ୍‌ରେ ଜମି ରହିଥିଲେ। ସେ ଶନିବାର ଖେଳ ଶେଷସୁଦ୍ଧା ୧୮୭ବଲର ସାମ୍ନା କରି ୮ଚୌକା, ୧୧ଛକା ସହିତ ୧୫୩ରନ କରି ଅପରାଜିତ ରହିଥିଲେ। ଧୀରଜ ଓ ଅରବାଜଙ୍କ ମଧ୍ୟରେ ଚତୁର୍ଥ ଉଇକେଟ୍ ଯୋଡ଼ିରେ ୨୩୭ ରନର ପାର୍ଟନରଶିପ୍ ହୋଇଥିଲା। ଷ୍ଟମ୍ପ ଅପସାରଣ ବେଳକୁ ହାଇଦ୍ରାବାଦ ୬ଉଇକେଟ୍ ହରାଇ ୪୦୩ ରନ ସଂଗ୍ରହ କରିଥିଲା। ଓଡ଼ିଶା ପକ୍ଷରୁ ଶ୍ରୀରାଜ ପଟ୍ଟନାୟକ ଓ ମହମ୍ମଦ ସୋହେଲ ଖାଁ ୨ଟି ଲେଖାଏ ଉଇକେଟ ନେଇଥିବା ବେଳେ ସମ୍ବିତ ବେଜା ଏବଂ ସାର୍ଥକ ପଣ୍ଡା ଗୋଟିଏ ଲେଖାଏ ଉଇକେଟ ପାଇଥିଲେ। ବିସିସିଆଇ ଅମ୍ପାୟର ପ୍ରେମଦୀପ ଚାଟାର୍ଜୀ, ରବିଶଙ୍କର ମ୍ୟାଚ୍ ପରିଚାଳନା କରିଥିଲେ। ପରମବୀର ସିଂ, ଅମିତ ତିୱାରୀ ଅନ୍‌ଲାଇନ ସ୍କୋରର ଏବଂ ସଞ୍ଜୟ କୁମାର, ଅମିତ କୁମାର ଭିଡିଓ ଆନାଲିଷ୍ଟ ଦାୟିତ୍ୱ ତୁଲାଇଥିଲେ।

# ଆଫ୍ରିକା ଚ୍ୟାଲେଞ୍ଜ ପାଇଁ ପ୍ରସ୍ତୁତ ଭାରତ

ଡର୍ବାନ୍,୯।୧୨(ପି.ଟି.)

ରବିବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଟି୨୦ ମ୍ୟାଚ ଖେଳାଯିବାକୁ ଥିବାବେଳେ ଆଫ୍ରିକୀୟ ପରିବେଶର ଚ୍ୟାଲେଞ୍ଜ ପାଇଁ ପ୍ରସ୍ତୁତ ରହିଛି ଭାରତୀୟ ଯୁବ ଦଳ। ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ ପୁନର୍ବାର ସୂର୍ଯ୍ୟକୁମାର ଯାଦବ ଭାରତୀୟ ଦଳର ନେତୃତ୍ୱ ନେଉଛନ୍ତି। ଟି୨୦ରେ ଦଳ ଚୟନକୁ ନେଇ ଏବେ ବି ଭାରତୀୟ ମ୍ୟାନେଜମେଣ୍ଟ ଆଶଙ୍କାରେ ରହିଛି। ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଟି୨୦ ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ରହିଥିବା ବେଳେ ଯଶ୍‌ପ୍ରୀତ୍ ବୁମ୍‌ରା ବର୍ତ୍ତମାନ ବିଶ୍ରାମ ନେଉଛନ୍ତି। ଏହି ୩ ଖେଳାଳି ପ୍ରତ୍ୟାବର୍ତ୍ତନ କଲେ ଦଳର ସମୀକରଣ ସମ୍ପୂର୍ଣ୍ଣ ଭାବରେ ବଦଳିଯିବ।

ଚଳିତ ସିରିଜରେ ଭାରତ ପାଇଁ ବଡ ସମସ୍ୟା ରହିବ ଏହାର ବ୍ୟାଟିଂ କମ୍ବିନେଶନ। ଭାରତ ୧୭ ଖେଳାଳିଙ୍କୁ ନେଇଛି। ଏହା ମଧ୍ୟରୁ ଇଶାନ୍ କିଶନ୍, ଶ୍ରେୟସ୍ ଆୟର ଓ ମୁକେଶ କୁମାର ଦିନିକିଆ ଦଳରେ ସାମିଲ ଅଛନ୍ତି। ଯଶସ୍ୱୀ ଜୟସ୍ୱାଲ ଟି୨୦ ଦଳ ପାଇଁ ପ୍ରଥମ ପସନ୍ଦର ଓପନର ହୋଇଥିବା ବେଳେ ଦ୍ୱିତୀୟ ଖେଳାଳି ଭାବରେ ଶୁବମନ ଗିଲ୍‌ଙ୍କୁ ସାମିଲ କରାଯିବ। ତେବେ ଅଷ୍ଟ୍ରେଲିଆ ବିପକ୍ଷରେ ଶତକ ହାସଲ କରିଥିବା ଋତୁରାଜ ଗାଏକ୍ୱାଡ ମଧ୍ୟ ଦଳରେ ସ୍ଥାନ ପାଇବା ପାଇଁ ଦୃଢ ଦାବିଦାର ଉପସ୍ଥାପନ କରିଛନ୍ତି। ଯଦି ଏହି ୩ ଖେଳାଳି ଦଳରେ ସ୍ଥାନ ପାଇବେ ତେବେ ୪ନମ୍ବର ସ୍ଥାନ ପାଇଁ ସୂର୍ଯ୍ୟକୁମାର ଯାଦବ ଅଟୋମେଟିକ୍ ଚଏସ୍ ରହିବେ। ୫ ନମ୍ବର ସ୍ଥାନରେ ଶ୍ରେୟସ୍ ଆୟର ଖେଳିବା ସ୍ପଷ୍ଟ ଥିବା ବେଳେ ୬ ନମ୍ବର ସ୍ଥାନରେ ଇଶାନ କିଶନ ଓ ଜିତେଶ ଶର୍ମାଙ୍କ ମଧ୍ୟରୁ ଜଣେ ଖେଳିବେ।

**ମ୍ୟାଚ୍ ସ୍ଥାନ: ଡର୍ବାନ୍**
**ସମୟ: ସନ୍ଧ୍ୟା ୭.୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ନ୍ୟୁଜିଲାଣ୍ଡକୁ ଜିତାଇଲେ ଫିଲିପ୍ସ, ସାଣ୍ଟନର

ମୀରପୁର, ୯।୧୨ (ଏପି)

ସ୍ଥାନୀୟ ଶେର୍ ବାଂଲା ନ୍ୟାଶନାଲ ଷ୍ଟାଡିୟମରେ ଅନୁଷ୍ଠିତ ବର୍ଷାରେ ପ୍ରଭାବିତ ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚରେ ନ୍ୟୁଜିଲାଣ୍ଡ ୪ଉଇକେଟରେ ବାଂଲାଦେଶକୁ ପରାସ୍ତ କରିବା ଦ୍ୱାରା ଦୁଇ ମ୍ୟାଚ ବିଶିଷ୍ଟ ସିରିଜ ୧-୧ ବରାବରରେ ଶେଷ ହୋଇଛି। ଗ୍ଲେନ ଫିଲିପ୍ସ ଓ ମିଚେଲ ସାଣ୍ଟନରଙ୍କ ଚମତ୍କାର ବ୍ୟାଟିଂ ଯୋଗୁ ଭ୍ରମଣକାରୀ ଦଳ ଏକ କଷ୍ଟସାଧ ଉଇକେଟରେ ୧୩୭ ରନର ବିଜୟ ଲକ୍ଷ୍ୟକୁ ହାସଲ କରିବାରେ ସମର୍ଥ ହୋଇଥିଲା। ସପ୍ତମ ଉଇକେଟରେ ଫିଲିପ୍ସ ଓ ସାଣ୍ଟନରଙ୍କ ମଧ୍ୟରେ ୭୦ ରନର ପାର୍ଟନରଶିପ୍ ଯୋଗୁ ଏକଦା ୬୯/୬ ସ୍କୋରରେ ସଂଘର୍ଷ ଚଳାଇଥିବା ନ୍ୟୁଜିଲାଣ୍ଡ ଚତୁର୍ଥ ଦିବସରେ ୬ ଉଇକେଟ ବିନିମୟରେ ୧୩୯ ରନ କରି ମ୍ୟାଚ ଜିତିନେଇଥିଲା। ୨୦୦୮ ପରଠାରୁ ବାଂଲାଦେଶ ମାଟିରେ ନ୍ୟୁଜିଲାଣ୍ଡର ଏହା ପ୍ରଥମ ବିଜୟ। ଘରୋଇ ଦଳ ପ୍ରଥମ ଟେଷ୍ଟ ମ୍ୟାଚ ୧୫୦ ରନରେ ବିଜୟ ହାସଲ କରି ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ସିରିଜ ଜିତିବା ଲକ୍ଷ୍ୟରେ ରହିଥିଲା। ପ୍ରଥମ ଇନିଂସରେ ୭୨ ବଲରୁ ୮୭ ରନ କରିଥିବା ଫିଲିପ୍ସ ଅଫ୍‌ସ୍ପିନର ମେହିଦି ହସନଙ୍କ ବଲ୍‌କୁ କଭର ଅଞ୍ଚଳରେ ଚୌକା ମାରି ଦଳକୁ ଜିତାଇଥିଲେ। ସେ ୪୮ ବଲ୍‌ରୁ ୪୦ ରନ କରି ଅପରାଜିତ ଥିଲେ। ତନ୍ମଧ୍ୟରେ ତାଙ୍କର ୪ ଚୌକା ଓ ଗୋଟିଏ ଛକା ସାମିଲ ଥିଲା। ଅନ୍ୟପକ୍ଷରେ ସାଣ୍ଟନର ୩ ଚୌକା ଓ ଗୋଟିଏ ଛକା ସହ ୩୯ ବଲ୍‌ରୁ ୩୫ ରନ କରି ଅପରାଜିତ ରହିଥିଲେ। ସକାଳେ ପୂର୍ବରୁ ବାଂଲାଦେଶ ଏହାର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୩୮/୨ରୁ ଖେଳ ଆରମ୍ଭ କରି ୧୪୪ ରନରେ ଅଲଆଉଟ ହୋଇଯାଇଥିଲା। ଏଥି ସହିତ ଦଳ ନ୍ୟୁଜିଲାଣ୍ଡ ପାଇଁ ୧୩୭ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ନ୍ୟୁଜିଲାଣ୍ଡର ସଫଳ ବୋଲର ବାମହାତୀ ସ୍ପିନର ଏଜାଜ ପଟେଲ ୫୭ ରନ ବିନିମୟରେ ୬ ଉଇକେଟ ଅକ୍ତିଆର କରିଥିଲେ। ଗ୍ଲେନ ଫିଲିପ୍ସ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିବା ବେଳେ ତାଇଜୁଲ ଇସ୍‌ଲାମ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ବାଂଲାଦେଶ ପ୍ରଥମ ଇନିଂସ: ୧୭୨।**

**ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୧୮୦।**

**ବାଂଲାଦେଶ ଦ୍ୱିତୀୟ ଇନିଂସ: ୧୪୪** (ଜାକିର ହସନ-୫୯, ନଜମୁଲ ହୁସେନ ଶାନ୍ତୋ-୧୫; ଏଜାଜ ପଟେଲ-୬/୫୭, ସାଣ୍ଟନର-୩/୫୧, ସୌଦି-୧/୨୫)।

**ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ:** ୧୩୯/୬ (ଗ୍ଲେନ ଫିଲିପ୍ସ-୪୦*, ମିଚେଲ ସାଣ୍ଟନର-୩୫*; ମେହିଦି ହସନ ମିରାଜ-୩/୫୨, ତାଇଜୁଲ ଇସ୍‌ଲାମ-୨/୫୮)।





































# ଆଜି ଇଷ୍ଟବେଙ୍ଗଲକୁ ଭେଟିବ ସ୍ପୋର୍ଟ୍ସ ଓଡ଼ିଶା

ଭୁବନେଶ୍ୱର,୯।୧୨
(ସରୋଜ କୁମାର ଜେନା)

ପରିବର୍ତ୍ତିତ ରୂପ ସହିତ ଇଣ୍ଡିଆନ ଓମେନ୍ସ ଲିଗ୍‌ର ସପ୍ତମ ସଂସ୍କରଣ ଆରମ୍ଭ ହୋଇଥିବା ବେଳେ ରବିବାର ଇଷ୍ଟ ବେଙ୍ଗଲକୁ ଭେଟିବ

## ଇଣ୍ଡିଆନ ଓମେନ୍ସ ଲିଗ୍

ସ୍ପୋର୍ଟ୍ସ ଓଡ଼ିଶା। କ୍ୟାପିଟାଲ ଫୁଟ୍‌ବଲ ଆରେନାରେ ଏହି ମ୍ୟାଚ୍‌ଟି ରବିବାର ଅପରାହ୍ନ ୩ଟାରେ ଖେଳାଯିବ। ମ୍ୟାଚ୍ ପୂର୍ବରୁ ଶନିବାର ଏକ ଖବରଦାତା ସମ୍ମିଳନୀରେ କୋଚ୍ ପାରୋମିତା ସିର୍ ଓ ଅଧିନାୟିକା ମୁନିକା ମିଞ୍ଜ ଯୋଗ ଦେଇଥିଲେ। ଚଳିତ ସିଜନରେ ଦଳର ପ୍ରସ୍ତୁତି ଠିକ୍‌ଠାକ୍ ରହିଥିବା ବେଳେ ଉନ୍ନତ ପ୍ରଦର୍ଶନ କରିବା ନେଇ କୋଚ୍ ଦୃଢୋକ୍ତି ପ୍ରକାଶ କରିଥିଲେ। ଚଳିତ ସିଜନରେ ପ୍ରଥମ ଥର ପାଇଁ ଇଣ୍ଡିଆନ୍ ଓମେନ୍ସ ଲିଗ ହୋମ୍ ଓ ଆୱେ ଫର୍ମାଟରେ ଖେଳାଯିବ। ପ୍ରତ୍ୟେକ ଦଳ ପରସ୍ପର ସହିତ ୨ ଥର ଲେଖାଏ ଖେଳିବେ। ୮ ଡିସେମ୍ବରରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟ ମାର୍ଚ୍ଚ ୨୪, ୨୦୨୪ ଯାଏ ଖେଳାଯିବ।

ସ୍ପୋର୍ଟ୍ସ ଓଡ଼ିଶା ବିଗତ ବର୍ଷରେ କ୍ୱାର୍ଟର ଫାଇନାଲରୁ ପରାଜିତ ହୋଇଥିବା ବେଳେ ଚଳିତ ବର୍ଷ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ପ୍ରୟାସ କରିବ ବୋଲି କୋଚ୍ ପାରୋମିତା ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଦଳର ସମସ୍ତ ଖେଳାଳିଙ୍କୁ ଏକାଠି ପ୍ରସ୍ତୁତି ପାଇଁ ଅଧିକ ସମୟ ମିଳି ନ ଥିଲେ ମଧ୍ୟ ଏହି ଟୁର୍ନାମେଣ୍ଟଟି ୪ ମାସ ଯାଏ ଖେଳାଯିବ। ଲମ୍ବା ସମୟ ଦଳକୁ ସଙ୍ଗଠିତ କରିବା ପାଇଁ ଯଥେଷ୍ଟ ହେବ ବୋଲି କୋଚ୍ କହିଥିଲେ। ସେହିପରି ଦଳରେ ଚଳିତ ଥର ନେପାଳ ଜାତୀୟ ଦଳର ଦୁଇ ଜଣ ଖେଳାଳି ରହିଥିବା ବେଳେ ଏହା ଆମକୁ ଫାଇଦାରେ ରଖିବ ବୋଲି ପାରୋମିତା ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଦଳର ସମସ୍ତ ଖେଳାଳି କଠିନ ପରିଶ୍ରମ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇ ଦୃଢ ଆରମ୍ଭ କରିବୁ ବୋଲି କହିଥିଲେ ମୁନିକା। ସେହିପରି ଓଡ଼ିଶାରେ କ୍ରୀଡା ଭିତ୍ତିଭୂମିର ଉନ୍ନତି ପାଇଁ କ୍ରୀଡା ସଚିବ ଆର. ଭିନିଲ କ୍ରିଷ୍ଣାଙ୍କୁ ପ୍ରଶଂସା କରିଥିଲେ ପାରୋମିତା।


ଖବରଦାତା ସମ୍ମିଳନୀରେ ଉଭୟ ଦଳର ଅଧିନାୟିକା ଓ କୋଚ୍।

# ସବ୍‌ଜୁନିୟର ରଗ୍‌ବୀ: କ୍ୱାର୍ଟର ଲାଇନଅପ୍ ଚୂଡ଼ାନ୍ତ

ଭୁବନେଶ୍ୱର,୯।୧୨(ସରୋଜ କୁମାର ଜେନା)

ମୟୁରଭଞ୍ଜ ଜିଲା ରଗବୀ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ୩ ଦିନିଆ ରାଜ୍ୟ ସବ୍ ଜୁନିୟର ରଗ୍‌ବୀ ସେଭେନ୍ ଏ ସାଇଡ୍ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଛି। ୧୨ ଟି ଲେଖାଏ ବାଳକ ଓ ବାଳିକା ଦଳ ଭାଗ ନେଇଥିବା ବେଳେ ରବିବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟ ପ୍ରଦର୍ଶନ ଆଧାରରେ ଜାତୀୟ ସବ୍ ଜୁନିୟର ଚାମ୍ପିୟନଶିପ୍ ପାଇଁ ଦଳ ଘୋଷଣା କରାଯିବ। ମୟୁରଭଞ୍ଜ ବାଳକ ଦଳ କୋରାପୁଟ ଓ ବାଳିକା ଦଳ ବାଲେଶ୍ୱରକୁ କ୍ୱାର୍ଟରରେ ଭେଟିବ। ବାଳକ ବର୍ଗରେ ଅନ୍ୟ ୩ କ୍ୱାର୍ଟର ଫାଇନାଲ ମ୍ୟାଚ୍ କିସ୍-କନ୍ଧମାଳ, ଯାଜପୁର-ବାଲେଶ୍ୱର ଓ କେନ୍ଦୁଝର-ଗଞ୍ଜାମ ମଧ୍ୟରେ ଖେଳାଯିବ। ସେହିପରି ବାଳିକା ବିଭାଗରେ କିସ୍-କୋରାପୁଟ, କନ୍ଧମାଳ-ଗଞ୍ଜାମ ଓ ସମ୍ବଲପୁର-କେନ୍ଦୁଝର ମଧ୍ୟରେ ଖେଳାଯିବ। ମୟୁରଭଞ୍ଜ ଜିଲା ରଗବୀ ଆସୋସିଏଶନ ସଭାପତି ସୁନାରାମ କିସ୍କୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ପାଦକ ଜେ. ସୁଶୀଲ ହେମ୍ବ୍ରମ, ପରାମର୍ଶଦାତା ବାବା ଧଳାରାମ ହାଂସଦା, ଶିମିଳିପାଳ ସ୍ପୋର୍ଟ୍ସ ଓ ଆଥଲେଟିକ୍ ଆସୋସିଏଶନ୍ ସମ୍ପାଦକ ସୁକେନ୍ଦୁ ଦାସ, ମାନସ କୁମାର ଜେନା, ଧୀରେନ ରାଉତ ଓ ସୁଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଶନିବାର ଅନୁଷ୍ଠିତ ଏକ ମ୍ୟାଚ୍।

### ଜୁନିୟର ପୁରୁଷ ହକି ବିଶ୍ୱକପ୍

## କାନାଡାକୁ ହରାଇ କ୍ୱାର୍ଟରରେ ଭାରତ

କୁଆଲାଲମ୍ପୁର, ୯।୧୨ (ପି.ଟି.)

ଭାରତ ୧୦-୧ ଗୋଲ୍‌ରେ କାନାଡାକୁ ପରାସ୍ତ କରି ଏଠାରେ ଚାଲିଥିବା ଜୁନିୟର ପୁରୁଷ ହକି ବିଶ୍ୱକପ୍ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ସ୍ଥାନୀୟ ନ୍ୟାଶନାଲ ହକି ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ଭାରତ ତରଫରୁ ଆଦିତ୍ୟ ଅର୍ଜୁନ ଲାଲାଗେ (୮ମ ଓ ୪୩ତମ ମିନିଟ), ରୋହିତ (୧୨ତମ ଓ ୫୫ତମ), ଅମନଦୀପ ଲାକ୍ରା (୨୩ତମ ଓ ୫୨ତମ) ଦୁଇଟି ଲେଖାଏଁ ଗୋଲ୍ ସ୍କୋର କରିଥିବା ବେଳେ ବିଷ୍ଣୁକାନ୍ତନ୍, ରାଜିନ୍ଦର କୁସ୍ୱାହା ସୌରଭ ଆନନ୍ଦ ଏବଂ ଉତ୍ତମ ସିଂ ଗୋଟିଏ ଲେଖାଏଁ ଗୋଲ୍ ସ୍କୋର କରିଥିଲେ। କାନାଡା ପକ୍ଷରୁ ୨୦ତମ ମିନିଟ୍‌ରେ ଏକ ସାନ୍ତ୍ୱନାମୂଳକ ଗୋଲ୍ ସ୍କୋର କରିଥିଲେ ଜୁଡ୍ ନିକୋଲସନ। ଶନିବାର ଖେଳାଯାଇଥିବା ଏହି ମ୍ୟାଚରେ ବିଜୟ ହାସଲ କରିବା ଦ୍ୱାରା ଭାରତ ଗ୍ରୁପ୍ 'ସି'ରେ ଦ୍ୱିତୀୟ ସ୍ଥାନ ଅଧିକାର କରି କ୍ୱାର୍ଟରଫାଇନାଲରେ ନିଜ ସ୍ଥାନ ପକ୍କା କରିପାରିଛି। ମଙ୍ଗଳବାର କ୍ୱାର୍ଟରଫାଇନାଲରେ ଭାରତ ଗ୍ରୁପ୍ 'ଡି' ବିଜେତା ନେଦରଲାଣ୍ଡ୍ସ ସହ ମୁକାବିଲା କରିବ।

## ଅଶ୍ୱିନୀ-ତନିଶା ଫାଇନାଲରେ

ଗୁଆହାଟୀ, ୯।୧୨ (ପି.ଟି.)

ଭାରତର ତନିଶା କ୍ରାଷ୍ଟୋ ଓ ଅଶ୍ୱିନୀ ପୋନାପ୍ପା ସେମାନଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖି ଏଠାରେ ଚାଲିଥିବା ଗୁଆହାଟୀ ମାଷ୍ଟର୍ସ ସୁପର ୧୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ମହିଳା ଡବଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଗତ ସପ୍ତାହରେ ଲକ୍ଷ୍ନୌଠାରେ ଅନୁଷ୍ଠିତ ସୟଦ ମୋଦି ଇଣ୍ଟରନ୍ୟାଶନାଲ ସୁପର ୩୦୦ ଟୁର୍ନାମେଣ୍ଟରେ ରନରଅପ୍ ହୋଇଥିବା ଦ୍ୱିତୀୟ ସିଡ୍ ଭାରତୀୟ ଯୋଡ଼ି ୩୬ ମିନିଟ ସେମିଫାଇନାଲ ମୁକାବିଲାରେ ନେଦରଲାଣ୍ଡର ଡେବୋରା ଜିଲି ଓ ଚେରିଲ୍ ସିନେନ୍‌ଙ୍କୁ ୨୧-୧୨, ୨୧-୧୨ରେ ହରାଇ ଦେଇଛନ୍ତି। ତନିଶା ଓ ଅଶ୍ୱିନୀ ରବିବାର ଫାଇନାଲରେ ଅନ୍ୟ ସେମିଫାଇନାଲର ବିଜେତା ତାଇୱାନ ଯୋଡ଼ି ସଙ୍ଗ ସୁଓ ୟୁନ୍ ଓ ୟୁନ୍ ଚିନ୍ ହୁଇଙ୍କୁ ଭେଟିବେ। ପୂର୍ବରୁ ତନିଶା ଓ ଧ୍ରୁବ କାପିଲା ମିକ୍ସଡ ଡବଲ୍ସ ସେମିଫାଇନାଲରେ ଦ୍ୱିତୀୟ ସିଡ୍ ହି ୟଙ୍ଗ କାଇ ଟେରୀ ଓ ଟାନ୍ ୱି ହାନ୍‌ଙ୍କଠାରୁ ୧୮-୨୧, ୧୫-୨୧ରେ ହାରିଯାଇଥିଲେ।




































# ଆନାବେଲ ମହଙ୍ଗା ବିଦେଶୀ ଖେଳାଳି

**ମୁମ୍ବାଇ,୯।୧୨**

ଓମେନ୍ସ ପ୍ରିମିୟର ଲିଗ୍(ଡବ୍ଲ୍ୟୁପିଏଲ୍)ର ଦ୍ୱିତୀୟ ସଂସ୍କରଣ ପାଇଁ ନିଲାମି ଶନିବାର ମୁମ୍ବାଇରେ ଅନୁଷ୍ଠିତ ହୋଇଛି। ଆନାବେଲ ସଦରଲାଣ୍ଡ ଓ ଅନ୍‌କ୍ୟାପ୍‌ଡ ଭାରତୀୟ ଖେଳାଳି କାଶ୍‌ଭି ଗୌତମ ସର୍ବାଧିକ ୨କୋଟି ଟଙ୍କା ମୂଲ୍ୟରେ ବିକ୍ରି ହୋଇଛନ୍ତି। ସଦରଲାଣ୍ଡଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସ କିଣିଥିବା ବେଳେ କାଶ୍‌ଭି ଗୁଜରାଟ ଜାଏଣ୍ଟ୍ସରେ ସାମିଲ ହୋଇଛନ୍ତି। ଡବ୍ଲ୍ୟୁପିଏଲ୍ ଇତିହାସରେ ପ୍ରଥମ ଅନ୍‌କ୍ୟାପ୍‌ଡ ଖେଳାଳି ଭାବରେ ବ୍ରିନ୍ଦା ଦୀନେଶ ୧ କୋଟି ଟଙ୍କା ଅତିକ୍ରମ କରିଥିଲେ। ବ୍ରିନ୍ଦାଙ୍କୁ କିଣିବା ପାଇଁ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ ୟୁପି ୱାରିୟର୍ଜ ମଧ୍ୟରେ କଡା ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ତେବେ ୧.୩ କୋଟି ଟଙ୍କାରେ ୨୨ ବର୍ଷୀୟ ଓପନରଙ୍କୁ ହାତେଇଥିଲା ୟୁପି। ବ୍ରିନ୍ଦା ଚଳିତ ଜାତୀୟ ଦିନିକିଆ ଟୁର୍ନାମେଣ୍ଟରେ ୧୧ ମ୍ୟାଚ୍‌ରୁ ୪୭.୭୦ ଆଭରେଜରେ ୪୭୭ ରନ୍ ସ୍କୋର କରିଥିଲେ। ଏହା ସହିତ ଟି୨୦ରେ ତାଙ୍କର ଷ୍ଟ୍ରାଇକ୍ ରେଟ୍ ୧୨୬ ରହିଛି। ଅଭିଜ୍ଞ ଖେଳାଳି ତଥା ବିଗତ ସିଜନରେ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଖେଳିଥିବା ଡାଏଣ୍ଡ୍ରା ଡଟିନଙ୍କୁ ନେବା ଲାଗି କୌଣସି ଫ୍ରାଞ୍ଚାଇଜ ଆଗ୍ରହ ପ୍ରକାଶ କରି ନ ଥିଲେ। ଆଉ ଜଣେ ଅଭିଜ୍ଞ ଖେଳାଳି ଶ୍ରୀଲଙ୍କାର ଚାମାରି ଆଟାପାଟ୍ଟୁଙ୍କୁ ମଧ୍ୟ କିଣିବା ପାଇଁ କେହି ଆଗ୍ରହ ପ୍ରକାଶ କରି ନ ଥିଲେ। କ୍ରମାଗତ ଦ୍ୱିତୀୟ ସିଜନ ପାଇଁ ସେ ବିକ୍ରି ହୋଇନାହାନ୍ତି।

୨୨ ବର୍ଷୀୟା ସଦରଲାଣ୍ଡ ପ୍ରଥମ ସିଜନରେ ଗୁଜରାଟ ପକ୍ଷରୁ ଖେଳିଥିଲେ। ସଦରଲାଣ୍ଡଙ୍କୁ କିଣିବା ପାଇଁ ମୁମ୍ବାଇ, ୟୁପି ଓ ଦିଲ୍ଲୀ ଆଗ୍ରହ ପ୍ରକାଶ କରିଥିବା ବେଳେ ଦିଲ୍ଲୀ ବାଜି ମାରି ନେଇଥିଲା। ଫିବ୍ ଲିଚ୍‌ଫିଲ୍ଡ ୧ କୋଟି ଟଙ୍କାରେ ଗୁଜରାଟକୁ ଯାଇଥିବା ବେଳେ ଦକ୍ଷିଣ ଆଫ୍ରିକାର ସବନିମ୍ ଇସମାଇଲ୍ ୧.୨ କୋଟି ଟଙ୍କାରେ ମୁମ୍ବାଇ ଇଣ୍ଡିଆନ୍ସରେ ସାମିଲ ହୋଇଥିଲେ। ଭାରତୀୟ ଖେଳାଳିଙ୍କ ମଧ୍ୟରେ ଏକତା ବିଷ୍ଟ ୬୦ ଲକ୍ଷ ଟଙ୍କାରେ ଆରସିବିରେ ଯୋଗ ଦେଇଥିବା ବେଳେ ୩୦ ଲକ୍ଷ ଟଙ୍କାରେ ଗୁଜରାଟରେ ସାମିଲ ହୋଇଛନ୍ତି ବେଦା କ୍ରିଷ୍ଣମୂର୍ତ୍ତି। ଜର୍ଜିଆ ୱେୟାରହାମଙ୍କୁ ୪୦ ଲକ୍ଷ ଓ କେଟ୍ କ୍ରସଙ୍କୁ ୧୦ ଲକ୍ଷ ଟଙ୍କାରେ ଆରସିବି କିଣିଥିବା ବେଳେ ଡାନିଏଲ ୱାୟାଟ୍ ୩୦ ଲକ୍ଷ ଟଙ୍କାରେ ୟୁପିରେ ସାମିଲ ହୋଇଛନ୍ତି।


ଡବ୍ଲ୍ୟୁପିଏଲ୍ ନିଲାମିରେ (ବାମରୁ) ସୌରଭ ଗାଙ୍ଗୁଲି, ଜୟ ଶାହା, ଅରୁଣ କୁମାର ଧୁମଲ।

## ଓମେନ୍ସ ପ୍ରିମିୟର ଲିଗ୍

### ବିକ୍ରି ହେଲେନି ଡଟିନ, ଆଟାପାଟ୍ଟୁ

### ଇତିହାସ ରଚିଲେ ବ୍ରିନ୍ଦା


ବ୍ରିନ୍ଦା ଦୀନେଶ

କୋଷ୍ଠକାଠିନ୍ୟର
ସମାଧାନ
9119788888

# ୨୧ରେ ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନ

**ନୂଆଦିଲ୍ଲୀ,୯।୧୨(ପି.ଟି):** ଭାରତୀୟ ରେସ୍‌ଲିଂ ମହାସଂଘ(ଡବ୍ଲ୍ୟୁଏଫ୍‌ଆଇ)ର ବହୁ ପ୍ରତୀକ୍ଷିତ ନିର୍ବାଚନ ଆସନ୍ତା ଡିସେମ୍ବର ୨୧ ତାରିଖରେ ଅନୁଷ୍ଠିତ ହେବ। ବ୍ଲ୍ୟୁଏଫ୍‌ଆଇର ନିର୍ବାଚନ ପାଇଁ ପୂର୍ବତନ ଜମ୍ମୁ ଓ କାଶ୍ମୀର ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଏମ୍ ଏମ୍ କୁମାରଙ୍କୁ ରିଟର୍ନିଂ ଅଫିସର ଘୋଷଣା କରାଯାଇଥିବା ବେଳେ ସମାନ ତାରିଖରେ ଫଳାଫଳ ପ୍ରକାଶ ପାଇବ। ନିକଟରେ ପଞ୍ଜାବ ଓ ହରିୟାଣା ହାଇକୋର୍ଟଙ୍କ ନିଷ୍ପତ୍ତି ଉପରେ ସୁପ୍ରିମକୋର୍ଟ ରହିତାଦେଶ ଜାରି କରିଥିଲେ। ଏହାପରେ ନିର୍ବାଚନ ହେବାର ରାସ୍ତା ପ୍ରଶସ୍ତ ହୋଇଥିଲା। ଭାରତୀୟ ଅଲିମ୍ପିକ୍ସ ମହାସଂଘ(ଆଇଓଏ) ପକ୍ଷରୁ ଭାରତୀୟ ଉଷୁ ମହାସଂଘ ଅଧ୍ୟକ୍ଷ ଭୂପିନ୍ଦର ସିଂ ବାଜୱାଙ୍କ ନେତୃତ୍ୱରେ ଗଠିତ ଆଡ ହକ୍ ପ୍ୟାନେଲ ଏହି ନିର୍ବାଚନ ପରିଚାଳନା କରିବ। ବ୍ରିଜଭୂଷଣ ଶରଣ ସିଂଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ଆସିବା ପରେ କେନ୍ଦ୍ର ସରକାର ମହାସଂଘକୁ ଭଙ୍ଗି ଦେଇଥିଲେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ